# ନିତିଦିନ
NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● | ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
5 NOVEMBER 2025
ବୁଧବାର
୫ ନଭେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 169 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ ● ସଂଖ୍ୟା ୧୬୯ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


# ମାଲ୍‌ଗାଡ଼ି ଉପରେ ମାଡ଼ିଗଲା ମେମୁ

## ବିଳାସପୁରରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା: ୧୦ ମୃତ, ୧୪ ଆହତ

**ବିଳାସପୁର, ୪।୧୧/ଏଜେନ୍ସି:**

ମଙ୍ଗଳବାର ସନ୍ଧ୍ୟାରେ ଛତିଶଗଡ଼ର ବିଳାସପୁର ଷ୍ଟେସନ ନିକଟରେ ଏକ ଯାତ୍ରୀବାହୀ ଟ୍ରେନ୍ (ମେମୁ), ଏକ ମାଲବାହୀ ଟ୍ରେନ୍‌କୁ ଧକ୍କା ଦେବା ଫଳରେ ୧୦ ଜଣ ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ

**ମୃତକଙ୍କୁ ୧୦ ଲକ୍ଷ, ଗୁରୁତରଙ୍କୁ ୫ଲକ୍ଷ ଓ ଆହତଙ୍କୁ ୧ଲକ୍ଷ ସହାୟତା ଘୋଷଣା**

୧୪ ଜଣ ଆହତ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୃତକଙ୍କ ମଧ୍ୟରେ ଯାତ୍ରୀବାହୀ ଟ୍ରେନ୍‌ର ୩ କର୍ମଚାରୀ ଲୋକୋ ପାଇଲଟ, ଆସିଷ୍ଟାଣ୍ଟ ଲୋକୋପାଇଲଟ୍ ଏବଂ ଟ୍ରେନ୍ ମ୍ୟାନେଜରଙ୍କ



ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଅନ୍ୟପକ୍ଷେ ଆହତଙ୍କୁ ବିଳାସପୁରର ଆପୋଲୋ ହସ୍ପିଟାଲ ଏବଂ ଛତିଶଗଡ଼ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ (ସିଆଇଏମ୍‌ଏସ୍) ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ କେତେକଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

ରେଳବାଇ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ଏହି ଦୁର୍ଘଟଣା ପ୍ରାୟ ଅପରାହ୍ନ ୪ଟା ସମୟରେ ଘଟିଛି। ବିଳାସପୁର-କଟନି ସେକ୍ସନର ଲାଲ ଖାଦାନ ଅଞ୍ଚଳ ନିକଟରେ ଟ୍ରାକ୍‌ରେ ମାଲଗାଡ଼ି ଅଟକି ରହିଥିବାବେଳେ ଯାତ୍ରୀବାହୀ ଟ୍ରେନ୍‌ଟି ଏହାକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ତୀବ୍ର ଥିଲା ଯେ ଯାତ୍ରୀବାହୀ ଟ୍ରେନ୍‌ଟି ମାଲଗାଡ଼ି ଉପରେ ଚଢ଼ିଯାଇଥିଲା। ଦୁର୍ଘଟଣାରେ ଆହତ ଯାତ୍ରୀମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନ୍‌ଡିଆରଏଫ୍, ଆରପିଏଫ୍ ସମେତ ଅନ୍ୟ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ।

▶▶ ୫

# ସୁଦାନରେ ଓଡ଼ିଆ ଯୁବକ ଆଦର୍ଶ ନିଖୋଜ

**ଭୁବନେଶ୍ୱର,୪।୧୧/ଏନ୍‌ଏନ୍‌ଏସ୍:**

ରାଜ୍ୟ ସରକାର ଆଫ୍ରିକୀୟ ରାଷ୍ଟ୍ର ସୁଦାନରେ ପଣବନ୍ଦୀ ଥିବା ଜଗତସିଂହପୁର ଜିଲ୍ଲାର ଓଡ଼ିଆ ଯୁବକ ଆଦର୍ଶ କୁମାର ବେହେରାଙ୍କୁ ଉଦ୍ଧାର କରିବା ପାଇଁ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ଅନୁରୋଧ କରିଛନ୍ତି।

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା କୋଟକଣା ଗ୍ରାମର ଆଦର୍ଶ କୁମାର ବେହେରା ୨୦୨୨ ମସିହାରୁ ସୁଦାନରେ କାମ କରୁଛନ୍ତି। ନିକଟରେ ତାଙ୍କ ପରିବାର ପାଖକୁ ଖବର ଆସିଥିଲା ଯେ ଆଦର୍ଶ ବର୍ତ୍ତମାନ ନିଖୋଜ ଅଛନ୍ତି ଏବଂ ତାଙ୍କର କୌଣସି ଖୋଜ୍ ଖବର ମିଳୁନାହିଁ। ଆଦର୍ଶଙ୍କ ପରିବାରବର୍ଗଙ୍କୁ ଧୈର୍ଯ୍ୟର ସହ ଏହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ମୁଖ୍ୟମନ୍ତ୍ରୀ ଆଶ୍ୱାସନା ଦେଇଛନ୍ତି। ଆଦର୍ଶଙ୍କ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ମୁଖ୍ୟମନ୍ତ୍ରୀ ସଙ୍ଗେ ସଙ୍ଗେ ଏ ସମ୍ପର୍କରେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ଗୁଇନ୍ଦା ବିଭାଗ ମହାନିର୍ଦ୍ଦେଶକ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ପତ୍ରଲେଖି ଆଦର୍ଶଙ୍କୁ ଫେରାଇ ଆଣିବାକୁ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି। ଏଥିସହିତ ନୂଆଦିଲ୍ଲୀରେ ଅବସ୍ଥାପିତ ଆବାସିକ

**ଉଦ୍ଧାର କରିବାକୁ କେନ୍ଦ୍ର ବୈଦେଶିକ ମନ୍ତ୍ରାଳୟକୁ ପତ୍ର ଲେଖିଲେ ରାଜ୍ୟ ସରକାର**

▶▶ ୫

### ଆଜି କାର୍ତ୍ତିକ ପୂର୍ଣ୍ଣିମା

# ମହାପ୍ରଭୁଙ୍କ ସୁନାବେଶ

**ପୁରୀ,୪।୧୧/ଏନ୍‌ଏନ୍‌ଏସ୍ :**

ରାତିପାହିଲେ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ। ମହାପ୍ରଭୁଙ୍କ ସୁନାବେଶ ଦର୍ଶନ ସହ ଡଙ୍ଗା ଭସାଇବା ପାଇଁ ପୁରୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବଗଲା ଧର୍ମଶାଳାଠାରୁ ବ୍ୟାରିକେଡ୍ ସଂପ୍ରସାରଣ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ୪୫ ପ୍ଲାଟୁନ୍ ପୁଲିସ ଫୋର୍ସ ଏବଂ ବେଳାଭୂମିରେ ସୁରକ୍ଷିତ ସ୍ନାନ ଓ ଡଙ୍ଗାଭସା ପାଇଁ ୩୭୦ ଲାଇଫଗାର୍ଡଙ୍କ ସହ ୨ ଓଡ୍ରାଫ୍ ଟିମ୍ ମୁତୟନ ହେବା ନେଇ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି।

ସୂଚନା ମୁତାବକ ବୁଧବାର ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ପାଳନ ହେବ। ରତ୍ନ ସିଂହାସନରେ ସୁନାବେଶରେ ଦର୍ଶନ ଦେବେ ଚତୁର୍ଦ୍ଧାମୂର୍ତ୍ତି। ମହାପ୍ରଭୁଙ୍କ ଦିବ୍ୟ ବେଶ ଦର୍ଶନ କରିବାକୁ ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେବା ଅନୁମାନ କରାଯାଉଛି। ଶ୍ରୀମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ ନିମନ୍ତେ ବ୍ୟାରିକେଡ୍‌କୁ ଲମ୍ବାଇ ଦିଆଯାଇଛି। ଆଜି ମଧ୍ୟରାତ୍ରରୁ ହିଁ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହେବ ଏବଂ ଶୃଙ୍ଖଳିତ ନୀତିକାନ୍ତି କିଭଳି ହୋଇପାରିବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ସହ ଆଲୋଚନା କରାଯାଇଛି। ବୁଧବାର କାର୍ତ୍ତିକ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ରାଜରାଜେଶ୍ୱର ବା ସୁନାବେଶ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ମଧ୍ୟ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି।



**ଆଇନ ଶୃଙ୍ଖଳା ଦୃଷ୍ଟିରୁ ବ୍ୟାପକ ବ୍ୟବସ୍ଥା**

**ସୁରକ୍ଷା ଦାୟିତ୍ୱରେ ୪୫ ପ୍ଲାଟୁନ ଫୋର୍ସ**

ଲକ୍ଷଲକ୍ଷ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବଗଲା ଧର୍ମଶାଳାଠାରୁ କରାଯାଇଥିବା ଅସ୍ଥାୟୀ ବ୍ୟାରିକେଡ୍‌ରେ ଆସି ଭକ୍ତମାନେ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ଅନ୍ୟ

▶▶ ୫

# ଭିଜିଲାନ୍ସ ଜାଲରେ ବନ୍ତଳସିଂହ ଆର୍‌ଆଇ

**ପିପିଲି,୪।୧୧/ଏନ୍‌ଏନ୍‌ଏସ୍:**

ଭିଜିଲାନ୍ସ ଜାଲରେ ଆର୍‌ଆଇ। ପିପିଲି ତହସିଲ ଅନ୍ତର୍ଗତ ବନ୍ତଳସିଂହ ରାଜସ୍ୱ ନିରୀକ୍ଷକ ଜୀବନକୃଷ୍ଣ ପରିଡ଼ା ଲାଞ୍ଚନେଇ ଧରାପଡ଼ିଛନ୍ତି। ଦାଖଲ ଖାରଜ ପାଇଁ ସେ ୬୦ ହଜାର ଲାଞ୍ଚ ନେଉଥିଲା ବେଳେ ଭିଜିଲାନ୍ସ ତାଙ୍କୁ କାବୁ କରିଛି।

ସୂଚନା ମୁତାବକ ଦାନଗୋହିର ଗ୍ରାମର ମହମ୍ମଦ କୌଶରଙ୍କ ମକୁଦପୁର ହାଟ ମୌଜାରେ ଦୁଇଟି, ହାଟସାହି ମୌଜାରେ ଦୁଇଟି ଏବଂ ବନ୍ତଳସିଂହ ମୌଜାରେ ଦୁଇଟି ମୋଟ ୬ ପ୍ଲଟ୍‌କୁ ଦାଖଲ ଖାରଜ ପାଇଁ ଆର୍‌ଆଇ ଜୀବନକୃଷ୍ଣ ପରିଡ଼ା ୯୦ ହଜାର ଟଙ୍କା ଦାବି କରିଥିଲେ। କାମ ହେବା ପୂର୍ବରୁ ୬୦ ହଜାର ଟଙ୍କା ମାଗିଥିଲେ। ଏହି ଟଙ୍କା ନ ଦେଲେ କାର୍ଯ୍ୟ ହେବ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଥିଲେ। ଏ ସମ୍ପର୍କରେ କୌଶର ଭୁବନେଶ୍ୱର ଭିଜିଲାନ୍ସ ବିଭାଗଙ୍କ ସହିତ ଯୋଗାଯୋଗ କରିଥିଲେ। ପ୍ରସ୍ତୁତି ଅନୁଯାୟୀ ମଙ୍ଗଳବାର ପିପିଲି କଲେଜ ଛକସ୍ଥିତ ଡାକବଙ୍ଗଳାରେ ତହସିଲର ସମସ୍ତ ଆର୍‌ଆଇଙ୍କର ବୈଠକ ଚାଲିଥିବାବେଳେ ଜୀବନକୃଷ୍ଣ ପରିଡ଼ା ସେଠାକୁ ମହମ୍ମଦ କୌଶରଙ୍କୁ ଡ଼ାକି ଜବାବ ମୁତାବକ ୬୦ ହଜାର ଟଙ୍କା ଦେଇଥିଲେ। ଆର୍‌ଆଇ ଶ୍ରୀ ପରିଡ଼ା ଉକ୍ତ ଟଙ୍କା



▶▶ ୫

# ମଙ୍ଗଳା ନଦୀରେ ହେବ କ୍ରୁଜ୍ ଟର୍ମିନାଲ୍

**ଖୁବ୍‌ଶୀଘ୍ର ପାରାଦୀପରେ ଏୟାରପୋର୍ଟ**

**ପାରାଦୀପ ବାଲିଯାତ୍ରା ବ୍ୟବସାୟ ଓ ପରମ୍ପରାର ଅପୂର୍ବ ସମ୍ମିଶ୍ରଣ: ମୁଖ୍ୟମନ୍ତ୍ରୀ**



**ଭୁବନେଶ୍ୱର,୪।୧୧/ଏନ୍‌ଏନ୍‌ଏସ୍:**

ପାରାଦୀପ ଆଜି ପୂର୍ବ ଭାରତରେ ବିକାଶର ମୁଖଶାଳା ଏବଂ ଓଡ଼ିଶାର ଅର୍ଥନୈତିକ ପ୍ରଗତିର ଦ୍ୱାରଦେଶ ପାଲଟିଛି। ପାରାଦୀପକୁ ପର୍ଯ୍ୟଟନର କେନ୍ଦ୍ରସ୍ଥଳୀ କରିବା ପାଇଁ ମଙ୍ଗଳା ନଦୀରେ କ୍ରୁଜ୍ ଟର୍ମିନାଲ୍ ନିର୍ମାଣ ହେବ। ରାଜ୍ୟ ସରକାର ଏଥିପାଇଁ ୫୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଛନ୍ତି। ପାରାଦୀପ ସହରରେ ଖୁବ୍ ଶୀଘ୍ର ଏୟାରପୋର୍ଟ ହେବ ଏବଂ ଏବେ ପାରାଦୀପ କେବଳ ଜଳପଥ ଓ ସ୍ଥଳପଥ ନୁହେଁ ବରଂ ଆକାଶପଥ ସହିତ ମଧ୍ୟ ସଂଯୋଗ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ପାରାଦୀପଠାରେ ଆୟୋଜିତ କଳିଙ୍ଗ ବାଲିଯାତ୍ରାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଏକ ଗୌରବୋଜ୍ଜଳ ଉତ୍ସବ। ଆମର ପୂର୍ବଜମାନେ ସମୁଦ୍ରର ଉଚ୍ଚ ତରଙ୍ଗକୁ ଜୟ କରି, ଜାହାଜ ନେଇ ସୁବର୍ଣ୍ଣ ଦ୍ୱୀପ ଓ ବିଭିନ୍ନ ଦେଶ ସହିତ ବାଣିଜ୍ୟ ଓ ସଂସ୍କୃତିକ ସମ୍ପର୍କ ସ୍ଥାପନ କରିଥିଲେ, ଏହା ଆମକୁ ମନେ ପକାଇଥାଏ। ପାରାଦୀପ ବନ୍ଦର ଆଜି ଭାରତର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବନ୍ଦର, ଯାହା ଆଜି ଶିଳ୍ପ, ବାଣିଜ୍ୟ ଓ ରୋଜଗାରର ଏକ କେନ୍ଦ୍ରବିନ୍ଦୁ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପାରାଦୀପ ଓଡିଶାର ବିକାଶର ଏକ ଅଭିନ୍ନ ଅଙ୍ଗ। ପାରାଦୀପରେ ଅନୁଷ୍ଠିତ କଳିଙ୍ଗ ବାଲିଯାତ୍ରା ବିକାଶ ଓ ବିରଶତର ଏକ ଉତ୍କୃଷ୍ଟ ଉଦାହରଣ। ପାରାଦୀପ ବାଲିଯାତ୍ରା ବ୍ୟବସାୟ ଓ ପରମ୍ପରାର ଅପୂର୍ବ ସମ୍ମିଶ୍ରଣ। ଆଜିଠାରୁ ହେଉଥିବା ଏହି ବାଲିଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରରୁ ଅନେକ ବ୍ୟବସାୟୀ ଏବଂ ବ୍ୟବସାୟିକ ଅନୁଷ୍ଠାନ ନିଜ ନିଜ ସାମଗ୍ରୀ ଏବଂ ସେବା ପ୍ରଦର୍ଶନ କରିବେ। ଏହା ଆମର ସ୍ଥାନୀୟ ଲୋକ ଏବଂ ବ୍ୟବସାୟୀଙ୍କ ପାଇଁ ଅନେକ ସମ୍ଭାବନା ସୃଷ୍ଟି କରିବ। ଆମ ଶିଳ୍ପୀମାନଙ୍କୁ ସଶକ୍ତ କରିବା, ତାଙ୍କର କୌଶଳକୁ ନୂଆ ବଜାର ଯୋଗାଇବା, ଓଡ଼ିଶା ସରକାରର ପ୍ରାଥମିକତା।

ରାଜ୍ୟ ସରକାରଙ୍କ ବନ୍ଦର ଭିତ୍ତିକ ଉନ୍ନତି ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେଯେ, ପାରାଦୀପ ବନ୍ଦର ପୂର୍ବ ଭାରତର ଏକ ବଡ ବ୍ୟବସାୟିକ ବନ୍ଦର। ବନ୍ଦର ସହିତ ପାରାଦୀପର ସର୍ବାଙ୍ଗୀନ ଉନ୍ନତି ପାଇଁ ଆମ ସରକାର ସମସ୍ତ ପ୍ରକାର କାର୍ଯ୍ୟ କରିବେ। ପାରାଦୀପକୁ କେବଳ ଶିଳ୍ପସମୃଦ୍ଧ ଅଞ୍ଚଳ ନୁହେଁ, ପାରାଦୀପରେ ଗ୍ରୀନଫିଲଡ୍ ବିମାନ ବନ୍ଦର ପ୍ରତିଷ୍ଠା, ଭୁବନେଶ୍ୱର-ଖୋର୍ଦ୍ଧା-ଜଟଣୀ-କଟକ-ପାରାଦୀପ ଓ ପୁରୀକୁ ନେଇ ଏକ ମହାନଗରୀ ବିକଶିତ କରିବା, ଶିଳ୍ପ କରିଡର ପ୍ରସ୍ତୁତ କରିବା, ପାରାଦୀପ ବେଳାଭୂମିକୁ ପର୍ଯ୍ୟଟନର ବିକାଶ ଉପଯୋଗୀ କରିବା ଇତ୍ୟାଦି ଅନେକ ଯୋଜନା ଆମର ରହିଛି। ଆଗାମୀ ଦିନରେ ଜଗତସିଂହପୁର ଜିଲ୍ଲା ବିଶେଷକରି ପାରାଦୀପ ଅଞ୍ଚଳର ଅଭୂତପୂର୍ବ ବିକାଶ ଘଟିବ ।

ଏହି କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ଡ. ବିଭୁପ୍ରସାଦ ତରାଇ, ତିର୍ତ୍ତୋଲ ବିଧାୟକ ଡ. ରମାକାନ୍ତ ଭୋଇ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ଅଧକ୍ଷ ପି. ଏଲ୍.ହରନାଧ ପ୍ରମୁଖ ମଞ୍ଚାସୀନ ଥିଲେ।

▶▶ ୫

### ● ବିଳମ୍ବରେ ଆସି ଶୀଘ୍ର ଚାଲିଯିବ ଶୀତ

# ୩ରୁ ୪ ଡିଗ୍ରୀ କମିବ ରାତି ତାପମାତ୍ରା



**ଭୁବନେଶ୍ୱର,୪।୧୧/ଏନ୍‌ଏନ୍‌ଏସ୍:**

ବିଳମ୍ବରେ ଆସି ଶୀଘ୍ର ଚାଲିଯିବ ଚଳିତବର୍ଷ ଶୀତ। ଏଥର ରାଜ୍ୟରେ ଶୀତର ଅବଧି କମ୍ ରହିବ। ମଝିରେ ମଝିରେ ଅଧିକ ଶୀତ ହେବାର ସମ୍ଭାବନା ଥିଲେ ମଧ୍ୟ ରାଜ୍ୟରେ କିନ୍ତୁ ସ୍ୱଳ୍ପ ଶୀତ ଅନୁଭବ ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ନଭେମ୍ବର ଆରମ୍ଭରୁ ହିଁ ଶୀତ ଗାଏବ ହୋଇଯାଇଥିବା ବେଳେ ୨ରୁ ୩ ଡିଗ୍ରୀ ତାପମାତ୍ରା କମିବା ସହ ଆଜିଠୁ ରାଜ୍ୟରେ ଥଣ୍ଡା ଅନୁଭୂତ ହେବ ବୋଲି ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ। ମିଳିଥିବା ସୂଚନା ଅନୁସାରେ, ରାଜ୍ୟକୁ ଫେରୁଛି ଶୀତ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଦକ୍ଷିଣ ଆଭ୍ୟନ୍ତରୀଣ ଓ ଉତ୍ତର ଆଭ୍ୟନ୍ତରୀଣ ବିଭିନ୍ନ ସ୍ଥାନରେ ଅନୁଭୂତ ହେବ ପ୍ରବଳ ଥଣ୍ଡା। ରାଜ୍ୟ ମଧ୍ୟକୁ ପ୍ରବେଶ କରୁଛି ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ-ଥଣ୍ଡା ବାୟୁ। ଏହାର ପ୍ରଭାବରୁ ୨ରୁ ୩ ଡିଗ୍ରୀ କମିବ ରାତ୍ରି ତପମାତ୍ରା। ଗତ ୨ତାରିଖରୁ ସାରା ରାଜ୍ୟରେ କମିଛି ରାତ୍ରି ତାପମାତ୍ରା। ଏହାକୁ ନେଇ ଆଗକୁ ରାଜ୍ୟରେ ଶୀତ ଅନୁଭୂତ ହେବ। ୨ରୁ ୩ ଦିନ ମଧ୍ୟରେ ୩ରୁ ୪ ଡିଗ୍ରୀ କମିବ ରାତ୍ରି ତାପମାତ୍ର। ଚଳିତବର୍ଷ ବିଳମ୍ବରେ ଆସି ଶୀଘ୍ର ଚାଲିଯିବ। ଶୀତର ଅବଧି କମ୍ ରହିବ। ଆଗାମୀ ୭ ଦିନ ପାଇଁ ରାଜ୍ୟରେ କୌଣସି ଓ୍ୱାର୍ଣ୍ଣିଂ ନଥିବା ବେଳେ ପାଗ ମୁଖ୍ୟତଃ ଶୁଖିଲା ରହିବ। 'ଅକ୍ଟୋବରରୁ ନଭେମ୍ବର ବାତ୍ୟାର ମାସ ହୋଇଥିବା ବେଳେ ବିଭିନ୍ନ ପାଣିପାଗ ନିୟାମକକୁ ନେଇ ଆଦ୍ରତାର ମାତ୍ର ଅଧିକ ରହୁଛି। ଯେଉଁଥି ପାଇଁ ବର୍ତ୍ତମାନ ବି

▶▶ ୫

### ଆଜିଠାରୁ ଐତିହାସିକ କଟକ ବାଲିଯାତ୍ରା

# ଏଥର ଚିତ୍ତାକର୍ଷକ ଜଳକ୍ରୀଡ଼ା, ଲେଜର୍ ଶୋ'

**କଟକ,୪।୧୧/ଏନ୍‌ଏନ୍‌ଏସ୍:**

● ପୂର୍ବାପେକ୍ଷା ଅଧିକ ଚମକିକ ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ମଞ୍ଚ

● କରିସ୍ମା ଦେଖାଇବେ ବଲିଉଡ୍ ତାରକା ଶ୍ରେୟା ଘୋଷାଲ୍, ହର୍ଷଦୀପ କୌର୍ ଓ ରିଶି ସିଂ

କଟକର ଐତିହାସିକ ବାଲିଯାତ୍ରା ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ଆଠଦିନ ଧରି ଚାଲିବାକୁ ଥିବା ଏସିଆର ସର୍ବବୃହତ୍ ମୁକ୍ତାକାଶ ଏହି ବାଣିଜ୍ୟିକ ମେଳା ପାଇଁ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ବ୍ୟବସାୟୀମାନେ ସେମାନଙ୍କ ସମସ୍ତ ପ୍ରସ୍ତୁତି କାର୍ଯ୍ୟକୁ ଶେଷ ସ୍ପର୍ଶ ଦେଇଛନ୍ତି। କେବଳ ଆସନ୍ତାକାଲିକୁ ଅପେକ୍ଷା। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାଠାରୁ ଆରମ୍ଭ ହେଉଥିବା ଏହି ମେଳା ପ୍ରାତଃରୁ ହିଁ ଚଳଚଞ୍ଚଳ ହୋଇଉଠିବ। ହଜାର ହଜାର ଶ୍ରଦ୍ଧାଳୁ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ପୂଣ୍ୟତୋୟା ମହାନଦୀରେ ଡଙ୍ଗା ଭସାଇବା ପାଇଁ ଗଣଗଡ଼ିଆ ଘାଟ ବା ତଳ ବାଲିଯାତ୍ରା ପଡ଼ିଆରେ ରୁଣ୍ଡ ହେବେ। ଯଦିଓ ସନ୍ଧ୍ୟାରେ ଏହି ଯାତ୍ରା ଉଦ୍‌ଘାଟିତ ହେବ ତଥାପି ସକାଳୁ ହିଁ ବାଲିଯାତ୍ରାର ମହକ ବାରି ହୋଇପଡ଼ିବ। ଏଥର ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ନୂଆ ନୂଆ ଥିମ୍‌ରେ ଭିନ୍ନ ଧରଣର ଆର୍ଟ ହେଉଥିବା ବେଳେ ମହାନଦୀରେ ଚିତ୍ତାକର୍ଷକ ଜଳକ୍ରୀଡ଼ା ଏବଂ ଲେଜର୍ ଲାଇଟ୍ ଶୋ' ଦେଖିବାକୁ ମିଳିବ। ବାଲିଯାତ୍ରାକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବାକୁ ଉଦ୍ୟମ ଦେଉଥିବା ବେଳେ ୟୁନେସ୍କୋରୁ ଐତିହ୍ୟ ମେଳାର ମାନ୍ୟତା ପ୍ରଦାନ ଦିଗରେ ଅନ୍ୟତମ ପଦକ୍ଷେପ ବୋଲି କୁହାଯାଉଛି। ଅନ୍ୟତମ ଆକର୍ଷଣ ଭାବେ ଚଳିତବର୍ଷ ଚିତ୍ତାକର୍ଷକ ଲେଜର୍ ଲାଇଟ୍ ଶୋ' କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଜନା ହୋଇ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯାଉଛି। ୮ ଦିନ ହେବାକୁ ଥିବା ବାଲିଯାତ୍ରାରେ ୩ ଦିନ ଲେଜର୍ ଲାଇଟ୍ ଶୋ' ପ୍ରଦର୍ଶିତ ହେବ। ମହାନଦୀ ପାଣି ଯେପରି ଏକ ଜୀବନ୍ତ କାନ୍‌ଭାସ୍ ଭଳି ଇତିହାସ, ପୁରାଣ ଏବଂ ସଂସ୍କୃତିର ମିଶ୍ରଣରେ ଓଡ଼ିଶା ନୌବାଣିଜ୍ୟ ପରମ୍ପରାର ଗାଥା ଏହି ଶୋ' ମାଧ୍ୟମରେ ଦେଖିବାକୁ ମିଳିବ। ଏହା ସହ ସାଉଣ୍ଡ ଓ ଲାଇଟ୍ ମିଶ୍ରିତ ୩-ଡି ଆନିମେଟେଡ୍ ବିଷୟବସ୍ତୁର ବିଭିନ୍ନ ପ୍ରଦର୍ଶନ ଦେଖିବାକୁ ମିଳିବ। ମହାନଦୀରେ ଜଳକ୍ରୀଡ଼ା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛି। ଯାତ୍ରାକୁ ପୂର୍ବାପେକ୍ଷା ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରତ୍ୟେକ ବିଭାଗରେ ଉତ୍କର୍ଷତା ପ୍ରତିପାଦନ କରିବା ଉପରେ ପ୍ରଶାସନ ଗୁରତ୍ୱ ଦେଇଛି। ବୈଷ୍ଣବ ପାଣି ଓ ଅକ୍ଷୟ ମହାନ୍ତି ଉଭୟ ମଞ୍ଚର ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବାପେକ୍ଷା ଅଧିକ ଚିତ୍ତାକର୍ଷକ କରିବା, କଟକ-ଇନ୍-କଟକକୁ ଅଧିକ ଜନାଦୃତ କରିବା ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତି କରାଯାଇଛି। ତଳପଡ଼ିଆରେ ୬୦ ଏକର ସ୍ଥାନରେ ବାଲିଯାତ୍ରା ଅନୁଷ୍ଠିତ ହେଉଛି। ବଲିଉଡ୍ ତାରକା ଶ୍ରେୟା ଘୋସାଲ, ହର୍ଷଦୀପ କୌର, ରିଶି ସିଂଙ୍କ ସେମାନଙ୍କ ସ୍ୱରର ଯାଦୁ ପ୍ରଦର୍ଶନ କରିବେ। କଟକ-ଇନ୍-କଟକ ପାଭାଲିୟନ୍ ମଧ୍ୟରେ ଥିବା ସବୁ ଗଛକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଝଲକ ଏଥର ଦେଖିବାକୁ ମିଳିବ କଟକ-ଇନ୍-କଟକ ପାଭାଲିୟନ୍‌ରେ। ଭାଗବତଟୁଙ୍ଗୀ ଯାତ୍ରା ପଡ଼ିଆରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବ। ପାଠ୍ୟପୁସ୍ତକ ପ୍ରତିକୃତିକୁ ନେଇ ମୁଖ୍ୟ ଫାଟକ ତିଆରି କରାଯାଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ୧ଲକ୍ଷ ସାହିତ୍ୟ ପୁସ୍ତକ ବଣ୍ଟନ କରାଯିବାର ଯୋଜନା ରହିଛି। କଟକ ଇନ୍ କଟକର 'ଓଡ଼ିଆ ଅସ୍ମିତା' ଥିମ୍‌ରେ ଗେଟ୍ ନିର୍ମାଣ କରାଯାଇଛି। ଏହି ଗେଟ୍‌ର ଉଚ୍ଚତା ୪୦ଫୁଟ ରହିଥିବାବେଳେ ଲମ୍ବ ୯୦ ଫୁଟ ରହିଛି। ଏହା ଉପରେ ଓଡ଼ିଶା ମାନଚିତ୍ର ନିର୍ମାଣ ହେବ। ତା'ଭିତରେ ଓଡ଼ିଆ ବର୍ଣ୍ଣମାଳା ସ୍ଥାନ ପାଇବ। ସେହିପରି ଗେଟ୍ କଡ଼ରେ କୋଣାର୍କଚକ୍ର ଶୋଭା ପାଇବ। ଏହାଛଡ଼ା ଓଡ଼ିଆ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ମଧ୍ୟ ଏହି ପାଭିଲିୟନ୍‌ରେ ସ୍ଥାନ ପାଇବ। ଚଳିତ ବର୍ଷ ପାଖାପାଖି ୨୫ଟି ଦୋଳି ପଡ଼ିବ। ଜାତୀୟ ପଲ୍ଲିଶ୍ରୀ ମେଳାରେ ୫୨୫ଟି ଷ୍ଟଲ୍ ଖୋଲାଯିବ। ନୂତନ ପରମ୍ପରା ଅନୁଯାୟୀ ବାଲିଯାତ୍ରା ଉଦଘାଟନୀ ଦିନ ଅତିଥିମାନେ ବୋଇତରେ ଆସିବେ। ଏଥିପାଇଁ ମହାନଦୀକୂଳରେ ବୋଇତ 'କଳିଙ୍ଗ ତରଙ୍ଗିଣୀ'ପୂର୍ବରୁ ଉଦ୍‌ଘାଟିତ ହୋଇଯାଇଛି। ବାଲିଯାତ୍ରା ପାଇଁ ସହରର ପ୍ରବେଶ ପଥ ସମେତ ବିଭିନ୍ନ ସ୍ଥାନରେ ସ୍ୱାଗତ ତୋରଣ ଲଗାଯାଇଛି। ଫୁଲନଖରା, ଜଗତପୁର, ନୂଆପାଟଣା, ସିଆର୍‌ଆର୍‌ଆଇ, ନିଆଳୀ, ଜୁଡ଼ିସିଆଲ୍ ଏକାଡେମୀ ଛକ ଓ ହାଇକୋର୍ଟ ଛକ ଆଦି ୧୦ଟି ସ୍ଥାନରେ ସ୍ୱାଗତ ତୋରଣ ଲାଗିଛି। ଏହି ତୋରଣରେ ସାଧବପୁଅଙ୍କ ନୌବାଣିଜ୍ୟ ଯାତ୍ରା, ବାଲିଯାତ୍ରାର ଐତିହ୍ୟ, କୋଣାର୍କ ଚକ୍ର ଓ ଓଡ଼ିଶା ସଂସ୍କୃତିର ଛିଟା ସ୍ଥାନ ପାଇଛି। ପଡ଼ିଆ ଜଗିବା ପାଇଁ ୬୫ ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି ଜଣାପଡ଼ିଛି।



## କୁହୁଡ଼ିମୟ ଫୁଲବାଣୀ



**ଫୁଲବାଣୀ,୪।୧୧/ଏନ୍ଏନ୍ଏସ୍:** ବାତ୍ୟା ମନ୍ଥା ପରେ ପରେ ଫୁଲବାଣୀ ସମେତ ସମଗ୍ର ଜିଲାରେ ଶୀତର ପ୍ରଭାବ ଆରମ୍ଭ ହୋଇଥିବା ବେଳେ ଗତ ତିନିଦିନ ହେଲା ସକାଳୁ ସକାଳୁ ସମଗ୍ର ଫୁଲବାଣୀ ସହର କୁହୁଡ଼ି ମୟ ହୋଇ ଯାଉଛି । ପ୍ରାୟ ୭ଟା ପର୍ଯ୍ୟନ୍ତ ଏହି କୁହୁଡ଼ି ରହୁଥିବା ବେଳେ ସକାଳେ ଅତି ନିକଟରୁ ମଧ୍ୟ କିଛି ଠିକ୍‌ରେ ଦେଖାଯାଉନଥିବାର ପ୍ରକାଶ । ତେବେ ସକାଳୁ ସକାଳୁ ମର୍ଣ୍ଣିଂ ୱାକ୍‌ରେ ଯାଉଥିବା ବ୍ୟକ୍ତିମାନେ ଏହି କୁହୁଡ଼ି ଏବଂ ଥଣ୍ଡାର ବେସ୍ ମଜା ଉଠାଉଥିବାର ଦେଖାଯାଉଛି । ପ୍ରବଳ କୁହୁଡ଼ି ଯୋଗୁଁ ସକାଳୁ ଯାନ ବାହାନ ଚଳାଚଳରେ ମଧ୍ୟ ନାହିଁ ନଥିବା ସମସ୍ୟା ଉପୁଜୁଥିବା ବେଳେ ବିଳମ୍ବିତ ରାତ୍ରରୁ ଏହି କୁହୁଡ଼ି ଆରମ୍ଭ ହୋଇ ସକାଳ ପ୍ରାୟ ୭ଟା ପର୍ଯ୍ୟନ୍ତ ରହୁଥିବାର ଦେଖାଯାଇଛି ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଛତ୍ରପୁର,୪।୧୧/ଏନ୍ଏନ୍ଏସ୍:** ଛତ୍ରପୁର ବ୍ଲକ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମମାନଙ୍କ ପାଇଁ ଥିବା ସମସ୍ତ ସରକାରୀ ସୁବିଧା ଏଠାରେ ଉଲବ୍ଧ କରାଯାଇଥିଲା । ଶିବିରରେ ଅଭିଜ୍ଞ ଡାକ୍ତରୀ ବିଶେଷଜ୍ଞ ଯୋଗ ଦେଇଥିଲେ । ଛତ୍ରପୁର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଅସ୍ଥିଶଲ୍ୟ, ଭେଷଜ, ଚକ୍ଷୁ, ନାସା, ଗଳା କାନ ଓ ଶିଶୁ ବିଭାଗର ସର୍ବମୋଟ ୨୬୦ ଜଣ ଭିନ୍ନକ୍ଷମ ବ୍ୟକ୍ତି ନିଜର ଡାକ୍ତରୀ ପରୀକ୍ଷା କରିଥିଲେ । ୧୨୧ ଜଣ ଭିନ୍ନକ୍ଷମ ସରକାରୀ ସୁବିଧା ଏବଂ ବିଭିନ୍ନ ଉପକରଣ ପାଇବାକୁ ଆବେଦନ କରିଛନ୍ତି । କାର୍ଯ୍ୟକ୍ରମକୁ ଛତ୍ରପୁର ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ ଅଧକ୍ଷତା କରିଥିଲେ । ବ୍ଲକ ଅଧକ୍ଷା କିରଣ କୁମାରୀ ଦାସ, ଉପାଧକ୍ଷା ଶାରଦା ରେଡ୍ଡୀ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ । ସାଂସଦ ପ୍ରତିନିଧି ସନ୍ତୋଷ ରେଡ୍ଡୀ, ବ୍ଲକ ଆକାଉଣ୍ଟାଣ୍ଟ ଅଫିସର ଗିରିଶ୍ ମହାରଣା, ବ୍ଲକ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜଗନ ସେନାପତି ଶିବିର ପରିଚାଳନା କରିଥିବା ବେଳେ ପଞ୍ଚାୟତର ସରପଞ୍ଚ ଓ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ ।

### ଏନ୍‌ବିସି କଲେଜରେ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

# ରାଷ୍ଟ୍ରର ବିକାଶ ଓ ପ୍ରଗତିରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




**ଆସିକା,୪।୧୧/ଏନ୍ଏନ୍ଏସ୍:** ରାଷ୍ଟ୍ରର ନିର୍ମାଣ ଏବଂ ବିକାଶ ଓ ପ୍ରଗତି କ୍ଷେତ୍ରରେ ଯୁବବର୍ଗଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିଲା ବେଳେ ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ଘଟାଇ ସମାଜ ପ୍ରତି ସେମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ମାର୍ଗଦର୍ଶନ କରାଇବାକୁ ଆସିକା ବ୍ଲକ ଅନ୍ତର୍ଗତ କେନ୍ଦୁପଦର ସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ଅମର ପ୍ରସାଦ ବିଷୋୟୀ ଆହ୍ୱାନ କରିଥିବା ଲକ୍ଷ୍ୟ କରାଯାଇଛି । ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ରାଜ୍ୟ ଜାତୀୟ ସେବା ଯୋଜନା ସେଲ୍ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏନ୍ଏସ୍ଏସ୍ ବ୍ୟୁରୋର ମିଳିତ ସହଯୋଗ ସାଙ୍ଗକୁ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ୟୁନିଟର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ଅଧାପକ ତଥା ଶିକ୍ଷାନୁଷ୍ଠାନର ଜାତୀୟ ସେବା ଯୋଜନାର ସଂଯୋଜକ ସିଲୁ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଏହି ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଶିକ୍ଷାନୁଷ୍ଠାନର ଅଧକ୍ଷ ଅମର ପ୍ରସାଦ ବିଷୋୟୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ସଂଯୋଜକ ଡଃ ଜୟନ୍ତ କୁମାର ପଣ୍ଡା, ଜାତୀୟ ସେବା ଯୋଜନାର ରାଜ୍ୟ ଉପଦେଷ୍ଟା ମଧୁସୂଦନ ଦାଶ, ଜାତୀୟ ସେବା ଯୋଜନାର ଜିଲ୍ଲା ସଂଯୋଜକ ଗଣେଶ ସାହୁ ପ୍ରମୁଖ ଯୋଗଦେଇ ଜାତୀୟ ସେବା ଯୋଜନା ମାଧମରେ ଶିକ୍ଷା ସହିତ ସମାଜସେବା କ୍ଷେତ୍ରରେ ନିୟୋଜିତ ରହି ବିଦ୍ୟାର୍ଥୀ କିପରି ନିଜର ଉଜ୍ଜଳ ଭବିଷ୍ୟତ ଗଠନ ପୂର୍ବକ ସୁସ୍ଥ ସମାଜ ଗଠନ ଦିଗରେ ବ୍ରତୀ ହୋଇପାରିବେ ତାହାରି ଉପରେ ବହୁ ଶିକ୍ଷଣୀୟ ତଥା ଉପାଦେୟ ମାର୍ଗଦର୍ଶନ କରିବା ସାଙ୍ଗକୁ ସମାଜ ପ୍ରତି ଯୁବବର୍ଗଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନଙ୍କର ବର୍ତ୍ତମାନର ସମୟ ହେଉଛି ପ୍ରକୃଷ୍ଟ ସମୟ । ତେଣୁ ବିଦ୍ୟାର୍ଥୀମାନେ ଅଧୟନ ସହ ନିଜକୁ ସ୍ୱତନ୍ତ୍ର ଭାବେ ଗଢି ତୋଳିପାରିଲେ ଜୀବନରେ ସଫଳତା ମିଳିପାରିବ ବୋଲି ପରାମର୍ଶ ଦେଇଥିଲେ । ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିବା ଏହି ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ୧୬ଟି କଲେଜର ଜାତୀୟ ସେବା ଯୋଜନାର ସଂଯୋଜକଙ୍କ ସମେତ ପ୍ରାୟ ୨୦୦ ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗଦେଇଥିଲା ବେଳେ ଜଳବାୟୁ ପରିବର୍ତ୍ତନର କାରଣ, ନିରାକରଣ ଓ ପରିବେଶ ସୁରକ୍ଷା ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ବେଳେ ସନ୍ଧ୍ୟାରେ ଶିବିରାର୍ଥୀମାନଙ୍କୁ ନେଇ ସାଂସ୍କୃତିକ ସମାରୋହ ଓ ପ୍ରତିଭା ଅନୁସନ୍ଧାନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ଏହି ତ୍ରିଦିବସୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରକୁ ସୁପରିଚାଳନା କରିବା ଦିଗରେ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ଅଧକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ନେତୃତ୍ୱରେ ଅଧାପକ ସିଲୁ ସେଠୀ, ଅଭିଷେକ ବେହେରା, ଡଃ କୁନା ସୁନା, ଆଲୋକ ପ୍ରଧାନ, ଉପେନ୍ଦ୍ର ମାଝୀ, ଡଃ ଜୀବନକୃଷ୍ଣ ଦାଶ, ଅଜିତ୍ କୁମାର ପଟ୍ଟନାୟକ, ଅଜିତ୍ କୁମାର ମହାପାତ୍ର, ବିକାଶ ଦିଗଲ୍, ଅଜିତ୍ କୁମାର ମୁଖୀ, ଉଦିତ୍ ନାରାୟଣ ଦାଶ, ପ୍ରଫୁଲ୍ଲ କାଣ୍ଡଗୋରୀ, ସଚ୍ଚିନ୍ ଜେନା, ରଘୁନାଥ ପ୍ରଧାନ, ଅଧାପିକା ସ୍ୱପ୍ନାରାଣୀ ପଟ୍ଟନାୟକ, ସୁଶ୍ରୀ ସଙ୍ଗୀତା ପଟ୍ଟନାୟକ, ସୁଶ୍ରୀ ଅର୍ପିତା ପ୍ରିୟଦର୍ଶିନୀ, ଶ୍ରୀମତୀ ଯସ୍ମିନି କୁମାରୀ ନାୟକ, ସୁଶ୍ରୀ କିରଣ ଡାକୁଆ, ସୁଜାତା ସିଂ, ଅର୍ପିତା ପ୍ରିୟଦର୍ଶିନୀ, ସୁଚିସ୍ମିତା ପଟ୍ଟନାୟକ, ସଙ୍ଗୀତା ପଟ୍ଟନାୟକ, ସୁଶ୍ରୀ ସୁଜାତା ଟେଟେ, ସୁଶ୍ରୀ ରାଜେଶ୍ୱରୀ ରଥ, ସୁଶ୍ରୀ କେ.ସ୍ମିତା ପାତ୍ର, ସୁଶ୍ରୀ ଶୁଭଶ୍ରୀ ସାହୁ, ସୁଶ୍ରୀ ଯାଜ୍ଞସେନୀ ପ୍ରଧାନ, ଅଣଶିକ୍ଷକ କର୍ମଚାରୀ ପଦ୍ମିନୀ ମହାରଣା, ଅନୁପ କୁମାର ଷଡଙ୍ଗୀ,ପ୍ରମୋଦ କୁମାର ଆପଟ, ପ୍ରସାଦ କୁମାର ଆପଟ, ଜୟରାମ ପ୍ରଧାନ, ମନୁ ସ୍ୱାଇଁ, ନରହରି ଖଟେଇ, ରାଜେଶ ଭୋଳ, କନକ ଆପଟ, ବିଜୟଲକ୍ଷ୍ମୀ ଦୋରା, ମମତାରାଣୀ ପ୍ରଧାନ, ଭୋଜରାଜ ଦୋରା, ଭଗବାନ ଡାକୁଆ, ଅଶୋକ ଡାକୁଆ, ସୁଦର୍ଶନ ପଣ୍ଡା, ସନ୍ଧ୍ୟାରାଣୀ ପ୍ରଧାନଙ୍କ ସମେତ ସମସ୍ତ ଅଧାପକ, ଅଧାପିକା, ସ୍ୱେଚ୍ଛାସେବୀମାନେ ସକ୍ରିୟ ସହଯୋଗ କରୁଥିବା ଦେଖିବାକୁ ମିଳିଛି ।

## ପାତ୍ରପୁରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ପାତ୍ରପୁର,୪।୧୧/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲା ଚିକିଟି ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ପାତ୍ରପୁର ବ୍ଲକରେ ବିଶାଳ ଜନସମ୍ପର୍କ




ପଦଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସାମନ୍ତିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଚୁଡିଆଲାଞ୍ଜି ଓ ଆମ୍ବଗାଁ ମଧ୍ୟସ୍ଥଳି ସ୍ଥିତ ଗୋଇମୁଣ୍ଡି ମନ୍ଦିର ଠାରୁ ବିଶାଳ ପଦଯାତ୍ରା ବାହାରି ଜୟନ୍ତୀପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣଠାରେ ଆୟୋଜିତ ସଭା ସ୍ଥଳରେ ପହଞ୍ଚିଥିଲା । ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ବିଭିନ୍ନ ନାରା ଦେଇଥିଲେ । ଆୟୋଜିତ ଜନ ସମ୍ପର୍କ ପଦଯାତ୍ରା ସଭାରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତ୍ରୀ ଉଷାଦେବୀ, ଯୁବନେତା ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ବରିଷ୍ଠ ବିଜେଡି ନେତା ବାପୁଜୀ ବିଷୋୟୀ, ସଚ୍ଚିଦାନନ୍ଦ ରାଜଗୁରୁ, ପାତ୍ରପୁର ବ୍ଲକ ବିଜେଡି ସଭାପତି ରାମନାଥ ପାଣିଗ୍ରାହୀ, ଇଶ୍ବରୁ ଦୁର୍ଯ୍ୟୋଧନ ରେଡ଼ି, ସମିତିସଭ୍ୟା ଅମିତା ପ୍ରଧାନ, ଏନ୍. ସାନ୍ତାମା ଓ ଭଗବାନ ସେଠୀ ମଞ୍ଚାସୀନ ଥିଲେ । ବିଜେଡି ନେତା ଚିନ୍ମୟାନନ୍ଦ ଶ୍ରୀରୁପ ଦେଓ ନିଜର ବକ୍ତବ୍ୟରେ କହିଥିଲେ ଯେ, ସ୍ଥାନୀୟ ବିଧାୟକ ଓ ତାଙ୍କ ସମର୍ଥକମାନେ ଆକ୍ରୋଶ ମୂଳକ ଭାବେ ବିଜେଡି କର୍ମୀ ଓ ସମର୍ଥକମାନଙ୍କ ଉପରେ ଯଦି କୌଣସି ଆକ୍ରମଣ କରନ୍ତି କିମ୍ବା ସ୍ଥାନୀୟ ପୋଲିସ ମିଥ୍ୟା କେସ୍ କରି ହଇରାଣ କରନ୍ତି ତେବେ ଏହାକୁ ବିଜେଡି ବରଦାସ୍ତ କରିବ ନାହିଁ ବୋଲି କହିଥିଲେ । ପାତ୍ରପୁର ବ୍ଲକର ପଦାଦିଗି, ପାତ୍ରପୁର, ସାମନ୍ତିଆପଲ୍ଲୀ, ଜୟନ୍ତୀପୁର,ବିନୁଆଗାଁ ଓ ଗୁଡିପଦର ପଞ୍ଚାୟତର ସରପଞ୍ଚମାନେ ଗତ ଦୁଇ ବର୍ଷ ମଧ୍ୟରେ ୮୨,୭୩, ୨୪୭ ଟଙ୍କାର ଫଲ୍ସ ବିଲ କରିଛନ୍ତି । ଭବିଷ୍ୟତରେ ସେମାନେ କେଉଁଠି ଥିଲେ ମଧ ଛଡାଯିବ ନାହିଁ ବୋଲି ଶ୍ରୀରୂପ ଦେଓ କହିଛନ୍ତି । ଏଥି ସହିତ ବିଜେଡିର ୨୪ ବର୍ଷର ସରକାର ଥିବା ସମୟରେ ଚିକିଟୀରେ ହୋଇଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ମନେ ପକାଇଥିଲେ । ନବୀନ ବାବୁଙ୍କ ହାତ ମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ । ବିଜେପି କିପରି ମିଛ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଠକୁଛି ସେ ବିଷୟରେ ପୂର୍ବତନ ମନ୍ତ୍ରୀ ଉଷା ଦେବୀ କହିଥିଲେ । ପଦଯାତ୍ରାରେ ଜିଲ୍ଲା ପରିଷଦ ସଭ୍ୟା ଯୋଶଦା ଶବର, ସରପଞ୍ଚ ଭଗବତୀ ପାଣିଗ୍ରାହୀ, ଶଶାଙ୍କ ପାଣିଗ୍ରାହୀ,କେ ଜ୍ୟୋତି ରେଡି ଓ ଦମୟନ୍ତୀ, ସମିତିସଭ୍ୟା ଅନିତା ପ୍ରଧାନ, ବିଜେଡି ଯୁବ ସଭାପତି ଜେ. ଧର୍ମା ରେଡି, ଆଲୁ ଭେଙ୍କଟ ରାଓ, ଗୋପାଳ, ବି. ଗୀତା ରେଡି, ବାଇରି, ଆର୍ ପୁରୁଷୋତ୍ତମ, ବି. ବାବୁ ରାଓ, କେ. ଗୋବିନ୍ଦ, ଏମ୍. ଅନନ୍ତ, ନାଗମ୍ମା, ଜ୍ୟୋତି ରେଡିଙ୍କ ସମେତ ବହୁ ଯୁବ, ଛାତ୍ର, ମହିଳା, କର୍ମୀ ଉପସ୍ଥିତ ଥିଲେ । ବିଜେଡି ଯୁବ ନେତା ସରୋଜ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ।

## ଗୋପାଳପୁରରେ ତିନିଦିନ ଚାଲିବ ବୋଇତ ବନ୍ଦାଣ ଉତ୍ସବ

**ବ୍ରହ୍ମପୁର,୪।୧୧/ଏନ୍ଏନ୍ଏସ୍:** ଗୋପାଳପୁର ପୁରୁଣା ସର୍କିଟ ହାଉସ୍‌ଠାରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍‌ଙ୍କ ଅଧକ୍ଷତାରେ ଆଜି ବୋଇତ ବନ୍ଦାଣ ଉତ୍ସବ ନିମନ୍ତେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କାର୍ତ୍ତିକ ପୂର୍ଣ୍ଣିମା ଆମ ଓଡିଆର ପରମ୍ପରା ଓ ଧର୍ମୀୟ ଭାବନା ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ । ପ୍ରାଚୀନତମ କଳିଙ୍ଗର ନୌଚାଳନା ଓ ନୌବାଣିଜ୍ୟ ପରମ୍ପରା ଭାରତ ଇତିହାସର ଏକ ଗୌରବମୟ ଅଧ୍ୟାୟ । ସେହି ସ୍ମୃତି ସ୍ୱରୂପ ଓଡିଆ ଜାତିର ପରମ୍ପରାକୁ ଚିରସ୍ଥାୟୀ କରିବା ଲକ୍ଷ୍ୟ ନେଇ ବୋଇତ ବନ୍ଦାଣ ଉତ୍ସବ ନଭେମ୍ବର ୫ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଗୋପାଳପୁର ବେଳାଭୂମିଠାରେ ଅନୁଷ୍ଠିତ ହେବ । ଏଥି ନିମନ୍ତେ ଭଜନ ସମାରୋହ, ବୋଇତ ବନ୍ଦାଣ, ତଅପୋଇ ନାଟକ ପରିବେଷଣ, ରଙ୍ଗୋଲୀ, ଆଲୋଚନା ଚକ୍ର, ହୁଳହୁଳି, ଓଡିଆଣି ବେଶ, ଓଡିଆ ଘରର ପାରମ୍ପରିକ ପିଠାପଣା, ପୁଚିଖେଳ ପ୍ରତିଯୋଗିତା ମାନ ଅନୁଷ୍ଠିତ ହେବ । ଭଜନ ସମାରୋହ ପ୍ରାତଃ ୩ ଘଟିକା ସମୟ ଠାରୁ ସୁନାମଧନ୍ୟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହେବ । ଏଥିରେ ଗଞ୍ଜାମ ଜିଲ୍ଲା ଏବଂ ଓଡିଶାର ପ୍ରତିଷ୍ଠିତ କଳାକାରଗଣ ଭଜନ ସଙ୍ଗୀତ ପରିବେଷଣ କରିବେ । ଗୋପାଳପୁର ବେଳାଭୂମିର ସ୍ଥିର ଜଳରେ ୫ ତାରିଖ ଦିନ ସକାଳ ୫ ଘଟିକା ଠାରୁ ୭ ଘଟିକା ମଧ୍ୟରେ ସମବେତ ଆକାରରେ ବୋଇତ ବନ୍ଦାଣ କରି ବୋଇତ ଭସାଣୀ କାର୍ଯ୍ୟକ୍ରମ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହେବ । ତଅପୋଇ ନାଟିକା ପରିବେଷଣ ହେବ । ପ୍ରତିଦିନ ଅପରାହ୍ନ ସମୟରେ ଗଞ୍ଜାମ ଜିଲ୍ଲାର ଲୋକକଳା, ସ୍ଥାନୀୟ ଲୋକକଳା ଓ ନୃତ୍ୟ ପ୍ରଦର୍ଶିତ ହେବା ସହିତ ଓଡିଶାର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ । ଗୋପାଳପୁର ବେଳାଭୂମିରେ ପଲ୍ଲିଶ୍ରୀ ଓ ଖାଦ୍ୟମେଳାର ଆୟୋଜନ କରାଯାଇଛି । ଏହି ଉତ୍ସବଟିକୁ ସରସ ସୁନ୍ଦର କରିବା ପାଇଁ ଜିଲ୍ଲାପାଳ ଶ୍ରୀ କୀର୍ତ୍ତିଭାସନ୍ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ମହାନଗର ନିଗମ କମିଶନର୍ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକ ଓ ସମସ୍ତ ଗଣମାଧମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## ରଙ୍ଗେଇଲୁଣ୍ଡାରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର



**ରଙ୍ଗେଇଲୁଣ୍ଡା,୪।୧୧/ଏନ୍ଏନ୍ଏସ୍:** ରଙ୍ଗେଇଲୁଣ୍ଡା ବ୍ଲକ ଅଧିନସ୍ଥ ପଦ୍ମପୁର ପଞ୍ଚାୟତରେ ଗ୍ରାମପଞ୍ଚାୟତ ସ୍ତରୀୟ ମିଳିତ ଜନଶୁଣାଣି ଶିବିର ସରପଞ୍ଚ ସସ୍ମିତା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଶିବିରରେ ମୋଟ ୧୪୪ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ରାଜସ୍ୱ ବିଭାଗର ୪୫, ଆବାସ ଯୋଜନା ୪୧, ରାସନ କାର୍ଡ ୩୭, ସୁଭଦ୍ରା ଯୋଜନା ୩, ଉନ୍ନୟନ କାର୍ଯ୍ୟ ପାଇଁ ୧୦ ଓ ଭତ୍ତା ନିମେନ୍ତ ୧୮ ଜଣ ଅଭିଯୋଗ ପତ୍ର ଦାଖଲ କରିଥିବା ସୂଚନା ମିଳିଛି । ଏହି ଅବସରରେ ବ୍ରହ୍ମପୁର ମହାନଗର ନିଗମ ଡେପୁଟି କମିଶନର ଆଶିର୍ବାଦ ପରିଡ଼ା, ରଙ୍ଗେଇଲୁଣ୍ଡା ଏବିଡିଓ ସଂଗୀତା ନାୟକ, ରଙ୍ଗେଇଲୁଣ୍ଡା ସିଡିପିଓ ସଂଘମିତ୍ରା ମିଶ୍ର, ଏବିଇଓ ସୁକାନ୍ତ ଜେନା, ସମିତିସଭ୍ୟ ପୁଷ୍ପାରାଣୀ ଜେନା ସାମନ୍ତ, ପ୍ରକାଶ ସେଠୀ, କନିଷ୍ଠ ଯନ୍ତ୍ରୀ ଉମେଶ ଜେନା, ପିଇଓ ସୁଶାନ୍ତ ପଟ୍ଟନାୟକ, ଟଙ୍କୁ ବେହେରା ଓ ବହୁ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ୟୁଏଏସ୍‌କୁ ବୁଗୁଡ଼ା ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ବିରୋଧ

**ବୁଗୁଡା,୪।୧୧/ଏନ୍ଏନ୍ଏସ୍:** ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରଚଳିତ ୟୁଏଏସକୁ ବିରୋଧ କରି ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ବୁଗୁଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ଦାବିପତ୍ର ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଥିବା ଜଣାଯାଇଛି । ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପିତାମ୍ବର ଗୌଡଙ୍କ ନେତୃତ୍ୱରେ ଶିକ୍ଷକଗଣ ବିଇଓ ଚିନ୍ମୟ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ ଅବସରରେ ୟୁଏଏସ ଜନିତ ଅସୁବିଧା ସମ୍ପର୍କରେ ଅଗଗତ କରିବା ସହ ଏହାକୁ ଲାଗୁ କରିବା ପୂର୍ବରୁ ରାଜ୍ୟ ସରକାରଙ୍କୁ ପ୍ରଥମେ ଭିତ୍ତିଭୂମି ସଜାଡିବା ନିମନ୍ତେ ଦାବି ଜଣାଇଥିଲେ । ଉକ୍ତ ଆପର କାର୍ଯ୍ୟକାରିତା ଉପରେ ସନ୍ଦେହ ପ୍ରକଟ ହୋଇଛି ଯେହେତୁ ଏହା କେତେବେଳେ ଚାଲୁଛି ତ କେତେବେଳେ ବନ୍ଦ ରହୁଥିବାରୁ ଦୀର୍ଘ ସମୟ ଧରି କେହି ଲଗଇନ୍ କରିପାରୁନାହାନ୍ତି । ବୁଗୁଡା ବ୍ଲକର ଅଧିକାଂଶ ବିଦ୍ୟାଳୟରେ ଇଣ୍ଟରନେଟର ସୁବିଧା ନଥିବା ବେଳେ ଅନେକ ଶିକ୍ଷକ ମୋବାଇଲରେ ଅଭିଜ୍ଞ ନୁହଁନ୍ତି ଏବଂ ଅନଭିଜ୍ଞ କାରଣରୁ ଅନ୍ୟ ତୃତୀୟ ପକ୍ଷଦ୍ୱାରା ବ୍ୟକ୍ତିଗତ ତଥ୍ୟ ଚୋରି ହେବାର ସମ୍ଭାବନା ରହିଛି । ଏହି ଆପକୁ ଚଲେଇବା ପାଇଁ କୌଣସି ବିଧିବଦ୍ଧ ପ୍ରଶିକ୍ଷଣ ମଧ ପ୍ରଦାନ କରାଯାଇ ନାହିଁ । ରାଜ୍ୟ ସରକାରଙ୍କ ପକ୍ଷରୁ ଏଥିପାଇଁ କୌଣସି ସ୍ୱତନ୍ତ୍ର ମୋବାଇଲ କିମ୍ବା ଟାବଲେଟ୍ ଦିଆଯାଇନଥିବା ବେଳେ କୌଣସି ଅତ୍ୟଧିକ ଦେୟ ମଧ ଦିଆଯାଉନାହିଁ । ଉପରୋକ୍ତ ସମସ୍ୟା ଗୁଡ଼ିକର ସମାଧାନ ନହେବା ପର୍ଯ୍ୟନ୍ତ ୟୁଏଏସକୁ ବିରୋଧ ଜାରି ରହିବ ବୋଲି ଶିକ୍ଷକ ସଂଘ ପକ୍ଷରୁ ପ୍ରକାଶ ପାଇଛି ।

## ୨୦ ପିଏମ୍‌ଶ୍ରୀ ସ୍କୁଲକୁ ନେଇ ଜିଲ୍ଲାସ୍ତରୀୟ ଛାୟାସଂସଦ କାର୍ଯ୍ୟକ୍ରମ





**ଫୁଲବାଣୀ, ୪।୧୧/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ସମଗ୍ର ଶିକ୍ଷା ଓ ପିଏମ ଶ୍ରୀ ଯୋଜନା ଆନୁକୂଲ୍ୟରେ ଜିଲ୍ଲାର ସମସ୍ତ ୨୦ ଗୋଟି ପିଏମଶ୍ରୀ ସ୍କୁଲମାନଙ୍କୁ ନେଇ "ଜିଲ୍ଲା ସ୍ତରୀୟ ଛାୟା ସଂସଦ'' ବି.ଇଡି ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ

ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ଜିଲ୍ଲା ସଂସ୍କୃତି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ-ତଥା - ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଗଦାଧର ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁ , ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସତ୍ୟଜିତ ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାସ, ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲ୍ଲା ସମଗ୍ର ଶିକ୍ଷା ଅଫିସର କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ୧୨ ଗୋଟି ବ୍ଲକରେ ଥିବା ୨୦ ଗୋଟି ପିଏମ ଶ୍ରୀ ସ୍କୁଲକୁ ପ୍ରତିନିଧିତ୍ୱ କରୁଥିବା ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଦେଶର ସଂସଦ ଉପରେ ଛାତ୍ରଛାତ୍ରୀଙ୍କର ଜ୍ଞାନ ଓ ଧାରଣାକୁ ସମୁନ୍ନତ କରିବାପାଇଁ ପ୍ରୟାସ କରାଯାଇଥିଲା । ଛାତ୍ରଛାତ୍ରୀମାନେ ଛାୟା ସଂସଦ ରୂପରେ ବିଭିନ୍ନ ରାଜ୍ୟର ପ୍ରସଙ୍ଗ ଏବଂ ସେଗୁଡିକରେ ସମ୍ଭାବ୍ୟ ସମାଧାନ ବିଷୟରେ ଏହି ଛାୟା ସଂସଦରେ ଉପସ୍ଥାପନା କରିଥିଲେ । ଫୁଲବାଣୀ ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟ କୁଶ ନାୟକ, ଆସିଷ୍ଟାଣ୍ଟ ପ୍ରଫେସର- ଅର୍ଥନୀତି ଏବଂ ଫୁଲବାଣୀ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବନିକାନ୍ତ କହଁର, ଆସିଷ୍ଟାଣ୍ଟ ପ୍ରଫେସର- ଏଚ.ଓ.ଡି, ରାଜନୈତିକ ବିଜ୍ଞାନ, କ୍ଷୀରସାଗର ରଣା, ଆସିଷ୍ଟାଣ୍ଟ ପ୍ରଫେସର- ଇତିହାସ ଶିକ୍ଷାବିତ୍ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କର ପ୍ରୟାସକୁ ସମୀକ୍ଷା କରିଥିଲେ । ଏହି ଛାୟା ସଂସଦରେ ନେଡିପଦର ବାଳିକା ଉଚ୍ଚ ବିଦ୍ୟାଳୟ, ଫିରିଙ୍ଗିଆ ପ୍ରଥମ ସ୍ଥାନ ଅଧିକାର କରିଥିଲେ, ହବାକ ଉଚ୍ଚ ବିଦ୍ୟାଳୟ ଘୁ. ଉଦୟଗିରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ଏବଂ ବି.ବି ଉଚ୍ଚ ବିଦ୍ୟାଳୟ, ଲାଇନ ପଡା, ଚକାପାଦ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସମଗ୍ର ଶିକ୍ଷାର ଜିଲ୍ଲା ଯୋଜନା ସଂଯୋଜିକା ଅର୍ଚ୍ଚନା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମରେ ଫୁଲବାଣୀ ବ୍ଲକର ସମସ୍ତ ସି. ଆର. ସି. ସି. ଏବଂ ପିରାମାଲ ଫାଉଣ୍ଡେସନର କର୍ମଚାରୀମାନେ ସହଯୋଗ କରିଥିଲେ ।

## ଆର୍ଥିକ ସାକ୍ଷରତା ଓ ସଚେତନତା ଶିବିର



**ଫୁଲବାଣୀ,୪।୧୧/ଏନ୍ଏନ୍ଏସ୍:** ବିଶ୍ୱ ମିତବ୍ୟୟିତା ଦିବସ ଓ ସଞ୍ଚୟ ପକ୍ଷ ପାଳନ ଅବସରରେ ଏକ ଆର୍ଥିକ ସାକ୍ଷରତା ଓ ସଚେତନତା ଶିବିର ଜିଲ୍ଲା ଟ୍ରେଜେରି ଅଫିସ ପ୍ରାଙ୍ଗଣରେ ଆୟୋଜନ କରାଯାଇଥିଲା । ଜିଲ୍ଲା ଟ୍ରେଜେରି ଅଧିକାରୀ ବିଭୁତି ଭୂଷଣ ରାଉତ , ଉପ ଡାକ ଅଧିକ୍ଷକ କିଶୋର ନାୟକ, ଆରକ୍ଷୀ ଅଧିକ୍ଷକ ଓ ସାଇବର୍ ସୁରକ୍ଷା ନିରିକ୍ଷକ ଗେଲି କୁମାରୀ ସାହୁ ଅତିଥି ଭାବରେ ଉପସ୍ଥିତ ଥିଲେ । ଏହି ଶିବିରରେ କନ୍ଧମାଳ ଜିଲ୍ଲାର ସରକାରୀ ପେନସନ ଭୋଗୀ ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ । ଉପ ଡାକ ଅଧିକ୍ଷକ କିଶୋର ନାୟକ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ବିଷୟରେ ଦୃଷ୍ଟିପାତ କରିଥିଲେ । ମୁଖ୍ୟତଃ ବରିଷ୍ଠ ନାଗରିକ ସଞ୍ଚୟ ଯୋଜନାର ପ୍ରଚାର ଓ ପ୍ରସାର କରାଯାଇଥିଲା । ସାଇବର୍ ସୁରକ୍ଷା ନିରିକ୍ଷକ ବରିଷ୍ଠ ନାଗରିକ ମାନଙ୍କୁ ସାଇବର ଠକେଇରୁ ନିଜକୁ ସୁରକ୍ଷିତ ରଖିବାର ଉପାୟ ବିଷୟରେ ଅବଗତ କରାଇଥିଲେ । ବୈଠକଟି ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଜୟ ଚନ୍ଦ୍ର ପାଳ ପରିଚାଳନା କରିଥିଲେ ।

ନିତିଦିନ NITIDIN



## ଜୟ ଢୋଲକିଆ ଓ ତାଙ୍କ ମାଆଙ୍କ ମନ୍ତବ୍ୟ ଭିତ୍ତିହୀନ ଓ ଦୁର୍ଭାଗ୍ୟଜନକ: ଲେଖାଶ୍ରୀ



**ଭୁବନେଶ୍ୱର,୪।୧୧/ଏନ୍ଏନ୍ଏସ୍:** ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଏବଂ ତାଙ୍କ ମାଆ ଆଜି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ଯେଉଁ ଅରୁଚିକର, ତଥ୍ୟ ବିହୀନ ମନ୍ତବ୍ୟ ଦେଇଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଭିତ୍ତିହୀନ ବୋଲି କହିଛନ୍ତି ବିଜେଡିର ବରିଷ୍ଠ ନେତ୍ରୀ ଡ଼ ଲେଖାଶ୍ରୀ ସାମନ୍ତସିଂହାର। ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଦଳ ବଦଳାଇବା ପରେ ବିଜେଡି ବିରୋଧରେ ଅମୂଳକ ମନ୍ତବ୍ୟ ଦେବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ଆଜି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଡ଼ା ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ ଜୟ ଢୋଲକିଆ ନିଜ ସ୍ୱାର୍ଥ ପାଇଁ କୌଣସି ଦଳକୁ ବି ଯାଇପାରିବେ। କିନ୍ତୁ ନିଜ ସ୍ୱାର୍ଥ ସାଧନ ପାଇଁ ଯେଉଁ ଦଳ ସହିତ ତାଙ୍କ ବାପାଙ୍କ ପରିଚୟ ଥିଲା, ଯେଉଁ ନେତାଙ୍କ ସହ ସ୍ୱର୍ଗତ ରାଜୁ ଭାଇ ଦୀର୍ଘ ଦିନ ଧରି କାମ କରିଥିଲେ, ନିଜ ଆନୁଗତ୍ୟ ପ୍ରକାଶ କରି ଆସୁଥିଲେ, ସେହି ଦଳକୁ ହଠାତ୍ କୁସ୍ତାରଟନା କରିବା ହୀନମାନ୍ୟତାର ପରିଚୟ। ଏହାକୁ ହୀନ ରାଜନୀତି ବୋଲି କୁହାଯିବ।

ରାଜୁ ଭାଇ ତିନି ଥର ବିଧାୟକ ହୋଇଛନ୍ତି, ନବୀନ ବାବୁଙ୍କ ସରକାରରେ ମନ୍ତ୍ରୀ ହୋଇଛନ୍ତି। ଆଜି ଯେଉଁମାନେ ବିଜେଡି ସହ ରାଜୁ ଭାଇଙ୍କ ସମ୍ପର୍କକୁ ନେଇ ପ୍ରଶ୍ନ ଉଠାଉଛନ୍ତି, ସେମାନଙ୍କୁ କହିବାକୁ ଚାହୁଁ, ବିଜେଡିର ଆର୍ଶୀବାଦ ବିନା ସେ ବିଧାୟକ ହୋଇଥିଲେ କି? ନବୀନ ବାବୁଙ୍କ ସହଯୋଗ ବିନା ସେ କିପରି ମନ୍ତ୍ରୀ ହେଲେ। ଶେଷ ପର୍ଯ୍ୟନ୍ତ ନବୀନ ବାବୁଙ୍କ ସହ ରାଜୁ ଭାଇଙ୍କର ଉତ୍ତମ ସମ୍ପର୍କ ଥିଲା। ନିର୍ବାଚନ ପରାଜୟ ଭୟରେ ଜୟଙ୍କୁ ନେଇ ଏକ ହୀନ ରାଜନୀତିର କାର୍ଡ ଖେଳାଯାଇଛି। ରାଜୁ ଭାଇ ଚେନ୍ନାଇରେ ଚିକିତ୍ସିତ ହେଉଥିବା ବେଳେ ପ୍ରତ୍ୟେକ ଦିନ ନବୀନ ନିବାସରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ କରାଯାଉଥିଲା। ସେଠାରେ ତାଙ୍କର ଭଲ ଚିକିତ୍ସା ପାଇଁ ବିଜେଡି ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ପରେ ନବୀନ ବାବୁ ନିଜ ଚିକିତ୍ସା ପାଇଁ ମୁମ୍ବାଇ ଗଲେ। ସେ ସମୟରେ ଦୁର୍ଭାଗ୍ୟବଶତଃ ରାଜୁ ଭାଇଙ୍କର ପରଲୋକ ହେଲା। ଏହାପରେ ତାଙ୍କ ମରଶରୀରକୁ ନୂଆପଡ଼ା ଆଣିବା ପାଇଁ ନବୀନ ବାବୁଙ୍କ ନିର୍ଦ୍ଦେଶକ୍ରମେ ଚାଟାର୍ଡ ବିମାନର ବ୍ୟବସ୍ଥା କରାଯାଇଥିଲା। ତାଙ୍କ ମୃତଦେହ ଆସିବା ପରେ ଅନ୍ତ୍ୟେଷ୍ଟି କ୍ରିୟା କେବଳ ବିଜେଡି ସହଯୋଗରେ ହୋଇଥିଲା। ଏକାଦଶାହରେ ଦଳର ବହୁ ତୁଙ୍ଗ ନେତା ଉପସ୍ଥିତ ଥିଲେ ଏବଂ ନବୀନ ବାବୁ ଦିଲ୍ଲୀରୁ ଭିଡିଓ କନଫରେନ୍ସିଂ ଜରିଆରେ ଯୋଗ ଦେଇଥିଲେ। ଜୟ ଢୋଲକିଆ କେବଳ କାହା ଦ୍ୱାରା ପ୍ରେରିତ ହୋଇ ବିଜେଡି ବିରୋଧରେ ଅଣଦେଖା ଅଭିଯୋଗ କରୁଛନ୍ତି। ବିଜେପିର ପ୍ରାର୍ଥୀ ହେଲା ପରେ ଜୟ ବିଜେଡି ବିରୋଧରେ ବିଷୋଦଗାର କରୁଛନ୍ତି ବୋଲି ଶ୍ରୀମତୀ ସାମନ୍ତସିଂହାର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ନୂଆପଡ଼ା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ ଉପସ୍ଥିତ ଥିଲେ।

# ଆଦିବାସୀ ଜନଜାତି ଓ ଦଳିତ ସମାଜକୁ ନେଇ ବିଜେପି ସମାବେଶ

**ଭୁବନେଶ୍ୱର,୪।୧୧/ଏନ୍ଏନ୍ଏସ୍:** ନୂଆପଡ଼ା ବିଧାନସଭା ଉପନିର୍ବାଚନ ପ୍ରଚାରରେ ବିଜେପି ନେତା, ମନ୍ତ୍ରୀ, ସାଂସଦ ଓ ବିଧାୟକ ଦଳୀୟ ପଦାଧିକାରୀଙ୍କ ଭିଡ଼ ଜମିବାରେ ଲାଗିଛି। ନିର୍ବାଚନ ପ୍ରଚାରରେ ସମସ୍ତ ଅଞ୍ଚଳକୁ ପହଞ୍ଚିବା ସହିତ ସମାଜର ସମସ୍ତ ବର୍ଗର ଲୋକଙ୍କ ପାଖରେ ପହଞ୍ଚିବାକୁ ଲାଗି ପଡ଼ିଛି ବିଜେପି। ଆଜି ନୂଆପଡ଼ା ନିର୍ବାଚନ ମଣ୍ଡଳୀର କୋମନା ବ୍ଲକ ମୁନିଗୁଡା ଖେଳପଡ଼ିଆରେ ଆଦିବାସୀ, କିଶାନ, ମିର୍ଦ୍ଧା, ମାଟିଆ ଓ କୋଡା ସମାଜଙ୍କ ଦ୍ୱାରା ଆୟୋଜିତ ସମାବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ ଅନେକ ମନ୍ତ୍ରୀ ଯୋଗ ଦେଇଥିଲେ। ଉପସ୍ଥିତ ମନ୍ତ୍ରୀମାନେ ନିଜ ନିଜର ନିର୍ବାଚନୀ ଅଭିଭାଷଣ ରେ ମୋଦୀ ଓ ମୋହନ ସରକାର ଙ୍କ ଡବଲ ଇଞ୍ଜିନ



ସରକାର ରେ ହେଉଥିବା ଡବଲ ଗତିର ବିକାଶ ହେଉଛି ବୋଲି କହିଥିଲେ। ଡବଲ୍ ଇଞ୍ଜିନ୍ ସରକାର ଯେପରି ଓଡ଼ିଶାର ସମଗ୍ର ଉନ୍ନୟନ ଓ ଆଦିବାସୀ ଅଞ୍ଚଳର ବିକାଶକୁ ଗୁରୁତ୍ୱ ଦେଇ ପରିବର୍ତ୍ତନ ଆଣୁଛନ୍ତି, ତାହାର ପ୍ରଭାବ ଜନମାନସରେ ସ୍ପଷ୍ଟ ଭାବେ ଦେଖାଯାଉଛି ବୋଲି କହିଥିଲେ। ଏହି ସମାବେଶରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, ନିତ୍ୟାନନ୍ଦ ଗଣ୍ଡ, ମୁକେଶ ମହାଲିଙ୍ଗ, ରବି ନାୟକ, ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ପ୍ରଦୀପ ପୁରୋହିତ, ବଳଭଦ୍ର ମାଝି, ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ମିର୍ଦ୍ଧା ସମାଜର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ମାଝୀଙ୍କ ସହିତ ସମାଜର ନେତୃମଣ୍ଡଳୀ, ସ୍ଥାନୀୟ ଜନପ୍ରତିନିଧି ଓ ଆଦିବାସୀ ଜନସାଧାରଣ ଉପସ୍ଥିତ ଥିଲେ। ସମସ୍ତେ ନିଜ ନିଜ ବକ୍ତବ୍ୟରେ ବିଜେପିର ଦୁର୍ନୀତି, ଭ୍ରଷ୍ଟାଚାର ମୁକ୍ତ ସୁଶାସନ ଓ ବିକାଶକୁ ଆଧାର କରି ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ।

# ଜୟ ଓ ତାଙ୍କ ମାଆ ଆଣିଥିବା ଅଭିଯୋଗକୁ ଖଣ୍ଡନ କଲେ ଲେନିନ୍

**ଭୁବନେଶ୍ୱର,୪।୧୧/ଏନ୍ଏନ୍ଏସ୍:** ନୂଆପଡ଼ାରେ ନିର୍ବାଚନ ପ୍ରଚାର ସଭାରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ବେଇମାନି ମନ୍ତବ୍ୟ ଉପରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଓ ତାଙ୍କ ମାଆ କଳ୍ପନା ଢୋଲକିଆଙ୍କ ମନ୍ତବ୍ୟ ଉପରେ କଡ଼ା ପ୍ରତିକ୍ରିୟା ରଖିଛି ବିଜେଡି। ନବୀନ ପଟ୍ଟନାୟକଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ରାଜୁ ଢୋଲକିଆଙ୍କ ଚିକିତ୍ସା ସମୟରେ ବିଜେଡି ତାଙ୍କୁ ଅଣଦେଖା କରିଥିଲା ବୋଲି ଉଭୟ ଜୟ ଓ ତାଙ୍କ ମା ଆଜି ଅଭିଯୋଗ କରିଥିଲେ।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ଜୟ ଓ ତାଙ୍କ ମାଆ ଆଣିଥିବା ଅଭିଯୋଗକୁ ଦୃଢ଼ ଖଣ୍ଡନ କରିଥିଲେ। ଡ଼. ମହାନ୍ତି କହିଥିଲେ, ଗତକାଲି ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ବାଚନ ସଭାରେ ବିଶାଳ ଜନସମାଗମ ଦେଖି ଜୟ ଢୋଲକିଆ ଓ ବିଜେପି ଆତଙ୍କିତ ହୋଇଛନ୍ତି। ତେଣୁ ଆଜି ଜୟ ତାଙ୍କ ବାପାଙ୍କୁ ଶେଷ ସମୟରେ ବିଜେଡି ଅଣଦେଖା କରିଥିଲା ବୋଲି ମିଛ ଅଭିଯୋଗ ଆଣିଛନ୍ତି। ନିଜ ଅସୁସ୍ଥତା ସତ୍ତ୍ୱେ ବିଧାୟକ ରାଜୁ ଢୋଲକିଆଙ୍କ ସ୍ୱାସ୍ଥ୍ୟ ବିଷୟରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିୟମିତ ଖବର ରଖୁଥିଲେ। ତାଙ୍କ ଦେହାନ୍ତ ହେବା ପରେ ଦଳ ତରଫରୁ ଆବଶ୍ୟକ ସହଯୋଗର ହାତ ବଢ଼ାଇବା ସହିତ ତାଙ୍କର ଶୁଦ୍ଧିକ୍ରିୟାରେ ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ନିଜେ ଭର୍ଚୁଆଲରେ ଯୋଗଦେଇ ଶୋକବାର୍ତ୍ତା ପ୍ରଦାନ କରିଥିଲେ। ଅପରପକ୍ଷରେ ଜୟ ଢୋଲକିଆ ବିଜେଡିର ପ୍ରାର୍ଥୀ ହେବା ପାଇଁ ନିଜର ଇଚ୍ଛା ପ୍ରକାଶ କରିବା ସହିତ ତାଙ୍କର ବିଜେପିରେ ଯୋଗଦେବା ଚର୍ଚ୍ଚାକୁ ଖଣ୍ଡନ କରିଥିଲେ। ଏହାପରେ ବିଜେଡି ତରଫରୁ ହୋଇଥିବା ପଦଯାତ୍ରା ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଜୟ ଓ ତାଙ୍କ ମାଆ ଯୋଗ ଦେଇଥିଲେ। କେଉଁ ପରିସ୍ଥିତିରେ ଓ କେଉଁ କାରଣରୁ ସେ ରାତାରାତି ମତ ପରିବର୍ତ୍ତନ କରି ବିଜେପିରେ ଯୋଗଦେଲେ, ତାହା ଆଜି ବି ପ୍ରଶ୍ନବାଚୀ ହୋଇ ରହିଛି। ଏହାକୁ ବେଇମାନି କୁହାଯିବନି ତ ଆଉ କ'ଣ କୁହାଯିବ ? ବେଇମାନି କାମ କରିଲ, ବେଇମାନ କହିଲେ ବାଧୁଛି କାହିଁକି ? ନିଜ କୁକର୍ମ ଧରାପଡ଼ି ଯିବାରୁ ଲୋକଙ୍କ ଆଗରେ ମିଛ କଥା କହୁଛ ବୋଲି ଡ଼ ମହାନ୍ତି କହିଥିଲେ। ସୁଲତା ଦେଓ କହିଥିଲେ, କଳ୍ପନା ଢୋଲକିଆଙ୍କ ସହିତ ବିଜେଡିର ପାରିବାରିକ ସମ୍ପର୍କ ଥିଲା। ମୁଁ ତାଙ୍କୁ ଭାଉଜ ବୋଲି ସମ୍ବୋଧନ କରେ। ସମ୍ପର୍କ ଆଜି ମଧ ରହିଛି। ବିଜୁ ଜନତା ଦଳ ଢୋଲକିଆ ପରିବାର ସହିତ ସମ୍ପର୍କ କାଟିନାହିଁ। କେଉଁ କାରଣରୁ, କେଉଁ ପରିସ୍ଥିତିରେ ଜୟ ଢୋଲକିଆ ବିଜେପିରେ ଯୋଗଦେଲେ, ସେ ନିଜେ ଭଲ ଭାବରେ ଜାଣିଥିବେ। ଏହାଛଡା, ବିଜେପିଠାରୁ ମୋଟା ଅଙ୍କର ଅର୍ଥ ନେଇ ବିଜେପିରେ ଜୟ ଯୋଗ ଦେଇଛନ୍ତି ବୋଲି ହେଉଥିବା ଅଭିଯୋଗକୁ ଶ୍ରୀମତୀ ଢୋଲକିଆ ଖଣ୍ଡନ କରିଥିଲା ବେଳେ ଏହା ବିଜେଡିର ଅଭିଯୋଗ ନୁହେଁ ବୋଲି ଶ୍ରୀମତୀ ଦେଓ କହିଥିଲେ। ସେ ଆହୁରି କହିଥିଲେ, ୧୬ ମାସର ଡବଲ ଇଞ୍ଜିନ ସରକାରଙ୍କ ବିଫଳତାକୁ ନୂଆପଡ଼ାବାସୀଙ୍କ ଆଗରେ ଆମ ନେତା ନବୀନ ପଟ୍ଟନାୟକ ରଖିଥିଲେ। ମିଛ ପ୍ରତିଶ୍ରୁତି ଦେଇ ବିଜେପି କିପରି ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଉଛି, ତାହା ପ୍ରକାଶ କରିଥିଲେ। ଭୋଟ ଚୋରି ପରେ ବିଜେପି ପ୍ରାର୍ଥୀ ଚୋରି କରିଛି।



## କଂଗ୍ରେସର ଅଭିଯୋଗ: ଅମର ବିଜେପିରେ ମିଶିବା ଦୁଇ ଦଳର ଡିଲ୍

**ଭୁବନେଶ୍ୱର,ନୂଆପଡ଼ା,୪।୧୧/ଏନ୍ଏନ୍ଏସ୍:** ନୂଆପଡ଼ା ଖୁଣ୍ଟିଆ ଭବନଠାରେ ପିସିସି ମିଡିଆ ସେଲ୍ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ପୂର୍ବତନ ବିଧାୟକ ତଥା ପିସିସିର ବରିଷ୍ଠ ଉପସଭାପତି ଡ଼ଃ. ଦେବାଶିଷ ପଟ୍ଟନାୟକ ବିଜେପି ବିଜେଡିଙ୍କ ଭାତୃପ୍ରେମ ଏବଂ କେତେ ନିବିଡ଼ ତାହା ପ୍ରକାଶ କରିଛନ୍ତି। ଡଃ. ପଟ୍ଟନାୟକ କହିଥିଲେ, ଅମର ପଟ୍ଟନାୟକଙ୍କୁ ପାଞ୍ଚଜଣ ଲୋକ ଚିହ୍ନିବେ କି ନାହିଁ ସନ୍ଦେହ। ସେ ବିଜେପିରେ ମିଶିବାର ମାତ୍ର ଘଣ୍ଟାକ ପୂର୍ବରୁ ବିଜେଡି ସାମାଜିକ ଗଣମାଧ୍ୟମରେ ଉଦ୍‌ବୋଧନ ଦେଉଥିଲେ। କିନ୍ତୁ ଏକ ଫୋନ୍ ଆସିଲା ପରେ ବାବୁ ବିଜେପି ଅଫିସ୍ ହାଜର ହୋଇ ଗେରୁଆ ପିନ୍ଧିଲେ। ପ୍ରଧାନମନ୍ତ୍ରୀଙ୍କ ଭାଷଣ ମତେ ଆକୃଷ୍ଟ କରିଥିଲା ବୋଲି ଗୀତ ଗାଇଲେ।

ବିଜେପିକୁ ସେ ଯେତେ ଗାଳିଗୁଲଜ କରିଛନ୍ତି ତା' ସତ୍ତ୍ୱେ ମଧ ବିଜେପି ତାଙ୍କୁ ନିଜ ଦଳକୁ ନେବା ଆଶ୍ଚର୍ଯ୍ୟ ବିଷୟ। ହୁଏତ ଗାଳିଗୁଲଜ କଲେ ବିଜେପି ତାହା ପ୍ରଶଂସା ବୋଲି ବିଚାର କରୁଥାଇପାରେ। ସେ ରାଜ୍ୟସଭା ସାଂସଦ ହୋଇ ମୁଖପାତ୍ର ମଧ ଥିଲେ ଏବଂ ସେ ସମୟରେ ବିଜେପିର ପ୍ରତ୍ୟେକ କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରୁଥିଲେ। ଏପରିକି ବିଜେପି ତାହା ଖଣ୍ଡନ କରିବା ପାଇଁ ଅନେକ ସମୟରେ ବିବୃତ୍ତି ମଧ ରଖୁଥିଲା। ନୂଆପଡ଼ାରେ ପ୍ରାର୍ଥୀ ଅଦଳବଦଳ ଏବଂ ପ୍ରଚାର ପ୍ରସାର ଦେଖିଲେ ସାଧାରଣ ବ୍ୟକ୍ତିଟିଏ ମଧ କହିଦେବ ବିଜେପି ବିଜେଡି ଭାଇଭାଇ ବୋଲି। ନୂଆଦିଲ୍ଲୀରେ କେତେବେଳେ ଡିଲ୍ ହେଉଛି ତ କେତେବେଳେ ଭୁବନେଶ୍ୱରରେ ଡିଲ୍ ହେଉଛି। ନବୀନ ବାବୁ ସବୁ ଜାଣନ୍ତି ନ ଜାଣିଲା ଭଳି ବ୍ୟବହାର କରନ୍ତି। ଅମର ପଟ୍ଟନାୟକ ବିଜେପି ଯିବା ଏଇ ଡିଲ ଅନ୍ତର୍ଗତ। ବିଜେଡି ବିଜେପି ସହିତ ନାହିଁ ବୋଲି ଲୋକଙ୍କ ଧାରଣା ନଆସୁ ସେଥିପାଇଁ ନୂଆପଡ଼ା ଗସ୍ତ କରିଥିଲେ। ନୂଆପଡ଼ା ଗସ୍ତକଲେ କ'ଣ ନୂଆପଡ଼ା ବିଜେଡି କର୍ମକର୍ତ୍ତାଙ୍କ ସାଥିରେ କରାଯାଇଥିବା ବିଶ୍ୱାସଘାତକତା ଲିଭିଯିବ। ବିଜେପି କେବଳ ଚୋରି ଡକାୟତି ଓ ଭୟ ବଳରେ ନିର୍ବାଚନ ଜିତିବାକୁ ଚେଷ୍ଟା କରୁଛି। ଭୋଟ୍ ଚୋରି ପୁଣି ପ୍ରାର୍ଥୀଚୋରି ତ କେତେବେଳେ କଂଗ୍ରେସ ଅଫିସ୍ ଉପରେ ପୁଲିସ ଚଢ଼ଉତ କେତେବେଳେ ବିଜେପି ବିଧାୟକଙ୍କ ପିଏସ ଓ ଲୋକଙ୍କୁ ଭୟଭୀତ କରିବା ପାଇଁ ଫାଙ୍କା ଗୁଳିଚାଳନା କରୁଛି। କଂଗ୍ରେସ ପ୍ରାର୍ଥୀ ଆଦିବାସୀ ନେତା ନୂଆପଡ଼ା ମାଟିର ସନ୍ତାନ। ତାଙ୍କ ଲୋକପ୍ରିୟତା ଏବଂ ପିସିସି ସଭାପତିଙ୍କ ସାଧାରଣ ଜନତାଙ୍କ ସହିତ ସୁସମ୍ପର୍କ ତଥା ତାଙ୍କ ଅକ୍ଲାନ୍ତ ପରିଶ୍ରମ ଦେଖି ବିଜେପି ଛାନିଆ ହୋଇଯାଉଛି। କିନ୍ତୁ ନୂଆପଡ଼ାବାସୀ ଜାଣନ୍ତି ନୂଆପଡ଼ାର ବିକାଶ ଓ ଆଦିବାସୀଙ୍କ ଉନ୍ନତି କେବଳ କଂଗ୍ରେସ ଓ ଘାସିରାମ ମାଝୀ କରିପାରିବେ। ଘାସିରାମଙ୍କ ବିଜୟ ହେବ ବୋଲି ଡଃ. ପଟ୍ଟନାୟକ କହିଛନ୍ତି। ନୂଆପଡ଼ା କଂଗ୍ରେସ ଗଣମାଧ୍ୟମ ସଂଯୋଜକ ସୁଧୀର ମିଶ୍ରଙ୍କ ସଂଯୋଜନାରେ ଆଜିର ସାମ୍ବାଦିକ ସମ୍ମିଳନୀରେ ଯୁବନେତା ମୂରଲୀଧର ନାୟକ, ପୂର୍ବତନ ବିଧାୟକ ବିନୋଦ ପାତ୍ର ଓ ପିସିସି ୱାରରୁମ ସଦସ୍ୟ ଶାନ୍ତନୁ ସାହୁ ଉପସ୍ଥିତ ଥିଲେ।




# ଗାଁକୁ କାମ, ମା'ଙ୍କୁ ସମ୍ମାନ ପାଇଁ ଘରକୁ ଘର ବୁଲି ଭୋଟ୍ ମାଗିଲେ ସ୍ନେହାଙ୍ଗିନୀ

**ଭୁବନେଶ୍ୱର,୪।୧୧/ଏନ୍ଏନ୍ଏସ୍:** ମା'ଙ୍କୁ ସମ୍ମାନ, ଗାଁକୁ କାମ ମିଳିବ। ଅଟକି ଯାଇଥିବା ମହିଳା ସଶକ୍ତୀକରଣ ପୁଣି ଆଗକୁ ବଢ଼ିବ। ନୂଆପଡ଼ାବାସୀଙ୍କୁ ସେମାନଙ୍କ ଅଧିକାରରୁ କେହି ବଞ୍ଚିତ କରିପାରିବେ ନାହିଁ। ଚାଷୀଙ୍କ ପାଇଁ ଆମେ ସ୍ୱର ଉଠାଇବୁ। ମଙ୍ଗଳବାର ବିଜୁ ଜନତା ଦଳର ପ୍ରାର୍ଥିନୀ ନୂଆପଡ଼ା ବ୍ଲକରେ ଜିଲ୍ଲାପରିଷଦ ଜୋନ୍-୮ର ୫ଟି ଗ୍ରାମପଞ୍ଚାୟତରେ ବିଜେଡି ସପକ୍ଷରେ ଭୋଟ୍ ମାଗିବା ଅବସରରେ ଏହି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।

ସ୍ନେହାଙ୍ଗିନୀ ଛୁରିଆ ଆଜି କୁଲିଆବନ୍ଧା, ଭାନପୁର, ବିରମୋଲ, ଜାମପାଣି ଓ ଗୋଦଫୁଲ୍ଲା ପଞ୍ଚାୟତରେ ନିର୍ବାଚନୀ ପ୍ରଚାର କରିବା ଅବସରରେ ଲୋକଙ୍କ ଦ୍ୱାରା ବେଶ୍ ଆଦର ଓ ଆଶୀର୍ବାଦ ଲାଭ କରିଥିଲେ। ଏହି ଅବସରରେ ସେ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କର ସମସ୍ୟା ଶୁଣିଥିଲେ। ଅଞ୍ଚଳର ବିକାଶ ପାଇଁ କ'ଣ ଆବଶ୍ୟକ ପଚାରି ବୁଝିଥିଲେ। ନବୀନ ବାବୁଙ୍କ ସମୟରେ ହୋଇଥିବା ବିକାଶମୂଳକ କାମ ପାଇଁ ସେମାନେ ଏଥର ମଧ ବିଜେଡିକୁ ସମର୍ଥନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଜେଡିର ବରିଷ୍ଠ ନେତା ଡ଼ ଅରୁଣ ସାହୁଙ୍କ ସହ ଦେବାଶିଷ ପଟ୍ଟନାୟକ, ବେଣୁଧର ପ୍ରଧାନ, ସାନନ୍ଦ ମାରାଣ୍ଡି, ପ୍ରଶାନ୍ତ ବେହେରା ଓ ସାରଦା ଜେନା ବିଜେଡିକୁ ଭୋଟ୍ ଦେଇ ନବୀନ ବାବୁଙ୍କ ପ୍ରତି ଶ୍ରଦ୍ଧା ବ୍ୟକ୍ତ କରିବାକୁ ଆହ୍ୱାନ ଜଣାଇଥିଲେ। ଶ୍ରୀମତୀ ଛୁରିଆଙ୍କୁ ସ୍ଥାନୀୟ ଲୋକେ କୃଷି ଉତ୍ପାଦନ ବୃଦ୍ଧି ଓ ବିପଣନ ବୃଦ୍ଧି ସମ୍ପର୍କରେ ଜଣାଇବା ସହିତ ସହଯୋଗ କାମନା କରିଥିଲେ। ଏହି ପ୍ରଚାର ଅଭିଯାନରେ ଛୁରିଆ କୁଲିଆବନ୍ଧା, ଭାନପୁର, ବିରମୋଲ, ଜାମପାଣି ଓ ଗୋଦଫୁଲ୍ଲା ପଞ୍ଚାୟତର ଅନେକ ସ୍ଥାନୀୟ ଗ୍ରାମକୁ ଯାତ୍ରା କରି ବିଜେଡି ସରକାରଙ୍କ ସଫଳ ଗାଥା ଦୋହରାଇଥିଲେ। କୁଲିଆବନ୍ଧାରେ ସେ ବୋଥା, ଘେରେଣ୍ଡିହୀ, ସେନଭଟା, ଧନୋରା, କୁଲିଆବନ୍ଧା ଓ ଧୁମାଧତା ଗ୍ରାମଗୁଡ଼ିକୁ ଯାଇ ପ୍ରଚାର କରିଥିଲେ। ଭାନପୁରରେ ସେ ମାସାଙ୍କୁଣ୍ଡା, ଚୁହୁରା, ଟିଂଚୁଆନ, ରାଣିଦର୍ହା ଓ ଭାନପୁର, ବିରମୋଲରେ ବିରୋମାଲ ଓ ଦରଲିନୂଆପଡ଼ାରେ ସେ ପ୍ରଚାର କରିଥିଲେ। ସେହିପରି ଜାମପାଣିରେ ଚିଚିରିପାଣି, ତୋଙ୍ଗୋପାଣି, ଚିନ୍ଧିପାଣି ଓ ଜାମପାଣି ଗ୍ରାମରେ ପ୍ରଚାର କରିଥିଲେ। ଗୋଦଫୁଲ୍ଲାରେ ସେ ପାଗରପାଣି, ଜୁନାନୀ, ଗୋଦଫୁଲ୍ଲା ଓ ଭେରା ଗ୍ରାମକୁ ଯାଇ ଲୋକଙ୍କୁ ଭେଟିଥିଲେ।







# ସେନା ଗୁଳିରେ ୪ କୁକି ଆତଙ୍କୀ ନିହତ



**ଇମ୍ଫାଲ, ୪।୧୧/ଏଜେନ୍ସି:** ମଣିପୁରରେ ପୁଣିଥରେ ସେନା ଯବାନ୍ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିବା ଏବଂ ଏଥିରେ ୪ ଆତଙ୍କବାଦୀ ନିହତ ହୋଇଥିବା ସୂଚନା ମିଳିଛି। ରିପୋର୍ଟ ଅନୁସାରେ ଏଠାରେ ଥିବା ଏକ ଗାଁରେ କିଛି ଆତଙ୍କବାଦୀ ଲୁଚି ରହିଥିବା ନେଇ ସେନାକୁ ଗୁପ୍ତ ସୂଚନା ମିଳିଥିଲା। ଏହାକୁ ଆଧାର କରି ସେନାଯବାନ୍‌ଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ୍ କରାଯାଇଥିଲା। ଏହି ସମୟରେ ଲୁଚି ରହିଥିବା ଆତଙ୍କବାଦୀମାନେ ଯବାନ୍‌ଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ଅନ୍ୟପକ୍ଷେ ସେନା ଯବାନ୍ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲେ। ଏଥିରେ ଘଟଣାସ୍ଥଳରେ ହିଁ ୪ ଆତଙ୍କବାଦୀ ଟଳିପଡ଼ିଥିଲେ। ସବୁଠୁ ବଡ଼କଥା ହେଉଛି ମୃତ ୪ ଆତଙ୍କବାଦୀ ୟୁନାଇଟେଡ୍ କୁକି ନ୍ୟାସନାଲ୍ ଆର୍ମି (ୟୁକେଏନ୍‌ଏ)ର ସଦସ୍ୟ ଥିବା ସୂଚନା ମିଳିଛି। ୟୁକେଏନ୍‌ଏର ଆତଙ୍କବାଦୀ କିଛିଦିନ ପୂର୍ବରୁ ଜଣେ ଗ୍ରାମମୁଖ୍ୟଙ୍କୁ ହତ୍ୟା କରିବା ପୂର୍ବକ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିବା ଭଳି ଘଟଣା ଘଟାଇଥିଲେ। ୟୁକେଏନ୍‌ଏର ଏପ୍ରକାର ନାରକୀୟ ଘଟଣା ପରେ ଆସାମ ରାଇଫଲ୍ସ ଓ ଉତ୍ତର-ପୂର୍ବ ସେଣ୍ଟିନେଲ୍ସ ଏହି ଅଭିଯାନ ଆରମ୍ଭ କରିଥିଲେ। ମଣିପୁରର ଚୁରାଚାନ୍ଦପୁର ଜିଲ୍ଲାରୁ ୮୦କିମି ଦୂରରେ ଥିବା ଖାନପି ଗାଁର ଏକ ଘରେ ୧୭ ଜଣ ୟୁକେଏନ୍‌ଏ ଆତଙ୍କବାଦୀ ଆଶ୍ରୟ ନେଇଥିବାର ଖବର ପାଇ ସେନାମାନେ ସେଠାରେ ପହଞ୍ଚିଥିଲେ। ୧୭ଜଣଙ୍କ ମଧ୍ୟରୁ ଜଣେ ଜୀବନ୍ତ ଯବାନ୍‌ଙ୍କ ହାତରେ ଧରାପଡିଥିବା ବେଳେ ୪ଜଣ ପ୍ରାଣ ହରାଇଛନ୍ତି। ଅନ୍ୟମାନେ ଖସିଯିବାରେ ସଫଳ ହୋଇଛନ୍ତି। ପ୍ରକାଶ, ମଣିପୁରରେ କୁକି ସମ୍ପ୍ରଦାୟ ଏବଂ ମୈତେଇ ସମ୍ପ୍ରଦାୟ ମଧ୍ୟରେ ଦୀର୍ଘସମୟ ଧରି ଯୁଦ୍ଧମୂଳକ ପରିସ୍ଥିତି ରହିଆସିଛି। ତେବେ ନିକଟରେ ଏକ ବୁଝାମଣା ଆଧାରରେ ଉଭୟ ଗୋଷ୍ଠୀ ଶାନ୍ତ ରହିଛନ୍ତି।

# ଅନୀଲ ଅମ୍ବାନୀଙ୍କ ୩୦୦୦ କୋଟିର ସମ୍ପତ୍ତି ଜବତ





**ମୁମ୍ବଇ, ୪।୧୧/ଏଜେନ୍ସି:** ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ବିଶିଷ୍ଟ ଶିଳ୍ପପତି ତଥା ରିଲାଏନ୍ସ ଗ୍ରୁପ୍‌ର ମାଲିକ ଅନିଲ ଅମ୍ବାନୀଙ୍କ ବାସଭବନ ଏବଂ ବିଭିନ୍ନ କାର୍ଯ୍ୟାଳୟ ଉପରେ ଚଢଉ କରାଯାଇ ପ୍ରାୟ ୩୦୦୦ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ମୁମ୍ବାଇର ପାଲିହିଲସ୍ଥିତ ଅନିଲଙ୍କ ବାସଭବନ ସମେତ ଦିଲ୍ଲୀ, ନୋଏଡା, ଗାଜିଆବାଦ, ପୁଣେ, ଥାଣେ, ହାଇଦରାବାଦ, ଚେନ୍ନଇ ଏବଂ ଆନ୍ଧ୍ରର ଇଷ୍ଟ ଗୋଦାବରୀ ଜିଲ୍ଲାରେ ଥିବା କାର୍ଯ୍ୟାଳୟ ଉପରେ ଇଡି ଚଢ଼ଉ କରିବାର କିଛି ସମୟ ମଧ୍ୟରେ ଏସବୁକୁ ଜବତ କରିନିଆଯାଇଛି।

ରିଲାଏନ୍ସ ହୋମ ଫାଇନାନ୍ସ ଲିମିଟେଡ ଏବଂ ରିଲାଏନ୍ସ କମର୍ସିଆଲ ଫାଇନାନ୍ସ ଲିମିଟେଡ ଭଳି କମ୍ପାନୀ ତରଫରୁ ବିଭିନ୍ନ ସୂତ୍ରରୁ ଆଦାୟ କରାଯାଇଥିବା ଅର୍ଥକୁ ହେରଫେର କରାଯାଇଛି ବୋଲି ଇଡି ପକ୍ଷରୁ ଅଭିଯୋଗ କରିଛି। ଏହି ଆଧାରରେ କରାଯାଇଥିବା ତଦନ୍ତରୁ ମଧ୍ୟ ଅନେକ ପ୍ରମାଣ ମିଳିଛି ଯାହାକି ଇଡିର ଅଭିଯୋଗକୁ ସତ ସାବ୍ୟସ୍ତ କରିଛି। ୨୦୧୭ରୁ ୨୦୧୯ ମଧ୍ୟରେ ୟେସ୍ ବ୍ୟାଙ୍କ ପକ୍ଷରୁ ରିଲାଏନ୍ସ ହୋମ ଫାଇନାନ୍ସରେ ୨୯୬୫ କୋଟି ଏବଂ ରିଲାଏନ୍ସ କମର୍ସିଆଲ ଫାଇନାନ୍ସରେ ୨୦୪୫ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯାଇଥିଲା। ତେବେ ଏହି ଅର୍ଥକୁ ଉପଯୁକ୍ତ ଭାବେ ବିନିଯୋଗ କରାଯାଇନଥିବା ତଦନ୍ତରୁ ଜଣାପଡିଥିଲା। ଏହି ଘଟଣାରେ ଇଡି ପକ୍ଷରୁ ଅନିଲ ଅମ୍ବାନୀଙ୍କ ବିରୋଧରେ ଅର୍ଥ ହେରଫେର ମାମଲା ଦାଏର କରାଯାଇ ତଦନ୍ତ ଜାରି ରହିଛି।

## ଟିକେଟ ବୁକିଂ କ୍ଷେତ୍ରରେ ନୂଆ ନିୟମ ଆଣିବ ଡିଜିସିଏ

# ୪୮ଘଣ୍ଟା ପରେ ବି ବାତିଲ୍ ହୋଇପାରିବ




**ନୂଆଦିଲ୍ଲୀ, ୪।୧୧/ଏଜେନ୍ସି:** ବିମାନରେ ଯାତ୍ରା କରୁଥିବା ଯାତ୍ରୀଙ୍କ ପାଇଁ ଖୁସି ଖବର। ଟିକେଟ୍ ବୁକିଂ କରିବାର ୪୮ଘଣ୍ଟା ପରେ ବି ଏଣିକି କ୍ୟାନ୍‌ସେଲ୍ ବା ଏହାକୁ ବାତିଲ କରାଯାଇପାରିବ। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏପରି କିଛି ନିୟମ ଆଣିବାକୁ ଯାଉଛି। ରିପୋର୍ଟ ଅନୁସାରେ ଡିଜିସିଏ ବିମାନ ଟିକଟ ବୁକିଂ କରିବା କ୍ଷେତ୍ରରେ ଏଭଳି କିଛି ନୂଆ ନିୟମ ଆଣିବା ଉପରେ ବିଚାର କରୁଛି। ଏଥିପାଇଁ ଡିଜିସିଏ ଏକ ଡ୍ରାଫ୍ଟ ଜାରି କରି ଚଳିତ ମାସ ଶେଷ ସୁଦ୍ଧା ଲୋକଙ୍କ ମତାମତ ଲୋଡିଛି। ଲୋକଙ୍କ ମତାମତ ଆଧାରରେ ହିଁ ପରବର୍ତ୍ତୀ ପ୍ରକ୍ରିୟା ଗ୍ରହଣ କରିବ ଡିଜିସିଏ। ମିଳିଥିବା ସୂଚନାନୁସାରେ ୪୮ ଘଣ୍ଟା ପରେ ବୁକିଂ ହୋଇସାରିଥିବା ଟିକଟକୁ କ୍ୟାନ୍‌ସେଲ୍ କରିବା ପାଇଁ କୌଣସି ଅତିରିକ୍ତ ଶୁଳ୍କ ଦେବାକୁ ପଡିବ ନାହିଁ। ଓଲଟା ଟିକଟ ବାତିଲ କରାଯିବା ଦିନ ଠାରୁ ୨୧ଦିନ କାର୍ଯ୍ୟ ଦିବସ ଭିତରେ ଗ୍ରାହକଙ୍କୁ ସେମାନଙ୍କ ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ କରାଯିବ। ସେହିପରି ବୁକିଂ ଟିକଟ ଉପରେ ସମୟ, ନାମ ଏବଂ ସ୍ଥାନ ପରିବର୍ତ୍ତନ କରିବାର ମଧ୍ୟ ସୁବିଧା ମିଳିବ। ତେବେ ଏହି ନୂଆ ନିୟମ କେବେ ଲାଗୁହେବ ବା କାର୍ଯ୍ୟକାରୀ କରାଯିବ ସେନେଇ ଧାର୍ଯ୍ୟ ତାରିଖ କିଛି ଘୋଷଣା ହୋଇନାହିଁ।

# ହିନ୍ଦୁଜା ଗ୍ରୁପ୍ ଅଧ୍ୟକ୍ଷ ଗୋପିଚାନ୍ଦଙ୍କ ଦେହାନ୍ତ



**ନୂଆଦିଲ୍ଲୀ, ୪।୧୧/ଏଜେନ୍ସି:** ହିନ୍ଦୁଜା ଗ୍ରୁପ୍ ଅଧ୍ୟକ୍ଷ ଗୋପିଚାନ୍ଦ ପି. ହିନ୍ଦୁଜାଙ୍କର ଶନିବାର ପରଲୋକ ଘଟିଛି। ତାଙ୍କୁ ୮୫ ବର୍ଷ ହୋଇଥିଲା। ଲଣ୍ଡନର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୋପିଚାନ୍ଦଙ୍କ ମୃତ୍ୟୁ ଘଟିଥିବା ପରିବାରର ନିକଟତମ ସୂତ୍ରରୁ ସୂଚନା ମିଳିଛି। ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ।

ଗୋପିଚାନ୍ଦ ୧୯୫୦ରେ ମାତ୍ର ୧୦ବର୍ଷ ବୟସରୁ ପାରିବାରିକ ବ୍ୟବସାୟରେ ଯୋଗଦାନ କରିଥିଲେ। ୧୯୫୯ରେ ସେ ମୁମ୍ବାଇର ହିନ୍ଦ କଲେଜରୁ ସ୍ନାତକ ଶିକ୍ଷା ସମାପ୍ତ କରିଥିଲେ। ପାଠପଢ଼ା ସଙ୍ଗେ ସଙ୍ଗେ ସେ ବ୍ୟବସାୟରେ ମନୋନିବେଶ କରିଥିଲେ ଏବଂ ତାହାକୁ ଆଗେଇ ନେଇଥିଲେ। ସେ ୨୦୨୩ ମେ ମାସରେ ହିନ୍ଦୁଜା ଗ୍ରୁପ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ବଡ଼ ଭାଇ ଶ୍ରୀଚାନ୍ଦଙ୍କ ମୃତ୍ୟୁ ପରେ ସେ ଏହି ପଦବୀ ଗ୍ରହଣ କରିଥିଲେ। ଗୋପିଚାନ୍ଦଙ୍କ ସ୍ତ୍ରୀ ସୁନିତା, ପୁଅ ସଞ୍ଜୟ ଏବଂ ଧୀରଜ ଏବଂ ଝିଅ ରିତା ଅଛନ୍ତି।

# ପାକ୍ ସୁପ୍ରିମ୍‌କୋର୍ଟ କ୍ୟାଣ୍ଟିନ୍‌ରେ ବିସ୍ଫୋରଣ



**ଇସଲାମାବାଦ୍, ୪।୧୧/ଏଜେନ୍ସି:** ପାକିସ୍ତାନ ସୁପ୍ରିମକୋର୍ଟ କ୍ୟାଣ୍ଟିନ୍‌ରେ ମଙ୍ଗଳବାର ସକାଳେ ଏକ ଭୟଙ୍କର ବିସ୍ଫୋରଣ ଘଟି ୧୨ଜଣ ଗୁରୁତର ଆହତ ହେବା ଭଳି ଖବର ହସ୍ତଗତ ହୋଇଛି। ତେବେ ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାରୁ କିଛି ଲୋକଙ୍କ ମୃତ୍ୟୁ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ରିପୋର୍ଟ ଅନୁସାରେ କ୍ୟାଣ୍ଟିନରେ ଥିବା ଏକ ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ ଲିକ ହେଉଥିଲା। ତେବେ ଦୁର୍ଭାଗ୍ୟବଶତଃ ଠିକ୍ ଏହି ସମୟରେ ସେଠାରେ ଲାଗିଥିବା ଏକ ଏସିର ମରାମତି କାମ କରାଯାଉଥିଲା। ତେବେ ଗ୍ୟାସରେ ସ୍ୱତଃ ଅଗ୍ନିସଂଯୋଗ ଘଟିବାରୁ ସିଲିଣ୍ଡରଟିରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ପ୍ରଚଣ୍ଡ ଥିଲା ଯେ ତାହା ସୁପ୍ରିମକୋର୍ଟ କୋଠାକୁ ମଧ୍ୟ ଦୋହଲାଇ ଦେଇଥିଲା। କାରଣ କ୍ୟାଣ୍ଟିନଟି ସୁପ୍ରିମକୋର୍ଟ ବେସ୍‌ମେଣ୍ଟରେ ହିଁ ଚାଲୁଥିଲା। ବିସ୍ଫୋରଣ ଯୋଗୁ ଏସି ମରାମତି କରୁଥିବା ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଶରୀର ପ୍ରାୟ ୮୦% ପୋଡ଼ିଯାଇଛି। ଏସି ମେକାନିକ୍‌ଙ୍କ ସମେତ ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସିଲିଣ୍ଡର ବିସ୍ଫୋରଣ ହେବା ପରେ ସମସ୍ତେ ଏହାକୁ ବୋମା ବିସ୍ଫୋରଣ ବୋଲି ଭାବି ଭୟଭୀତ ହୋଇପଡ଼ିଥିଲେ। ମାତ୍ର ପରେ ତାହା ସିଲିଣ୍ଡର ବିସ୍ଫୋରଣ ବୋଲି ଜଣାପଡ଼ିଥିଲା।

## ଛାତ୍ର ଭିସା ନୀତିକୁ କଠୋର କଲା କାନାଡା

# ୭୪% ଭାରତୀୟଙ୍କ ଆବେଦନ ଅଗ୍ରାହ୍ୟ




**ଓଟାୱା, ନୂଆଦିଲ୍ଲୀ, ୪।୧୧/ଏଜେନ୍ସି:** ଆମେରିକା ଭଳି କାନାଡା ମଧ୍ୟ ଏବେ ନିଜ ଭିସା ନୀତିକୁ ଅଧିକ କଠୋର କରିଛି। ରିପୋର୍ଟ ଅନୁସାରେ କାନାଡା ସରକାର ସମ୍ପ୍ରତି ନିଜ ଅନ୍ତର୍ଜାତୀୟ ଛାତ୍ର ଭିସା ଉପରେ ଅନେକ କଟକଣା ଲାଗୁ କରିଛନ୍ତି। କେବଳ ସେତିକି ନୁହେଁ, କାନାଡାର ଏହି ନୂଆ ଭିସା ନୀତି ଅନ୍ତର୍ଗତ ପ୍ରାୟ ୭୪% ଭାରତୀୟ ଛାତ୍ରଛାତ୍ରୀଙ୍କ ଭିସା ଆବେଦନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଦିଆଯାଇଛି। ଅର୍ଥାତ୍ ପ୍ରତି ୪ ଭାରତୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ଜଣଙ୍କ ଆବେଦନକୁ ଅଗ୍ରାହ୍ୟ କରାଯାଇଛି। କାନାଡା ସରକାର ଦର୍ଶାଇଛନ୍ତି ଯେ ଅନ୍ୟଦେଶଗୁଡ଼ିକ ତୁଳନାରେ ଭାରତୀୟ ଛାତ୍ରଛାତ୍ରୀମାନେ ଅଧିକ ସଂଖ୍ୟାରେ ଛାତ୍ର ଭିସା ପାଇଁ ଆବେଦନ କରୁଛନ୍ତି। ତେବେ ସରକାର ଏବେ ନିଜ ଛାତ୍ର ଭିସା ନୀତିରେ କେତେକ ପରିବର୍ତ୍ତନ ଆଣିଛନ୍ତି ଏବଂ ଏହା ଅନ୍ତର୍ଗତ ହିଁ ଭିସା ଜାରି କରାଯିବ। ତେବେ ବର୍ତ୍ତମାନ ସୁଦ୍ଧା ଏହି ନୂଆ ନିୟମ ଅନୁଯାୟୀ ପ୍ରାୟ ୭୪% ଭାରତୀୟ ଛାତ୍ରଛାତ୍ରୀଙ୍କ ଆବେଦନକୁ ଅଗ୍ରାହ୍ୟ କରାଯାଇଛି। ସେହିପରି କେବଳ ଚୀନ୍‌କୁ ବାଦ୍ ଦେଲେ ବାକି ଅନ୍ୟ ଦେଶର ପ୍ରାୟ ୪୦% ଛାତ୍ରଛାତ୍ରୀମାନଙ୍କ ଭିସା ଆବେଦନ ଖାରଜ କରାଯାଇଛି। କିନ୍ତୁ ଚୀନ୍ ଛାତ୍ରଛାତ୍ରୀଙ୍କ ପକ୍ଷରୁ କରାଯାଇଥିବା ମୋଟ୍ ଆବେଦନ ମଧ୍ୟରୁ ମାତ୍ର ୨୪% ଆବେଦନଗୁଡ଼ିକ ଖାରଜ ହୋଇଛି। ଏଥିରୁ କାନାଡା ସରକାରଙ୍କ ଭାରତ ଏବଂ ଭାରତୀୟ ଛାତ୍ରଛାତ୍ରୀଙ୍କ ପ୍ରତି କଠୋର ମନୋଭାବକୁ ସ୍ପଷ୍ଟ କରୁଛି।

୨୦୨୫ ଅଗଷ୍ଟରେ ୪୫୧୫ ଭାରତୀୟ ଛାତ୍ର ଭିସା ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ କେବଳ ୧୧୯୬ ଆବେଦନକୁ ମଞ୍ଜୁର କରିଥିଲା କାନାଡ଼ା। ଯେତେବେଳେ କି ୨୦୨୩ ଅଗଷ୍ଟରେ ଅନ୍ୟଦେଶ ତୁଳନାରେ ଏକ ଚତୁର୍ଥାଂଶରୁ ଅଧିକ ଭାରତୀୟ ଛାତ୍ରମାନେ ଭିସା ପାଇଁ ଆବେଦନ କରିଥିଲେ। ଅଗଷ୍ଟ ୨୦୨୩ରେ ୨୦,୯୦୦ ଭାରତୀୟ ଛାତ୍ର କାନାଡ଼ା ଭିସା ପାଇଁ ଆବେଦନ କରିଥିଲେ। ଯାହା ଅଗଷ୍ଟ ୨୦୨୫ରେ ଦାଖଲ ହୋଇଥିବା ତୁଳନାରେ ଏକ ବିରାଟ ପାର୍ଥକ୍ୟ ଅଟେ। ଭାରତୀୟ ଛାତ୍ରମାନେ ସମସ୍ତ ଆନ୍ତର୍ଜାତୀୟ ଆବେଦନକାରୀଙ୍କ ମଧ୍ୟରୁ ଏକ ଚତୁର୍ଥାଂଶରୁ ଅଧିକ ଥିଲେ। ଏହାର ଅର୍ଥ ପୂର୍ବାପେକ୍ଷା କାନାଡା ଯିବା ପାଇଁ ଭାରତୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଗ୍ରହ ପୂର୍ବାପେକ୍ଷା ଧୀରେଧୀରେ ହ୍ରାସ ପାଉଛି। କାନାଡା ସରକାରଙ୍କ ଭାରତ ପ୍ରତି ମନୋଭାବରେ ପରିବର୍ତ୍ତନ ଏହାର ମୁଖ୍ୟ କାରଣ। ସୂଚନାଯୋଗ୍ୟ, କାନାଡା ସରକାରଙ୍କ ତଥ୍ୟ ଅନୁଯାୟୀ, ଅଗଷ୍ଟ ୨୦୨୫ରେ ଭାରତରୁ କରାଯାଇଥିବା ୭୪% ଷ୍ଟଡି ପରମିଟ୍ ଆବେଦନ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଯାହା ଗତ ବର୍ଷ ସମାନ ମାସରେ ୩୨% ଥିଲା। ଏହା ଚଳିତ ବର୍ଷ ଭିସା ପ୍ରତ୍ୟାଖାନ ଠାରୁ ଦୁଇଗୁଣା ଅଧିକ। ତେବେ ଏପ୍ରକାର ଛାତ୍ର ଭିସା ନୀତିକୁ ଅଧିକ କଡାକଡି କରିବା ପଛରେ ଦେଶରେ ଅପରାଧିକ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବା, ଠକେଇ ଏବଂ ଅସ୍ଥାୟୀ ପ୍ରବାସଜନିତ ଘଟଣାକୁ ନିୟନ୍ତ୍ରଣ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କାନାଡା ସରକାର ଦର୍ଶାଇଛନ୍ତି।

## ବିହାର ବିଧାନସଭା ନିର୍ବାଚନ: ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରଚାର ଶେଷ

# ପ୍ରତି ମହିଳାଙ୍କୁ ମିଳିବ ୩୦,୦୦୦: ତେଜସ୍ୱୀ



**ପାଟନା, ୪।୧୧/ଏଜେନ୍ସି:** ବିହାର ବିଧାନସଭା ନିର୍ବାଚନ ୨୦୨୫ ସମୟ ଯେତେଯେତେ ପାଖେଇ ଆସୁଛି, ରାଜନୈତିକ ଦଳଙ୍କ ପ୍ରଚାର ପର୍ବ ମଧ୍ୟ ସେତେସେତେ ଜୋରଦାର ହେଉଥିବାର ଦେଖିବାକୁ ମିଳୁଛି। ନିକଟରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ନିର୍ବାଚନୀ ଇସ୍ତାହାର ଜାରି କରାଯାଇ ଅନେକ ପ୍ରତିଶ୍ରୁତି ଦିଆଯାଇସାରିଛି। ତଥାପି ମଙ୍ଗଳବାର ଆର୍‌ଜେଡି ପ୍ରାର୍ଥୀ ତଥା ଇଣ୍ଡିଆ ମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ଭାବେ ବିଧାନସଭା ନିର୍ବାଚନକୁ ଓହ୍ଲାଇଥିବା ତେଜସ୍ୱୀ ଯାଦବ ରାଜ୍ୟର ମହିଳା ଭୋଟରଙ୍କ ଉଦ୍ଦେଶ୍ୟରେ ଏକ ବଡ଼ ଘୋଷଣା କରିଛନ୍ତି। ରିପୋର୍ଟ ଅନୁସାରେ ଆଜି ଦିନରେ ତେଜସ୍ୱୀ ଘୋଷଣା କରିଛନ୍ତି ଯେ, ଇଣ୍ଡିଆ ମେଣ୍ଟ ସରକାର ଗଠନ କଲେ ଜାନୁଆରୀ ୧୪ ସୁଦ୍ଧା ରାଜ୍ୟର ପ୍ରତି ମହିଳାଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ଏକକାଳୀନ ୩୦,୦୦୦ ଟଙ୍କା ଜମା କରିବେ ଏବଂ ଜୀବିକା ଦିଦିମାନଙ୍କୁ ସ୍ଥାୟୀ କରିବା ସହ ମାସିକ ୨ହଜାରରୁ ୨.୫ହଜାର ଲେଖାଏ ଦରମା ଦିଆଯିବ। ଏଥିପାଇଁ ତାଙ୍କ ସରକାର 'ମାଇ ବେହନ୍ ମାନ୍' ନାମରେ ଏକ ଯୋଜନା ମଧ୍ୟ କାର୍ଯ୍ୟକାରୀ କରିବେ ବୋଲି କହିଛନ୍ତି। ପାଟନା ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ତେଜସ୍ୱୀ ଯାଦବ ଏହି ଘୋଷଣା କରିଛନ୍ତି। ତେବେ ଏହି ପଦକ୍ଷେପ ମହିଳାମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହେବ ବୋଲି ତେଜସ୍ୱୀ କହିଛନ୍ତି। ବିହାର ବିଧାନସଭା ପାଇଁ ପ୍ରଥମ ପର୍ଯ୍ୟାୟ ଭୋଟ୍ ନଭେମ୍ବର ୬ତାରିଖରେ ହେବାକୁ ଯାଉଛି। ପ୍ରଥମ ପର୍ଯ୍ୟାୟରେ ୧୮ ଜିଲ୍ଲାର ୧୨୧ଟି ଆସନରେ ଭୋଟ୍ ଗ୍ରହଣ କରାଯିବ। ଏଥିପାଇଁ ଆଜି ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଏହା ପୂର୍ବରୁ ମହାଗଠବନ୍ଧନର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ଏପ୍ରକାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି।

# ଦୀପାବଳିକୁ ୧୩ ଦିନ ବିତିଲା, ସ୍ଥିତିରେ ସୁଧାର ନୋହିଲା

**ନୂଆଦିଲ୍ଲୀ, ୪।୧୧/ଏଜେନ୍ସି:** ଦୀପାବଳିର ୧୩ ଦିନ ପରେ ମଧ୍ୟ ଦିଲ୍ଲୀରେ ପ୍ରଦୂଷଣଜନିତ ସ୍ତର ୨୨୯ ଏକ୍ୟୁଆଇ ରହିଛି। ମଙ୍ଗଳବାର ସକାଳ ୯.୩୦ ମିନିଟ୍ ସମୟରେ ପ୍ରଦୂଷଣ ସ୍ତର ୨୨୯ ଏକ୍ୟୁଆଇ ରହିଥିବା ରେକର୍ଡ କରାଯାଇଛି। ଅନ୍ୟପକ୍ଷେ ବାୟୁ ପ୍ରଦୂଷଣ ସହ କୁହୁଡି ଦିଲ୍ଲୀବାସୀଙ୍କ ଜୀବନକୁ ଆହୁରି ବିପର୍ଯ୍ୟସ୍ତ କରିଦେଇଛି। ତେବେ ଏସବୁ ମଧ୍ୟରେ ଆଉ ଏକ ଅଧ୍ୟୟନ ରିପୋର୍ଟ ସାମ୍ନାକୁ ଆସିଛି ଯାହାକି ଦିଲ୍ଲୀବାସୀଙ୍କୁ ଅଧିକ ଭୟଭୀତ କରିଦେଇଛି। ରିପୋର୍ଟ ଅନୁସାରେ ୨୦୨୩ରେ ଦିଲ୍ଲୀରେ ପ୍ରତି ୭ଜଣଙ୍କ ମଧ୍ୟରୁ ଜଣେ ବାୟୁ ପ୍ରଦୂଷଣଜନିତ ଜଡିତ ମାମଲାରେ ମୃତ୍ୟୁବରଣ କରିଛନ୍ତି। ୨୦୨୩ରେ ଦିଲ୍ଲୀରେ ହୋଇଥିବା ସମସ୍ତ ମୃତ୍ୟୁର ପ୍ରାୟ ୧୫% ପାଇଁ ବାୟୁ ପ୍ରଦୂଷଣ ଦାୟୀ ଥିଲା। ସର୍ବଶେଷ ଗ୍ଲୋବାଲ୍ ବର୍ଡେନ ଅଫ୍ ଡିଜିଜ୍ (ଜିବିଡି) ତଥ୍ୟର ବିଶ୍ଳେଷଣରୁ ଜଣାପଡିଛି।

# ଏସ୍‌ଆଇଆର୍‌କୁ ବିରୋଧ: ରାସ୍ତାକୁ ଓହ୍ଲାଇଲେ ମମତା



**କୋଲକାତା, ୪।୧୧/ଏଜେନ୍ସି:** ଏସ୍‌ଆଇଆର୍ (ସ୍ୱତନ୍ତ୍ର ସଘନ ସଂଶୋଧନ ବା ଭୋଟର ତାଲିକା ଯାଞ୍ଚ)କୁ ବିରୋଧ କରିବା ପରିପ୍ରେକ୍ଷୀରେ ପଶ୍ଚିମବଙ୍ଗରେ ଏକ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନେତୃତ୍ୱରେ ଏହି ପ୍ରତିବାଦ ଶୋଭାଯାତ୍ରା ଆୟୋଜନ କରାଯାଇଛି। ୩.୮ କିଲୋମିଟର ଲମ୍ବା ପଦଯାତ୍ରାରେ ମମତାଙ୍କ ସହ ଦଳର ମହାସଚିବ ଅଭିଷେକ ବାନାର୍ଜୀ ଏବଂ ବହୁସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ମମତା କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରି କହିଛନ୍ତି, 'ଯେପରି ପ୍ରତ୍ୟେକ ଉର୍ଦ୍ଦୁ ଭାଷାଭାଷୀ ପାକିସ୍ତାନୀ ନୁହଁନ୍ତି, ସେହିପରି ପ୍ରତ୍ୟେକ ବଙ୍ଗାଳୀ କହୁଥିବା ବ୍ୟକ୍ତି ବାଂଲାଦେଶୀ ନୁହଁନ୍ତି'। ମମତାଙ୍କ କହିବାନୁସାରେ ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ଚୁପ୍‌ଚାପ୍ ଭୋଟର ତାଲିକାକୁ ହେରଫେର କରିବା ଅର୍ଥାତ୍ ଭୋଟ୍ ଚୋରି କରିବା ପାଇଁ ଏସ୍‌ଆଇଆର୍ ପ୍ରକ୍ରିୟାକୁ ଏବେ ଏକ ରାଜନୈତିକ ଅସ୍ତ୍ର ଭାବରେ ବ୍ୟବହାର କରାଯାଉଛି। କିନ୍ତୁ ଏପରି ହେବାକୁ ଦିଆଯିବନାହିଁ। ବିଧାନସଭା ନିର୍ବାଚନ ପୂର୍ବରୁ ଏଠାରେ ଏସ୍‌ଆଇଆର୍ ଲାଗୁ କରାଯିବା ଉଚିତ୍ ନୁହେଁ। କିନ୍ତୁ ନିର୍ବାଚନ ଆୟୋଗ ଏବେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ପରିଚାଳିତ ହେଉଥିବାରୁ ଏପରି କରିବାକୁ ଯୋଜନା କରୁଛନ୍ତି।

ଅନ୍ୟପକ୍ଷେ ପଶ୍ଚିମବଙ୍ଗ ବିଧାନସଭାରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ମମତାଙ୍କ ପଦଯାତ୍ରାକୁ ଜମାତ ରାଲି ଭାବରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, 'ଏହା ଭାରତୀୟ ସମ୍ବିଧାନର ନୈତିକତା ବିରୁଦ୍ଧରେ। ଏହି ସମୟରେ, ପଶ୍ଚିମବଙ୍ଗ ବିଜେପି ସଭାପତି ସୌମିକ ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ଯଦି ମମତା ବାନାର୍ଜୀଙ୍କର କିଛି କହିବାର ଅଛି, ତେବେ ତାଙ୍କୁ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବା ଉଚିତ୍। ପ୍ରକାଶ, ଆଜିଠାରୁ ପଶ୍ଚିମବଙ୍ଗ ସମେତ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏସ୍‌ଆଇଆର୍ ପ୍ରକ୍ରିୟା ଆରମ୍ଭ କରିଛନ୍ତି ନିର୍ବାଚନ ଆୟୋଗ। ଏହି ୧୨ ରାଜ୍ୟ ମଧ୍ୟରେ କିଛି ରାଜ୍ୟ ଏପରି ଅଛନ୍ତି ଯେଉଁଠି ୨୦୨୬ରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିରେ ତାମିଲନାଡୁ ମଧ୍ୟ ସାମିଲ ଅଛି। ତେବେ ଦୁଇ ଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ଡିଏମ୍‌କେ ସମେତ ପ୍ରାୟ ୪୮ ରାଜନୈତିକ ଦଳ ବିଧାନସଭା ନିର୍ବାଚନ ପୂର୍ବରୁ ତାମିଲନାଡୁରେ ଏସ୍‌ଆଇଆର୍ ପ୍ରକ୍ରିୟା ଲାଗୁ କରାଇଦିଆଯିବନାହିଁ ବୋଲି ଏକ ସଂକଳ୍ପନାମା ଜାରି କରିଛନ୍ତି।

## ଭାରତର ଅଗ୍ରଗତିକୁ ସ୍ୱୀକାର କରୁଛି ବିଶ୍ୱ

# 'ଭାରତ ହିଁ ଭବିଷ୍ୟତ, ଆମେ ଅଂଶୀଦାର ମାତ୍ର': ଇସ୍ରାଏଲ୍



**ନୂଆଦିଲ୍ଲୀ, ୪।୧୧/ଏଜେନ୍ସି:** ଇସ୍ରାଏଲ ବିଦେଶ ମନ୍ତ୍ରୀ ଗିଦିଓନ ସାଆ'ର୍ ଭାରତକୁ ଆଗାମୀ ଶତାବ୍ଦୀର ଭବିଷ୍ୟତ ବୋଲି ଅଭିହିତ କରିଛନ୍ତି। ଭାରତର ଅଭ୍ୟୁଦୟକୁ ସେ ସମର୍ଥନ କରି କହିଛନ୍ତି ଯେ, ଭାରତ ଏବେ ବିଶ୍ୱସ୍ତରରେ ଏକ ନୂଆ ମହାଶକ୍ତି ଭାବେ ଉଭା ହେଉଛି। ଇସ୍ରାଏଲ୍ ଭାରତ ସହ ଏବେ ରଣନୈତିକ ଏବଂ ସୁରକ୍ଷା ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ ଗୁରୁତ୍ୱାରୋପ କରୁଛି। ଭାରତ-ଇସ୍ରାଏଲ୍ ମଧ୍ୟରେ ସମ୍ପର୍କ ବହୁପୂର୍ବରୁ ହିଁ ରହିଆସିଛି। ଭାରତ ଏବଂ ଇସ୍ରାଏଲ୍ ପରସ୍ପର ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ରହିଆସିଛନ୍ତି। ତେବେ ଏହି ସମ୍ପର୍କକୁ ଆହୁରି ବ୍ୟାପକ କରାଯିବା ଦିଗରେ ପ୍ରୟାସ ଜାରି ରହିଛି। ଭାରତର ବନ୍ଧୁତା ପାଇଁ ଇସ୍ରାଏଲ୍ କୃତଜ୍ଞ ବୋଲି ମଧ୍ୟ ଗିଦିଓନ୍ କହିଛନ୍ତି। ଏକ ଜାତୀୟ ଗଣମାଧ୍ୟମ ଚ୍ୟାନେଲ୍‌କୁ ସାକ୍ଷାତକାର ଦେବା ଅବସରରେ ଗିଦିଓନ୍ ସାଆ'ର ଏପରି କହିଛନ୍ତି। ତାଙ୍କ କହିବାନୁସାରେ ଆମେ ନିରନ୍ତର ଉନ୍ନତି କରୁଛୁ। ଦୁଇ ରାଷ୍ଟ୍ର ପ୍ରତିରକ୍ଷା ସହଯୋଗ ଏବଂ ନବସୃଜନ ସହ ଆତଙ୍କବାଦ ବିରୋଧୀ ଆଭିମୁଖ୍ୟ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ଆଦି ପ୍ରସଙ୍ଗରେ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ପ୍ରସ୍ତୁତ ହେଉଥିବା ଉପରେ ମଧ୍ୟ ସେ ସୂଚନା ଦେଇଛନ୍ତି।

ନୂଆଦିଲ୍ଲୀ ଗସ୍ତରେ ଆସିଥିବା ଇସ୍ରାଏଲ୍ ବିଦେଶ ମନ୍ତ୍ରୀ ଗିଦିଓନ୍ ସାଆ'ର, କେନ୍ଦ୍ର ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାର ଯାହା ଏକ ଅସ୍ଥିର ମଧ୍ୟପ୍ରାଚ୍ୟ ମଧ୍ୟରେ ଭାରତ-ଇସ୍ରାଏଲ ସହଭାଗୀତାର ବୃଦ୍ଧିର ଗୁରୁତ୍ୱକୁ ଉଲ୍ଲେଖ କରିଛି। ସାକ୍ଷାତକାର ପରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସାଆ'ର କହିଛନ୍ତି ଯେ, ଉଭୟ ଦେଶ ପ୍ରତିରକ୍ଷା, କୃଷି ଏବଂ ଅର୍ଥନୀତି ଉପରେ ଆଗକୁ ବଢୁଛୁ, କିନ୍ତୁ ଏହାକୁ ଆହୁରି ମଜବୁତ କରିବା ପାଇଁ ଆମର ସର୍ବଦା ଆଗ୍ରହ ଅଛି। ଏହି ପରିପ୍ରେକ୍ଷୀରେ ସେ ୭ ଅକ୍ଟୋବର, ୨୦୨୩ରେ ହମାସ୍ ଗୋଷ୍ଠୀ ପକ୍ଷରୁ ଇସ୍ରାଏଲ୍ ଉପରେ ହୋଇଥିବା ଆକ୍ରମଣକୁ ଭାରତ ନିନ୍ଦା କରିବା ପ୍ରସଙ୍ଗରେ ମଧ୍ୟ କହିଛନ୍ତି। ସାଆ'ରଙ୍କ କହିବାନୁସାରେ ଭାରତର ସମର୍ଥନ ପାଇଁ ଇସ୍ରାଏଲ୍ ସଦାସର୍ବଦା କୃତଜ୍ଞ ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏଭଳି ଏକ ସଂକଟ ସମୟରେ ନିଜ ବନ୍ଧୁ ତଥା ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କୁ ଫୋନ୍ କରିଥିବା ପ୍ରଥମ ବିଶ୍ୱ ନେତା ଥିଲେ ଏବଂ ସମର୍ଥନ ଜଣାଇଥିଲେ। ଏହାକୁ ଇସ୍ରାଏଲ୍ କଦାପି ଭୁଲିପାରିବ ନାହିଁ। ଭାରତ ସବୁ ପରିସ୍ଥିତିରେ ଇସ୍ରାଏଲ୍ ଏବଂ ଇସ୍ରାଏଲବାସୀଙ୍କ ସହ ଛିଡା ହୋଇଆସିଛି।

'ଭାରତ ହେଉଛି ଭବିଷ୍ୟତ, ଇସ୍ରାଏଲ ହେଉଛି ଏକ ଅଂଶୀଦାର'। ସେ ପ୍ରକାଶ କରିଛନ୍ତି ଯେ ପ୍ରତିରକ୍ଷା ଏବଂ ଗୁପ୍ତଚର ଅଂଶୀଦାର ପାଇଁ ନୂତନ ଢାଞ୍ଚା ଉନ୍ନତ କରାଯାଉଛି, ଯାହା ଏହିଦେଶଗୁଡ଼ିକ ମଧ୍ୟରେ 'ଏକ ପ୍ରକୃତ ରଣନୈତିକ ସହଭାଗୀତା'।

ସାଆ'ର କହିଛନ୍ତି, ଇସ୍ରାଏଲ ଆସନ୍ତା ବର୍ଷ ଭାରତରେ ହେବାକୁ ଥିବା କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀରେ ଏକ ବରିଷ୍ଠ ସ୍ତରରେ ଅଂଶଗ୍ରହଣ କରିବ, ଯାହା ଦୁଇ ଗଣତନ୍ତ୍ର ମଧ୍ୟରେ ସହଯୋଗର ପରବର୍ତ୍ତୀ ସୀମାକୁ ସଙ୍କେତ ଦେବ। ସେହିପରି ସେ ଇସ୍ରାଏଲର ବିକାଶ କ୍ଷେତ୍ରରେ ଯୋଗଦାନ ଦେଉଥିବା ଭାରତୀୟ ଶ୍ରମିକଙ୍କ ପର୍ଯ୍ୟଟନ, ବାଣିଜ୍ୟ ଏବଂ ଗତିଶୀଳତାକୁ ବୃଦ୍ଧି କରିବା ପାଇଁ ଭାରତ ଏବଂ ଇସ୍ରାଏଲ ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ନବୀକରଣ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ହାଇଫା ବନ୍ଦରରେ ଆଦାନୀ ଗ୍ରୁପର ସଂଖ୍ୟାଗରିଷ୍ଠ ଅଂଶଧନ ଉପରେ, ସାର ଏହାକୁ 'ବିଶ୍ୱାସର ପ୍ରତୀକ' ବୋଲି କହିଛନ୍ତି। ଅନ୍ୟପକ୍ଷେ ବାଣିଜ୍ୟ, ସଂଯୋଗୀକରଣ, ଏବଂ ଆର୍ଥିକ ଏବଂ ସଂଯୋଗୀକରଣ ପ୍ରକଳ୍ପ ବିଷୟରେ ଆଲୋଚନା କରି, ସାଆ'ର ଉଲ୍ଲେଖ କରିଛନ୍ତି ଯେ ଇସ୍ରାଏଲ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ କରିଡର (ଆଇଏମ୍‌ଇସି) ଭଳି ପଦକ୍ଷେପଗୁଡ଼ିକୁ ପୁନର୍ଜୀବିତ କରିବାକୁ ପ୍ରସ୍ତୁତ, ଯାହା ପ୍ରଥମେ ନୂଆଦିଲ୍ଲୀରେ ୨୦୨୩ ଜି ୨୦ ଶିଖର ସମ୍ମିଳନୀ ସମୟରେ ଘୋଷଣା କରାଯାଇଥିଲା। ତେବେ ଯୁଦ୍ଧ ଯୋଗୁଁ, ଏଥିରେ ସାମୟିକ ଭାବେ ଏକ ବିରାମ ଲାଗିଥିଲା, କିନ୍ତୁ ଏବେ ଆମେ ପୁଣି ଆଗକୁ ବଢ଼ିବାକୁ ପ୍ରସ୍ତୁତ। ସେହିପରି ସେ ଗାଜା ଶାନ୍ତି ପ୍ରକ୍ରିୟା ଉପରେ ମଧ୍ୟ ମତ ରଖିଥିଲେ।

## ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର




**ଫୁଲବାଣୀ,୪।୧୧/ଏନ୍ଏନ୍ଏସ୍:** ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ମିଙ୍ଗୁନପଦର ଅଙ୍ଗନବାଡି କେନ୍ଦ୍ରରେ ଦୁର୍ଗମ ଓ ଅପହଞ୍ଚ ଦୂରରେ ଥିବା ସାଉଲପଡ଼ା, ସୁମେରୁବନ୍ଧ, କିଲେରପାଙ୍ଗା, ଗଜୁଲପାଙ୍ଗା ଓ ମିଙ୍ଗୁନପଦର ର ବିପଦ ସଂକୁଳ ଗର୍ଭବତୀ ମା' ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ନୂଆପଦର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଛି ସ୍ୱେଚ୍ଛାସେବୀ ସଂଗଠନ ବାଲ ରକ୍ଷା ଭାରତ। ଏହି ସ୍ୱାସ୍ଥ୍ୟ ଶିବିରରେ ୯୩ ରୁ ଊର୍ଦ୍ଧ୍ୱ ବିପଦ ସଂକୁଳ ଓ ଅନ୍ୟାନ୍ୟ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଚିକିତ୍ସା କରାଯିବା ସହ ଔଷଧ ଦିଆଯାଇଥିଲା। ନୂଆପଦର ଜନ ସ୍ୱାସ୍ଥ୍ୟ ଅଧିକାରୀଣି ଡ଼ଃ ବନ୍ଦନା ବିଷ୍ଣାଣି, ସାଡୀଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜ୍ୟୋତ୍ସ୍ନା ପ୍ରିୟା ମୁଦୁଲି, ବହୁମୁଖୀ ମହିଳା ସ୍ୱାସ୍ଥ୍ୟ କର୍ମୀ ଭାଗ୍ୟମ ରାଓ, ସମସ୍ତଙ୍କ ଚିକିତ୍ସା କରିଥିବା ବେଳେ ଉପସ୍ଥିତ ଅନ୍ୟ ସ୍ୱାସ୍ଥ୍ୟକର୍ମୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲ ରକ୍ଷା ଭାରତର କର୍ମୀ ସଞ୍ଜୟ କୁମାର ରାଉତ, ହୋସନା ଅକ୍ଷତାରୀ, ଦିପ୍ତିମୟୀ ପତି ଓ ଭୂପତି ବେହେରା ଓ ଅଙ୍ଗନବାଡି ଦିଦି ଓ ଆଶା ଦିଦି ସହଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ମାଧ୍ୟମରେ ସ୍ୱାସ୍ଥ୍ୟ ପରୀକ୍ଷାକୁ ଦୁର୍ଗମ ଓ ଅପହଞ୍ଚ ଦୂରରେ ଥିବା ଗର୍ଭବତୀ ମା'ମାନଙ୍କ ସ୍ୱାସ୍ଥ୍ୟ ଚିକିତ୍ସା କରାଯାଇଥିବାରୁ ନୂଆପାଦର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଏହି ଅଭିନବ ପଦକ୍ଷେପକୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସା କରାଯାଇଛି।

## ଫୁଲବାଣୀ ରୋଟାରୀ କ୍ଲବ୍ ପୁରସ୍କୃତ

**ଫୁଲବାଣୀ,୪।୧୧/ଏନ୍ଏନ୍ଏସ୍:** ୨୦୨୪-୨୫ ବର୍ଷରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଫୁଲବାଣୀ ରୋଟାରୀ କ୍ଲବ ପୁରସ୍କୃତ ହୋଇଛି । ଭୁବେନେଶ୍ୱର ରେଳ ବାଇ ସମ୍ମିଳନୀ କକ୍ଷ ଠାରେଆୟୋଜିତ ରାଜ୍ୟ ସ୍ତରୀୟ ଅର୍ଜୁନ ଆୱାର୍ଡ଼




ସମାରୋହରେ ୨୦୨୪-୨୫ର ଆର୍ ଆଇ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଯଜ୍ଞାଶିସ ମହାପାତ୍ର ଓ ଇତୁଲ ମହାପାତ୍ର ଏହି ପୁରସ୍କାର ପ୍ରଦାନ କରିଛନ୍ତି । ସେହିପରି ଫାଇଭ ଷ୍ଟାର କ୍ଲବ୍ ଭାବେ ଫୁଲବାଣୀ ରୋଟାରୀ କ୍ଲବ ପୁରସ୍କୃତ ହୋଇଛି । ସେହି ବର୍ଷ ଫୁଲବାଣୀ ରୋଟାରୀ କ୍ଲବ ସଭାପତି ତଥା ବରିଷ୍ଠ ସମାଜସେବୀ ବିପ୍ର ଚରଣ ପାତ୍ର ଓ ସଂପାଦକ ତଥା ଆଇନଜୀବି ବିଜୟ କୃଷ୍ଣ ପଟନାୟକ ଏହି ପୁରସ୍କାର ଗ୍ରହଣ କରିଥିଲେ । ସେହିପରି ଦୀର୍ଘ ବର୍ଷ ଧରି ରୋଟାରୀ ରେ ରହି କାର୍ଯ୍ୟ କରିଆସିଥିବା ରୁ ବ୍ୟକ୍ତିଗତ ସ୍ତରରେ ବିପ୍ର ଚରଣ ପାତ୍ର, ରବୀ ସୁବୁଦ୍ଧି, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ପ୍ରକାଶ ପଣ୍ଡା, ବିଜୟ ପଟ୍ଟନାୟକ, କୁନ୍ଦନ ସିଂହ, ପ୍ରମୁଖ ଙ୍କୁ ମଧ୍ୟ ମାନ ପାତ୍ର ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ ସୁନୀଲ ପଟ୍ଟନାୟକ, ବିରଜା ନାହାକ, ସର୍ବେଶ୍ୱର ମିଶ୍ର, ସିମାଞ୍ଚଳ ବେହେରା, ରାଜେଶ ପାତ୍ର, ଉର୍ମିଳା ପଣ୍ଡା, ଶରତ କୁମାର ସୁବୁଦ୍ଧି ଉପସ୍ଥିତ ଥିଲେ ।

## ତ୍ରିବିଦ୍ଧେଶ୍ୱର ଶୈବପୀଠରେ ଅଷ୍ଟପ୍ରହର ନାମଯଜ୍ଞ



**ଆସିକା,୪।୧୧/ଏନ୍ଏନ୍ଏସ୍:** ପବିତ୍ର କାର୍ତ୍ତିକ ମାସ ଅବସରରେ ଆସିକା ଅଞ୍ଚଳରେ ହରେକୃଷ୍ଣ, ହରେରାମ ନାମରେ ମୁଖରିତ ହୋଇଥିଲା। ପୂର୍ବବର୍ଷଭଳି ଚଳିତ ବର୍ଷ ମଧ୍ୟ ଆସିକା ଏନଏସି ଅଧିନସ୍ଥ ବଜାର ସାହି ସ୍ଥିତ ପୁଣ୍ୟୋତୋୟା ଋଷିକୁଲ୍ୟା ନଦୀ ତଟରେ ବିଜେ ଶ୍ରୀ ତ୍ରିବିଦ୍ଧେଶ୍ୱର ମହାଦେବଙ୍କ ପୀଠରେ ପବିତ୍ର କାର୍ତ୍ତିକ ମାସ ଅବସରରେ ଅଷ୍ଟ ପ୍ରହର ନାମଯଜ୍ଞ ମଙ୍ଗଳବାର ଠାରୁ ଏକ ଅଧ୍ୟାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି। ନାମପ୍ରେମୀ ପରିଚାଳନା ମଣ୍ଡଳୀ ଭକ୍ତବୃନ୍ଦଙ୍କ ପକ୍ଷରୁ ଜିତେନ୍ଦ୍ର କୁମାର ମହାରଣା, କାହ୍ନୁ ଆଚାରୀ, କେ.ରବିନ୍ କୁମାର ପାତ୍ର, ଦେବାଶିଷ ପଣ୍ଡା, ସାଗର ମହାପାତ୍ର, ପି.ଶୁଭମ୍ ପାତ୍ର, ଅଭିମନ୍ୟୁ ମହାରଣା, ବାବୁଲା ଆଚାରୀ, କାଳିଆ ମୁନୀ, ମୁନା ମୁନୀ, କାମେଶ୍ୱର ଆଚାରୀ, ଅଜିତ କୁମାର ମୁନି, ବବୁଲ ଷଡଙ୍ଗୀ, ସତୀଶ୍ ଆଚାରୀ, ସିଲୁ ମୁନି, ପୁରୋହିତ ହୃଷିକେଶନ ଦାଶଙ୍କ ସମେତ ବହୁ ଆଧ୍ୟାତ୍ମିକ ପ୍ରେମୀ ଓ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ହରେକୃଷ୍ଣ ହରେରାମ ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଉତ୍ସାହ ଓ ଉଦ୍ଦୀପନାର ସହ ଆରମ୍ଭ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞ କାର୍ଯ୍ୟକ୍ରମରେ ପୋଲସରା, ସାମନ୍ତରାପୁର, ନାଟୁଣିବାଡି ଗ୍ରାମର ନାମ ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ସାମିଲ ହୋଇଥିଲେ। ଆସନ୍ତାକାଲି ନାମଯଜ୍ଞ ଉଦ୍‌ଯାପନୀ ପରେ ଦଧିଭାଣ୍ଡ ଭଞ୍ଜନ, ନଗର କୀର୍ତ୍ତନ, ଯମୁନା ସ୍ନାନ, ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଅଷ୍ଟପ୍ରହର ନାମଯଜ୍ଞ କାର୍ଯ୍ୟକ୍ରମରେ ଆସିକା ଅଞ୍ଚଳର ବରିଷ୍ଠ ସମାଜସେବୀ ଜିତେନ୍ଦ୍ର କୁମାର ମହାରଣା, କେ.ରବିନ୍ କୁମାର ପାତ୍ର, ଦେବାଶିଷ ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ନିତେଇ ଗୌରାଙ୍ଗ ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିଲେ। ଆସିକା ଅଞ୍ଚଳବାସୀଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳକାମନା କରିଥିଲେ।

# 'ମନ୍ଥା' କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବି

**ସାନଖେମୁଣ୍ଡି,୪।୧୧/ଏନ୍ଏନ୍ଏସ୍:** 'ମନ୍ଥା' ବାତ୍ୟା ଓ ଲଗାଣ ବର୍ଷା ପ୍ରଭାବରେ ସାନଖେମୁଣ୍ଡି ତହସିଲ ଅଞ୍ଚଳର ଚାଷୀମାନଙ୍କ ବ୍ୟାପକ ଫସଲ କ୍ଷତି ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ସହ ଧାନ ଫସଲରେ ମାଟିଆଗୁଣ୍ଡି ଚକଡ଼ା ରୋଗପୋକ ସଂକ୍ରମଣର ପ୍ରତିକାର, ସହାୟତା ଏବଂ ଅନ୍ୟାନ୍ୟ ୮ ଦଫା ଦାବି ନେଇ ସାନଖେମୁଣ୍ଡି ଆଞ୍ଚଳିକ ଉନ୍ନୟନ କମିଟି ପକ୍ଷରୁ ଏକ ସ୍ମାରକପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଶତାଧିକ ଛାମୁଆଁ କୃଷକ ନେତା ଓ ଚାଷି ମାନେ ଆଜି ସାନଖେମୁଣ୍ଡି ତହସିଲ, କୃଷି ଅଧିକାରୀ ଓ ପାଟପୁର ବନପାଳ କାର୍ଯ୍ୟାଳୟରେ ବାତ୍ୟା ଲଗାଣ ବର୍ଷା ପରବର୍ତ୍ତୀ ସୃଷ୍ଟ ଚାଷୀ ସଙ୍କଟ ସମ୍ପର୍କରେ ଆଲୋଚନା କରି ତୁରନ୍ତ ଦାବି ପୂରଣ ନେଇ ଆଲୋଚନା କରିଛନ୍ତି। ମନ୍ଥା ବାତ୍ୟା ଓ ଲଗାଣ ବର୍ଷା ଜନିତ ସାନଖେମୁଣ୍ଡି ଅଞ୍ଚଳରେ ହୋଇଥିବା ଖରିଫ୍ ଧାନ, ପରିବା ଓ ଅନ୍ୟାନ୍ୟ ଫସଲର କ୍ଷୟକ୍ଷତି ଆକଳନ ସହ ଉପଯୁକ୍ତ କ୍ଷତି ପୂରଣ ପ୍ରଦାନ । ପ୍ରତ୍ୟେକ ରାଜସ୍ୱ ଗ୍ରାମକୁ ଗୋଟିଏ ୟୁନିଟ୍ ଭାବେ ଗ୍ରହଣକରି କ୍ଷୟକ୍ଷତିର ସଠିକ୍ ଆକଳନ କରିବା, କ୍ଷତିଗ୍ରସ୍ତ ଚାଷୀଙ୍କ ସମସ୍ତ କୃଷିଋଣ, ଜଳକର ଖଜଣା, ବିଦ୍ୟୁତ୍ ଦେୟ ଛାଡ଼ କରିବା, ବାତ୍ୟା ଓ ଲଗାଣ ବର୍ଷା ପରେ ଧାନ ଫସଲରେ ମାଟିଆଗୁଣ୍ଡି, ଚକଡ଼ା, କାଣ୍ଡବିନ୍ଧା ଭଳି ରୋଗପୋକ ସଂକ୍ରମଣର ପ୍ରତିକାର ସହ ଚାଷୀଙ୍କୁ ମାଗଣା କୀଟନାଶକ ଔଷଧ ପ୍ରଦାନ, ସମସ୍ତ ଚାଷୀଙ୍କୁ ଫସଲବୀମା ପ୍ରଦାନ ଦାବି କରାଯାଇଥିଲା। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ସ୍ମାରକପତ୍ର ପ୍ରଦାନ ବେଳେ ବରିଷ୍ଠ କୃଷକ ନେତା ଶମ୍ଭୁ ପଣ୍ଡା, ପୂର୍ବତନ ସରପଞ୍ଚ ସୁବାସ ମହାପାତ୍ର, କୈଳାସ ପାତ୍ର, ଲିଙ୍ଗରାଜ ସ୍ୱାଇଁ, ଭଗବାନ ରାଉତ, କେ. ଶ୍ୟାମସୁନ୍ଦର ଦୋରା, ବିନାୟକ ଦାଶ, ଅମିନ ପ୍ରଧାନ, ଅଶୋକ ବେହେରା, ବୃନ୍ଦାବନ ମହାକୁଡ, ଭାସ୍କର ମହାରଣା, ଅଶୋକ କୁମାର ଜେନା, ନିତ୍ୟାନନ୍ଦ ପ୍ରଧାନ, ଜଗନ୍ନାଥ ପଣ୍ଡା, ଏ. କୈଳାଶ ପାତ୍ର, ଗୋଲା ସ୍ୱାଇଁ, ଗୋପାଳ ରାଉଳ, ଦେବେନ୍ଦ୍ର ସୁଆଁସିଆ, ରବିନ୍ଦ୍ର ପ୍ରଧାନ, କାଳୁଚରଣ ସେଠୀ, କାମରାଜୁ ପାତ୍ର, ସୀତାରାମ ସ୍ୱାଇଁଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।



## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**କୁକୁଡ଼ାଖଣ୍ଡି,୪।୧୧/ଏନ୍ଏନ୍ଏସ୍:** କୁକୁଡାଖଣ୍ଡି ବ୍ଲକ ହୁଗୁଲାପଙ୍ଗା ପଞ୍ଚାୟତରେ



ମଙ୍ଗଳବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବି. ବାପେୟା ପାତ୍ରଙ୍କ ସହଯୋଗରେ ଆୟୋଜିତ ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ମରିନାଲିକ ରାଥୋର୍, ତହସିଲଦାର ରାଜକିଶୋର ପଟ୍ଟନାୟକ, ଅତିରିକ୍ତ ବିଡିଓ ସୁପ୍ରଭା ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ପ୍ରଧାନ, ସହକାରୀ ଯନ୍ତ୍ରୀ ଅନୁରାଗ ରଥ, ଶିକ୍ଷା ଅଧିକାରୀ ସନ୍ତୋଷ ମହାପାତ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଦିପ୍ତ ତହଲଙ୍କ ସମେତ ଅଙ୍ଗନବାଡ଼ି କର୍ମଚାରୀ, ଆଶା କର୍ମୀ, ଏମବିକେ, ପଶୁ ଚିକିତ୍ସାଳୟ ଡାକ୍ତରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଅଭିଯୋଗ ଆସିଥିଲା। ପଞ୍ଚାୟତର ବାଲାଜୀପଲ୍ଲୀ, ଚଣ୍ଡୀପଦର, ମାର୍ଥାପଲ୍ଲୀ, ଜି. ଚଣ୍ଡୀପଦର, ରେଗିଡି ସମେତ ହୁଗୁଲାପଙ୍ଗା ପଞ୍ଚାୟତର ବହୁ ଜନସାଧାରଣ ରାସନ କାର୍ଡ, ପେନ୍‌ସନ୍, ଆବାସ ଯୋଜନା, ଜମି ପଟ୍ଟା, ସୁଭଦ୍ରା ଯୋଜନା ଓ ବିଦ୍ୟୁତ୍ ସମେତ ରାସ୍ତାଘାଟ ସହ ଗ୍ରାମର ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ଅଭିଯୋଗ ହୋଇଥିଲା। କିଛି ଅଭିଯୋଗର ତ୍ୱରିତ ଫଏସଲା ହୋଇଥିଲା।


## ପେନ୍‌ସନ ଉପଭୋକ୍ତାଙ୍କୁ ମାଗଣାରେ ଜୀବନ ପ୍ରମାଣପତ୍ର




**ବାଲିଗୁଡା,୪।୧୧/ଏନ୍ଏନ୍ଏସ୍:** ବାଲିଗୁଡା ଉପ କୋଷାଗାର କାର୍ଯ୍ୟାଳୟ ଠାରେ ବିନା ଶୁଳ୍କରେ ପେନସନ ଉପଭୋକ୍ତାଙ୍କ ବାର୍ଷିକ ଜୀବନ ପ୍ରମାଣପତ୍ର ଦାଖଲ ପାଇଁ ମୋ ସେବା କେନ୍ଦ୍ରରେ ସହାୟତା କେନ୍ଦ୍ରରେ କାର୍ଯ୍ୟ ଆରମ୍ଭ ହୋଇଛ। ଉପ କୋଷାଗାର ଅଧିକାରୀ ସୁଧାକର କହଁର, ପ୍ରଭାତ ନାୟକ, ବନିତା ବେହେରା, ମିନତି କୁମାର ମିଶ୍ର ମୋ ସେବା କେନ୍ଦ୍ରର ଜିଲ୍ଲା ପରିଚାଳକ ତୁଷାରକାନ୍ତ ପ୍ରଧାନ, ଅଫିସରେ କାର୍ଯ୍ୟରତ ସମସ୍ତ ଷ୍ଟାଫ ଉପସ୍ଥିତ ଥିଲେ । ବାଲିଗୁଡା ଅଂଚଳର ବହୁ ପେନସନ ଉପଭୋକ୍ତା ନିଜର ଆଧାର କାର୍ଡ, ପେନସନ ବହି, ବ୍ୟାଙ୍କ ପାସ ବୁକ ଏବଂ ମୋବାଇଲ ନମ୍ବର ସଂଯୋଗ କରି ବିନା ଶୁଳ୍କରେ ସେମାନଙ୍କ ଜୀବନ ପ୍ରମାଣପତ୍ର ହାତପାଆନ୍ତରେ ପାଇଥିଲେ। ମୋସେବା କେନ୍ଦ୍ର ମାଧ୍ୟମରେ ପେନସନ ଉପଭୋକ୍ତାଙ୍କ ଘରକୁ ଯାଇ ସେବା ଦେବାର ବ୍ୟବସ୍ଥା ମଧ୍ୟ ଅଛି । ରାଜ୍ୟ ସରକାରଙ୍କ ଏହି ଯୋଜନାକୁ ପେନସନ ଉପଭୋକ୍ତା ଧନ୍ୟବାଦ ଜଣାଇଛନ୍ତି।


## ଅସହାୟ ବୃଦ୍ଧାଙ୍କୁ ସହାୟତାର ହାତ ବଢ଼ାଇଲେ ନିଗମ କମିଶନର

**ବ୍ରହ୍ମପୁର,୪।୧୧/ଏନ୍ଏନ୍ଏସ୍:** ବ୍ରହ୍ମପୁର ମହାନଗର ନିଗମ(ବିଇଏମସି) ଅଧିନସ୍ଥ ୨୫ ନମ୍ବର ୱାର୍ଡର ଜଣେ ଅସହାୟ ବୃଦ୍ଧା ଧୁବୁଣି ମହାରଣାଙ୍କୁ ସହାୟତାର ହାତ ବଢାଇଛନ୍ତି ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ। ସୂଚନାଯୋଗ୍ୟ ଯେ, ସୋମବାର ରାତ୍ର ସାଢେ ୯ଟା ସମୟରେ ଉକ୍ତ ୱାର୍ଡ ବୋର୍ଡିଙ୍ଗ ସାହି ଅଞ୍ଚଳର ଧୁବୁଣି ମହାରଣା ଘରେ କାମ କରୁଥିବା ସମୟରେ ହଠାତ୍ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ବୃଦ୍ଧାଙ୍କ ଅସୁସ୍ଥତା ସମ୍ପର୍କରେ ଖବର ପାଇ ସ୍ଥାନୀୟ କର୍ପୋରେଟର ନରସିଂହ ସେଠୀ କମିଶନର ଓ ମେୟର ସଂଘମିତ୍ରା ଦଳେଇଙ୍କୁ ଯୋଗାଯୋଗ କରିଥିଲେ। ଏହାପରେ କମିଶନର ଶ୍ରୀ ରାଜଶିର୍କେ ଘଟଣା ସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ନଗର ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ବୃଦ୍ଧାଙ୍କୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଉପଯୁକ୍ତ ଚିକିତ୍ସା ଓ ସୁବିଧା ପ୍ରଦାନ ପାଇଁ ସ୍ଥାନାନ୍ତରଣ କରାଯିବ ବୋଲି କମିଶନର ଓ ମେୟର ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ହସ୍ପିଟାଲରେ ଏନୟୁଏଚଏମ ସିଟି ପ୍ରୋଗ୍ରାମ ମ୍ୟାନେଜର ଲମ୍ବୋଦର ଦିଗାଲ ଓ ବିଇଏମସି ଆନନ୍ଦ ସାରଣୀ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଅସହାୟ ଅସୁସ୍ଥ ବୃଦ୍ଧାଙ୍କ ପ୍ରତି କମିଶନର ସହାୟତାର ହାତ ବଢାଇଥିବାରୁ ବିଭିନ୍ନ ମହଲରୁ କୃତଜ୍ଞତା ଜଣାଯାଇଛି।



## ବୁଗୁଡ଼ା ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

**ବୁଗୁଡା,୪।୧୧/ଏନ୍ଏନ୍ଏସ୍:** ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦୁତିକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିର ଅବସରରେ ମାତ୍ର ବ୍ୟକ୍ତିଗତ ୭ ଗୋଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଗୁଡିକର ସମାଧାନ ହୋଇଥିଲା। ଉକ୍ତ ଶିବିରରେ ସିଡିପିଓ ବବିତା କୁମାରୀ ପଣ୍ଡା ,ବାଘୁଆ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ବିଶ୍ୱ ଜୀବନ ମହାପାତ୍ର,ଏଟିଓ ସୁନନ୍ଦ ଶେଖର ସାହାଣୀ, କୃଷି ଅଧିକାରୀ ହରପ୍ରିୟା ବେହେରା , ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀ ରାମା ରାଓ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଜ୍ୟୋଷ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।



## ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଶେରଗଡ଼,୪।୧୧/ଏନ୍ଏନ୍ଏସ୍:** ଶେରଗଡ଼ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା




ସଭାପତିଙ୍କ ସଭାପତିତ୍ୱରେ ଖମାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ରେଖା ଚୌଧୁରୀ, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ଟୁକୁନା ଦାସ, ଶେରଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଡାକୁଆ, ଏବିଇଓ ଦିବାକର ଗମାଙ୍ଗ, ପ୍ରକାଶ ଚନ୍ଦ୍ର ଦାସ, ମିଳିତ ଶିକ୍ଷକ ସଂଘ ସଭାପତି ଇନ୍ଦ୍ରମଣି ସ୍ୱାଇଁ, ଓଷ୍ଟା ସଭାପତି ଅଶୋକ କୁମାର ହୋତା, ପ୍ରଧାନ ଶିକ୍ଷକ ଶଙ୍କର କୁମାର ମଲିକ, ବିଦ୍ୟାଳୟ ପରିଚାଳନା ସଭାପତି ତାରିଣୀ ନାୟକ, ଶଙ୍କର୍ଷଣ ଜେନା, ମିଳିତ ଶିକ୍ଷକ ସଂଘ ସମ୍ପାଦକ ଦାଶରଥି ଜେନା, ଓଷ୍ଟା ସମ୍ପାଦକ ବଳରାମ ବାରିକଙ୍କ ସମେତ ବ୍ଲକର ସମସ୍ତ ସିଆରସିସି ଯୋଗ ଦେଇଥିଲେ। କ୍ଲଷ୍ଟର ସିଆରସିସି ଆଲୋକ କୁମାର ଷଡଙ୍ଗୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଛାତ୍ରଛାତ୍ରୀମାନେ ନିଜ ପ୍ରତିଭା ପ୍ରଦର୍ଶନ କରିବା ସହ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଜନ୍ମଦିବସରେ ଯୁବ ବିଜେଡି ସଭାପତି ନଚିକେତାଙ୍କୁ ଶୁଭେଚ୍ଛା




**ଆସିକା,୪।୧୧/ଏନ୍ଏନ୍ଏସ୍:** ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ଅନ୍ୟତମ ଅତ୍ୟନ୍ତ, ମିଷ୍ଟଭାଷୀ, ପରୋପକାରୀ, ଲୋକପ୍ରିୟ ନେତା ରୂପେ ପରିଚିତ ଥିବା ଗଂଜାମ ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ୪୮ ବର୍ଷରେ ପଦାର୍ପଣ କରିସାରିଛନ୍ତି। ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିରେ ପାଦ ଥାପି ଦଳୀୟ ନେତା, ଶୁଭେଚ୍ଛୁ ଓ ସମର୍ଥକଙ୍କ ସହଯୋଗ ଏବଂ ମାର୍ଗଦର୍ଶନରେ ଅତୀତରେ ଅନୁଷ୍ଠିତ ହୋଇଥିବା ପଂଚାୟତ ନିର୍ବାଚନ, ପୌର ନିର୍ବାଚନ ଓ ସମବାୟ ନିର୍ବାଚନରେ ନିଜର ସାଙ୍ଗଠନିକ ଦକ୍ଷତାକୁ ପ୍ରତିପାଦନ କରି ବିଜେଡିକୁ ବିଜୟର ସ୍ୱାଦ ଚଖାଇବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସିଥିବା ଗଂଜାମ ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁଙ୍କ ୪୮ତମ ଜନ୍ମଦିବସ ଅବସରରେ ସ୍ଥାନୀୟ କଳିଙ୍ଗ ରୋଡ ସ୍ଥିତ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆସିକାର ପୂର୍ବତନ ବିଧାୟିକା ମଂଜୁଳା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଦିଲୀପ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟ ବି.ମନୋଜ କୁମାର ଦୋରା, ଆସିକା ବ୍ଲକର ପୂର୍ବତନ ଅଧ୍ୟକ୍ଷ ହରେକୃଷ୍ଣ ମଲିକ, ବରିଷ୍ଠ ବିଜେଡି ନେତା ପ୍ରମୋଦ କୁମାର ସ୍ୱାଇଁ, ନନ୍ଦ କୁମାର ବିଷୋୟୀ, ଅନିଲ୍ କୁମାର ନାୟକ, ପ୍ରସନ୍ନ କୁମାର ତ୍ରିପାଠୀ, ଜୟସେନ ସ୍ୱାଇଁ, ସୁରଥ ପ୍ରଧାନ, ବିଦ୍ୟାନ୍ତ କୁମାର ଚର୍ଚ୍ଚି, ମାନସ ରଂଜନ ଗୌଡ, ରଂଜନ କୁମାର ବିଷୋୟୀ, ରବିନ୍ଦ୍ର କୁମାର ସାହୁ, ଅମୂଲ୍ୟ କୁମାର ଉପାଧ୍ୟାୟ, ସତ୍ୟ ନାରାୟଣ ସାମନ୍ତରା, କିରଣ ଭୂୟାଁ, ସନ୍ତୋଷ କୁମାର ନାୟକ, କୈଳାଶ ଚନ୍ଦ୍ର ପ୍ରଧାନ, ନିଗମାନନ୍ଦ ରାଉତ, ଜିତେନ୍ଦ୍ର କୁମାର ମହାରଣା, ଆକାଶ ସ୍ୱାଇଁ, ନିଳାଞ୍ଚଳ ମଣ୍ଡଳ,କେ.ରବିନ୍ କୁମାର ପାତ୍ର, କେଶବ ଦାଶ, ପ୍ରଣବ କୁମାର ପାଢୀ, ବିଦ୍ୟାଧର ବିଷୋୟୀ, ମନୋଜ ପୋଲାଇ, ରଂଜିତ୍ ଗୌଡ, ରବିନ୍ଦ୍ର ପୋଲାଇ, ମୁନା ବାରିକ, ସନାତନ ବିଶ୍ୱାଳ, ନରେନ୍ଦ୍ର ନାହାକ, ଟୁକୁନା ନାହାକ, ପ୍ରତାପ ଚନ୍ଦ୍ର ପ୍ରଧାନ, ଅନନ୍ତ ଭଂଜ, କାହ୍ନୁଚରଣ ଦଳେଇ, ସାଇରାଜ ଦଳେଇ, ଶ୍ୱେତବସନ୍ତ ଲେଙ୍କା, ସାଗର ପାତ୍ର, ଶିବଶଙ୍କର ପାଣିଗ୍ରାହୀ, ପ୍ରଦୀପ ମୁନିଙ୍କ ସମେତ ବହୁ ଦଳୀୟ ନେତା, କର୍ମୀ, ଶୁଭେଚ୍ଛୁ, ସମର୍ଥକ, ରାଜନେତା ଯୋଗଦେଇ ଜନ୍ମଦିନର ଶୁଭେଚ୍ଛା ଜଣାଇଥିବା ଦେଖିବାକୁ ମିଳିଥିଲା। ୪୮ ବର୍ଷରେ ପଦାର୍ପଣ କରିଥିବା ଗଂଜାମ ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ରାଜନୀତି ଓ ସମାଜସେବା କ୍ଷେତ୍ରରେ ସଂପୁର୍ଣ୍ଣ ସକ୍ରିୟ ଥିବା ଦେଖିବାକୁ ମିଳିଛି। ବିଜୁ ଜନତା ଦଳର ଜଣେ ଶୃଙ୍ଖଳିତ ସୈନିକ ଭାବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଲୋକଙ୍କ ସୁଖ ଦୁଃଖରେ ସେ ନିଜକୁ ସଦାସର୍ବଦା ସାମିଲ୍ କରିଆସିବା ସହ ଦଳ ପ୍ରତି ରହିଥିବା ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁ ରୂପେ ସଂପାଦନ କରିଆସୁଥିବା ଦେଖିବାକୁ ମିଳୁଛି। ଦୈନିକ ୧୪ ରୁ ୧୮ ଘଣ୍ଟା ପର୍ଯ୍ୟନ୍ତ ଜନସେବା ଓ ଦଳୀୟ କାର୍ଯ୍ୟରେ ସଦାସର୍ବଦା ବ୍ୟସ୍ତ ରହୁଥିବା ଗଂଜାମ ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁଙ୍କୁ ଜନ୍ମ ଦିବସରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ଦେଖିବାକୁ ମିଳିଛି।

# ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

**ଫୁଲବାଣୀ,୪।୧୧/ଏନ୍ଏନ୍ଏସ୍:** ଫୁଲବାଣୀର ଏ.ଜେ.ଓ ଉଚ୍ଚ ବିଦ୍ୟାଳୟ ଠାରେ ଫୁଲବାଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କୁମାର କହଁରଙ୍କ ତତ୍ତ୍ୱାବଧାନରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ-"ସୁରଭି-୨୦୨୫" ଆୟୋଜିତ ହୋଇଯାଇଛି । ୩୧ ଗୋଟି ପ୍ରତିଯୋଗିତାରେ ପ୍ରାୟ ୪୫୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ୩୬ ଜଣ ପ୍ରତିଯୋଗୀ ଏବଂ ସ୍ୱତନ୍ତ୍ର ପ୍ରତିଯୋଗିତାରେ ବେଳପଦର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦଳ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି । ଉଦ୍ଘାଟନୀ ଉତ୍ସବରେ ଅତିରିକ୍ତ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ବି.ଆର.ସି.ସି, ଧନେଶ୍ୱର କହଁର, ଏ.ବି.ଇ.ଓ, ସୀମାଦ୍ରି କହଁର, ଜିଲ୍ଲା ଶିକ୍ଷକ ସଂଘ ସଭାପତି ସନ୍ତୋଷ ଦିଗାଲ, ଫୁଲବାଣୀ ଶିକ୍ଷକ ସଂଘ ସଭାପତି ଦିନେଶ କୁମାର ବେହେରା, ଏନ.ପି.ଏସ୍ ଶିକ୍ଷକ ସଂଘ ସଭାପତି ସରୋଜ ସେଠୀ ଯୋଗଦେଇଥିଲେ । ସେହିପରି ଭାବରେ ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର , ସମ୍ମାନିତ ଅତିଥି ଭାବେ ଫୁଲବାଣୀ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌମ୍ୟରଂଜନ ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ ରଞ୍ଜନ ସ୍ୱାଇଁ ଯୋଗଦେଇଥିଲେ । ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା । ସତ୍ୟ ସାଇ ଉଚ୍ଚ ବିଦ୍ୟାଳୟ ଓ ରୁଜାଙ୍ଗୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଗଣ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଦୀପକ ମହାନ୍ତି, ଲଲାଟେନ୍ଦୁ ନାୟକ, ସରୋଜ ପାତ୍ର ଓ ରବୀନ୍ଦ୍ର ଦିଗାଲ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟା ଓ ଅବସରପ୍ରାପ୍ତ ଶିକ୍ଷକ ଗଣ ପରିଚାଳନା କରିଥିଲେ । ଏ.ବି.ଇ.ଓ, ଫୁଲବାଣୀ ଶ୍ରୀ ସୀମାଦ୍ରି କହଁର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗାଇଡ ଶିକ୍ଷକଶିକ୍ଷୟିତ୍ରୀ, ବିଦ୍ୟାଳୟ କମିଟିର ସଦସ୍ୟସଦସ୍ୟା, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।



**ନିତି ଭାରତୀ**

ମୁଁ ସବୁରି ଉର୍ଦ୍ଧ୍ୱରେ ସର୍ବନିୟନ୍ତା ଭଗବାନ ରହିଥିବାରେ ବିଶ୍ୱାସ କରେ। ତେଣୁ ମୁଁ ସବୁବେଳେ କେବଳ ବେଦରେ ଥିବା ତାଙ୍କର ପ୍ରକୃତ ବାଣୀକୁ ପ୍ରଚାର କରିଥାଏ।
- ମହର୍ଷି ଦୟାନନ୍ଦ ସରସ୍ୱତୀ

ନିତିଦିନ NITIDIN
ବୁଧବାର, ୫ ନଭେମ୍ବର, ୨୦୨୫

# ଏତେ ପ୍ରତିଶ୍ରୁତିକୁ ପାଣ୍ଠି କାହିଁ ?



ସୌଭାଗ୍ୟ ସୁନ୍ଦରରାୟ

ଦେଶର ଚତୁର୍ଥ ସର୍ବାଧିକ ବିଧାନସଭା ଆସନବିଶିଷ୍ଟ ରାଜ୍ୟ ବିହାରରେ ଏବେ ଶୁଭୁଛି ନିର୍ବାଚନୀ ଦୁନ୍ଦୁଭି। ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ପରକୁ ବିହାରରେ ବିଧାନସଭା ଆସନ ସଂଖ୍ୟା ସର୍ବାଧିକ ୨୪୩। ଆଉ କିଛି ଦିନ ପରେ ବିହାର ମତଦାତା ତ ନୂଆ ସରକାର ନିର୍ବାଚିତ କରିବେ, କିନ୍ତୁ ଏଥର ନିର୍ବାଚନ ପୂର୍ବ ନିର୍ବାଚନଗୁଡ଼ିକଠାରୁ ଭିନ୍ନ ହେବ ବୋଲି ମନେ ହେଉଛି। ଦୁଇ ପ୍ରମୁଖ ମେଣ୍ଟର ନିର୍ବାଚନୀ ଇସ୍ତାହାରକୁ ଅନୁଶୀଳନ କଲେ ଜଣା ପଡୁଛି ଅର୍ଥନୈତିକ ଦୃଷ୍ଟିକୋଣରୁ ବିହାର ଆଗାମୀ ପାଞ୍ଚ ବର୍ଷରେ ଦେଶର କେତେକ ବିକଶିତ ରାଜ୍ୟକୁ ଅତିକ୍ରମ କରିଯିବ। ତେବେ ଏଥିପାଇଁ ପାଣ୍ଠି କାହିଁ ? ଅବଶ୍ୟ ବିକଶିତ ଏକ ନୂଆ ଶବ୍ଦ, ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍‌ବୋଧନରେ ପ୍ରତିଫଳିତ ହୋଇଥାଏ। ଚଳିତ ନିର୍ବାଚନରେ ଜେଡି (ୟୁ), ଭାଜପା ମେଣ୍ଟ ପୂର୍ବ ପରି ରହିଥିବା ବେଳେ ଏଥିରେ ଉପେନ୍ଦ୍ର ଖୁସୱାଙ୍କ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା, ଚିରାଗ ପାଶୱାନଙ୍କ ଏଲ୍‌ଜେପି, ଜୀତନ ରାମ ମାନ୍‌ଝୀଙ୍କ ହିନ୍ଦୁସ୍ତାନ ଆୱମ ମୋର୍ଚ୍ଚା ସାମିଲ ରହିଛି, ଯାହାକୁ ଏନ୍‌ଡିଏ କୁହାଯାଉଛି। ତେଣେ ଆର୍‌ଜେଡି ଓ କଂଗ୍ରେସକୁ ନେଇ ଗଠିତ ମହାଗଠବନ୍ଧନ ମେଣ୍ଟରେ ବିକାଶଶୀଳ ଇନ୍‌ସାନ୍ ପାର୍ଟି, ସିପିଆଇ, ସିପିଆଇ (ଏମ୍), ସିପିଆଇ (ଏମ୍ଏଲ୍), ରାମବିଳାସ ପାଶୱାନଙ୍କ ଭାଇ ପଶୁପତି କୁମାର ପାରସଙ୍କ ନେତୃତ୍ୱାଧୀନ ଏଲ୍‌ଜେପି ସାମିଲ ହୋଇଛନ୍ତି, ଯାହା ମହାଗଠବନ୍ଧନ ଭାବେ ପରିଚିତ। ଶେଷ ମୁହୂର୍ତ୍ତରେ ଜେଏମ୍ଏମ୍ ଏହି ମେଣ୍ଟରୁ ଓହରି ଯାଇଛି। ଇତି ମଧ୍ୟରେ ଦୁଇ ପ୍ରମୁଖ ମେଣ୍ଟର ଇସ୍ତାହାର ପ୍ରକାଶ ପାଇଛି। ପ୍ରଥମେ ମହାଗଠବନ୍ଧନ ଓ ପରେ ଏନ୍‌ଡିଏର ଇସ୍ତାହାର ପ୍ରକାଶ ପାଇଛି। ଏନ୍‌ଡିଏ ନିଜ ନିର୍ବାଚନୀ ଇସ୍ତାହାରରେ ରାଜ୍ୟରେ ୧ କୋଟି ନିଯୁକ୍ତି ସୁବିଧା ଯୋଗାଣ ସହ ୧ କୋଟି ଲକ୍ଷପତି ଦିଦି ସୃଷ୍ଟି ପାଇଁ ପ୍ରତିଶ୍ରୁତି ଦେଇଛି। ୧ କୋଟି ନିଯୁକ୍ତି ସୁବିଧା ମଧ୍ୟରେ ସରକାରୀ ଓ ବେସରକାରୀ ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଏଥି ସହ ଗରିବ ଶ୍ରେଣୀର ପିଲାଙ୍କ ପାଇଁ ପ୍ରଥମରୁ ସ୍ନାତକୋତ୍ତର ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଶିକ୍ଷାଦାନ, ଘର ପିଛା ୧୨୫ ୟୁନିଟ ମାଗଣା ବିଦ୍ୟୁତ ଓ ବିଭିନ୍ନ ବର୍ଗର ଯୁବକଙ୍କ ପାଇଁ ଋଣ ସୁବିଧା ବିଷୟ ଘୋଷଣା କରିଛି। ବିହାରରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ଶିକ୍ଷା ଛାଡୁଥିବା ପିଲାଙ୍କ ସଂଖ୍ୟା ୨୫.୯%। ନବମରୁ ଦ୍ୱାଦଶ ମଧ୍ୟରେ ଶିକ୍ଷା ଛାଡୁଥିବା ପିଲାଙ୍କ ସଂଖ୍ୟା ୨୦.୯%, ଯେତେବେଳେ କି ଜାତୀୟ ହାର ଯଥାକ୍ରମେ ୫.୨% ଓ ୧୦.୯%। ଏହା ବିହାରର ଶିକ୍ଷା କ୍ଷେତ୍ରରେ ଏକ ଉଦ୍‌ବେଗଜନକ ବିଷୟ। ଏଣୁ ଇସ୍ତାହାରରେ ଏ ବିଷୟକୁ ଦୃଷ୍ଟିରେ ରଖାଯାଇଛି। ଏନ୍‌ଡିଏ ୨୫ ଦଫା ଇସ୍ତାହାର ମୁଖ୍ୟତଃ ଶିକ୍ଷା, ଯୁବ ଓ ମହିଳାକୈନ୍ଦ୍ରିକ ବୋଲି ଅନୁଭବ କରାଯାଉଛି।

ତେଣେ ମହାଗଠବନ୍ଧନ ଇସ୍ତାହାରରେ ପ୍ରତି ପରିବାରର ଜଣଙ୍କୁ ସରକାରୀ ନିଯୁକ୍ତି ସହ ପୁରୁଣା ପେନ୍‌ସନ୍ ଯୋଜନା ପ୍ରଚଳନ ଓ ୱାକ୍‌ଫ ବିଲ୍‌ର କାର୍ଯ୍ୟକାରିତାକୁ ସ୍ଥଗିତ ରଖିବା ପାଇଁ ପ୍ରତିଶ୍ରୁତି ଦିଆଯାଇଛି। ବିହାରରେ ଘର ପିଛା ଜଣଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବାକୁ ହେଲେ ପ୍ରାୟ ୨ କୋଟି ୮ ଲକ୍ଷ ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ପଡ଼ିବ। ଏଥି ସହ ପଞ୍ଚାୟତରାଜ ଓ ମ୍ୟୁନିସିପାଲିଟିରେ ପଛୁଆ ବର୍ଗ ଓ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷଣ ବୃଦ୍ଧି ବିଷୟ ଘୋଷଣା କରାଯାଇଛି। ଠିକା କର୍ମଚାରୀଙ୍କ ଚାକିରି ନିୟମିତକରଣ, ଜୀବିକା ଦିଦିଙ୍କ ଚାକିରି ସ୍ଥାୟୀ କରିବା ସହ ମହିଳାଙ୍କୁ ୫ ବର୍ଷ ପାଇଁ ମାସିକ ୨୫୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ ପାଇଁ କୁହାଯାଇଛି। ଏହା ମଧ୍ୟରେ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଶକ୍ତି ଯୋଗାଣ ମଧ୍ୟ ଅନ୍ତର୍ଭୁକ୍ତ। ଏଣୁ ମହାଗଠବନ୍ଧନ ନିର୍ବାଚନ ଇସ୍ତାହାର ପଛୁଆ ବର୍ଗ, ମହିଳା, ମୁସଲିମ ଓ ଯୁବ ଭୋଟରଙ୍କୁ ଲକ୍ଷ୍ୟ ରଖି ପ୍ରସ୍ତୁତ ହୋଇଥିବା ମନେହୁଏ।

ଆର୍ଥିକ ଦୃଷ୍ଟିରୁ ଦେଖିଲେ ବିହାର ଏକ ଦୁର୍ବଳ ରାଜ୍ୟ। କ୍ୟାଗର ୨୦୧୩- ୨୦୨୩ ରିପୋର୍ଟରେ ଏହା ଦର୍ଶାଯାଇଛି। ରାଜ୍ୟର ମୋଟ ବଜେଟ ପରିମାଣର ୩୫ରୁ ୭୦ ଶତାଂଶ କର୍ମଚାରୀଙ୍କ ଦରମା, ପେନ୍‌ସନ୍ ଓ ସୁଧ ପରିଶୋଧରେ ବ୍ୟୟ ହୋଇଥାଏ। କିନ୍ତୁ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ନିର୍ବାଚନୀ ଇସ୍ତାହାରରେ ଯେଉଁ ପ୍ରତିଶ୍ରୁତି ଦିଆଯାଇଛି, ସେଥି ନିମନ୍ତେ ପାଣ୍ଠି କିପରି ଯୋଗାଡ଼ ହୋଇ ପାରିବ, ତାହା ଏକ ପ୍ରଶ୍ନବାଚୀ।

ସଂପ୍ରତି ବିହାରର ମୁଖ୍ୟମନ୍ତ୍ରୀ ଥିବା ନୀତୀଶ କୁମାର ୨୦ ବର୍ଷ ଶାସନ କ୍ଷମତାରେ ରହିଲେଣି। ଦୁଇ ମେଣ୍ଟର ଇସ୍ତାହାର ଉନ୍ମୋଚନ ଅବସରରେ ବିହାରର ସ୍ଥିତି ଲକ୍ଷ୍ୟ କରିବାର କଥା। ସରକାରୀ ତଥ୍ୟ ଅନୁଯାୟୀ, ଭାରତର ମୁଣ୍ଡପିଛା ଆୟ ବର୍ତ୍ତମାନ ୧.୮୯ ଲକ୍ଷ ଟଙ୍କା ଥିବା ବେଳେ ବିହାରର ମୁଣ୍ଡ ପିଛା ଆୟ ମାତ୍ର ୬୦,୦୦୦ ଟଙ୍କା। ବିହାରରେ ସହରୀକରଣ ସବୁଠାରୁ ଅନୁନ୍ନତ ଅବସ୍ଥାରେ ରହିଛି। ୨୦୦୧ ମସିହାରେ ଦେଶର ସହରୀକରଣ ୨୭.୯% ଥିବା ସମୟରେ ବିହାରର ସହରୀକରଣ ୧୦.୫% ଥିଲା। ୨୦୨୫ ମସିହାରେ ଦେଶର ସହରୀକରଣ ୮% ବୃଦ୍ଧି ପାଇ ୩୫.୭%ରେ ପହଞ୍ଚି ଥିବା ବେଳେ ବିହାରର ସହରୀକରଣରେ ମାତ୍ର ୨% ବୃଦ୍ଧି ଘଟି ୧୨.୪% ହୋଇଛି। ବିହାରରେ ବିଗତ ୨୦ ବର୍ଷ ମଧ୍ୟରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହୋଇ ପାରିଲା ନାହିଁ। ଫଳରେ ରାଜ୍ୟ ଅର୍ଥନୀତିକୁ ଉତ୍ପାଦନଶୀଳ ଉଦ୍ୟୋଗର ଅବଦାନ ଦୁଇ ଦଶନ୍ଧି ପୂର୍ବରୁ ଯାହା ଥିଲା, ଏବେ ମଧ୍ୟ ତାହା ରହିଛି। ଏହା ୫ରୁ ୬% ମଧ୍ୟରେ ରହିଛି। ଯୁବ ନିଯୁକ୍ତି ଯୋଗାଣ କ୍ଷେତ୍ରରେ ବିହାର ଦେଶରେ ନବମ ସ୍ଥାନରେ ରହିଛି। ୧୫ରୁ ୨୯ ବର୍ଷ ବୟସ ମଧ୍ୟରେ ଥିବା ମାତ୍ର ୧୬.୭%




ଯୁବକଙ୍କୁ ରାଜ୍ୟରେ କାମଧନ୍ଦା ଯୋଗାଣ ସମ୍ଭବ ହୋଇ ପାରୁଛି। ଏହି କାରଣରୁ ବହୁ ଯୁବକ ପ୍ରବାସୀ ଶ୍ରମିକରେ ପରିଣତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶିଳ୍ପ ପ୍ରତିଷ୍ଠା, ଭିତ୍ତିଭୂମି ଓ ଦକ୍ଷତା ବିକାଶକୁ ଏନ୍‌ଡିଏ ନିଜ ଇସ୍ତାହାରରେ ସ୍ଥାନ ଦେଇଛି। ଏଥିପାଇଁ ୧ ଲକ୍ଷ କୋଟି ଟଙ୍କାର ବିହାର ଶିଳ୍ପ ବିକାଶ ମିଶନ ପାଇଁ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଛି।

ଗତ ୨୦୨୦ ମସିହା ବିହାର ବିଧାନସଭା ନିର୍ବାଚନରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ସର୍ବାଧିକ ୨୨.୧୪% ଭୋଟ ପାଇ ସର୍ବାଧିକ ୭୫ଟି ଆସନ ଦଖଲ କରିଥିଲା। ଏହା ପରକୁ ଭାରତୀୟ ଜନତା ପାର୍ଟି (ଭାଜପା) ୨୦.୫୨% ଭୋଟ ପାଇ ୭୪ଟି ଆସନରେ ବିଜୟୀ ହୋଇଥିଲା। ଜେଡି (ୟୁ) ୧୮.୫୨% ଭୋଟ ପାଇ ୪୩ ଆସନରେ ବିଜୟୀ ହୋଇଥିଲା। କଂଗ୍ରେସ ଦଳର ଫଳାଫଳ ନୈରାଶ୍ୟଜନକ ଥିଲା। ଦଳ ୭୦ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ମାତ୍ର ୧୯ଟି ଆସନରେ ବିଜୟୀ ହୋଇଥିଲା। ଦଳର ଭୋଟ ହାର ୯.୨୦% ରହିଲା। ଜେଡି (ୟୁ) ଆସନ ସଂଖ୍ୟାରେ ତୃତୀୟରେ ଥାଇ ମଧ୍ୟ ଦଳର ନେତା ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ହୋଇଥିଲେ ଏବଂ ତାଙ୍କୁ ଭାଜପା ସମର୍ଥନ ଦେଇଥିଲା। ଫଳରେ ରାଜ୍ୟରେ ଗଠନ ହୋଇଥିଲା ଏନ୍‌ଡିଏ ସରକାର। ଚଳିତ ଥର ଏନ୍‌ଡିଏ ପୁନର୍ବାର କ୍ଷମତା ଦଖଲ ପାଇଁ ଚେଷ୍ଟିତ ଥିବାବେଳେ ମହାଗଠବନ୍ଧନ ମଧ୍ୟ କ୍ଷମତା ହାତେଇବାକୁ ଉଦ୍ୟମ କରିଛି। ନିର୍ବାଚନୀ ଇସ୍ତାହାରରେ ମହାଗଠବନ୍ଧନ ପ୍ରତିପକ୍ଷ ଏନ୍‌ଡିଏଠାରୁ ଆଗୁଆ ରହିଥିବା ଦେଖାଯାଉଛି। କିନ୍ତୁ ବିହାରର ଆର୍ଥିକ ଅବସ୍ଥାକୁ ଦେଖିଲେ ନୂଆ ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାରେ କଠିନ ପରିସ୍ଥିତିର ସମ୍ମୁଖୀନ ହେବେ। ଭାରତୀୟ ଜନତା ପାର୍ଟି କେନ୍ଦ୍ରରେ ଶାସନ କ୍ଷମତାରେ ରହିଛି। ଏହା ଏନ୍‌ଡିଏର ସହଯୋଗୀ। ଏଣୁ ଯଦି ଏନ୍‌ଡିଏ କ୍ଷମତାକୁ ଆସେ, ତା'ହେଲେ କେନ୍ଦ୍ର ସହାୟତାରେ ଦଳର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କେତେକାଂଶରେ ସହଜ ହୋଇ ପାରିବ। ବିଭିନ୍ନ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ସହାୟତା ଯୋଗାଇ ଦେବେ। ଯଦି ମହାଗଠବନ୍ଧନ ସରକାର ଗଠନ କରେ, ତା'ହେଲେ ନିର୍ବାଚନୀ ପ୍ରତିଶ୍ରୁତି ପାଳନ ନିମନ୍ତେ ଦଳକୁ ରାଜ୍ୟ ରାଜକୋଷ ଉପରେ ଅଧିକ ନିର୍ଭର କରିବାକୁ ପଡ଼ିବ। ମହାଗଠବନ୍ଧନ ଇସ୍ତାହାରରେ ବେଶି କଲ୍ୟାଣକାରୀ ଯୋଜନା ବିଷୟରେ ଉଲ୍ଲେଖ କରାଯାଇଛି, ଯାହାକୁ ତତ୍କାଳ କାର୍ଯ୍ୟକାରୀ କରିବାକୁ ପଡ଼ିବ।

ଚଳିତ ନିର୍ବାଚନରେ ରାଜ୍ୟରେ ପ୍ରଶାନ୍ତ କିଶୋରଙ୍କ ଦ୍ୱାରା ପ୍ରତିଷ୍ଠିତ ନୂଆ ଜନ ସୁରାଜ ଦଳର ଆବିର୍ଭାବ ଘଟିଛି। ପ୍ରଶାନ୍ତ କିଶୋର ଜଣେ ନିର୍ବାଚନ ଗଣକ ଭାବେ ଦେଶରେ ପରିଚିତ। ବିଭିନ୍ନ ରାଜନୈତିକ ଦଳ ପାଇଁ ଅତୀତରେ ସେ ନିର୍ବାଚନୀ ରଣକୌଶଳ ପ୍ରସ୍ତୁତ କରିଛନ୍ତି। ଦଳଗୁଡ଼ିକ ଏଥିରୁ ଫାଇଦା ମଧ୍ୟ ପାଇଛନ୍ତି। ତେବେ ୨୦୨୪ ଲୋକସଭା ନିର୍ବାଚନରେ ତାଙ୍କ ଆକଳନ ଭୁଲ୍ ହୋଇ ଯାଇଥିଲା। ଏହା ପରଠାରୁ କିଶୋର ରାଜନୈତିକ ଗଣକରୁ ଦୂରେଇ ଯାଇ ନିଜର ଏକ ଦଳ ପ୍ରତିଷ୍ଠା କରି ପ୍ରତ୍ୟକ୍ଷ ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ବିଗତ ବର୍ଷେ ହେଲା ସେ ବିହାରରେ ଜନ ସୁରାଜ ପଦଯାତ୍ରା ଜାରି ରଖିଛନ୍ତି। ଏହି ସମୟରେ ସେ ସାଧାରଣ ଜନତାଙ୍କର ନିକଟତର ହୋଇଛନ୍ତି। ଅତୀତରେ ମଧ୍ୟ ସେ ଜନତା (ୟୁ)ର ଉପ-ସଭାପତି ପଦରେ ଥିଲେ। ଏଣୁ ରାଜ୍ୟର ନିର୍ବାଚନୀ ଅଙ୍କ ସେ ଭଲ ଭାବେ କଷିଥିବା ଜଣାଯାଏ। ନିର୍ବାଚନୀ ପ୍ରତିଶ୍ରୁତିରେ ଜନ ସୁରାଜ ଦଳ ଶିକ୍ଷାର ମାନ ବୃଦ୍ଧି, ଶ୍ରମିକଙ୍କ ପ୍ରବାସ ଯାତ୍ରା ବନ୍ଦ, ବରିଷ୍ଠ ନାଗରିକଙ୍କୁ ସମ୍ମାନଜନକ ପେନ୍‌ସନ୍, ମହିଳା ଓ ଚାଷୀଙ୍କ ଆର୍ଥିକ ଉତ୍ଥାନ ଉପରେ ଗୁରୁତ୍ୱାରୋପ କରିଛି। କାହା ପ୍ରତିଶ୍ରୁତିକୁ ଜନସାଧାରଣ କିଭଳି ଭାବେ ଗ୍ରହଣ କରୁଛନ୍ତି, ତାହା ଏବେ ଦେଖିବାର କଥା।

ବରିଷ୍ଠ ସାମ୍ବାଦିକ,
ମୋ: ୯୪୩୭୨୨୯୨୩୩

# ମହାକାର୍ତ୍ତିକରେ ମହାରାସ



ଅନନ୍ତ ଗୋପାଳ ପଣ୍ଡା

ସୃଷ୍ଟିର ପ୍ରାରମ୍ଭରୁ ସଗୁଣ ସାକାର ବ୍ରହ୍ମଙ୍କର ଦିବ୍ୟ ସ୍ୱରୂପ ସନ୍ଦର୍ଶନ କରିବା ପାଇଁ ବ୍ୟାକୁଳ ହୋଇଥାନ୍ତି ପିତାମହ ବ୍ରହ୍ମାଙ୍କଠାରୁ ଆରମ୍ଭ କରି ସମସ୍ତ ଦେବଗଣଙ୍କ ସହିତ ମୁନି, ଋଷି, ସିଦ୍ଧ, ସାଧକ, ମହାପୁରୁଷ ତଥା ଭକ୍ତଗଣ। କାନ୍ତ କମନୀୟ ସ୍ୱରୂପ, ବିକଚ ଶତଦଳ ସମ ମୁଖମଣ୍ଡଳ, ସ୍ମିତହାସ୍ୟଯୁକ୍ତ ରଙ୍ଗ ଅଧର ଦର୍ଶନ ମାତ୍ରକେ ସେମାନେ ଲାଭ କରନ୍ତି ଦିବ୍ୟାନନ୍ଦ। ସେମାନଙ୍କର ହୃଦୟ କନ୍ଦରରେ ପ୍ରବାହିତ ହୁଏ ଭକ୍ତିର ସ୍ରୋତସ୍ୱିନୀ। ସେହି ନିର୍ଝରିଣୀରେ ଅବଗାହନ କରି ସେମାନେ ହୁଅନ୍ତି କୃତାର୍ଥ। 'ଶୁକ୍ଳାମ୍ବରଧରଂ ବିଷ୍ଣୁ ଶଶୀବର୍ଣ୍ଣଂ ଚତୁର୍ଭୁଜଂ' ନ୍ୟାୟରେ ସତ୍ୟ ଯୁଗରେ ବିଷ୍ଣୁଙ୍କ ରୂପ ଲାବଣ୍ୟ ସନ୍ଦର୍ଶନରେ ବିମୋହିତ ହୋଇଥିଲେ ଦେବତାଗଣ। ତ୍ରେତୟା ଯୁଗରେ 'ନୀଳାମ୍ବୁଜ ଶ୍ୟାମଳ କୋମଳାଙ୍ଗମ୍' ପ୍ରଭୁ ରାଘବଙ୍କୁ ଚର୍ମ ଚକ୍ଷୁରେ ଦର୍ଶନ କରି ଦଣ୍ଡକାରଣ୍ୟର ମୁନିମାନେ କାନ୍ତା ଭାବେ ନିଜକୁ ସମର୍ପଣ ପୂର୍ବକ ସେମାନଙ୍କ ମନୋବାଞ୍ଛା ପୂର୍ଣ୍ଣ କରିବାକୁ ପ୍ରଭୁ ଶ୍ରୀରାମଙ୍କ ନିକଟରେ କରିଥିଲେ ନିବେଦନ। ଦ୍ୱାପରରେ ସେହିପରି 'ନବନିରଦ ନିନ୍ଦିତ କାନ୍ତି ଧରଂ' ନ୍ୟାୟରେ ରସରାଜ ଶ୍ରୀକୃଷ୍ଣଙ୍କ ରୂପ ଅବଲୋକନରେ ବିମୋହିତା ହୋଇଥିଲେ ଗୋପୀଗଣ। ଏହି କଳି ଯୁଗରେ ମଧ୍ୟ ନୀଳକନ୍ଦରରେ କର୍ଣ୍ଣବିହୀନ, ହସ୍ତପଦଶୂନ୍ୟ 'ସର୍ବାଳଙ୍କାରଯୁକ୍ତ ନବଘନ ରୁଚିରଂ' ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ କୋଟି କୋଟି ଭକ୍ତଙ୍କର ନୟନ ମନକୁ କରୁଛନ୍ତି ଆକର୍ଷଣ। ପଲକ ବିହୀନ ଚକାନୟନର ସମ୍ମୋହନରେ ପାଗଳପ୍ରାୟ ଭକ୍ତଗଣ। ଯୁଗେ ଯୁଗେ ଭଗବାନଙ୍କର ଅପରୂପ ଶୋଭାଯୁକ୍ତ ଚିନ୍ମୟ କଳେବରକୁ ଚର୍ମଚକ୍ଷୁରେ ସନ୍ଦର୍ଶନ କରିବା ପାଇଁ ସମସ୍ତ ନରନାରୀ, ଭକ୍ତ ଓ ଆଶ୍ରିତଗଣ ହୁଅନ୍ତି ବ୍ୟାକୁଳ।

ଭକ୍ତମାନଙ୍କୁ ଦିବ୍ୟ ଦର୍ଶନ ଦେବା ସହିତ ଧର୍ମର ସଂସ୍ଥାପନ, ଦୁଷ୍କୃତିର ବିନାଶନ, ସନ୍ଥଜନମାନଙ୍କର ପରିତ୍ରାଣ ଏବଂ ଆସୁରିକ ଶକ୍ତିର ବିଲୋପ ସାଧନ ନିମନ୍ତେ ଭଗବାନ ବିଭିନ୍ନ ଅବତାର ଧାରଣ କରି ଧରାରେ ହୁଅନ୍ତି ଅବତୀର୍ଣ୍ଣ। ତ୍ରେତୟା ଯୁଗରେ ଦଣ୍ଡକାରଣ୍ୟରେ ଅବସ୍ଥାନ କରୁଥିବା ଷୋଳ ସହସ୍ର ମୁନି ପ୍ରଭୁ ଶ୍ରୀରାମଙ୍କ କାନ୍ତ କମନୀୟ ସ୍ୱରୂପ ଦର୍ଶନରେ ବିମୋହିତ ହୋଇ ପ୍ରଭୁଙ୍କ ଅଙ୍ଗ ସଙ୍ଗ ଲାଭ କରିବାର ଇଚ୍ଛାକୁ ବ୍ୟକ୍ତ କରିଥିଲେ ରାଘବଙ୍କ ନିକଟରେ। ପ୍ରଭୁ ଶ୍ରୀରାମ ସେମାନଙ୍କର ମନୋସ୍କାମନା ପରିପୂର୍ଣ୍ଣ କରିବା ପାଇଁ ଦ୍ୱାପର ଯୁଗରେ କଂସର ବନ୍ଦୀଘରେ ଶ୍ରୀକୃଷ୍ଣ ରୂପରେ ହୋଇଥିଲେ ପ୍ରକଟ। ତ୍ରେତୟାର ସେହି ମୁନିମାନେ ଦ୍ୱାପରରେ ବ୍ରଜପୁରରେ ଜନ୍ମ ନେଇଥିଲେ ଗୋପୀ ଭାବରେ। ଅପ୍ରାକୃତ ପ୍ରେମ ରସରେ ଭାବିତା ଗୋପାଙ୍ଗନାମାନଙ୍କ ସହ ରସରାଜ ରସିକେନ୍ଦ୍ରମଉଳି ଶ୍ରୀକୃଷ୍ଣଙ୍କର ମହାମିଳନ ହିଁ ମହାରାସ ଭାବେ ହୁଏ ଅଭିହିତ। ଏହି ରାସ ଉତ୍ସବକୁ ଭକ୍ତି ତତ୍ତ୍ୱର ଉଦ୍‌ଘୋଷକ ପଞ୍ଚସଖା ଯୁଗର ଅନ୍ୟତମ ସନ୍ଥ ଜଗନ୍ନାଥ ଦାସ ବ୍ୟାସଦେବଙ୍କ ଶ୍ଳୋକର ଅନୁସୃଜନ ନବାକ୍ଷରୀରେ କରିବା ସହିତ ତହିଁରେ ପୟାର ସଂଯୋଗ କରି ରଚନା କରିଛନ୍ତି 'ଶରଦ୍ ରାସ'। କାର୍ତ୍ତିକ ମାସ ବ୍ୟାପି, ଅର୍ଥାତ୍ କୃଷ୍ଣ ପ୍ରତିପଦାଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏକ ମାସ ବ୍ୟାପି ଓଡ଼ିଶାର ପୁରପଲ୍ଲୀ ସର୍ବତ୍ର ଏହି ଶରଦ ରାସ ଅନୁଷ୍ଠିତ ହୋଇଥାଏ। ବିଶେଷକରି ପଞ୍ଚକ ପାଞ୍ଚ ଦିନ ବ୍ୟାପି ଏହି ରାସ ଦେବ ମନ୍ଦିର, ମଠ, ମହାପୁରୁଷଙ୍କ ଗାଦି ବ୍ୟତୀତ ଗ୍ରାମେ ଗ୍ରାମେ ଅନୁଷ୍ଠିତ ହୋଇ ସୃଷ୍ଟି କରିଥାଏ ଭକ୍ତିକ ପରିବେଶ। ଗୋପୀ ଓ ଶ୍ରୀକୃଷ୍ଣଙ୍କ ମହାମିଳନରୁ ସୃଷ୍ଟ ଅପ୍ରାକୃତ ପ୍ରେମ ରସରେ ପରିପୂର୍ଣ୍ଣ ଏହି ରାସୋତ୍ସବ କାର୍ତ୍ତିକ ମାସର ମାହାତ୍ମ୍ୟକୁ ପ୍ରଖ୍ୟାପିତ କରୁଥିବାରୁ କାର୍ତ୍ତିକ ପୂର୍ଣ୍ଣିମା ରାସ ପୂର୍ଣ୍ଣିମା ନାମରେ ନାମିତ।

ଭଗବାନଙ୍କ ସପ୍ତଦଶ ଅବତାର ଭାବେ ସ୍ୱୀକୃତ, ମହର୍ଷି ବ୍ୟାସଦେବଙ୍କ କୃତ ପଦ୍ମପୁରାଣ ଅନ୍ତର୍ଗତ ଉତ୍ତର ଖଣ୍ଡରେ ଏହି ପୁଣ୍ୟ ମାସର ମହିମା ବିସ୍ତାରିତ ଭାବେ ହୋଇଛି ବର୍ଣ୍ଣିତ, ଯାହା କାର୍ତ୍ତିକ ମାହାତ୍ମ୍ୟ ନାମରେ ଖ୍ୟାତ। ସେହି ଶାସ୍ତ୍ରରେ କୁହାଯାଇଛି- 'ନ କାର୍ତ୍ତିକ ସମୋ ମାସୋ, ନ କୃତେନ ସମଂ ଯୁଗଂ, ନ ବେଦ ସଦୃଶଂ ଶାସ୍ତ୍ରଂ, ନ ତୀର୍ଥ ଗଙ୍ଗାୟା ସମମ୍', ଅର୍ଥାତ୍ କାର୍ତ୍ତିକ ମାସ ପରି ମାସ ନାହିଁ, ସତ୍ୟ ଯୁଗ ପରି ଯୁଗ ନାହିଁ, ବେଦ ସଦୃଶ ଶାସ୍ତ୍ର ନାହିଁ, ଏବଂ ଗଙ୍ଗା ତୁଲ୍ୟ ତୀର୍ଥ ମଧ୍ୟ ନାହିଁ। କାର୍ତ୍ତିକ ମାସର ପୂର୍ଣ୍ଣିମା କୃତ୍ତିକା ନକ୍ଷତ୍ରଯୁକ୍ତ ହୋଇଥିବାରୁ ଏହି ମାସର ନାମ କାର୍ତ୍ତିକ। ଏହି ମାସର ଅଧିପତି ହେଉଛନ୍ତି ସ୍ୱୟଂ ଦାମୋଦର। ଏଥି ସହିତ ସକଳ ଶକ୍ତିର ଆଧାର ସୂର୍ଯ୍ୟ ଦେବତା ଏହି ମାସରେ ବିଷ୍ଣୁ ରୂପରେ କରନ୍ତି ବିହାର। ଏହି ମାସକୁ ସାଧୁ ସନ୍ଥମାନେ ଦାମୋଦର ମାସ ଭାବେ ଅଭିହିତ କରିଥାନ୍ତି। ସେଥିପାଇଁ ଶ୍ରୀମନ୍ଦିରରେ ପ୍ରଭୁ ଶ୍ରୀଜଗନ୍ନାଥ ଓ ବଳରାମ ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଦଶମୀ ପର୍ଯ୍ୟନ୍ତ ରାଧାଦାମୋଦର ବେଶରେ ହୁଅନ୍ତି ବିଭୂଷିତ।

ଦ୍ୱାପର ଯୁଗରେ ରାସେଶ୍ୱର ନନ୍ଦନନ୍ଦନ ଶ୍ରୀକୃଷ୍ଣ ଓ ତଦଙ୍ଗଭୂତା ହ୍ଲାଦିନୀ ଶକ୍ତି ସ୍ୱରୂପା ମା' ରାଧାରାଣୀ ଷୋଳ ସହସ୍ର ଗୋପୀମାନଙ୍କ ସହିତ ଯମୁନା ତଟରେ କୁଞ୍ଜ ବନରେ ଶରଦ ପୂର୍ଣ୍ଣିମାର ବ୍ରହ୍ମ ନିଶିରେ ଯେଉଁ ମହାରାସ ରଚନା କରିଥିଲେ, ତାହା ବ୍ୟାସଦେବଙ୍କ କୃତ ଶ୍ରୀମଦ୍ ଭାଗବତ ମହାପୁରାଣ ଗ୍ରନ୍ଥର ଦଶମ ସ୍କନ୍ଧ ଅନ୍ତର୍ଗତ ଊନତ୍ରିଂଶ ଅଧ୍ୟାୟଠାରୁ ତ୍ରୟତ୍ରିଂଶ ଅଧ୍ୟାୟ ପର୍ଯ୍ୟନ୍ତ ହୋଇଛି ବର୍ଣ୍ଣିତ। କିନ୍ତୁ ଜଗନ୍ନାଥ ଦାସଙ୍କ ଦ୍ୱାରା ନବାକ୍ଷରୀରେ ଅନୁସୃଜିତ ଭାଗବତ ଗ୍ରନ୍ଥରେ ଏହି ଦିବ୍ୟ ପ୍ରସଙ୍ଗ ତ୍ରିଂଶ ଅଧ୍ୟାୟଠାରୁ ଚତୁଃତ୍ରିଂଶ ଅଧ୍ୟାୟ ପର୍ଯ୍ୟନ୍ତ ଭାବପୂର୍ଣ୍ଣ ଭାବରେ ବର୍ଣ୍ଣିତ ହୋଇଅଛି। ଏହି ରାସ ପଞ୍ଚାଧ୍ୟାୟୀକୁ ଭାଗବତର ପଞ୍ଚ ପ୍ରାଣ ଯଥା- ପ୍ରାଣ, ଅପାନ, ବ୍ୟାନ, ଉଦାନ ଓ ସମାନ ଭାବେ ଅଭିହିତ କରାଯାଏ। ଶ୍ରୀକୃଷ୍ଣଙ୍କ ବାଙ୍ମୟ ସ୍ୱରୂପ ଭାବେ ସ୍ୱୀକୃତ ଶ୍ରୀମଦ୍ ଭାଗବତର ଏହି ରାସ ପଞ୍ଚାଧ୍ୟାୟୀକୁ ମଧ୍ୟ ଶାସ୍ତ୍ରକାରମାନେ ଭଗବାନଙ୍କ ଶ୍ରୀମୁଖର ରଙ୍ଗ ଅଧର ସହିତ ତୁଳନା କରିଥାନ୍ତି। ଅପ୍ରାକୃତ ପ୍ରେମ ଓ ଭକ୍ତି ରସରେ ପରିପୂର୍ଣ୍ଣ ହେଉଛି ଏହି ରାସ ପଞ୍ଚାଧ୍ୟାୟୀ। ଏହି ପ୍ରେମଲୀଳାମୃତକୁ ପାନ କରିବା ପାଇଁ ଦେବ ଦେବ ମହାଦେବ ଆଜି ମଧ୍ୟ ବୃନ୍ଦାବନରେ ଗୋପେଶ୍ୱର ଭାବରେ ଅପେକ୍ଷାରତ। ଐଶ୍ୱର୍ଯ୍ୟ ପ୍ରଦାୟିନୀ ମା' ମହାଲକ୍ଷ୍ମୀ ଏହି ଲୀଳାରେ ପ୍ରବେଶ କରିବା ପାଇଁ ଅଦ୍ୟାବଧି ବିଲ୍ୱ ବନରେ ତପସ୍ୟାରତା। ନିଧିବନ ଓ ସେବା କୁଞ୍ଜରେ ଏହି ରାସର ଅମୀୟ ରସକୁ ଆସ୍ୱାଦନ କରିବା ପାଇଁ ମୁନି, ଋଷି, ସାଧୁ, ସନ୍ଥ, ସିଦ୍ଧ ସାଧକ ଓ ମହାପୁରୁଷମାନେ ଲତା ଓ ପାଦପ ଭାବରେ ବିରାଜିତ। ଏହି ଦିବ୍ୟ ରାସଲୀଳାମୃତକୁ ଶୁକଦେବ ଗୋସ୍ୱାମୀ ପାଣ୍ଡବ କୁଳଚୂଡ଼ାମଣି ପରୀକ୍ଷିତଙ୍କ ସମ୍ମୁଖରେ ଭାବରାଜ୍ୟରେ ନିମଜ୍ଜିତ ହୋଇ ବର୍ଣ୍ଣନା କରିବା ସମୟରେ ତାଙ୍କ କଣ୍ଠ ହୋଇଛି ବାଷ୍ପରୁଦ୍ଧ, ଶରୀର ହୋଇଛି ରୋମାଞ୍ଚିତ, ମନ ହୋଇଛି ପୁଲକିତ, ନେତ୍ର ଯୁଗଳ ହୋଇଛି ଅଶ୍ରୁସିକ୍ତ ଏବଂ କିଛି ମୁହୂର୍ତ୍ତ ପାଇଁ ଚେତନା ମଧ୍ୟ ହୋଇଛି ଅନ୍ତର୍ହିତ।

ମହାରାସୋତ୍ସବର ଅବ୍ୟବହିତ ପୂର୍ବରୁ ରସରାଜ ରାସେଶ୍ୱର ବ୍ରଜାଙ୍ଗନାମାନଙ୍କର ଦେହ ଜ୍ଞାନକୁ ବସ୍ତ୍ରହରଣ ମାଧ୍ୟମରେ କରିଥିଲେ ଦୂରୀଭୂତ। ଏକ ମାସ ବ୍ୟାପି ଯମୁନା ପୁଳିନରେ ହେମନ୍ତ ଋତୁରେ ଗୋପୀମାନେ ପ୍ରାତଃ ସମୟରେ ନନ୍ଦନନ୍ଦନଙ୍କୁ ପତି ରୂପେ ପ୍ରାପ୍ତ ହେବା ପାଇଁ ମା' କାତ୍ୟାୟନୀଙ୍କ ଉପାସନା କରି ବରପ୍ରାପ୍ତ ହୋଇଥିଲେ। ଫଳ ସ୍ୱରୂପ, ପରବର୍ତ୍ତୀ ସମୟରେ ଶରଦ ଋତୁର ପୂର୍ଣ୍ଣିମା ତିଥିରେ ଷୋଳ ସହସ୍ର ଗୋପାଙ୍ଗନାମାନେ ମା' ରାଧାରାଣୀ ଓ ବ୍ରଜେଶ୍ୱର ଶ୍ରୀକୃଷ୍ଣଙ୍କ ସହିତ ମହାରାସରେ ମିଳିତ ହୋଇଥିଲେ। ଶ୍ରୀକୃଷ୍ଣଙ୍କ ବଂଶୀର କ୍ଲୀଂ ବୀଜ ଉଚ୍ଚାରିତ ସ୍ୱନରେ ଗୋପୀମାନେ ହୋଇଥିଲେ ବିମୋହିତା। ପିତାମହ ବ୍ରହ୍ମାଙ୍କ ଦ୍ୱାରା ଯଜ୍ଞାନଳରୁ ସମ୍ଭୂତ ବତିଶ ପବଯୁକ୍ତ ବାଉଁଶ ଖଣ୍ଡରୁ ପ୍ରଥମ ଏଗାର ପବରେ ପିନାକ ଧନୁ, ନବମ ପବରେ ସାରଙ୍ଗ, ସାତ ପବରେ କୋଦଣ୍ଡ ଧନୁ ସୃଷ୍ଟି ପରେ ଶେଷ ଏକ ପବରେ ନିର୍ମିତ ମୋହନ ମୁରଲୀକୁ ଚତୁରାନନ ଭଗବାନ ଶ୍ରୀକୃଷ୍ଣଙ୍କୁ ପ୍ରଦାନ କରିଥିଲେ। ଏହି ବଂଶୀରେ ରତି ଓ କାମଦେବଙ୍କ ସହ ପଞ୍ଚଦେବୀ ଯଥା- ସରସ୍ୱତୀ, ଉମା, ଲକ୍ଷ୍ମୀ, ଜଗଦ୍ଧାତ୍ରୀ ଓ ସାବିତ୍ରୀ ଅବସ୍ଥାନପୂର୍ବକ ତାହାକୁ ମୋହନ ବଂଶୀରେ କରିଥିଲେ ପରିଣତ, ଯାହା ଗୋପାଳତାପିନୀ ଉପନିଷଦରେ ହୋଇଛି ବର୍ଣ୍ଣିତ। ସେହି ମୋହନ ମୁରଲୀ ସ୍ୱନ ଶ୍ରବଣରେ ପାଗଳିନୀ ହୋଇ ଗୋପୀମାନେ ଧାଇଁ ଆସିଥିଲେ କୁଞ୍ଜବନକୁ ଓ ମହାରାସରେ ହୋଇଥିଲେ ସମ୍ମିଳିତ।

'ରାସ' ଶବ୍ଦର ମୂଳ ଆଧାର ହେଉଛି 'ରସ'। ଭଗବାନ ଶ୍ରୀକୃଷ୍ଣ ହିଁ ରସର ଅନ୍ତହୀନ ସାଗର। ସେଥିପାଇଁ କୁହାଯାଏ, 'ରସୋ ବୈ ସଃ'। ଏହି ଦିବ୍ୟ କ୍ରୀଡ଼ାରେ ଭଗବାନ ଗୋପୀମାନଙ୍କୁ ରାସ ରସ ଆସ୍ୱାଦନ କରାଇବା ନିମନ୍ତେ ପ୍ରତି ଗୋପୀ ନିକଟରେ ସ୍ୱ ସ୍ୱରୂପରେ ପ୍ରକଟିତ ହୋଇ ଗୋପୀମାନଙ୍କ ମନୋସ୍କାମନା ପୂର୍ଣ୍ଣ କରିଥିଲେ। ଏହି ଲୀଳାରେ ପ୍ରେମର ଘନୀଭୂତ ସ୍ୱରୂପରେ ସମସ୍ତ ଗୋପୀ ହୋଇଥିଲେ ଭାବିତା। ଏହି ଲୀଳାରେ କାମ ଅପେକ୍ଷା ପ୍ରେମର ପ୍ରାଧାନ୍ୟ ହୁଏ ଦୃଷ୍ଟିଗୋଚର। କାମରେ ଦୈହିକ ସୁଖର ଲାଳସା ଥିବା ବେଳେ ପ୍ରେମରେ ଆତ୍ମିକ ସୁଖର ଭାବନା ମନକୁ ଆଚ୍ଛନ୍ନ କରିଥାଏ। କାମ ଭୋଗସର୍ବସ୍ୱ ହୋଇଥିବା ବେଳେ ପ୍ରେମ ତ୍ୟାଗ ମନୋଭାବର ପରିପ୍ରକାଶ। ପ୍ରେମର ଦଶବିଧ ସ୍ୱରୂପର ଆଧାରରେ ଶ୍ରଦ୍ଧା ରହିଥିବା ବେଳେ ଶିଖରରେ ଅବସ୍ଥାନ କରେ ମହାଭାବ। ସେହି ସ୍ତରଗୁଡ଼ିକ ହେଉଛି ଶ୍ରଦ୍ଧା, ବିଶ୍ୱାସ, ସ୍ନେହ, ପ୍ରେମ, ମାନ, ପ୍ରଣୟ, ରାଗ, ଅନୁରାଗ, ଭାବ ଓ ମହାଭାବ। ଗୋପୀମାନେ ବୈଧୀ ଭକ୍ତି ଅପେକ୍ଷା ରାଗାନୁଗା ଭକ୍ତିକୁ ଦେଉଥିଲେ ପ୍ରାଧାନ୍ୟ। ରାଗ ଅର୍ଥ ପ୍ରୀତି ବା ପ୍ରେମ ଏବଂ ଅନୁଗା ଅର୍ଥ ଅନୁଧାବନ। ବୈଧି ଭକ୍ତିର ପରିସମାପ୍ତି ହୋଇଥାଏ ରାଗାନୁଗା ଭକ୍ତିରେ। ରାଗାନୁଗା ଭକ୍ତି ରୂପାନ୍ତରିତ ହୁଏ ପୂର୍ଣ୍ଣ ସମର୍ପଣରେ। ଗୋପୀମାନଙ୍କର ପୂର୍ଣ୍ଣ ସମର୍ପଣର ପ୍ରତିଫଳନ ହିଁ ମହାରାସ। ଜୀବ ଓ ପରମର ମିଳନ ହିଁ ମହାରାସ। ଗୋପୀ ରୂପୀ ଆତ୍ମାର ଶ୍ରୀକୃଷ୍ଣ ରୂପୀ ପରମାତ୍ମାଙ୍କ ସହିତ ମହାମିଳନର ପର୍ବ ହିଁ ମହାରାସ।




ଗୋପୀମାନଙ୍କ ସହିତ ନଟନାଗର ଶ୍ରୀକୃଷ୍ଣଙ୍କର କୁଞ୍ଜବନରେ ଯେଉଁ ରାସଲୀଳା ଶରଦ ପୂର୍ଣ୍ଣିମା ରାତ୍ରରେ ଅନୁଷ୍ଠିତ ହୋଇଥିଲା, ତାହା ହେଉଛି ଭଗବତ ରାଜ୍ୟର ଲୀଳା, ଯାହାକୁ ଜଗନ୍ନାଥ ଦାସ ସୁନ୍ଦର ଭାବେ ନବାକ୍ଷରୀରେ କରିଛନ୍ତି ଅନୁସୃଜନ; ଯଥା- 'ରାସ ଉତ୍ସବେ ବ୍ରଜନାରୀ/ ଏକର କର ଆରେ ଧରି/ ଅନନ୍ତ ମାୟା ଯୋଗ କରି/ ଷୋଳ ସହସ୍ର ରୂପ ଧରି/ ଗୋପୀକେ ଗୋବିନ୍ଦ ଗୋଟିଏ/ ସ୍ୱର୍ଗେ ଦେଖନ୍ତି ଦେବତାଏ/ କୃଷ୍ଣର ଦେଖି କ୍ରୀଡ଼ା ରସ/ ତ୍ରିଦଶେ ହୋଇଲେ ହରଷ।'

ସମସ୍ତ ଦୃଶ୍ୟମାନ ଜଗତକୁ ସର୍ଜନା କରିବା ସହିତ ସୃଷ୍ଟିକୁ ବିସ୍ତାରିତ ତଥା ଗତିଶୀଳ କରାଇବା ସଙ୍ଗେ ସଙ୍ଗେ କ୍ଷଣକ ମଧ୍ୟରେ ମହାପ୍ରଳୟ ବା ପ୍ରାକୃତିକ ପ୍ରଳୟ ଘଟାଇ ଉନ୍ନାଭି ପରି ଚରାଚର ବିଶ୍ୱକୁ ନିଜ ହିରଣ୍ୟଗର୍ଭରେ ସ୍ଥାନିତ କରି ପାରୁଥିବା ପୂର୍ଣ୍ଣବ୍ରହ୍ମ ଭଗବାନ ଶ୍ରୀକୃଷ୍ଣଙ୍କର ଦିବ୍ୟାତିଦିବ୍ୟ ଲୀଳା 'ମହାରାସ'ର କଥା ଓ ଗାଥାକୁ ପୁଣ୍ୟ କାର୍ତ୍ତିକରେ ଭକ୍ତଜନମାନେ ପଠନ, କୀର୍ତ୍ତନ ଓ ଶ୍ରବଣ କରି ହୁଅନ୍ତି ଆନନ୍ଦିତ, ଆହ୍ଲାଦିତ ଓ ବିମୋହିତ।

ଶ୍ରୀକ୍ଷେତ୍ର ବିହାର, ଭୁବନେଶ୍ୱର
ମୋ: ୯୮୬୧୪୭୦୧୯୮

# ପ୍ରଦୂଷଣର ପରିଣତି

ପ୍ରତି ବର୍ଷ ପାର୍ବଣ ଋତୁ ଆରମ୍ଭରୁ ଚର୍ଚ୍ଚା ଆରମ୍ଭ ହୋଇଯାଏ ବାୟୁ ପ୍ରଦୂଷଣ ସମ୍ପର୍କରେ, ଯଦିଓ ବର୍ଷର ଅନ୍ୟ ସମୟରେ ମଧ୍ୟ କେବେ କେମିତି, ବିଶେଷକରି ସିଓପି ଆରମ୍ଭ ହେବାଠାରୁ ଶେଷ ହେବାର କିଛି ଦିନ ପର୍ଯ୍ୟନ୍ତ ଏ ବିଷୟରେ ଆଲୋଚନା କରାଯାଇଥାଏ ବିଭିନ୍ନ ଗଣମାଧ୍ୟମରେ। ଆମ ଦେଶରେ ଏହି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟି ଯାଏ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍) ଦିଲ୍ଲୀ, ଯାହାର ବାୟୁମଣ୍ଡଳରେ ଭରିଯାଏ ଏକ ଧୂଳି ଧୂଆଁର ଏକ ଘନ ଆସ୍ତରଣ ଓ ଏଠାକାର ବାସିନ୍ଦାମାନେ ଅଣନିଃଶ୍ୱାସୀ ହୋଇ ପଡ଼ନ୍ତି ପ୍ରଦୂଷଣ ଯୋଗୁଁ। ଏହାର କାରଣ, ବାୟୁମଣ୍ଡଳରେ ଏହାର ପାଖାପାଖି ରାଜ୍ୟମାନଙ୍କରେ ଫସଲର ଅବଶିଷ୍ଟାଂଶ ପୋଡ଼ି ଯୋଗୁଁ ଏବଂ ପାର୍ବଣ ଋତୁର ବାଣ ଫୁଟା ଫଳରେ ଜମି ଯାଉଥିବା ଧୂଆଁ। ଏହା ମିଶିଯାଏ ସମ୍ପୃକ୍ତ ଅଞ୍ଚଳର ଗାଡ଼ି ମଟର ଧୂଆଁ ସହିତ ଏବଂ ଶୀତ ଋତୁରେ ଏହା ପରିସ୍ଥିତିକୁ କରିଦିଏ ଅଧିକ ସଙ୍ଗୀନ ଯେହେତୁ ବାୟୁର ଗତି ଏହି ସମୟରେ ଶିଥିଳ ହୋଇଯାଏ। ପରିସ୍ଥିତିକୁ ସମ୍ଭାଳିବାକୁ କେବଳ ସରକାର ନୁହନ୍ତି, ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ ମଧ୍ୟ ଆଗେଇ ଆସନ୍ତି; କେତେକ କଟକଣା ଜାରି କରନ୍ତି, ଆଉ ତା'ପରେ କେତେକାଂଶରେ ପୂର୍ଣ୍ଣଚ୍ଛେଦ ପଡ଼େ ରାଜନୀତିକ ଦଳମାନଙ୍କ ଦ୍ୱାରା କରାଯାଉଥିବା ପରସ୍ପର ଉପରେ ଦୋଷାରୋପ ଉପରେ। ଚଳିତ ବର୍ଷ ଏଇ ପ୍ରଦୂଷଣ କବଳରୁ ରକ୍ଷା ପାଇବା ପାଇଁ କୃତ୍ରିମ ବର୍ଷା କରାଯିବା ଭଳି ପଦ୍ଧତିର ମଧ୍ୟ ପରୀକ୍ଷା କରାଯାଇଥିଲା ଏଇ କିଛି ଦିନ ପୂର୍ବେ। ଆଉ ଏସବୁ ଭିତରେ ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ଡାକ୍ତରୀ ମୁଖପତ୍ର ଲାନ୍‌ସେଟ୍ ସାମ୍ନାକୁ ଆଣିଛି କେତେକ ହତଚକିତ କରିଦେବା ଭଳି ତଥ୍ୟ। ସୂଚନାଯୋଗ୍ୟ ଯେ କେବଳ ଦିଲ୍ଲୀ ନୁହେଁ, ଭାରତର ଅନେକ ସହର ଏଇ ପ୍ରଦୂଷଣର ବଳୟରେ ରହିଛି; ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଚଳିତ ବର୍ଷର ଦୀପାବଳି ପରେ ପୂର୍ବାପେକ୍ଷା ଅଧିକ ପ୍ରଦୂଷିତ ହୋଇଥିବାର ସମ୍ବାଦ ତ ପ୍ରକାଶ ପାଇଥିଲା।

ସ୍ୱାସ୍ଥ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ୨୦୨୫ ପାଇଁ ଲାନ୍‌ସେଟ୍‌ର ଅବଗଣନା ବା କାଉଣ୍ଟଡାଉନ୍ ଏକ ଭୟଙ୍କର ଚିତ୍ର ପ୍ରଦାନ କରେ: ୨୦୨୨ରେ ପିଏମ୍୨.୫, ଏକ ପ୍ରାଣଘାତୀ କଣିକା ପ୍ରଦୂଷଣକାରୀ ପ୍ରତି ଉନ୍ମୁଖତା ଯୋଗୁଁ ୧.୭ ମିଲିଅନ୍‌ରୁ ଅଧିକ ସଂଖ୍ୟକ ଭାରତୀୟ ପ୍ରାଣ ହରାଇ ଥିଲେ। ଏହି ମୃତ୍ୟୁ ସଂଖ୍ୟା ୨୦୧୦ ତୁଳନାରେ ଥିଲା ୩୮ ପ୍ରତିଶତ ଅଧିକ। ଏହିସବୁ ମୃତ୍ୟୁ ମଧ୍ୟରୁ ୪୪ ପ୍ରତିଶତ ପାଇଁ ଦାୟୀ ଥିଲା ଜୀବାଶ୍ମ ଜାଳେଣି, ଯେଉଁଥିରୁ ସଡ଼କ ପରିବହନ ପାଇଁ ପେଟ୍ରୋଲର ବ୍ୟବହାର ୨.୬୯ ଲକ୍ଷ ମୃତ୍ୟୁ ପାଇଁ ଦାୟୀ ହୋଇଥିବା ବେଳେ ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କେନ୍ଦ୍ରମାନଙ୍କରେ ଜାଳେଣି ଭାବରେ ବ୍ୟବହାର କରାଯାଉଥିବା କୋଇଲା ୩.୯୪ ଲକ୍ଷ ମାନବ ଜୀବନ ହାନିର କାରଣ ହୋଇଥିଲା। ମରଣଶୀଳତା କେବଳ ଏଭଳି ବିଷାକ୍ତ ବାୟୁର ପରିଣତି ନୁହେଁ; ଏହି ଜୀବନ ହାନିର ଅର୍ଥନୀତିକ ମୂଲ୍ୟ ମଧ୍ୟ ଯଥେଷ୍ଟ ବିଚଳିତ କରିଦେବା ଭଳି। ଲାନ୍‌ସେଟ୍ ରିପୋର୍ଟ ଉଲ୍ଲେଖ କରିଛି ଯେ ୨୦୨୨ରେ ଭାରତରେ ବାହ୍ୟ ବାୟୁ ପ୍ରଦୂଷଣ ଯୋଗୁଁ ଘଟିଥିବା ଅକାଳ ମୃତ୍ୟୁର ପରିଣତି ସମଗ୍ର ଦେଶ ପାଇଁ ୩୩୯.୪ ବିଲିଅନ୍ ଡଲାର ପରିମାଣର କ୍ଷତିର କାରଣ ହୋଇଥିଲା, ଯାହା ଥିଲା ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୯.୫ ପ୍ରତିଶତ। ଏସବୁ ହେଉଛି ଭାରତ ପରିପ୍ରେକ୍ଷୀରେ ଲାନ୍‌ସେଟ୍‌ର ତଥ୍ୟ। ତେବେ ସମଗ୍ର ବିଶ୍ୱର ଚିତ୍ର ଆହୁରି ଅଧିକ ଭୟଙ୍କର। ପ୍ରଦୂଷଣ ଯୋଗୁଁ ମାନବ ସ୍ୱାସ୍ଥ୍ୟ ପ୍ରତି ରହିଥିବା ବିପଦଗୁଡ଼ିକର ମାପ କରୁଥିବା ୨୦ଟି ସୂଚକ ମଧ୍ୟରୁ ୧୨ଟି ଜଳବାୟୁ ପରିବର୍ତ୍ତନ ସହିତ ସଂଯୁକ୍ତ- ଅତ୍ୟଧିକ ଉତ୍ତାପଠାରୁ ଆରମ୍ଭ କରି ଖାଦ୍ୟ ସୁରକ୍ଷାଠାରୁ ବାୟୁ ପ୍ରଦୂଷଣ ପର୍ଯ୍ୟନ୍ତ- ଯେଉଁଗୁଡ଼ିକ ବର୍ତ୍ତମାନ ସୁଦ୍ଧା ରେକର୍ଡ ପରିମାଣର ଉଚ୍ଚତାରେ ପହଞ୍ଚି ସାରିଲାଣି।

ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ ଭଳି ଏକ ବହୁମୁଖୀ ବିପର୍ଯ୍ୟୟର କେନ୍ଦ୍ରରେ ରହିଛି ଆନୁଷ୍ଠାନିକ ବିଫଳତା ଏବଂ ଜଟିଳତା ସମୂହ। ପରିବେଶ ଉପରେ ଭୟଙ୍କର ହାନିକାରକ ପ୍ରଭାବମାନ ପକାଉ ଥିଲେ ସୁଦ୍ଧା ବୈଶ୍ୱିକ ଜୀବାଶ୍ମ ଜାଳେଣି ରିହାତିଗୁଡ଼ିକ ଏବେ ବି ବଳବତ୍ତର ରହିଛି। ଭାରତର ଜଳବାୟୁ ଏବଂ ସ୍ୱାସ୍ଥ୍ୟଜନିତ ପାରିବେଶିକ ବ୍ୟବସ୍ଥାଗୁଡ଼ିକ ବିଭିନ୍ନ ସଂସ୍ଥା ମଧ୍ୟରେ ବିଭାଜିତ ହୋଇ ରହିଛି- ଜନସ୍ୱାସ୍ଥ୍ୟ ସଂସ୍ଥା ସମୂହ, ସହରାଞ୍ଚଳ ଯୋଜନାକାରୀ ଏବଂ ଜଳବାୟୁ-ଅନୁକୂଳନ ସଂସ୍ଥାଗୁଡ଼ିକ ନିଜ ନିଜ କ୍ଷେତ୍ରରେ ଧୀର ମନ୍ଥର ଗତିରେ କାମ କରି ଚାଲିଛନ୍ତି। ବାୟୁର ଗୁଣାତ୍ମକ ମାନ ମାନକ ସମୂହର ସମାନ ଧରଣର ପ୍ରବର୍ତ୍ତନ, ବିପଦଗୁଡ଼ିକର ନିରୀକ୍ଷଣ କ୍ଷେତ୍ରରେ ଅସମାନତା ଏବଂ ପ୍ରଦୂଷଣର ଉତ୍ସଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ରାଜନୀତିକ ଇଚ୍ଛାଶକ୍ତିର ଅଭାବ ଏହି ସଂକଟର ବୃଦ୍ଧି ଏବଂ ବହୁମୁଖୀ କରିବା ଦିଗରେ ପଥ କଢ଼ାଇ ନେଇଛି। ଏହାଠୁ ବଳି ଅଧିକ ଗୁରୁତର କଥା ହେଉଛି, ସରକାର ପ୍ରାୟତଃ କେତେକ ଅସ୍ଥାୟୀ ପଦକ୍ଷେପ ନେବାରେ ସୀମିତ ରହୁଛନ୍ତି: ପାରିବେଶିକ ଅବକ୍ଷୟର ସଂରଚନିକ କାରଣଗୁଡ଼ିକର ନିରାକରଣ କରିବା ପରିବର୍ତ୍ତେ ନୂଆଦିଲ୍ଲୀର କ୍ଲାଉଡ୍ ସିଡିଂ ବା କୃତ୍ରିମ ବର୍ଷା ସୃଷ୍ଟି କରିବା ଏହାର ଏକ ପ୍ରକୃଷ୍ଟ ଉଦାହରଣ। ଦୁର୍ବଳ ଆଇନ ପ୍ରଣୟନ ଏବଂ ଆନୁଷ୍ଠାନିକ ଉଦାସୀନତାଗୁଡ଼ିକ କେବଳ ଆହ୍ୱାନ ନୁହେଁ: ଦୁର୍ବଳ ବାୟୁ ପ୍ରତି ଜନସାଧାରଣଙ୍କର ଉଦାସୀନତା ମଧ୍ୟ ବିସ୍ମିତ କରିଦେବା ଭଳି। ପ୍ରତି ବର୍ଷ ଦୀପାବଳି ସମୟରେ ବାୟୁ ପ୍ରଦୂଷଣର ମାତ୍ରାକୁ ଢେର୍ ଅଧିକ ଗୁଣରେ ବଢ଼ାଇ ଦେଉଥିଲେ ସୁଦ୍ଧା, ଏପରିକି ଜୀବନକୁ ଅଣନିଃଶ୍ୱାସୀ କରି ପକାଉ ଥିଲେ ସୁଦ୍ଧା ବାଣ କିଣି ତାକୁ ଫୁଟାଇବା ପାଇଁ ଲୋକମାନଙ୍କ ଆଗ୍ରହରେ ଭଙ୍ଗା ପଡୁନାହିଁ। ମନେହୁଏ, ସ୍ୱାସ୍ଥ୍ୟ ଏବଂ ପରିବେଶ ବାବଦରେ ସମସ୍ତ ବିଚାର ଆଲୋଚନା ଉପରେ ଧାର୍ମିକ ବହୁଳତାବାଦ ଏକ ବିପଜ୍ଜନକ ପ୍ରାଥମିକତାକୁ ପ୍ରୋତ୍ସାହିତ କରୁଛି। ସମୟ ଉପଗତ ହୋଇଛି, ଭାରତ ଜଳବାୟୁଜନିତ ସ୍ୱାସ୍ଥ୍ୟହାନିକୁ ଏକ ଆନୁଷଙ୍ଗିକ କ୍ଷତି ଭାବରେ ବିବେଚନା କରିବା ଅନୁଚିତ। ସରକାର ଶାସନର ନୀତି ଏବଂ ସ୍ୱାସ୍ଥ୍ୟଜନିତ ଅଧିକାର ସହିତ ଜଳବାୟୁ ନୀତି ଏବଂ ଜଳବାୟୁ ପରିବର୍ତ୍ତନର ଅର୍ଥନୀତିକ ପରିଣତିଗୁଡ଼ିକୁ ଏକତ୍ରିତ କରିବା ଉଚିତ ଏବଂ ବିଭିନ୍ନ ଦିଗରୁ ଏହାର ପ୍ରଭାବକୁ ଲୋପ କରିବା ଭଳି ପଦକ୍ଷେପମାନ ନେବା ସର୍ବାଦୌ କାମ୍ୟ।

# ରାଗ, ବୈରାଗ୍ୟ ଓ ବିତରାଗ

ମଣିଷର କୌଣସି ନା କୌଣସି ବସ୍ତୁ ବା ବ୍ୟକ୍ତି ପ୍ରତି ଅଧିକ ଆସକ୍ତି ଥାଏ। ମଣିଷର ଏହି ଆସକ୍ତିକୁ କୁହାଯାଏ 'ରାଗ'। ଠିକ୍ ସେମିତି କୌଣସି ବସ୍ତୁ ପ୍ରତି ଥିବା ଅନାଗ୍ରହକୁ ବିରାଗ ବା 'ବୈରାଗ୍ୟ' କୁହାଯାଏ। କିନ୍ତୁ 'ବିତରାଗ' ଚିତ୍ତର ଅନ୍ୟ ଏକ ସ୍ଥିତି। ରାଗ ଓ ବୈରାଗ୍ୟ ଏ ଉଭୟ କ୍ଷେତ୍ରରେ ଧନର ମୂଲ୍ୟକୁ କଳନା କରାଯାଏ। ବିତରାଗ ଚିତ୍ତର ଏମିତି ଏକ ସ୍ଥିତି, ଯେଉଁଠି ଆସକ୍ତି ବା ଅନାସକ୍ତି ନଥାଏ। ବିତରାଗ ସ୍ଥିତିର ଏକ ଉଦାହରଣ।

କେହି କେହି କବୀର ଦାସଙ୍କୁ ଶ୍ରଦ୍ଧା ଓ ଭକ୍ତିରେ କିଛି ଭେଟି ଦେଉଥିଲେ। କବୀର ଦାସ ବୈରାଗୀ ଥିଲେ। ତେଣୁ ସେ ଭେଟି ଗ୍ରହଣ କରୁ ନଥିଲେ। କିନ୍ତୁ ତାଙ୍କ ପୁଅ କମାଲ୍ ସେହି ଭେଟିକୁ ରଖୁଥିଲେ। ଏହା କବୀରଙ୍କୁ ଭଲ ଲାଗୁ ନଥିଲା। ସେ କମାଲ୍‌ଙ୍କୁ ଅନ୍ୟତ୍ର ରହିବା ପାଇଁ ଆଦେଶ ଦେଲେ। କମାଲ୍ ମଧ୍ୟ କିଛି ଦୂରରେ କୁଡ଼ିଆଟିଏ ନିର୍ମାଣ କରି ରହିଲେ। ଦିନେ କାଶୀର ରାଜା କବୀରଙ୍କୁ ଭେଟିବା ପାଇଁ ଗଲେ। କମାଲ୍‌ଙ୍କ କଥା ବି ପଚାରିଲେ।

**କବୀର କହିଲେ-** 'ତା'ର ଧନ ଉପରେ ଲୋଭ ବଢ଼ି ଯାଇଛି। ତେଣୁ ଅନ୍ୟ ସ୍ଥାନରେ ରହିବାକୁ କହିଛି।' କାଶୀରାଜା ଦିନେ କମାଲ୍‌ଙ୍କ ଆଶ୍ରମକୁ ଗଲେ। ସାଥିରେ ନେଇଥିଲେ ହୀରା ପଥରଟିଏ। ତାହା କମାଲ୍‌ଙ୍କ ପାଦ ତଳେ ରଖି ପ୍ରଣାମ କଲେ। କମାଲ୍ କହିଲେ- 'ତୁମେ ଯଦି ଏହାକୁ ସାଧାରଣ ପଥର ଭାବୁଛ, ତା'ହେଲେ ରଖିଦେଇ ଯାଅ। ନହେଲେ ଅଯଥାରେ ପଥର କାହିଁକି ବୋହି ବୋହି ନେବ!' ରାଜା ଭାବିଲେ, ଏ ତ ବଡ଼ ଚାଲାକ୍ କଥା କହୁଛନ୍ତି! ହୀରାକୁ କେହି କ'ଣ ପଥର ଭାବେ ?

**କମାଲ୍ କହିଲେ-** 'ଯଦି ତୁମେ ଏହାକୁ ପଥର ଭାବି ଥାଆନ୍ତ, ତା'ହେଲେ କେଉଁଠି ବି ରଖି ଥାଆନ୍ତ। ତୁମେ ଏଯାଏଁ ସାଧାରଣ ପଥର ଭାବିପାରି ନାହିଁ। ଏବେ ବି ତୁମ ଇଚ୍ଛା ତାକୁ ଯେଉଁଠି ରଖିବା କଥା ରଖିଦିଅ।'

କାଶୀରାଜା କମାଲ୍‌ଙ୍କୁ ଜଣାଇ କୁଡ଼ିଆର ଚାଳରେ ସେହି ହୀରା ପଥରକୁ ଖୋସିଦେଇ ଫେରିଗଲେ। ଅନେକ ଦିନ ବିତିଗଲା। ରାଜା ପୁଣି ଥରେ କମାଲ୍‌ଙ୍କୁ ଭେଟିଲେ। କହିଲେ- 'ଆପଣଙ୍କୁ ମୁଁ ଥରେ ଭେଟିଥିଲି। ତା' ସହିତ ଏକ ମୂଲ୍ୟବାନ ହୀରା ସେହି କୁଡ଼ିଆ ଚାଳରେ ଖୋସିଦେଇ ଆସିଥିଲି।'

**କମାଲ୍ କହିଲେ-** 'ସେ ବିଷୟ ମୁଁ ଜାଣେନାହିଁ। ତଥାପି ଦେଖିଆସ।'

ରାଜା ଯଥା ସ୍ଥାନରେ ଦେଖନ୍ତି ତ ସେମିତି ହୀରା ପଥରଟି ଚାଳରେ ଥିଲା। କମାଲ୍ ସେ ଆଡ଼କୁ ଦୃଷ୍ଟି ଦେଇ ନଥିଲେ।

ଏହାର ନାମ ହେଲା 'ବିତରାଗ'। 'ରାଗ' ହେଉଛି ଦ୍ରବ୍ୟ ପ୍ରତି ଆସକ୍ତି। 'ବୈରାଗ୍ୟ' ହେଉଛି, ଦ୍ରବ୍ୟକୁ ଚିହ୍ନି ତାକୁ ତ୍ୟାଗ କରିବା ଆଉ 'ବିତରାଗ' ହେଉଛି କମାଲ୍‌ଙ୍କ ଦୃଷ୍ଟିଭଙ୍ଗୀ ଭଳି। ପାଖରେ ଥାଇ ମଧ୍ୟ ନଥିଲା ପରି ରହିବା।

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ସୁଦାନରେ ଓଡ଼ିଆ ଯୁବକ ଅପହରଣ

# ଉଦ୍ଧାର ପାଇଁ ପରିବାର ପକ୍ଷରୁ ନିବେଦନ



**ଜଗତସିଂହପୁର,୪।୧୧/ଏନ୍ଏନ୍ଏସ୍:** ଆଫ୍ରିକାନ ମହାଦେଶର ସୁଦାନରେ ଜଣେ ଓଡ଼ିଆ ଯୁବକଙ୍କୁ ବିଦ୍ରୋହିମାନେ ଅପହରଣ କରି ନେଇଛନ୍ତି। ସେଠାରେ ଗୃହ ଯୁଦ୍ଧରେ ସାମିଲ ବିଦ୍ରୋହୀଙ୍କ ଦ୍ୱାରା ଅପହରଣ ହୋଇଛନ୍ତି। ଅପହୃତ ଯୁବକ ଜଣଙ୍କ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ କୋଟକଣା ଗାଁର ଆଦର୍ଶ ବେହେରା। ସେ ତିନିବର୍ଷ ହେଲା ସୁଦାନର ଦର୍ଫୁର ଷ୍ଟେଟର ଅଲ୍ ଫାସିର ଠାରେ ଥିବା ଏକ ଘରୋଇ ପ୍ଲାଷ୍ଟିକ କମ୍ପାନୀରେ ମେସିନ ଅପରେଟର କାମ କରୁଥିଲେ। ସେଠାରେ କିଛିଦିନ ହେଲା ଗୃହଯୁଦ୍ଧ ଲାଗିରହିଛି। ଯାହାଫଳରେ କମ୍ପାନୀ ବନ୍ଦ ରହିଛି। କମ୍ପାନୀ ବନ୍ଦ ରହିଥିବା ବେଳେ ସପ୍ତାହେ ତଳେ କମ୍ପାନୀ ମାଲିକଙ୍କ ଅନୁରୋଧ କ୍ରମେ ସେ କାର୍ଯ୍ୟାଳୟକୁ ଯାଇଥିବା ବେଳେ ବିଦ୍ରୋହୀ ଆତଙ୍କବାଦୀମାନେ ତାଙ୍କୁ ଅପହରଣ କରି ନେଇଛନ୍ତି। ଏହି ବାବଦରେ ଅପହରଣକାରୀମାନେ ଏକ ଭିଡିଓ ଜାରି କରିଥିବା ସହ ଅପହୃତ ଯୁବକଙ୍କର ମଧ୍ୟ ହିନ୍ଦୀରେ ଏକ ଅଡିଓ ତାଙ୍କ ଘରକୁ ପଠାଇଛନ୍ତି। ହେଲେ ତାଙ୍କର ଆଉ କୌଣସି ସନ୍ଧାନ ମିଳି ପାରିନାହିଁ। ଆରପଟେ ପୁଅ ଅପହରଣ ଖବର ପାଇବା ପରେ ବାପା-ମାଆ ଭାଙ୍ଗି ପଡିଥିବା ବେଳେ ତାଙ୍କ ସ୍ତ୍ରୀ ସସ୍ମିତା ବେହେରା ଭୟଭିତ ହୋଇପଡ଼ିଛନ୍ତି। ତାଙ୍କର ୮ ଓ ୩ବର୍ଷର ୨ଟି ପୁଅ ଅଛନ୍ତି। ପୁଅ ଆଦର୍ଶଙ୍କୁ ତୁରନ୍ତ ଉଦ୍ଧାର ନିମନ୍ତେ ବାପା କ୍ଷେତ୍ରବାସୀ ବେହେରା ଓ ମାଆ ଆରତୀ ବେହେରା ଗଣମାଧ୍ୟମ ଜରିଆରେ ସରକାରଙ୍କୁ ଆକୁଳ ନିବେଦନ କରିଛନ୍ତି। ଏଥି ସହିତ ଏ ସମ୍ପର୍କରେ ତିର୍ତ୍ତୋଲ ଥାନା ଓ ଜିଲ୍ଲା ଶ୍ରମଭିଭାଗ ନିକଟରେ ଅଭିଯୋଗ କରିଛନ୍ତି। ଅନ୍ୟ ପାର୍ଶ୍ୱରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଏ ସମ୍ପର୍କରେ ଭାରତୀୟ ଆମ୍ବାସୀଙ୍କୁ ଅବଗତ କରାଯାଇଥିବା ସୂଚନା ପ୍ରଦାନ କରିଛନ୍ତି।

## ଗୋକର୍ଣ୍ଣେଶ୍ୱର ପୀଠରେ ଲାଗିହେଲା ଗଜଭୋଗ

**ଧର୍ମଶାଳା,୪।୧୧/ଏନ୍ଏନ୍ଏସ୍:** ଗତ ଏକ ମାସ ଧରି କାର୍ତ୍ତିକମାସ ବା ଧର୍ମମାସ ଚାଲିଥିବା ବେଳେ ଏବେ ମାସର ଶେଷ ପର୍ଯ୍ୟାୟ ପଞ୍ଚକରେ ବିଭିନ୍ନ ଶୈବପୀଠରେ ଭକ୍ତମାନଙ୍କ ଭିଡ ଲାଗିରହିଛି । ତେବେ ଆଜି ବଡ଼ଓଷା ହୋଇଥିବା ବେଳେ ବିଭିନ୍ନ ଶୈବପୀଠରେ ଅସମ୍ଭାଳ ଭିଡ ପରିଲକ୍ଷିତ ହୋଇଛି। ଏହିକ୍ରମରେ ଧର୍ମଶାଳାର ପ୍ରସିଦ୍ଧ ଶୈବପୀଠ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା। ତେବେ ଆଜିର ଏହି ପବିତ୍ର ଦିନରେ ଭକ୍ତମାନେ ମହାଦେବଙ୍କୁ ଦର୍ଶନ କରି ଗଜଭୋଗ ଲାଗି କରିବା ସହ ଦୀପ ଜାଳୁଥିବା ଦେଖିବାକୁ ମିଳିଛି। ଆଜି ଭୋର ସମୟରୁ ପହଡ଼ ଖୋଲାଯାଇ ପ୍ରଭୁଙ୍କୁ ସ୍ନାନ କରାଯିବା ସହ ବଡ ସିଂହାର ବେଶ, ଧୂପ, ବାଲ୍ୟ ଭୋଗ, ମଙ୍ଗଳ ଆଳତି ଆଦି ବିଦ୍ଧି ମୁତାବକ ପୂଜାର୍ଚ୍ଚନା କରାଯାଇଥିଲା। ମନ୍ଦିରରେ ବାବା ଗୋକର୍ଣ୍ଣେଶ୍ୱରଙ୍କୁ ଦର୍ଶନ ଲାଗି ବହୁ ଦୂରଦୂରାନ୍ତରୁ ଭକ୍ତମାନେ ଛୁଟି ଆସିଥିବା ଦେଖିବାକୁ ମିଳିଛି। ଭକ୍ତମାନଙ୍କ ଭିଡକୁ ଦେଖି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର ପରିସରରେ ପୁଲିସ ମୁତୟନ କରାଯାଇଥିଲା।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ୪୮୨ ଭିନ୍ନକ୍ଷମଙ୍କ ଡାକ୍ତରୀ ପରୀକ୍ଷା



**ରାଜନଗର,୪।୧୧/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ରପ୍ରସାଦ ରାଉତ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଷଚନ୍ଦ୍ର ଗୁଡିଆ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ସଂଗ୍ରାମ ବେଉରା, ବିଡିଓ ଅନିରୁଦ୍ଧ ବେହେରା, ସରପଞ୍ଚ ଅଶୋକ କୁମାର ମହାନ୍ତି ସାମିଲ ହୋଇଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ, ମାନସିକ, ଶ୍ରବଣବାଧିତ, ଶିଶୁରୋଗ ଓ ଦୃଷ୍ଟି ବାଧିତ ଭିନ୍ନକ୍ଷମମାନଙ୍କ ପାଇଁ ୬ଟି ପଞ୍ଜୀକରଣ କେନ୍ଦ୍ର କରାଯାଇଥିଲା। ଅସ୍ଥିଶଲ୍ୟରେ ୧୭୭ଜଣ ପଞ୍ଜୀକରଣ କରିଥିବା ବେଳେ ୧୭୦ଜଣଙ୍କୁ ପରୀକ୍ଷା କରାଯାଇଥିଲା। ମାନସିକ ଅନଗ୍ରସର ବିଭାଗରେ ୧୧୬ଜଣ ପଞ୍ଜୀକରଣ କରିଥିବା ବେଳେ ୮୯ଜଣଙ୍କୁ ପରୀକ୍ଷା କରାଯାଇଥିଲା। ଶ୍ରବଣବାଧିତ ପାଇଁ ୬୩ଜଣ ପଞ୍ଜୀକରଣ କରିଥିବା ବେଳେ ୫୯ଜଣଙ୍କର ପରୀକ୍ଷା କରାଯାଇଥିଲା। ସେହିପରି ଦୃଷ୍ଟିବାଧିତ ପାଇଁ ୫୫ଜଣ ପଞ୍ଜୀକରଣ କରିଥିବା ବେଳେ ୫୨ଙ୍କର ପରୀକ୍ଷା କରାଯାଇଥିଲା। ଭେଷଜ ବିଭାଗରେ ୮୧ଜଣ ପଞ୍ଜୀକରଣ କରିଥିବା ବେଳେ ୭୪ଜଣ ଡାକ୍ତରୀ ପରୀକ୍ଷା କରାଇଥିଲା। ମୋଟ୍ ୫୩୦ଜଣ ଏହି ଶିବିରରେ ପଞ୍ଜୀକରଣ କରିଥିବା ବେଳେ ୪୮୨ଜଣଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଏହି ଭିନ୍ନକ୍ଷମମାନଙ୍କୁ ସେମାନଙ୍କ ଉପଯୋଗୀ ଉପକରଣ ପରବର୍ତ୍ତି ସମୟରେ ଯୋଗାଇ ଦିଆଯିବ ବୋଲି ଜଣାପଡିଛି। ଏହି ଶିବିରରେ ଡାକ୍ତର ପ୍ରଶାନ୍ତ କୁମାର ସାହୁ, ଡାକ୍ତର ଅଭିଷେକ ଦ୍ୱିବେଦୀ, ଡାକ୍ତର ସଞ୍ଜୀବ କୁମାର ସେଠୀ, ଡାକ୍ତର ଶ୍ରୀକାନ୍ତ କୁମାର ସ୍ୱାଇଁ, ଡାକ୍ତର ରଶ୍ମିରଞ୍ଜନ ମହାନ୍ତି, ଡାକ୍ତର ଅସିତ କୁମାର ବିଶ୍ୱାଳ, ଡାକ୍ତର ସତ୍ୟସୁନ୍ଦର ବିଶ୍ୱାଳ, ଡାକ୍ତର ସଚ୍ଚିଦାନନ୍ଦ ନାୟକଙ୍କ ସହ ଚନ୍ଦନ ବେହେରା, ସତ୍ୟବ୍ରତ ଜେନା, ସ୍ୱପ୍ନମଞ୍ଜରୀ ଦାଶ, ଶ୍ରଦ୍ଧାଞ୍ଜଳି ମହାନ୍ତି ପ୍ରମୁଖ ଡାକ୍ତରୀ ଦଳ ଭିନ୍ନକ୍ଷମମାନଙ୍କୁ ପରୀକ୍ଷା କରିଥିଲେ।

# ବିଭିନ୍ନ ସମସ୍ୟା ଦେଇ ଗତି କରୁଛି ତାଳଚେର

**ତାଳଚେର,୪।୧୧/ଏନ୍ଏନ୍ଏସ୍:** ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଯୋଗୁଁ ଜିଲ୍ଲା ଉନ୍ନୟନ କାର୍ଯ୍ୟ ବାଟବଣା ହେଉଛି। କେତେକ ସରକାରୀ ଅଧିକାରୀଙ୍କ ସ୍ୱେଚ୍ଛାଚାରିତ ବଢ଼ି ଚାଲିଥିବା ବେଳେ ନେତା ଓ ଜନପ୍ରତିନିଧି ନିରବଦ୍ରଷ୍ଟା ସାଜିଛନ୍ତି। ଶାସକଦଳର ନେତାମାନେ ନିଜ ନିଜ ସୁବିଧାରେ ରହୁଥିବା ବେଳେ ବିରୋଧିଦଳର କୌଣସି ଭୂମିକା ରହୁନି। ଲୋକଙ୍କ ପ୍ରତିବାଦର ସ୍ୱର ଉଠୁନଥିବାରୁ ରାଜନେତା ଓ ଅଧିକାରୀ ଏହାର ସୁଯୋଗ ନେଉଛନ୍ତି। ବିଭିନ୍ନ ସମସ୍ୟା ସହ ଯୁଝୁଥିବା ବେଳେ କ୍ଷମତାଶୀଳ ରାଜନେତା ବ୍ୟକ୍ତିଙ୍କ ସମସ୍ୟା ଠାରୁ ଦୂରେଇ ରହୁଛନ୍ତି। କେବଳ ନିର୍ବାଚନ ଆସିଲେ ରାଜନୈତିକ ଦଳଗୁଡ଼ିକ ତତ୍ପରତା ପ୍ରକାଶ କରିଥାଏ। ମିଛ ପ୍ରତିଶ୍ରୁତି ଦେବା ଓ ଲୋକଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ଭୋଟ୍ ହାତେଇବା ସେମାନଙ୍କର ମୁଖ୍ୟ କାର୍ଯ୍ୟ ହେଉଛି। ପଞ୍ଚାୟତ ଠାରୁ ଆରମ୍ଭ କରି ସଂସଦ ପର୍ଯ୍ୟନ୍ତ ଶାସକ ଦଳକୁ ଦୀର୍ଘବର୍ଷ ଧରି ସମର୍ଥନ ଦେଇ ଆସୁଛନ୍ତି। ଏହା ବଦଳରେ ଜିଲ୍ଲାରେ ଯେଉଁ ଅଗ୍ରଗତି ହେବା କଥା ତାହା ହୋଇପାରୁନି। କେବଳ ରାଜ୍ୟବ୍ୟାପି ହେଉନଥିବା ଗରୀବ କଲ୍ୟାଣ ଯୋଜନା ଏକମାତ୍ର। ରାଜ୍ୟ ସରକାର ବିଭିନ୍ନ ଜିଲ୍ଲାରେ ଶିଳ୍ପପ୍ରତିଷ୍ଠାନ କରିବାକୁ ପୁଞ୍ଜି ନିବେଶକାରୀଙ୍କ ସହ ଚୁକ୍ତି କରୁଥିବା ବେଳେ ଲୋକଙ୍କ ସମସ୍ୟା ଦୂର ହେଉନି। ତାଳଚେର ବିଭିନ୍ନ ଖେଳକୁଦରେ ଖେଳାଳିମାନେ ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଇ ଖେଳ ପ୍ରଦର୍ଶନ କରି ତାଳଚେର ଓ ଜିଲ୍ଲା ପାଇଁ ଗୌରବ ଆଣିଦେଇଥିବା ବେଳେ ଅତ୍ୟାଧୁନିକ ଖେଳପଡ଼ିଆ ନଥିବାରୁ ଖେଳାଳିମାନେ ନଭର୍ସ ହୋଇପଡୁଛନ୍ତି। ତାଳଚେର ରାଜବାଟି ନକିଟସ୍ଥ ଏକ ବିସ୍ତିର୍ଣ୍ଣ ଖେଳପଡ଼ିଆ ଥିଲେ ମଧ୍ୟ ତାହାର ଏପର୍ଯ୍ୟନ୍ତ ରକ୍ଷଣାବେକ୍ଷଣା ଅଭାବରୁ ବିଭିନ୍ନ ଖେଳ ଉପଯୋଗୀ ହୋଇପାରୁନି ଏବଂ କ୍ରୀଡ଼ାବିତ୍‌ଙ୍କ ନିମନ୍ତେ ଏହାର ଅତ୍ୟାଧୁନିକ କରାଯାଇ ନାହିଁ। ସହରରେ ଟ୍ରାଫିକ ସମସ୍ୟା ଦୂର କରିବାକୁ ରାସ୍ତା ପ୍ରଶସ୍ତିକରଣ ଏପର୍ଯ୍ୟନ୍ତ କରାଯାଇ ନାହିଁ। ଏପରି ମାଳମାଳ ସମସ୍ୟା ମଧ୍ୟରେ ପାନୀୟଜଳ ସମସ୍ୟା ବସ୍ ଓ ଟ୍ରେନ୍ ଯାତ୍ରୀଙ୍କ ସମସ୍ୟାର, ସହର ଡ୍ରେନେଜ୍ ବ୍ୟବସ୍ଥା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଓ ଶିକ୍ଷାବ୍ୟବସ୍ଥା ଭଳି ସମସ୍ୟା ଲାଗି ରହିଛି। ଫଳରେ ଜନସମ୍ପର୍କ ରଖୁଥିବା ବରିଷ୍ଠ କର୍ମୀମାନେ ଓ ନେତା ଦଳୀୟ ପାର୍ଥିରୁ ବଞ୍ଚିତ ହୋଇ ଆଗକୁ ବଢ଼ିପାରୁ ନାହାନ୍ତି। ରାଜନୀତି ପାଦ ଥାପୁଥିବା ସାଧାରଣକର୍ମୀ ହତାଶ ହୋଇ ଜନସମସ୍ୟା ସମ୍ପର୍କରେ ଚିନ୍ତା କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଜିଲ୍ଲାର ପ୍ରମୁଖ ରାଜନୈତିକ ଦଳ ନେତୃତ୍ୱ ସ୍ଥାନୀୟ ମୌଳିକ ସମସ୍ୟା ଠାରୁ ଦୂରେଇ ରହୁଥିବା ଲକ୍ଷ୍ୟ କରାଯାଇଛି। ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ସରକାରୀ କଳର ଉଦାସୀନତା ଯୋଗୁଁ ଆରମ୍ଭ ହୋଇ ପାରୁନଥିବା ବେଳେ ଅନ୍ୟ କେତକ ଅଧାଗଢ଼ା ହୋଇରହିଛି। ସରକାର ବିଭିନ୍ନ ଯୋଜନାରେ କୋଟି କୋଟିଟଙ୍କା ଆସୁଥିବା ଟଙ୍କା ଦ୍ୱାରା ସାଧାରଣ ଜନତା କିଭଳି ଭାବେ ଉପକୃତ ହେଉଛନ୍ତି ତାହାର ମଧ୍ୟ ପ୍ରତ୍ୟେକ୍ଷ ତଦାରଖ କରାଯାଉ ନାହିଁ। ସରକାରୀ ଅଧିକାରୀମାନେ ନିଜ ଇଚ୍ଛାରେ କାର୍ଯ୍ୟ କରି ଚାଲିଛନ୍ତି।ତେଣୁ ସମସ୍ୟାର ସୁଧାର ପାଇଁ ସାଧାରଣରେ ଦାବି ହୋଇଛି।

## ଗୋରୁ ବୋଝେଇ ବୋଲେରୋ ଜବତ

**କାମାକ୍ଷାନଗର,୪।୧୧/ଏନ୍ଏନ୍ଏସ୍:** କାମାକ୍ଷାନଗର ଥାନା ୫୩ ନମ୍ବର ଜାତୀୟ ରାଜପଥର ବାଲିଗୋରଡ଼ ନିକଟରୁ ଗୋରୁ ବୋଝେଇ ବୋଲେରୋ ଜବତ। ତିନି ଗୋରୁ ଉଦ୍ଧାର। ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତିରେ ଏକ ବୋଲେରୋ ଯୋଗେ ତାଳଚେର ପାର୍ଶ୍ୱରୁ ଚୋରାରେ ଗୋରୁ ବୋଝେଇ ହୋଇଥିବା ନେଇ ମାରୁତି ସେନାର ସଦସ୍ୟମାନେ ଜାଣିବାକୁ ପାଇଥିଲେ। ଏ ନେଇ ସେମାନେ ଆଳତୁମା ରାମିଆଳ ନଦୀ ବ୍ରିଜ୍ ନିକଟରେ ଜଗି ବସିଥିବା ବେଳେ ଗୋରୁ ବୋଝେଇ ବୋଲେରୋଟି ସେମାନଙ୍କୁ ଚକମା ଦେଇ ଫେରାର ହୋଇଯାଉଥିଲା। କିନ୍ତୁ ମାରୁତିସେନାର ସଦସ୍ୟମାନେ ବୋଲେରୋକୁ ପିଛା କରି ବାଲିଗୋରଡ଼ ନିକଟରେ ଅଟକାଇ ଗାଡି ସହ ଗୋରୁକୁ ଜବତ କରିଥିଲେ। ବୋଲେରୋରେ ଥିବା ଗୋରୁ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଜବତ ହୋଇଥିବା ତିନି ଗୋରୁ ଓ ବୋଲେରୋକୁ ପୁଲିସରେ ଜିମା ଦିଆଯାଇଛି। ତେବେ କାମାକ୍ଷାନଗର ଥାନା ଅଞ୍ଚଳରେ ବାରମ୍ବାର ଗୋରୁ ଚାଲାଣ ହେଉଥିବା ବେଳେ ପ୍ରଶାସନ ଓ ପୁଲିସର ଅପାରଗତା ଗୋରୁ ମାଫିଆଙ୍କୁ ସାହସ ଯୋଗାଉଥିବା ବେଳେ ତୁରନ୍ତ ଏହାକୁ ବନ୍ଦ କରିବା ପାଇଁ ମାରୁତିସେନା ସଂଗଠନ ତରଫରୁ ଦାବି କରାଯାଇଛି।

# ବନ କର୍ମଚାରୀଙ୍କୁ ମଇଁଷି ଚରାଳୀଙ୍କ ଆକ୍ରମଣ

**ରାଜନଗର,୪।୧୧/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍ ହାତିନା ପଞ୍ଚାୟତ କଏଥା ଗ୍ରାମର କିଛି ବ୍ୟକ୍ତି ଭିତରକନିକା ଜାତୀୟ ଉଦ୍ୟାନର ତାରବାଡ ଖୋଲି ମଇଁଷି ଚରାଉଥିଲେ। ଜାତୀୟଉଦ୍ୟାନ ମଧ୍ୟରେ ମଇଁଷି ଚରୁଥିବା ଦେଖି ବନକର୍ମଚାରୀମାନେ ବିରୋଧ କରିବାରୁ ମଇଁଷି ଚରାଉଥିବା ଉଦୟ ବାରିକ, ବିରକିଶୋର ପଡିହାରୀଙ୍କ ସହ ଅନ୍ୟ ଦୁଇଜଣ ବ୍ୟକ୍ତି ବନକର୍ମଚାରୀଙ୍କୁ ଗାଳିଗୁଲଜ କରିବା ମାଡ ମାରିଥିଲେ। ଏସମ୍ପର୍କରେ ଖବରପାଇ ଫରେଷ୍ଟର ବିଜୟ ପାତ୍ରଙ୍କ ନେତୃତ୍ୱରେ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦୟ ଓ ବିରକିଶୋରଙ୍କୁ ଧରିବା ପରେ ଅନ୍ୟ ଦୁଇଜଣ ଫେରାର ହୋଇଯାଇଥିଲେ। ଉଭୟଙ୍କୁ ରାଜନଗର ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେମାନଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ଖବରପାଇ କଏଥା ଗ୍ରାମର ମୁରବୀ ନବକିଶୋର ବାରିକ, ଭୀମସେନ ପଡିହାରୀ ପ୍ରମୁଖ ପହଞ୍ଚି ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରାଙ୍କ ସହ ଆଲୋଚନା କରିଥିଲେ। ଭବିଷ୍ୟତରେ ଜାତୀୟ ଉଦ୍ୟାନ ମଧ୍ୟକୁ ଯେପରି ମଇଁଷି ପଶିବେ ନାହିଁ ସେଥିପାଇଁ କଏଥା ଗ୍ରାମର ଗ୍ରାମବାସୀଙ୍କୁ ନେଇ ଏକ ଗ୍ରାମସଭା କରାଯାଇ ସଚେତନତା ସୃଷ୍ଟି କରାଯିବ। ଜାତୀୟ ଉଦ୍ୟାନର ସୁରକ୍ଷା ପାଇଁ ଗ୍ରାମବାସୀମାନେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ବନବିଭାଗ ସହଯୋଗ କରିବାକୁ ସେମାନେ ଅନୁରୋଧ କରିଥିଲେ। ଅଭିଯୁକ୍ତ ଦ୍ୱୟଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦେଇଥିଲେ।

## ବାର୍‌ହା ଶିକାର କରିବାକୁ ଯାଇ ଜଣେ ଗିରଫ

**ପରଜଙ୍ଗ,୪।୧୧/ଏନ୍ଏନ୍ଏସ୍:** ପରଜଙ୍ଗ ଥାନା ସାହା ଫାଣ୍ଡି ଅନ୍ତର୍ଗତ ପାଟର ପଦା ପଞ୍ଚାୟତର କଟା ବାହାଳ ଗ୍ରାମର ଗଙ୍ଗାଧର ସାହୁଙ୍କ ପୁଅ ହରି ସାହୁ(୬୦) ତାଙ୍କ ଧାନ ବିଲରେ ପଶି ବାରହା ଧାନ ଖାଇ ଦେଉଥିବାରୁ ବାରହା ଦାଉରୁ ରକ୍ଷା ପାଇବା ପାଇଁ ଧାନ ବିଲରେ ଏଲଟି ଲାଇନ୍ ସହ ବିଦ୍ୟୁତ୍ ତାର ସଂଯୋଗ କରି ଫାସ ବସାଉ ଥିଲେ। ଯାହା ଫଳରେ ଜୀବ ଜନ୍ତୁଙ୍କୁ ମାରିବା ପ୍ରୟାସ ଅଭିଯୋଗରେ ହରି ସାହୁଙ୍କୁ ଡିହଡୋଳ ଫରେଷ୍ଟର ଚନ୍ଦ୍ରମଣୀ ବେହେରା ଗିରଫ କରିଛନ୍ତି।

## ବାଲିଯାତ୍ରା ପ୍ରଜ୍ଞାପନ ମେଢ଼କୁ ଭବ୍ୟ ସ୍ୱାଗତ



**ଯାଜପୁର,୪।୧୧/ଏନ୍ଏନ୍ଏସ୍:** ଐତିହାସିକ କଟକ ବାଲିଯାତ୍ରାର ସମୃଦ୍ଧ ସାମାଜିକ-ସାଂସ୍କୃତିକ ମହତ୍ତ୍ୱ ଏବଂ ସାମୁଦ୍ରିକ ନୌବାଣିଜ୍ୟ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବିଶେଷ ଭାବରେ ପ୍ରସ୍ତୁତ କରାଯାଇଥିବା ବାଲିଯାତ୍ରା ପ୍ରଜ୍ଞାପନ ମେଢ଼କୁ ଆଜି ଯାଜପୁରରେ ପହଞ୍ଚିବା ପରେ ଜିଲ୍ଲା ଅଧିକାରୀ ଏବଂ କର୍ମଚାରୀମାନେ ଭବ୍ୟ ସ୍ୱାଗତ କରିଛନ୍ତି। ନିର୍ଦ୍ଧାରିତ ସମୟ ଅନୁଯାୟୀ ଦିନ ୧୨ଘଟିକାରେ ପ୍ରଜ୍ଞାପନ ମେଢ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଏହି ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ, ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକଟର ଏବଂ ଯାଜପୁର ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀଗଣ ଉପସ୍ଥିତ ରହି ସ୍ୱାଗତ କରିଥିଲେ। ଏହି ପ୍ରଜ୍ଞାପନ ମେଢ଼ ପ୍ରସିଦ୍ଧ କଟକ ବାଲିଯାତ୍ରା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଏକ ସଚେତନତା ଅଭିଯାନର ଅଂଶବିଶେଷ। ଐତିହାସିକ ବାଲିଯାତ୍ରା ଏବଂ ପ୍ରାଚୀନ କଳିଙ୍ଗ ଏବଂ ବାଲି, ଜାଭା, ସୁମାତ୍ରା ଓ ବୋର୍ଣ୍ଣିଓ ଭଳି ଦକ୍ଷିଣ-ପୂର୍ବ ଏସୀୟ ଦେଶ ମଧ୍ୟରେ ଚାଲିଥିବା ସାମୁଦ୍ରିକ ନୌବାଣିଜ୍ୟର ଗୌରବମୟ ଅତୀତର ବାର୍ତ୍ତା ନେଇ ଏହି ମେଢ଼ଟି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଭ୍ରମଣ କରୁଛି। ଏହା ବ୍ୟାସନଗର ଓ ତା'ପରେ ଚଣ୍ଡିଖୋଲ ଅଭିମୁଖେ ଯିବା ପରେ ପଡ଼ୋଶୀ କେନ୍ଦ୍ରାପଡ଼ା ଜିଲ୍ଲା ଅଭିମୁଖେ ଯିବାକୁ କାର୍ଯ୍ୟସୂଚୀ ରହିଛି। ଏହି ସଚେତନତା ରଥର ଭ୍ରମଣ ହେଉଛି କଟକ ଜିଲ୍ଲା ପ୍ରଶାସନର ଏକ ପଦକ୍ଷେପ। ଯାହା ପ୍ରାଚୀନ ଓଡ଼ିଆ ସାଧବମାନଙ୍କ ଦୁଃସାହସିକ ଯାତ୍ରାକୁ ସ୍ମରଣ କରୁଥିବା ବାଲିଯାତ୍ରା ଉତ୍ସବର ଐତିହାସିକ ତଥା ସାଂସ୍କୃତିକ ଗଭୀରତାକୁ ଅଧିକ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ କରାଯାଇଛି।

## ତାଳଚେରରେ ପୂଜା ପାଇଲେ ବାବା କାର୍ତ୍ତିକେଶ୍ୱର

**ତାଳଚେର,୪।୧୧/ଏନ୍ଏନ୍ଏସ୍:** ବିଗତବର୍ଷ ଭଳି ଚଳିତବର୍ଷ ତାଳଚେର ସହର ମଧ୍ୟରେ ପୂଜା ପାଇଲେ ବାବା କାର୍ତ୍ତିକେଶ୍ୱର। ପ୍ରାୟ ୨୫ଗୋଟି ମଣ୍ଡପରେ କାର୍ତ୍ତିକେଶ୍ୱର ରାଧାକୃଷ୍ଣ ପୂଜା ପାଇଥିବା ଦେଖିବାକୁ ମିଳିଛି। ପୂଜା ଓ ଭସାଣୀକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବାକୁ ତାଳଚେର ଥାନାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ପୂଜା ୯ଦିନ ଧରି ହୋଇ ୧୦ତାରିଖ ଅପରାହ୍ଣ ୧ଘଟିକା ସମୟରୁ ଭସାଣୀ ହେବା ପାଇଁ ସ୍ଥିର ହୋଇଛି। ପୂଜା ସମୟରେ ସମସ୍ତ ପୂଜାମଣ୍ଡପମାନଙ୍କରେ ଅଗ୍ନିନିର୍ବାହକ ରଖିବା ସହ ସିସି କ୍ୟାମେରା ଖଞ୍ଜା ଯାଇଛି ବୋଲି କମିଟି ପକ୍ଷରୁ କୁହାଯାଇଛି। ଭସାଣୀରେ ଡ଼ିଜେ ସମ୍ପୂର୍ଣ୍ଣ ନିଷେଧ କରାଯାଇ ଶାନ୍ତିଶୃଙ୍ଖଳାର ସହ ଭସାଣୀ ଶୋଭାଯାତ୍ରା ପାଳନ ପାଇଁ ଅନେକ ନୀତିନିୟମ କରାଯାଇଥିବା ସ୍ଥଳେ ଏହାକୁ ସମସ୍ତ ପୂଜା କମିଟି କଡ଼ାକଡ଼ି ଭାବେ ପାଳନ କରିବାକୁ ବାଧ ବୋଲି କୁହାଯାଇଛି। ଭସାଣୀ ଦିନ ମଧ୍ୟାହ୍ନ ୧୧ଘଟିକା ସମୟରେ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ୩୧କେଜି ଲଡୁ ନିଲାମ ପାଇଁ ସ୍ଥିର କରାଯାଇଛି। ଲଡୁ ନିଲାମ ପରେ ଅପରାହ୍ଣ ୧ଘଟିକାରେ ଭସାଣୀ ଶୋଭାଯାତ୍ରା ଆରମ୍ଭହୋଇ ରାତ୍ର ୮ଘଟିକାରେ ଶୋଭାଯାତ୍ରା ଶେଷ ପାଇଁ ସ୍ଥିର କରାଯାଇଛି। ୨୫ଟିରୁ ଉର୍ଦ୍ଧ୍ୱ ମେଢ଼ ରହିଥିବା ସ୍ଥଳେ ସେଥି ମଧ୍ୟରୁ ୧୭ଟି ମେଢ଼ ଏକତ୍ର ଭସାଣୀରେ ସାମିଲ ହେବେ ବୋଲି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ ଏହି ପୂଜାକୁ ଅତି ଧୁମଧାମରେ ପାଳନ କରିବାକୁ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଥିବା ବେଳେ ତାଳଚେର ସହରଟି ରଙ୍ଗବେରଙ୍ଗ ଆଲୋକମାଳାରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି ବୋଲି ସମ୍ପାଦକ ପ୍ରକାଶ ମହାରଣା ଏହା ପ୍ରକାଶ କରିଛନ୍ତି।

# ଅସ୍ମିତା ରଗ୍‌ବି ଲିଗ୍: କିଟ୍, କିସ୍ ଓ ପହଡ଼ିଆଁନ୍ ଚାମ୍ପିୟନ୍




**ଯାଜପୁର,୪।୧୧/ଏନ୍ଏନ୍ଏସ୍:** ଭାରତ ସରକାରଙ୍କ କ୍ରୀଡ଼ା ବିଭାଗ ଓ ରଗ୍‌ବି ଇଣ୍ଡିଆ ଦ୍ୱାରା ଏବଂ ଓଡ଼ିଶା ଓ ଯାଜପୁର ରଗ୍‌ବି ଫୁଟବଲ ଆସୋସିଏସନ୍‌ର ମିଳିତ ସହଯୋଗରେ ଯାଜପୁର ଟାଉନ୍ ସ୍ଥିତ କୁସୁମା ନିକଟବର୍ତ୍ତୀ ଯାଜପୁର ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଅସ୍ମିତା ରଗ୍‌ବି ଲିଗ୍‌କୁ ଓଡ଼ିଶା ରଗ୍‌ବି ଆସୋସିଏସନ୍‌ର ସମ୍ପାଦକ ସୁଶାନ୍ତ କୁମାର୍ ସାହୁଙ୍କ ସଭାପତିତ୍ୱରେ ଆନୁଷ୍ଠାନିକ ଭାବେ ଜିଲ୍ଲାପାଳ ଅମ୍ବର କୁମାର୍ କର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟିକା ସୁଜାତା ସାହୁ, କ୍ରୀଡ଼ା ଅଧିକାରୀ ଫକୀର ମୋହନ୍ ଟୁଡୁ, ସମାଜସେବୀ ତରୁଣ କୁମାର ନନ୍ଦ, ଯାଜପୁର ରଗ୍‌ବି ଆସୋସିଏସନ୍‌ର ସଭାପତି ନାରାୟଣ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ବିଭିନ୍ନ ଜିଲ୍ଲାରୁ ୨୨ଟିମ୍ ଅଂଶ ଗ୍ରହଣ କରିଥିବା ବେଳେ ସିନିୟର୍ ବାଳିକା ବିଭାଗରେ ବିଜେତା କିଟ୍ ଓ ଉପ ବିଜେତା ଫ୍ୟୁଚର ଷ୍ଟାର , ଜୁନିଅରରେ କିସ୍ ବିଜେତା ଓ କିଟ୍ ଉପବିଜେତା ଏବଂ ସବ୍‌ଜୁନିଅର୍ ବିଭାଗରେ ପହଡ଼ିଆଁନ୍ ବିଜେତା ଓ ଯାଜପୁର ଉପବିଜେତା ହୋଇଥିଲେ। ଓଡ଼ିଶା ରଗ୍‌ବି ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ତଥା ଜିଲ୍ଲା ସମ୍ପାଦକ ଭରତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଏଭରେଷ୍ଟ ପର୍ବତ ଆରୋହୀ ଗଣେଶ ଜେନା, ଯାଜପୁର ସାଂସଦ ପ୍ରତିନିଧି ଆଡ୍‌ଭୋକେଟ୍ ଫାନିନ୍ଦ୍ର କୁମାର୍ ମିଶ୍ର, ଓଡ଼ିଶା ରଗ୍‌ବି ଆସୋସିଏସନର କୋଷାଧ୍ୟକ୍ଷ ଶକ୍ତି ପ୍ରସାଦ ଦାସ, କ୍ରୀଡ଼ା ସଂଗଠକ ରଞ୍ଜନ କୁମାର ସୁତାର ଯୋଗ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଭାରତୀୟ ମହିଳା ଦଳର ଉପଅଧିନାୟକ ଡୁମୁନି ମାରାଣ୍ଡି, ପୂର୍ବତନ ଅଧିନାୟକ ସୁମିତ୍ରା ନାୟକ, କୋଚ୍ ମୁନା ମୁର୍ମୁ, ରେଫ୍ରୀ ଲୋକନାଥ ସାହୁ, କ୍ରୀଡାବିତ୍ ସୌମ୍ୟ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମ୍ୟାଚ୍‌କୁ ସୁରେନ୍ଦ୍ର କୁମାର୍ ଜେନା ,ରାଜ କିଶୋର ମୁର୍ମୁ, ରଜନୀ ସର୍ବ, ଅଜୟ କୁମାର ପ୍ରଧାନ, ପ୍ରିୟରଞ୍ଜନ ରାଉତ, ବିଶାଳ ଚୌଧୁରୀ ,ବିଘ୍ନେଶ୍ୱର ମାଲିକ, କମ୍ପୁନାଥ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ଜୁଆଣିଆରେ ମାର୍କେଟ୍ କମ୍ପ୍ଲେକ୍ସ ଉଚ୍ଛେଦ




**ଆଳି,୪।୧୧/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ତହସିଲ ଅନ୍ତର୍ଗତ ଜୁଆଣିଆ ଠାରେ ଏକ ପାଣି ନାଳ ଉପରେ ଥିବା ମାର୍କେଟ କମ୍ପ୍ଲେକ୍ସକୁ ପ୍ରଶାସନ ପକ୍ଷରୁ ଜେସିବି ଲଗାଇ ଭାଙ୍ଗି ଦିଆ ଯାଇଛି। ପ୍ରକାଶ, ଆଳି ତହସିଲ ଅନ୍ତର୍ଗତ ଜୁଆଣିଆ ଠାରେ ଥିବା ପାଣି ନାଳ ଉପରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଥିଲା। ପାଣି ନାଳ ଉପରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ବିରୋଧ କରି ହାଇକୋର୍ଟରେ ଏକ ମାମଲା ହୋଇଥିଲା। ହାଇକୋର୍ଟ ପକ୍ଷରୁ ଏହାକୁ ଉଚ୍ଛେଦ କରାଯିବା ନିମନ୍ତେ ପୂର୍ବରୁ ନୋଟିସ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ଭାଙ୍ଗିବାକୁ ଉଦ୍ୟମ ହୋଇଥିଲେ ବି ବିଫଳ ହୋଇଥିଲେ। ମଙ୍ଗଳବାର ଭାଙ୍ଗିବା ନିମନ୍ତେ ହାଇକୋର୍ଟ ପକ୍ଷରୁ ନୋଟିସ୍ ହେବା ପରେ ସକାଳୁ ଆଳି ବିଡ଼ିଓ ତଥା ତହସିଲଦାର ଚାର୍ଜରେ ଥିବା ଅବିନାଶ ବିଶ୍ୱଜିତ ସେଠୀ, ଅତିରିକ୍ତ ତହସିଲଦାର ମାନସ ସ୍ୱାଇଁ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା, ଆଳି ଥାନା ଅଧିକାରୀ ଧୀରେଜ ଲେଙ୍କାଙ୍କ ସହ ୪ ପ୍ଲାଟୁନ ପୁଲିସ ଫୋର୍ସ ସେଠାରେ ଉପସ୍ଥିତ ରହି ମାର୍କେଟ କମ୍ପ୍ଲେକ୍ସ ଉଚ୍ଛେଦ ଆଳି ତହସିଲର ଅତିରିକ୍ତ ତହସିଲଦାର ମାନସ ସ୍ୱାଇଁ ସୂଚନା ଦେଇଥିଲେ।

## ଜଙ୍ଗଲ ଜମିରୁ ଜବର ଦଖଲ ଉଚ୍ଛେଦ

**ଧର୍ମଶାଳା,୪।୧୧/ଏନ୍ଏନ୍ଏସ୍:** ଧର୍ମଶାଳା ତହସିଲ ଅନ୍ତର୍ଗତ କୁମାରୀ ପଞ୍ଚାୟତ ଜାମୁବଣିଆଁ ମୌଜାରେ ଜଙ୍ଗଲ କିଶମ ଜମିରେ ଜବର ଦଖଲ କରି ରହିଥିବା ଜଣେ ବ୍ୟବସାୟୀଙ୍କୁ ଆଜି ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସୁଚନା ଅନୁଯାୟୀ, ତେବେ ଯାଜପୁର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜବର ଦାଖଲ ଉଚ୍ଛେଦ ପ୍ରକ୍ରିୟା ଚାଲିଥିବା ବେଳେ ଜାମୁବଣିଆଁ ମୌଜାରେ ଜଙ୍ଗଲ କିଶମ ଜମିରେ ଜବର ଦାଖଲ କରି ରହୁଥିବା ଟେଷ୍ଟ ହାଉସ ମାଲିକଙ୍କୁ ତହସିଲ ପକ୍ଷରୁ ଉଚ୍ଛେଦ ଲାଗି ନୋଟିସ୍ ଜାରି କରାଯାଇଥିଲା। ହେଲେ ଏହାକୁ ଘର ମାଲିକ ହେୟଜ୍ଞାନମଣି ଥିଲେ। ଯାହାଫଳରେ ଆଜି ଧର୍ମଶାଳା ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାସ ପୁଲିସ ସହାୟତାରେ ଏକ ପ୍ଲାଟୁନ ଫୋର୍ସ ନେଇ ସେଠାରେ ପହଞ୍ଚି ଜବରଦଖଲ ଜମିରୁ ଜେସିବି ସାହାଯ୍ୟରେ ବ୍ୟବସାୟୀଙ୍କୁ ଉଚ୍ଛେଦ କରିଛନ୍ତି।

## ସ୍ୱାମୀ ବିବେକାନନ୍ଦ ଥିଲେ ଯୁବପିଢ଼ିର ଆଦର୍ଶ

**ତାଳଚେର,୪।୧୧/ଏନ୍ଏନ୍ଏସ୍:** ତାଳଚେର ବ୍ଲକ ସନ୍ଥପଡ଼ାସ୍ଥିତ ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୁଳ ଜିଲ୍ଲା ଶାଖାର ଯୁବବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୁଳ ଶାଖା ଉଦ୍‌ବୋଧନୀ ବିଭାଗର ଜିଲ୍ଲା ପ୍ରମୁଖ ଡ. ବାମାକାନ୍ତ ଗଡ଼ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥ ଅଧକ୍ଷତା କରିଥିଲେ। ଅତିଥି ଭାବରେ ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ନରେନ୍ଦ୍ର କୁମାର ପାଇକରାୟ, ଲୋକ ସଂସଦର ଉପସଭାପତି ଡ.କଳ୍ପନା ବୋଇତି ଓ ସମ୍ପାଦକ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଭାପତି ଡ.ରଥ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିବା ସହ ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଓ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥିମାନେ ନିଜ ଅଭିଭାଷଣରେ ସ୍ୱାମୀ ବିବେକାନନ୍ଦ ଥିଲେ ସମଗ୍ର ଯୁବ ପିଢ଼ିର ଆଦର୍ଶ। ସମଗ୍ର ବିଶ୍ୱ ଦରବାରରେ ଭାରତକୁ ପରିଚିତ କରାଇବାରେ ସ୍ୱାମୀଜୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଆଜୀବନ ସଦସ୍ୟ ବୀର ବିକ୍ରମ ସିଂହ ସାମଲଙ୍କ ସମେତ ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁ, ମମତା ମହାପାତ୍ର, ସାଗରିକା ପ୍ରଧାନ, ପ୍ରିୟମ୍ବଦା ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ଜଳିଗଲା ଦୁଇ ବଖରା ଘର

**ଆଳି,୪।୧୧/ଏନ୍ଏନ୍ଏସ୍:** ମଙ୍ଗଳବାର ସନ୍ଧ୍ୟାରେ ଚଣ୍ଡିଆଗଡି ଗ୍ରାମରେ ନିଆଁ ଲାଗି ଦୁଇ ବଖରା ଘର ଜଳିଯାଇଛି। ସୂଚନା ଅନୁଯାୟୀ ଆଳି ବ୍ଲକ୍ ଚଣ୍ଡିଆଗଡି ପଞ୍ଚାୟତର ଡିଲର ବିଜୟ ସିଂଙ୍କ ଘରେ ମଙ୍ଗଳବାର ସନ୍ଧ୍ୟାରେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବା ସହିତ ଆଳି ଦମକଳକୁ ଖବର ଦେଇଥିଲେ। ଦମକଳବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ କରିଥିଲେ। ଏହି ଅଗ୍ନିକାଣ୍ଡରେ ବିଶେଷ ଭାବେ କିଛି କ୍ଷତି ହୋଇ ନଥିଲେ ମଧ୍ୟ ବିଜୟ ସିଂ ପଞ୍ଚାୟତର ଖାଉଟି ଯୋଗାଣ ଡିଲର ଥିବାର ଘରେ ଗଚ୍ଛିତ ଥିବା ଚାଉଳ କିଛି ନଷ୍ଟ ହୋଇଥିବା ଜଣାପଡିଛି।

# ଜୟଙ୍କ ପାଇଁ ପ୍ରଚାର କଲେ ବିଧାୟକ ଆକାଶ



**ରସୁଲପୁର,୪।୧୧/ଏନ୍ଏନ୍ଏସ୍:** ନୂଆପଡା ବିଧାନସଭା ଉପନିର୍ବାଚନ ପରିପ୍ରେକ୍ଷୀରେ ମଙ୍ଗଳବାର ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲିକ, କୋରେଇର ଜନପ୍ରିୟ ବିଧାୟକ ଆକାଶ ଦାସନାୟକ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ କୋମନା ବ୍ଲକ୍‌ରେ ନିର୍ବାଚନ ପ୍ରଚାର କରିଥିଲେ। କୋମନା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଅନୁଷ୍ଠିତ ହୋଉଥିବା ସଭା ଏବଂ ବିଭିନ୍ନ ଅଞ୍ଚଳରେ ଘର ଘର ବୁଲି ପ୍ରଚାର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ହାତକୁ ମଜଭୁତ କରିବା ପାଇଁ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ୍ ଦେବା ପାଇଁ ଭୋଟର୍‌ଙ୍କୁ ନିବେଦନ କରିଥିଲେ। ପ୍ରଚାର ସମୟରେ ମନ୍ତ୍ରୀ, ବିଧାୟକମାନେ ନିଜ ଭାଷଣରେ ରାଜ୍ୟରେ କୃଷକ ଭାଇ ଭଉଣୀମାନଙ୍କୁ ଶସକ୍ତ ଏବଂ ଧାନର ସର୍ବନିମ୍ନ ସହାୟତା ମୂଲ୍ୟରେ ବୃଦ୍ଧି, ମା'ମାନଙ୍କୁ ସ୍ୱାବଲମ୍ବି କରିବା ପାଇଁ ସୁଭଦ୍ରା ଯୋଜନା ଉନ୍ନତ ଏବଂ ନିଶୁଳ୍କ ଚିକିତ୍ସା ସେବା ପାଇଁ ଆୟୁଷ୍ମାନ, ନିରାଶୟ ଲୋକ ପାଇଁ ଅନ୍ତ୍ୟୋଦୟ ଗୃହଯୋଜନା ଆଦି ଅନେକ କଲ୍ୟାଣକାରି ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ବିଜେପି ପାର୍ଥୀ ଜୟ ଢୋଲକିଆଙ୍କ ସପକ୍ଷରେ ନିଜର ସମଥର୍ନ ଜଣାଇ ଡବଲ ଇଞ୍ଜିନ୍ ସରକାରର ଡବଲ ଦ୍ରୁତ ବିକାଶ ଧାରାରେ ନୂଆପଡା ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ। ବିଶେଷ କରି ଓଡ଼ିଶା ରାଜନୀତିରେ ଲୋକପ୍ରିୟ ବିଧାୟକ ଏବଂ ଓଡ଼ିଆ ସିନେମା ଷ୍ଟାର୍ ଆକାଶ ଦାସନାୟକଙ୍କୁ ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ଏହି ଅବସରରେ ମନ୍ତ୍ରୀ, କୋରେଇ ବିଧାୟକ, ପିପିଲି ବିଧାୟକଙ୍କ ସମେତ ବହୁ ବିଜେପି ନେତା, କର୍ମୀ ସାମିଲି ହୋଇଥିଲେ।

ନିତିଦିନ NITIDIN

## ଗହୀରମଥାରେ କଇଁଛ ସୁରକ୍ଷା ସଚେତନତା

**ରାଜନଗର,୪।୧୧/ଏନ୍‌ଏନ୍‌ଏସ୍:** ରାଜନଗର ବନଖଣ୍ଡ ଅନ୍ତର୍ଗତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ କାର୍ଯ୍ୟାଳୟ ଶାସନପେଟାଠାରେ କଇଁଛ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସହକାରୀ ବନସଂରକ୍ଷକ ମାନସ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର ଯୋଗଦେଇ ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥାର ସୁରକ୍ଷା ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତନ୍ତିଆପାଳ ସାମୁଦ୍ରିକ ଥାନାଧିକାରୀ କିଶୋର ତରାଇ, ସହକାରୀ ମତ୍ସ୍ୟଅଧିକାରିଣୀ ଶତାବ୍ଦୀ ସୁଭଦ୍ରା ପ୍ରିୟଦର୍ଶନୀ, ପରିବେଶବିତ୍ ହେମନ୍ତକୁମାର ରାଉତ, ସାମ୍ବାଦିକ ଭାସ୍କର ରାଉତରାୟ, ଅଶୋକକୁମାର ସ୍ୱାଇଁ, ଦୋଳଗୋବିନ୍ଦ ଜେନା, କଳ୍ପତରୁ ସାମଲ ପ୍ରମୁଖ ଯୋଗଦେଇ ସାମୁଦ୍ରିକ କଇଁଛ ଅଲିଭରିଡଲେର ସୁରକ୍ଷା ପାଇଁ ବଡ ବିପଦ ମୁଣାଜାଲ ବା ଗାଞ୍ଜଜାଲ, ଯାହାକୁ ଟ୍ରଲରମାନେ ବ୍ୟବହାର କରଥାନ୍ତି ।

## କୋଇଲା ବୋଝେଇ ଟ୍ରାକ୍ଟର୍ ଜବତ, ୨ ଗିରଫ

**ଛେଣ୍ଡିପଦା,୪।୧୧/ଏନ୍‌ଏନ୍‌ଏସ୍:** ଅନୁଗୁଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ପୁଲିସ ଅଷ୍ଟ୍ରେଲିଆନ କୋଇଲା ଚୋରିକରି ଟ୍ରାକ୍ଟରରେ ନେଇ ଯାଉଥିବା ବେଳେ ପୁଲିସ ଟ୍ରାକ୍ଟରକୁ ଜବତ କରିବା ସହିତ ଦୁଇ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଯୁବକମାନେ ହେଲେ ଜରଡ଼ା ଗାଁ ର ପ୍ରତାପ ଧଳ ଓ ପାରିପରା ଗାଁର ତ୍ରିଲୋଚନ ବେହେରା । ପ୍ରକାଶ, ନିଶା ଶିଳ୍ପାଞ୍ଚଳ ଥାନା ପୁଲିସ ରାତି ପେଟ୍ରୋଲିଂ କରିଥିବା ବେଳେ ଚୋରା କୋଇଲା ଆସୁଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପାରିପରା ନିକଟରେ ଛକି ରହିବା ସହିତ ଏକ କୋଇଲା ବୋଝେଇ ହୋଇ ଆସୁଥିବା ଓ୍ଆର୍ ୧୯ଏନ୍ ୩୮୦୯ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ବେଳେ କୋଇଲା ପରିବହନ ନେଇ କାଗଜପତ୍ର ମାଗିବାରୁ କୋଇଲା ନେଇ ଆସୁଥିବା ପ୍ରତାପ ଧଳ ଓ ତ୍ରିଲୋଚନ ବେହେରା ଦେଖାଇ ପାରି ନଥିଲେ । ଏନେଇ ପୁଲିସ ଅଧିକ ପଚରା ଉଚରା କରିବାପରେ ଜିନ୍ଦଲ କମ୍ପାନୀକୁ ଆସୁଥିବା ଅଷ୍ଟ୍ରେଲିଆନ କୋଇଲା ଚୋରି କରି ଗଚ୍ଛିତ ରଖିବା ପରେ ଟ୍ରାକ୍ଟର୍‌ରେ ନେଇ ଯାଉଥିବା ପ୍ରକାଶ କରିଥିଲେ । ଏନେଇ ପୁଲିସ ଟ୍ରାକ୍ଟର ଚାଳକ ତଥା ମାଲିକ ପ୍ରତାପ ଧଳ ଓ ସହଯୋଗୀ ତ୍ରିଲୋଚନ ବେହେରାଙ୍କୁ ଗିରଫ କରିବା ସହ ଟ୍ରାକ୍ଟର୍‌କୁ ଜବତ କରି ଥାନାକୁ ଆଣିଥିଲେ । ଏନେଇ ନିଶାଶିଳ୍ପାଞ୍ଚଳ ଥାନା କେସ ନଂ ୩୮୬/୨୫ରେ ଏକ ମାମଲା ରୁଜୁ କରିବା ସହିତ ଗିରଫ ଉଭୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି ।

# ଉଦ୍‌ଘାଟନ ହେଲା ପାରାଦୀପ କଳିଙ୍ଗ ବାଲିଯାତ୍ରା




**ପାରାଦୀପ,୪।୧୧/ଏନ୍‌ଏନ୍‌ଏସ୍:** ପାରାଦୀପ ସମୁଦ୍ର ବେଳାଭୂମି ନିକଟସ୍ଥ ବିଜୁ ମୈଦାନ ବାଲିଯାତ୍ରା ପଡ଼ିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପାରମ୍ପରିକ ପାରାଦୀପ ମହୋତ୍ସବ-୨୦୨୫ ମଙ୍ଗଳବାର ସନ୍ଧ୍ୟାରେ ମହା ସମାରୋହରେ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ଅପରାହ୍ନରେ ହେଲିକାପ୍ଟରରେ ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମରେ ଅବତରଣ କରିବା ପରେ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରାରେ ବାଲିଯାତ୍ରା ମଞ୍ଚ ନିକଟକୁ ନିଆଯାଇଥିଲା । ଏହି ଅବସରରେ ସ୍ଥାନୀୟ ଜନସାଧାରଣ ଓ ଦଳୀୟ କର୍ମୀମାନେ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦେଇଥିବାର ଦେଖିବାକୁ ମିଳିଥିଲା । ଏହି ମହୋତ୍ସବ ଓଡ଼ିଶାର ପାରମ୍ପରିକ ସାମୁଦ୍ରିକ ବାଣିଜ୍ୟ, ମେଳା ଏବଂ ପୂର୍ବ ଓଡ଼ିଶାର ସମୃଦ୍ଧ ସଂସ୍କୃତିର ଏକ ରଙ୍ଗୀନ ସ୍ମରଣକାରୀ । କଳିଙ୍ଗ ବାଲିଯାତ୍ରା ହେଉଛି ବାଲି ସହିତ ପୁରୁଣା ପାରମ୍ପରିକ ସାଂସ୍କୃତିକ ଏବଂ ଅର୍ଥନୈତିକ ବାଣିଜ୍ୟ ସମ୍ପର୍କର ପ୍ରତୀକ । ଏହି ମହୋତ୍ସବ ପ୍ରାଚୀନ ଓଡ଼ିଶାର ଗୌରବମୟ ସାମୁଦ୍ରିକ ବାଣିଜ୍ୟ ଏବଂ ସମୃଦ୍ଧିର ପ୍ରତୀକ, ଯାହାକୁ କଳିଙ୍ଗ ନାମରେ ଜଣାଶୁଣା । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ୧୯୯୨ ମସିହାରେ ପାରାଦୀପରେ କଳିଙ୍ଗ ବାଲିଯାତ୍ରା ଆରମ୍ଭ କରିଥିଲେ । କଳିଙ୍ଗର ସାମୁଦ୍ରିକ ଗୌରବର ସ୍ମୃତିକୁ ପୁନର୍ଜୀବିତ ଏବଂ ସତେଜ କରିବା ପାଇଁ ୧୯୯୨ ମସିହାର କାର୍ତ୍ତିକ ପୂର୍ଣ୍ଣିମାରେ ଏକ ଅଭିଯାନ ଆୟୋଜନ କରାଯାଇଥିଲା । ଓଡ଼ିଶାର ପାରାଦୀପ ବନ୍ଦରରୁ ସାତଜଣ ସଦସ୍ୟଙ୍କୁ ନେଇ ଏକ ୧୩ ମିଟର ଲମ୍ବା ଏକ ପାଲଟଣା ନୌକା ବାଲି ଅଭିମୁଖେ ଯାତ୍ରା କରି ପ୍ରାଚୀନ ବାଣିଜ୍ୟ ପଥକୁ ପୁନର୍ବାର ଅନୁସରଣ କରିଥିଲେ । 'ଆଇଏନଏସ ସମୁଦ୍ର' ନୌକାରେ ମାତ୍ର ୧୭ ସପ୍ତାହ ମଧ୍ୟରେ ୫,୮୧୦ ନଟିକାଲ୍ ମାଇଲ୍ ଦୂରତା ଅତିକ୍ରମ କରିଥିଲା । ସେବେଠାରୁ ବାଲିଯାତ୍ରା ପାଳନ ଚାଲିଛି ଯାହା ଏହି ଅଞ୍ଚଳର ଗୌରବମୟ ସାମୁଦ୍ରିକ ପରମ୍ପରାକୁ ମନେ ପକାଇଥାଏ । ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଏବଂ ପରମ୍ପରାକୁ ସ୍ମୃତିଚାରଣ କରିଥିଲେ । ଦୀର୍ଘ ବର୍ଷ ଧରି ମହୋତ୍ସବକୁ ସଫଳତାର ସହିତ ପରିଚାଳନା ପାଇଁ ଆୟୋଜକଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ । ସେହିପରି ପାରାଦୀପ ବିଧାୟକ ଏବଂ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଓଡ଼ିଶାର ପ୍ରାଚୀନ ସମୃଦ୍ଧ ପରମ୍ପରା ଏବଂ ସାମୁଦ୍ରିକ କାର୍ଯ୍ୟକଳାପ ବିଷୟରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ.ହରନାଦ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ସଭାରେ କଳିଙ୍ଗ ବାଲିଯାତ୍ରା କମିଟି (କେବିସି)ର ଅଧ୍ୟକ୍ଷ ଏବଂ ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ଲୋକସମ୍ପର୍କ ଅଧିକାରିଣୀ ପ୍ରତୀଚୀ ତନୟା ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ତଥା ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ପରିଚାଳନା କରିଥିବା ବେଳେ କମିଟିର ସମ୍ପାଦକ ତଥା ପାରାଦୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଏଥିରେ ସକ୍ରିୟ ସହଯୋଗ କରିଥିଲେ । ଏହି ଉଦ୍‌ଘାଟନୀ ଅବସରରେ ବହୁ ଜନସମାଗମ ହୋଇଥିବାର ଦେଖିବାକୁ ମିଳିଥିଲା । ଆସନ୍ତାକାଲି ସକାଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପାରାଦୀପ ବନ୍ଦର ୱେଟ୍‌ବେସିନ ଠାରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ ।

## ୩୫ତମ ଶିଶୁ ବିକାଶ ଉତ୍ସବ ଉଦ୍‌ଘାଟିତ



**ଢେଙ୍କାନାଳ,୪।୧୧/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ସଦର ବ୍ଲକ୍ ରାଧାଦେଇପୁର ଠାରେ ବାଜିରାଉତ ଶିଶୁ ବିକାଶ ପରିଷଦ ଆନୁକୂଲ୍ୟରେ ୩୫ତମ ଶିଶୁ ବିକାଶ ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ସମାଜସେବୀ ଶିଶିର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ନାରାୟଣ ହୋତା ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ଉକ୍ତିକୁ ଉଦ୍ଧାରକରି ଶିଶୁମାନେ ଆଗାମୀ ଦିଗରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । କେବଳ ଭଲପାଠ ପଢିଲେ ନୁହେଁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ରାଧାଦେଇପୁର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଧାକର ମିଶ୍ର, ଅବସରପ୍ରାପ୍ତଶିକ୍ଷକ ମୁରଲିଧର ସାହୁ, ଲୋକନାଥ ଷଡଙ୍ଗୀ, ରାଧାଦେଇପୁର ସମିତି ସଭ୍ୟ ଗଙ୍ଗାଧର ସେଠୀ, ଶିଶୁ ବିକାଶ ଉତ୍ସବ ୩୫ବର୍ଷ ଧରି ରାଧାଦେଇପୁର, ନୁଆପଡା, ଲତାଦେଇପୁର ଏବଂ ବଣସିଂହ ଅଞ୍ଚଳର ଶିଶୁମାନଙ୍କର ଅର୍ନ୍ତନିହିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବାକୁ ସହାୟକ ହୋଇପାରିଛି ବୋଲି କହିଥିଲେ । ସମାଜସେବୀ ନିର୍ମଳଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ବିକ୍ରମ ସେଠୀ ସଂଯୋଜନା କରିଥିଲେ । କୈଳାସଚନ୍ଦ୍ର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁ ବିକାଶ ପରିଷଦର ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ ଓ ବିକାଶ ଜେନା ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ଶିଶୁମାନେ ନୃତ୍ୟ, ସଙ୍ଗୀତ, ଏକକ ଅଭିନୟ ଆଦି ପ୍ରଦର୍ଶନ କରିଥିଲେ । ଏହି ଉତ୍ସବ ୩ଦିନ ଧରି ଅନୁଷ୍ଠିତ ହେବ ।

## ବିଦ୍ୟାଳୟସ୍ତରୀୟ ସ୍ୱତନ୍ତ୍ର ଅଧିବେଶନ

**ଯାଜପୁର,୪।୧୧/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସଭାଗୃହରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ବିଦ୍ୟାଳୟସ୍ତରୀୟ ଛାୟା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଗଣତାନ୍ତ୍ରିକ ଦେଶ ଭାରତ ନିମନ୍ତେ ଭବିଷ୍ୟତର ନେତୃତ୍ୱ ସୃଷ୍ଟି ନିମନ୍ତେ ବିଦ୍ୟାଳୟସ୍ତରରୁ ଏହି ପ୍ରୟାସ କରାଯାଇଛି । ରାଜ୍ୟର ବିଭିନ୍ନ ଜରୁରୀ ସମସ୍ୟାକୁ ଲକ୍ଷ୍ୟକରି କରାଯାଇଥିବା ସ୍ୱତନ୍ତ୍ର ଅଧିବେଶନରେ ବିଧିମୁତାବକ ବାଚସ୍ପତି ଅଧ୍ୟକ୍ଷତା କରିଥିବା ବେଳେ ଶାସକ ଦଳର ମୁଖ୍ୟଭାବେ ମୁଖ୍ୟମନ୍ତ୍ରୀ,କ୍ୟାବିନେଟ୍ ମନ୍ତ୍ରୀ, ବିରୋଧି ଦଳର ନେତା ଓ ଅନ୍ୟ ବିଧାୟକ, ବିଧାୟିକା ଅଂଶଗ୍ରହଣ କରିଥିଲେ । ପ୍ରଶ୍ନୋତ୍ତର କାଳରେ ବିରୋଧି ଓ ଶାସକଦଳର ସଭ୍ୟ/ସଭ୍ୟାଙ୍କ ବିଭିନ୍ନ ଦୃଷ୍ଟିଆକର୍ଷଣକାରୀ ପ୍ରଶ୍ନର ମନ୍ତ୍ରୀମାନେ ତଥ୍ୟଭିତ୍ତିକ ଉତ୍ତର ପ୍ରଦାନ କରିଥିଲେ । ଏଥିରେ ପର୍ଯ୍ୟବେକ୍ଷକଭାବେ ପୂର୍ବତନ ପ୍ରଧାନଶିକ୍ଷକ ତଥା ସମାଜସେବୀ ଡଃ ଅକ୍ଷୟ କୁମାର ପଣ୍ଡା ଏବଂ ପଞ୍ଚସଖା ଅଭିଯାନର ସଭାପତି ସମାଜସେବୀ ନାରାୟଣ ଚନ୍ଦ୍ର ସାହୁ ଯୋଗଦେଇ ସଫଳଭାବେ କାର୍ଯ୍ୟ ନିର୍ବାହ କରିଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତର ପାଇଁ ମନୋନୀତ କରିବା ସହ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କୁ ଏହି ତାଲିମ ପ୍ରଦାନରେ ଶିକ୍ଷୟିତ୍ରୀ ଶୁଭପ୍ରିୟା ପଣ୍ଡା, ରୋଜାଲିନ୍ ପ୍ରିୟଦର୍ଶନୀ ଖୁଣ୍ଟିଆ, ବର୍ଷାପ୍ରିୟଦର୍ଶନୀ ପଣ୍ଡା, ଶିକ୍ଷକ ସୂର୍ଯ୍ୟନାରାୟଣ ପତି, ମାନସ ରଞ୍ଜନ ସାହୁ, ଦେବେଦତ୍ତ ବେହେରା ପ୍ରମୁଖ ମୁଖ୍ୟଭୂମିକା ନିର୍ବାହ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।





O-1257 E.Mail – rw_rourkela@yahoo.co.in

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II,SUNDARGARH

TENDER CALL NOTICE
BID IDENTIFICATION NO. ONLINE-EERKL-15 of 2025-26

1. Name of the Work :- Building Works
2. Total No. of Works :- 06(Six) Nos.
3. Estimated Cost :- Rs. 2.67 to 4.45 Lakhs
4. Class of Contractor :- "D" & "C" Class
5. Period of Completion :- 02(Two) Months
6. Type of Tender :- Single Cover
7. Other Details

| Procurement Officer | Bid Identification No. | Availability of Tender On- line for bidding | | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 7 |
| Executive Engineer, Rural Works Division-II, Sundargarh | Online-EERKL-15 of 2025-26 | 03.11.2025 from 10.00 AM | 10.11.2025 upto 5.00 PM | 09.11.2025 upto 5.00 PM | 11.11.2025 at 11.00 AM |

Further details can be seen from the Website WWW.tendersorissa.gov.in & for more information please visit the office.

Executive Engineer
RW Division-II, Sundargarh



O-1244 Phone No – 06658-222121

GOVT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION PATNAGARH

e Procurement Notice

IFB IDENTIFICATION NO. EEPTNG-online-10/2025-26

| | | | |
|---|---|---|---|
| 1. | Name of work | : | Special Repair of Road & Bridge works |
| 2. | Total no of work | : | 42 (Forty Two) Nos work |
| 3. | Time for completion | : | 02 (Two) Calendar month |
| 4. | Approximate estimated cost | | 5.08 lakh to 43.81 lakh |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |

6. Other details are as follow

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer. R.W.Divn., Patnagarh | EEPTNG-Online-10/2025-26 | 30.10.2025 at 11.00 AM | 12.11.2025 upto 5.00 P.M | 11.11.2025 upto 5.00 PM | 13.11.2025 at 11.000 A.M |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

Executive Engineer
R. W Division, Patnagarh



O- 1231

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR

e-PROCUREMENT NOTICE NO. Tender Online 04 JJPT of 2025-26

1. Name of work : Building Works.
2. Total No of Work : 36 Nos. Building Works .
3. Estimated Cost (Approx.) : Rs. 4.20 to 46.40 Lakhs
4. Period of Completion : 60 Days to 270 Days
5. Class of contractors : D,C & B Class

Other details as follows:

a) Procurement officer : Superintending Engineer, Rural Works Division, Jajpur
b) Availability of tender online & submission of bid : 02.11.2025 at 10.00 AM to 13.11.2025 upto 5.00 PM
c) Last date & time of seeking of tender clarification : 12.11.2025 up to 5.00 PM
d) Opening of Technical Bid :17.10.2025 at 11.30 A.M.

Further details can be seen from the Govt. website www.tendersodisha.gov.in

Note:- If situation arises the transparent lottery will be held on 21.11.2025 , At 11:30 AM

Superintending Engineer
Rural Works Division, Jajpur


## ଶାଳ କାଠ ଜବତ, ଜଣେ ଗିରଫ

**ପରଜଙ୍ଗ,୪।୧୧/ଏନ୍‌ଏନ୍‌ଏସ୍:** ଶାଳ କାଠ ଜବତ, ଜଣେ ଗିରଫ । ଢେଙ୍କାନାଳ ଜିଲ୍ଲା ମହାବୀରୋଡ ରେଞ୍ଜ ପରଜଙ୍ଗ ଡିହଡୋଳ ଫରେଷ୍ଟ ସେକ୍ସନ କଙ୍କଡ଼ାସୋଡା ଗ୍ରାମ ମୁଣ୍ଡଳି ସାହିର ଅଜିତ କୁମାର ସାହୁ (୪୬) ଜଙ୍ଗଲରୁ ୭ ଗୋଟି ଶାଳ କାଠ ଘରକୁ ନେବା ସମୟରେ ଗିରଫ ହୋଇଥିଲେ


**AFFIDAVIT**

By virtue of an affidavit sworn before Notary Public, Balliguda dated 1.11.2025 , I Hariomm Kumbhar, aged about 18 years, Son of Suresh Chandra Kumbhar of Village- Gochhapada(B), P.O- Mahasingi, P.S- Balliguda, Dist- Kandhamal, PIN- 762103, Odisha have changed my name from "**HARIOMM KUMBHAR**" to "**HARI OM KUMBHAR**", and henceforth I shall be known as "**HARI OM KUMBHAR**" for all purpose.

**AFFIDAVIT**

By Virtue of an Affidavit sworn before the Notary Public, Cuttack,dtd. 31.10.2025, I Gobinda Sahoo,S/O-Nilamani Sahoo , At/Po-Jhadeswarpur, PS- Bhadreswar,Dist- Cuttack,Odisha,hereby declare that my daughter's name has been wrongly recorded as **Pratikhya Sahoo**, D/O-Gobinda Sahoo,At/Po- Jhadeswarpur,Via- Nischintakoili,P.S- Mahanga,Dist-Cuttack in her Aadhaar Card bearing No- 215003819484,the correct details of my daughter is **Pratikshya Sahoo**,D.O.B- 24.05.2009,D/O-Jayanti Sahoo(mother)and Gobinda Sahoo(father) of At/Po- Jhadeswarpur,P.S- Bhadreswar,Dist-Cuttack for necessary correction in her Aadhaar card for all purposes

**S/D**

**Gobinda Sahoo**

**AFFIDAVIT**

By Virtue of an Affidavit sworn before the Executive Magistrate,Kakatpur,dtd. 22.10.2025, I **Rambhabati Mohanty**,W/O-Narendra Kumar Mohanty , Aged about 63 years Vill-Sadenga,Po- Patapur,PS-Kakatpur,Dist - Puri,Odisha,do hereby declare that my correct name is Rambhabati Mohanty DOB- 01-07-1962 recorded in my husbands ppo book bearing No-123797,but in my Aadhaar card bearing No- 412313513386 my name has been wrongly mentioned as Rambhabati Dei and dob is 1962 years. .Hence forth i shall be Known as **Rambhabati Mohanty**,dob- 01.07.1962 for all purposes.

**Rambhabati Mohanty**


## ବଡଓଷା ଲାଗି କପିଳାସରେ ଶ୍ରଦ୍ଧାଳୁଙ୍କ ଭିଡ଼



**ଢେଙ୍କାନାଳ,୪।୧୧/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ବଡ଼ଓଷା ଉପଲକ୍ଷେ ମଙ୍ଗଳବାର ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କର ଭିଡ଼ ପରିଲକ୍ଷିତ ହୋଇଥଲା । ରାଜ୍ୟ ଓ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଲମ୍ବା ଧାଡିରେ ଠିଆ ହୋଇ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖରଜିଉ ମହାଦେବ ଓ ମାତା ପାର୍ବତୀଙ୍କ ଦର୍ଶନ କରିଥଲେ । ବଡ଼ଓଷା ଭୋଗ ସହ ପ୍ରସାଦ ସେବନ ମଧ କରିଥିଲେ । ସେହିପରି ଢେଙ୍କାନାଳ ଜିଲ୍ଲାର ଜାତୀୟସ୍ତରର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଉନ୍ନକୋଟୀଶ୍ୱର, ଅଷ୍ଟଶମ୍ଭୁ, ନାଗନାଥେଶ୍ୱର ଆଦି ଶୈବପୀଠରେ ବଡଓଷା ପର୍ବ ପାଳିତ ହୋଇଯାଇଛି । ଗଁଦିଆ ବ୍ଲକ୍‌ର ବଣିଆପଡାର ସ୍ୱପ୍ନେଶ୍ୱର ମନ୍ଦିର, କରମୁଳର ଅନ୍ନକଣ୍ଟେଶ୍ୱର, କାବେରାର କଳ୍ପେସ୍ୱର ବଟେସ୍ୱର ମନ୍ଦିର ଦଧିସିଙ୍ଗାର ଚମ୍ପାସ୍ୱର, ସଚ୍ଚପୁରର ବାଲୁକେଶ୍ୱର ଆଦି ଅଞ୍ଚଳରେ ଥିବା ଶିବ ମନ୍ଦିରରେ ଥିବା ବଡ଼ଓଷା ଉପଲକ୍ଷେ ଠାକୁରଙ୍କ ଦର୍ଶନ ପାଇଁ ଭିଡ଼ ହୋଇଥିଲା । ଅଧିକାଂଶ ସ୍ଥାନରେ ମନ୍ଦିରଗୁଡିକୁ ଆଲୋକ ମାଳାରେ ସଜ୍ଜିତ କରାଯାଇଥିବା ଦେଖିବାକୁ ମିଳିଛି ।

## ଏନ୍‌ସିସି ଆଲୁମିନି ଆସୋସିଏସନ୍ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

**କେନ୍ଦ୍ରାପଡ଼ା,୪।୧୧/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ମାଇଁ ଏନ୍‌ସିସି ଆଲୁମନି ଆସୋସିଏସନ ଦ୍ୱାରା ଏକ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଆସନ୍ତା ୯ରେ ଅନୁଷ୍ଠିତ ହେବ । ଏଥିରେ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ସମେତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଏହି ପ୍ରତିଯୋଗିତାରେ ନୃତ୍ୟ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ରଚନା ଲିଖନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ । ନୃତ୍ୟ ପ୍ରତିଯୋଗିତାରେ ପଞ୍ଚମ ଶ୍ରେଣୀରୁ ଦଶମ ଶ୍ରେଣୀ ଏବଂ ଯୁକ୍ତଦୁଇ ଓ ଯୁକ୍ତତିନି ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ । ସାଧାରଣ ଜ୍ଞାନ (ଜିକେ) ଷଷ୍ଠରୁ ଦଶମ ଏବଂ ଯୁକ୍ତଦୁଇ ଓ ଯୁକ୍ତଦୁଇ ଶ୍ରେଣୀ ପର୍ଯ୍ୟନ୍ତ । ଚିତ୍ରାଙ୍କନ ୩ୟ ରୁ ୫ମ (ସବ ଜୁନିଅର, ବିଷୟ-ସବୁଜ ପରିବେଶ ଗଠନ ରେ ମୋର ଭୂମିକା)୬ଷ୍ଠ ରୁ ୭ମ (ଜୁନିଅର, ବିଷୟ-ଓଡିଶାର କଳା ସଂସ୍କୃତି)୮ମ ରୁ ୧୦ମ(ସିନିଅର, ବିଷୟ-ନାରୀ ସଶକ୍ତିକରଣ) । ଓଡ଼ିଆ ରଚନା ଲିଖନ ୬ଷ୍ଠ ରୁ ୮ମ (ସବ ଜୁନିଅର, ବିଷୟ-ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ଛାତ୍ରଛାତ୍ରୀଙ୍କ ଭୂମିକା)୯ମ ରୁ ୧୦ମ(ଜୁନିଅର, ବିଷୟ-ଓଡ଼ିଆ ଭାଷା ଓ ସାହିତ୍ୟ ର ବିକାଶ ରେ ନୂତନ ଶିକ୍ଷାନୀତିର ଭୂମିକା) ଏବଂ +୨ ଓ +୩ (ସିନିଅର, ବିଷୟ -ପ୍ରଯୁକ୍ତି ବିଦ୍ୟା ବିନା ଦେଶର ପରିକଳ୍ପନା ସମ୍ଭବ କି ?) । ବକ୍ତୃତା ପ୍ରତିଯୋଗିତା ୮ମ ରୁ ୧୦ମ ଏବଂ +୨ ଓ +୩ ପର୍ଯ୍ୟନ୍ତ । ପ୍ରତିଯୋଗିତାର ପଞ୍ଜିକରଣ କେବଳ ଅନଲାଇନ୍ ମାଧମରେରେ ହୋଇପାରିବ ତେଣୁ ଇଚ୍ଛୁକ ପ୍ରତିଯୋଗୀ ମାନେ ଆସନ୍ତା ୭ତାରିଖ ଶୁକ୍ରବାର ମଧ୍ୟରେ ନିଜର ପଞ୍ଜିକରଣ କରାଇନେବାକୁ ଆସୋସିଏସନ ପକ୍ଷରୁ ନିବେଦନ କରାଯାଇଛି ।ସବିଶେଷ ବିବରଣୀ ପାଇଁ ମାଇଁ ଏନସିସି ଆଲୁମନି ଆସୋସିଏସନର ଫେସବୁକ ପେଜ୍ ଫଲୋ କରିବା ସହ ବିଶେଷ ସୂଚନା ପାଇଁ ୭୦୦୮୭୭୨୫୨୧ /୯୮୫୩୫୧୯୫୩୭ ନମ୍ବରରେ ଯୋଗାଯୋଗ କରିବାକୁ ଆସୋସିଏସନର ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ ଅନୁରୋଧ କରିଛନ୍ତି ।

## ସମାଜସେବୀ ହରିହର ଜେନାଙ୍କ ଶ୍ରଦ୍ଧାଞ୍ଜଳି ସଭା



**ମୃଷାଟିକିରି,୪।୧୧/ଏନ୍‌ଏନ୍‌ଏସ୍:** ବଡଚଣା ବ୍ଲକ ଗୋପାଳପୁର ପଞ୍ଚାୟତ ଖଡଗପୁରରେ ବିଶିଷ୍ଟ ସମାଜସେବୀ ହରିହର ଜେନାଙ୍କ ଏକାଦଶାହ ଦିବସରେ ଏକ ବର୍ଣ୍ଣାଢ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ ଡଃ ଭାଗ୍ୟଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ହରିହର ପ୍ରେମୀ ଶ୍ରଦ୍ଧାଳୁଙ୍କ ତରଫରୁ ୧ମିନିଟ ନୀରବ ପ୍ରାର୍ଥନା କରାଯାଇ ପରିବାର ତରଫରୁ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ପୁତୁରା ଅଶୋକ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ପ୍ରାକ୍ତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି, ମୁଖ୍ୟବକ୍ତା ସୌମ୍ୟରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ପ୍ରାକ୍ତନ ବ୍ଲକ୍ ଉପାଧ୍ୟକ୍ଷ ବିଚିତ୍ରାନନ୍ଦ ମହାପାତ୍ର, ରବୀନ୍ଦ୍ରନାଥ ଶାନ୍ତି, ଅଜୟ କୁମାର ସାମଲ, ଉମାକାନ୍ତ ବଳ ପ୍ରମୁଖ ଯୋଗଦେଇ ସମାଜସେବୀ ଆଦର୍ଶ ଶିକ୍ଷକ ଶିଳ୍ପ ପ୍ରତିଷ୍ଠାତା ହରିହର ଜେନାଙ୍କ ସଂଗ୍ରାମ ଜୀବନ ମାନବ ସମାଜ ପାଇଁ କେତେ ଜଡିତ ଥିଲେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସୁରମୋହନ ମହାପାତ୍ର, କିଶୋର ଚନ୍ଦ୍ର ଦାଶ, ରାମଚନ୍ଦ୍ର ସାମଲ, ଅଧ୍ୟାପକ କିଶୋର ଚନ୍ଦ୍ର ବେହୁରା, ଉମେଶ ଚନ୍ଦ୍ର ସାମଲ, ନିର୍ମଳ ସାମଲ, ଦିଲୀପ ସାମଲ, ସାମ୍ବାଦିକ ରବୀନ୍ଦ୍ର ନାଥ ମହାପାତ୍ର, ସୁକନ୍ୟା ବନିତା ସାମନ୍ତରାୟ, ଡଃ ହରିଶ୍ଚନ୍ଦ୍ର ପୃଷ୍ଟି, ତାପସ ରାୟ, ପ୍ରକାଶ ଚନ୍ଦ୍ର ସାମଲ, ଶରତ ଚନ୍ଦ୍ର ସାହୁ, ଅଜିତ ମହାନ୍ତି, ଦୀନବନ୍ଧୁ ବେହେରା, ଦୟାନିଧି ସାମଲ, ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ତ୍ରିଲୋଚନ ସେନାପତି, ପରେଶ ଚନ୍ଦ୍ର ନାୟକ, ସଞ୍ଜୟ ଖୁଣ୍ଟିଆ, ଶୈଳେନ୍ଦ୍ର ନାରାୟଣ ରାୟ, ପୁତୁରା କୀର୍ତ୍ତନ ବିହାରୀ ଜେନା, ରମେଶ ଚନ୍ଦ୍ର ସାମଲ, ଇଂ ଧନଞ୍ଜୟ ପ୍ରଧାନ, ଡାକ୍ତର ସୁବାଶ ଚନ୍ଦ୍ର ପଣ୍ଡା, ବାଇଧର ସେନାପତି, ପ୍ରସନ୍ନ ତ୍ରିପାଠୀ, ରାଖାଲ ଚନ୍ଦ୍ର ଜେନା, ସୁକଦେବ ସାହୁ, ବିପିନ ମହାପାତ୍ର, କୃତିବାସ ମହାରଣା, ପ୍ରସନ୍ନ ପରିଡା, ଶାରଦା ମହାନ୍ତି ପ୍ରମୁଖ ଦିବଙ୍ଗତ ସମାଜସେବୀ ହରିହର ଜେନାଙ୍କ ଗୁଣଗାନ କରିଥିଲେ ।

ନିତିଦିନ NITIDIN



# ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

**ମାହାଙ୍ଗା,୪।୧୧/ଏନ୍ଏନ୍ଏସ୍:** ମାହାଙ୍ଗା ଥାନା ଅନ୍ତର୍ଗତ ଗୋକନ ପଞ୍ଚାୟତ ଗୋକନ ଗ୍ରାମର କାଞ୍ଚନଲତା ସେଠୀ(୫୬) ଗଳାରେ ଆତ୍ମହତ୍ୟା କରିଥିବା ଜଣାଯାଇଛି। ସୂଚନା ମୁତାବକ କାଞ୍ଚନ ମାନସିକ ଗ୍ରସ୍ତ ରୋଗୀ ଥିଲେ। ସେ ତାଙ୍କ ପୁଅ ସହ ଗୋକନରେ ରହୁଥିଲେ। ପୁଅ ଘରେ ନ ଥିବା ସମୟରେ ଗତକାଲି ରାତିରେ କାଞ୍ଚନ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ମାହାଙ୍ଗା ପୁଲିସ ଏଏସ୍ଆଇ ବିଧାଧର ମଲିକ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଇଥିବା ଜଣାପଡ଼ିଛି। ଅପରପକ୍ଷରେ କାଞ୍ଚନ କୁଜୁଙ୍ଗ ପଞ୍ଚାୟତ କଲାଣପୁର ଗ୍ରାମରେ ରଘୁନାଥ ସେଠୀଙ୍କୁ ବିବାହ କରିଥିଲେ। ରଘୁନାଥ ଗ୍ରାମରେ ରହୁ ନଥିବାରୁ କାଞ୍ଚନ ବାଧ୍ୟ ହୋଇ ଗୋକନ ରହୁଥିବା ଜଣାଯାଇଛି।

# ଅସ୍ତରଙ୍ଗର ମା' ଲକ୍ଷ୍ମୀ କ୍ଲବ୍ର କର୍ମକର୍ତ୍ତା ନିର୍ବାଚନ

**ଅସ୍ତରଙ୍ଗ,୪।୧୧/ଏନ୍ଏନ୍ଏସ୍:** ଅସ୍ତରଙ୍ଗର ବହୁ ପୁରାତନ ମା' ଲକ୍ଷ୍ମୀ କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ କ୍ଲବ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ନିୟମ ଅନୁସାରେ ପ୍ରତି ଦୁଇ ବର୍ଷରେ ନୂତନ କର୍ମକର୍ତ୍ତା ଚୟନ ହେବାପାଇଁ ନିୟମ ଥିବାରୁ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ପୂର୍ବତନ ସଭାପତି, ସମ୍ପାଦକ, ବରିଷ୍ଠ ଉପଦେଷ୍ଟା ପ୍ରତାପ ପରିଡା, ଜଗବନ୍ଧୁ ବେଉରା, ପ୍ରଫୁଲ ମୁରୁଣୀ, ରାମ କାଣ୍ଡି, ପ୍ରଶାନ୍ତ ଭୋଳ, ନିରଞ୍ଜନ ଦାସ, ଚିତ୍ରସେନ ପ୍ରଧାନ, ବାବୁସ୍ୱାଇଁ ଏବଂ ଅନ୍ୟମାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ନୂତନ କର୍ମକର୍ତ୍ତା ଭାବେ ସଭାପତି ହରିହର ମହାନ୍ତି ଉପ ସଭାପତି ମନୋଜ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଚିତ୍ତରେନ ପ୍ରଧାନ, ସମ୍ପାଦକ ଦିଲ୍ଲୀପ କୁମାର ଦାସ, ଶହ ସମ୍ପାଦକ ସମୀର କୁମାର କର, ସାଂସ୍କୃତିକ ସମ୍ପାଦକ ଭାବେ ଦେବାଶିଷ ବାରିକ, କୋଷାଧ୍ୟକ୍ଷ କରୁଣାକର ମହାନ୍ତି, ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିବା ବେଳେ ପ୍ରତାପ ବିଶ୍ୱାଳ, ସଂଜୟ ପ୍ରଧାନ, ପବିତ୍ର ସ୍ୱାଇଁ, ଦିପକ ଦାସ, ରମାରଞ୍ଜନ ମହାନ୍ତି, ପ୍ରମୋଦ ପଢିଆରି, ସରୋଜ ପ୍ରଧାନ,ଅବୁଲା, ପଦିଆ, ସୋନୁ, ମାନସ, ରାଜା, ଭଗିଆ, ସୁରେସ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ

# ମାଲବାହୀ ଉପରେ ମାଡ଼ିଗଲା ...

ରେଳବାଇ ସମସ୍ତ ସମ୍ବଳକୁ ଘଟଣାସ୍ଥଳକୁ ପଠାଇଥିବା ବେଳେ ରେଳବାଇ ପିଆରଓ କହିଛନ୍ତି ଯେ ଆହତମାନଙ୍କ ଚିକିତ୍ସା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି। ପ୍ରକାଶ, ଦୁର୍ଘଟଣା ପରେ ଅନେକ ବଗି ଲାଇନଚ୍ୟୁତ ହୋଇଛି।

ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ଏହି ଟ୍ରେନ୍ ଦୁର୍ଘଟଣାକୁ 'ଅତ୍ୟନ୍ତ ହୃଦୟବିଦାରକ' ବୋଲି କହିବା ସହ ମୃତାହତଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଏହି କଷ୍ଟକର ସମୟରେ ରାଜ୍ୟ ସରକାର ପ୍ରଭାବିତ ପରିବାର ସହିତ ଠିଆ ହୋଇଛନ୍ତି। ସେହିପରି ଛତିଶଗଡର ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଯାଞ୍ଚ୍ କରିବା ସହ ଆହତଙ୍କୁ ସବୁପ୍ରକାର ସେବା ସହାୟତା ଯୋଗାଇଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଘଟଣାସ୍ଥଳରେ ପହଞ୍ଚିଥିବା ଜିଲ୍ଲାପାଳ ଓ ବରିଷ୍ଠ ରେଳ ଅଧିକାରୀଙ୍କ ସହ ମଧ୍ୟ ସେ କଥା ହୋଇଛନ୍ତି। ଅନ୍ୟପକ୍ଷେ ରେଳବାଇ ପକ୍ଷରୁ ପ୍ରତି ମୃତକଙ୍କ ନିକଟତମ ପରିବାରକୁ ୧୦ ଲକ୍ଷ, ଗୁରୁତର ଆହତଙ୍କୁ ୫ ଲକ୍ଷ ଏବଂ ସାମାନ୍ୟ ଆହତ ଯାତ୍ରୀଙ୍କୁ ୧ ଲକ୍ଷ ଲେଖାଏଁ କ୍ଷତିପୂରଣ ଘୋଷଣା କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଦୁର୍ଘଟଣାସ୍ଥଳର କିଛି ଫଟୋ ଏବଂ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏଥିରୁ ପାସେଞ୍ଜର ଟ୍ରେନ୍ଟିର ସମ୍ମୁଖ ଭାଗ ମାଲବାହୀ ଟ୍ରେନ ଉପରେ ଚଢ଼ିଯାଇଥିବା ଦେଖିବାକୁ ମିଳିଛି। ତେବେ ରେଲୱେ ବିଭାଗ ଦର୍ଶାଇଛି ଯେ, ପ୍ରାଥମିକ ତଦନ୍ତ ଅନୁଯାୟୀ, ପାସେଞ୍ଜର ଟ୍ରେନ୍ଟି ସିଗନାଲ ପାର କରିବା ପରେ ଦୁର୍ଘଟଣା ଘଟିଥାଇପାରେ। ତଥାପି, ଦୁର୍ଘଟଣାର ବିସ୍ତୃତ ତଦନ୍ତ କରାଯିବ। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବୈଷୟିକ ଦଳ ରାତିସାରା ଟ୍ରାକ୍ ପୁନରୁଦ୍ଧାର ଏବଂ ବୈଦ୍ୟୁତିକ ବ୍ୟବସ୍ଥା ମରାମତି ପାଇଁ କାର୍ଯ୍ୟ କରୁଛନ୍ତି। ଏସବୁ ମଧ୍ୟରେ ଦକ୍ଷିଣପୂର୍ବ ରେଳପଥ ପକ୍ଷରୁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ବିଳାସପୁର ପାଇଁ ହେଲ୍ପଲାଇନ ନମ୍ବର ହେଉଛି ୭୭୭୭୮୫୭୩୩୫/୭୮୬୯୯୫୩୩୩୦। ସେହିପରି ଚମ୍ପା ଜଙ୍କସନ୍ ପାଇଁ ୮୦୮୫୯୫୬୫୨୮, ରାୟଗଡ଼ ପାଇଁ ୯୭୫୨୪୮୫୬୦୦, ପାଣ୍ଡ୍ରାରୋଡ ପାଇଁ ୮୨୯୪୭୩୦୧୬୨ ଏବଂ କୋରବା ପାଇଁ ୭୮୬୯୯୫୩୩୩୦।

# ସୁଦାନରେ ଓଡ଼ିଆ ଯୁବକ ...

କମିଶନର ମଧ୍ୟ ବୈଦେଶିକ ମନ୍ତ୍ରାଳୟକୁ ପତ୍ର ଲେଖି ସୁଦାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ସହିତ ଯୋଗାଯୋଗରେ ରହି ଆଦର୍ଶଙ୍କ ଖୋଜ୍ ଖବର ନେବା ଏବଂ ତାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଅନୁରୋଧ କରିଛନ୍ତି।

# ମହାପ୍ରଭୁଙ୍କ ସୁନାବେଶ ...

ତିନିଦ୍ୱାର ଦେଇ ପ୍ରସ୍ଥାନ କରିବେ। ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ସମୁଦାୟ ୪୫ ପ୍ଲାଟୁନ୍ ପୁଲିସ ଫୋର୍ସ ସହ ଦୁଇଟି ବେଳାଭୂମିରେ ସୁରକ୍ଷିତ ସ୍ନାନ ଓ ଡଙ୍ଗାଭସା ପାଇଁ ୩୭୦ ଲାଇଫଗାର୍ଡଙ୍କ ସହ ଦୁଇଟି ଓଡ୍ରାଫ୍ ଟିମ୍ ମୁତୟନ ହେବେ ବୋଲି ଏସ୍‌ପି କହିଛନ୍ତି। ଅନ୍ୟପଟେ ଶ୍ରୀମନ୍ଦିର ବାହାରେ, ଶ୍ରୀମନ୍ଦିର ଭିତରେ, ଭକ୍ତଙ୍କ ସୁରକ୍ଷା ବ୍ୟବସ୍ଥା ସହ ତୀର୍ଥ ପୁଷ୍କରିଣୀରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ମୁତୟନ ରହିବେ। କିଛି ଅଘଟଣ ଘଟିଲେ ତ୍ୱରିତ ବେଗରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଏହାକୁ ସମାଧାନ କରିବେ, ସେନେଇ ଆଜି ଶ୍ରୀମନ୍ଦିର ନିକଟରେ ଡେମୋ ଦେଖାଯାଇଥିଲା। ସେପଟେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ହବିଷ୍ୟାଳି ମା'ମାନେ ବେଳାଭୂମିରେ ଓ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇ କାର୍ତ୍ତିକ ବ୍ରତ ଉଦ୍‌ଯାପିତ କରିବେ। ତେବେ କେବଳ ପୁରୀ ସହରରେ ନୁହେଁ ବରଂ କୋଣାର୍କ, ଚନ୍ଦ୍ରଭାଗା, ବାଲିହରଚଣ୍ଡୀ ବେଳାଭୂମିରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଏସ୍‌ପି ପ୍ରତୀକ୍ ସିଂ କହିଥିଲେ।

# ଭିଜିଲାନ୍ସ ଜାଲରେ ବନ୍ତଳସିଂହ ...

ନେବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ପରେ କାର୍ଯ୍ୟାଳୟରେ ଚଢ଼ଉ କରି କାଗଜପତ୍ର ଯାଞ୍ଚ କରିଥିଲେ। ଅଭିଯୁକ୍ତ ଶ୍ରୀ ପରିଡ଼ାଙ୍କୁ ଗିରଫ କରାଯାଇ ଭୁବନେଶ୍ୱର ଭିଜିଲାନ୍ସ ଅଫିସକୁ ନେଇଥିଲେ। ଏହି ଚଢ଼ଉରେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍‌ରେ ଡିଏସ୍‌ପି ଶୁଶାନ୍ତ କୁମାର ମିଶ୍ର ଏବଂ ମମିତା ପ୍ରଧାନଙ୍କ ସହିତ ଇନ୍ସପେକ୍ଟର ରବୀନ୍ଦ୍ର ପାତ୍ର ଏବଂ ପ୍ରଦୀପ ପୃଷ୍ଟି ଉପସ୍ଥିତ ରହିଥିଲେ।

# ମଙ୍ଗଳା ନଦୀରେ ହେବ ...

ଜିଲ୍ଲାପାଳ ଜେ. ସୋନାଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆରକ୍ଷୀ ଅଧୀକ୍ଷକ ଅଙ୍କିତ କୁମାର ବର୍ମା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ପ୍ରତୀଚୀ ତନୟା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

# ୩ରୁ ୪ ଡିଗ୍ରୀ କମିବ ରାତି ...

ଗୁଲୁଗୁଲି ଅନୁଭୂତ ହେଉଛି। ତେଣୁ ନିୟାମକ ଗୁଡିକର ପରିସମାପ୍ତି ସହ ଆଦ୍ରତାର ପରିମାଣ କମିଲେ ହିଁ ରାଜ୍ୟରେ ରାତିର ତାପମାତ୍ରା କମିବ ଆଉ ଶୀତ ଅନୁଭବ। ଏହାସହ ବାୟୁ ଚଳାଚଳ ଏକ ବଡ଼ କାରକ ହୋଇଥିବା ବେଳେ ବର୍ତ୍ତମାନ ଉତ୍ତର-ପଶ୍ଚିମ ଦିଗରୁ ମଧ୍ୟ ବାୟୁ ଚଳାଚଳ ହୋଇନାହିଁ, ତେଣୁ ସାରା ରାଜ୍ୟରେ ଶୀତ ବିଳମ୍ବରେ ଆସିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ସେହିପରି ଲଗାତାର ଲଘୁଚାପ ପ୍ରଭାବରେ ଶୀତ ବିଳମ୍ବରେ ଆସିବାକୁ ଥିବା ବେଳେ ଏଥର ଶୀତ କେବେ ଛୁଇଁବ ଓଡ଼ିଶାରେ ସେନେଇ ସ୍ପଷ୍ଟତା ଆସିନାହିଁ।

# ଚିଲିକା ବୋଇତ ବନ୍ଦାଣ ମହୋତ୍ସବ ଉଦଘାଟିତ




**ବାଲୁଗାଁ,୪।୧୧/ଏନ୍ଏନ୍ଏସ୍:** ପ୍ରାଚୀନ ଉତ୍କଳର ନୌବାଣିଜ୍ୟ ପରମ୍ପରା, ଐତିହ୍ୟ, ବୈଭବ ଓ ମରାଳ ମାଳିନୀ ନୀଳାମ୍ବୁ ଚିଲିକାର ସମୃଦ୍ଧିଶାଳୀ ସାଂସ୍କୃତିକ ଚେତନାକୁ ପ୍ରତିଟି ବୀର ଓଡ଼ିଆଙ୍କ ହୃଦୟରେ ଉଜ୍ଜୀବିତ କରିବା ପାଇଁ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବାଲୁଗାଁ ଚିଲିକା ତଟଦେଶରେ ଚିଲିକା ବୋଇତ ବନ୍ଦାଣ ମହୋତ୍ସବ କମିଟି ଓ ଜିଲ୍ଲା ପ୍ରଶାସନ ଖୋର୍ଦ୍ଧାର ମିଳିତ ଆନୁକୂଲ୍ୟରେ ବାଲୁଗାଁ ମହାବିଦ୍ୟାଳୟ ପ୍ରାଙ୍ଗଣରେ ମଙ୍ଗଳବାର ଚିଲିକା ବୋଇତବନ୍ଦାଣ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ମଞ୍ଚପୂଜା କରିବା ନିମନ୍ତେ ଢୋଲ, ମହୁରୀ, ତୁରୀ, ସଂକୀର୍ତ୍ତନ କରି ଚିଲିକା ମଧ୍ୟରେ ଥିବା ମା' କାଳିଜାଇଙ୍କ ପୀଠରୁ ଜ୍ୟୋତି ଆଣିଲା ପରେ ମଞ୍ଚପୂଜା କରାଯାଇଥିଲା। ପରେ ଦିନତମାମ ଚିଲିକା ସାହିତ୍ୟ ସମାଜ ଦ୍ୱାରା କବିତା ପାଠୋତ୍ସବ, ପାଲା ପରିବେଷଣ, ରାଜ୍ୟ ସ୍ତରୀୟ କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଉଦଘାଟିନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟବକ୍ତା ଭାବେ ମନ୍ତ୍ରୀ ଉଚ୍ଚ ଶିକ୍ଷା, କ୍ରୀଡା ଓ ଯୁବ ବିଭାଗ ସୂର୍ଯ୍ୟବଂଶୀ ସୁରଜ, ବିଶିଷ୍ଟ ଅତିଥି ଭାବେ ସାଂସଦ, ପୁରୀ ଲୋକସଭା ଡା. ସମ୍ବିତ ପାତ୍ର, ପୂର୍ବତନ ସାଂସଦ ତଥା ପ୍ରତିଷ୍ଠାତା ସମ୍ବାଦ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ବରିଷ୍ଠ ସାହିତ୍ୟିକ ଓ ସମ୍ପାଦକ ବିଶ୍ୱମୁକ୍ତି ଡା ଶଶାଙ୍କ ଶେଖର ଚୂଡ଼ାମଣି, ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଖୋର୍ଦ୍ଧା ବିବେକାନନ୍ଦ ଶର୍ମା, ଅଧକ୍ଷା ପଞ୍ଚାୟତ ସମିତି ଚିଲିକା ଜ୍ୟୋସ୍ନାରାଣୀ ବେହେରା, ଅଧକ୍ଷ ପଞ୍ଚାୟତ ସମିତି ବାଣପୁର ଅମରେନ୍ଦ୍ର ରଣସିଂହ, ଅଧକ୍ଷ ବିଜ୍ଞାପିତ ଅଞ୍ଚଳ ପରିଷଦ ବାଣପୁର ମିଟୁ ନାୟକ, ଚିଲିକା ବୋଇତ ବନ୍ଦାଣ ଉତ୍ସବର ସଭାପତି ତଥା ଅଧକ୍ଷ୍ୟା ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ସୁକାନ୍ତି ପାଇକରାୟ, କାର୍ଯ୍ୟକାରୀ ସଭାପତି ଦୁଷ୍ମନ୍ତ ହରିଚନ୍ଦନ, ବାଲୁଗାଁ ଏନଏସି ଉପାଧକ୍ଷ ଭଗବାନ ପ୍ରଧାନ, ବାଲୁଗାଁ ମହାବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ମା' କାଳିଜାଇ ମତ୍ସ୍ୟଜୀବୀ ସଂଘର ସଭାପତି ସନାତନ ବଳବନ୍ତରାୟ, ହନୁମାନ ପରିବା ବ୍ୟବ୍ୟସାୟ ସଂଘର ସଭାପତି ରଞ୍ଜିତ ପଣ୍ଡା ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରି ମଞ୍ଚ ଉଦଘାଟନ କରିଥିଲେ। ସ୍ୱାଗତ ଅଭିଭାଷଣ ପରେ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅତିଥି ମାନେ ଚିଲିକା ନୌବାଣିଜ୍ୟ ପରମ୍ପରା ଉପରେ ସ୍ମୃତି ଚାରଣ କରିବା ପରେ ସ୍ମରଣିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ବୋଇତ ବନ୍ଦାଣ କମିଟିର ସଂଯୋଜକ କୈଳାସ ଚନ୍ଦ୍ର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଘୋଷକ ଶୋଭନା ପ୍ରହରାଜ ସଂଯୋଜନା କରିଥିଲେ।

## ଉପମୁଖ୍ୟମନ୍ତ୍ରୀ ଓ ପୂର୍ବତନ ବିଧାୟକଙ୍କ କଳିରେ ବଳିପଡ଼ିଲେ ସରପଞ୍ଚ

# ଅନାସ୍ଥା ଭୋଟିଂ ଶେଷ, ଫଳାଫଳ ଘୋଷଣାକୁ ଅପେକ୍ଷା



**କୋଣାର୍କ,୪।୧୧/ଏନ୍ଏନ୍ଏସ୍:** ଉପମୁଖ୍ୟମନ୍ତ୍ରୀ ଓ ପୂର୍ବତନ ବିଧାୟକଙ୍କ କଳିରେ ବଳିପଡିଲେ ବନାଖଣ୍ଡି ପଞ୍ଚାୟତ ସରପଞ୍ଚ। ଖବରରୁ ପ୍ରକାଶ କୋଣାର୍କ ଥାନା ଅଧିନ ଗୋପବ୍ଲକ ବନାଖଣ୍ଡି ପଞ୍ଚାୟତ ସରପଞ୍ଚ ପ୍ରଜ୍ଞାପରମିତା ନାୟକଙ୍କ କାର୍ଯ୍ୟକାଳ ଆଉ ୧୬ମାସ ଥିବା ବେଳେ ବିଜେପି ସମର୍ଥିତ ସରପଞ୍ଚଙ୍କ ବିରୋଧରେ ଦଳୀୟ କନ୍ଦଳକୁ ନେଇ ଦୁଇଗୋଷ୍ଠୀକୁ ନେଇ ୧୫ରୁ ଉର୍ଦ୍ଧ୍ୱ ୱାର୍ଡମେମ୍ବର ସରପଞ୍ଚଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ହୋଇ ତାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ପ୍ରଶାସନ ପକ୍ଷରୁ ପୂର୍ବନିର୍ଦ୍ଧାରିତ ତାରିଖ ଅନୁଯାୟୀ ଆଜି ମଙ୍ଗଳବାର ବିଧିବଦ୍ଧ ଭାବେ ବନାଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ବନାଖଣ୍ଡି ପଞ୍ଚାୟତ ର ସମୁଦାୟ ୧୮ଟି ୱାର୍ଡର ସରପଞ୍ଚଙ୍କ ସମେତ ୧୭ଜଣ ୱାର୍ଡମେମ୍ବରଙ୍କୁ ନେଇ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଭୋଟିଂ କରାଯାଇଥିଲା। ସୂଚନା ମୁତାବକ ନିର୍ବାଚନ ଅଧିକାରୀ ଭାବେ ଗୋପ ତହସିଲଦାର ଅନୀଲ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଗୋପବ୍ଲକ ଅତିରିକ୍ତ ବିଡ଼ିଓ ଦୀପକ କୁମାର ଜେନା ଓ ବନାଖଣ୍ଡି ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନଦିପ ଶତପଥୀ, କୋଣାର୍କ ରାଜସ୍ୱନିରୀକ୍ଷକ ମୁର୍ମୁ ଙ୍କ ସମେତ ନିମାପଡା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, କୋଣାର୍କ ଥାନା ଅଧିକାରୀ ପୂର୍ଣଚନ୍ଦ୍ର ସେଠୀ, ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରା ନନ୍ଦ ପରିଡା, ଚନ୍ଦ୍ରଭାଗା ମେରାଇନ୍ ଥାନା ଅଧିକାରୀ ପ୍ରତିମା ସାହୁ ଓ ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଢିହାରୀଙ୍କ ଉପସ୍ଥିତିରେ ଦୁଇ ପ୍ଲାଟୁନ ଫୋର୍ସଙ୍କୁ ନେଇ କଡା ସୁରକ୍ଷାବଳୟ ମଧ୍ୟରେ ନିର୍ବାଚନ କରାଯାଇଥିଲା। ନିର୍ବାଚନ ସରିବା ପରେ ଉତ୍ତେଜନାକୁ ନଜରରେ ରଖି ଭୋଟ୍ ବାକ୍ସକୁ ସର୍ବସମ୍ମୁଖରେ ସିଲ କରାଯାଇ ପୁରୀ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ କଡ଼ା ସୁରକ୍ଷା ମଧ୍ୟରେ ନିଆଯାଇଥିଲା। ଭୋଟର ଫଳାଫଳ ପରେ ଘୋଷଣା କରାଯିବ ବୋଲି ଜଣାପଡିଛି।

# ଶ୍ରୀନୀଳମାଧବଙ୍କ କାଞ୍ଚି ଅଭିଯାନ ଓ ନୃସିଂହ ଅବତାର ବେଶ



**କଣ୍ଟିଲୋ,୪।୧୧/ଏନ୍ଏନ୍ଏସ୍:** ପବିତ୍ର କାର୍ତ୍ତିକ ମାସ ପଞ୍ଚୁକର ଆଜି ତୃତୀୟ ଦିବସ ହେଲେହେଁ ଆଜିର ତିଥିରେ ପଡୁଛି ତ୍ରୟୋଦଶୀ ଓ ଚତୁର୍ଦ୍ଦଶୀ। ଧରା ପୃଷ୍ଟରୁ ଦୁଷ୍ଟ ନିବାରଣ, ପାପି ଓ ରାକ୍ଷସ ମାନଙ୍କୁ ସଂହାର କରି ଧରା ପୃଷ୍ଟ ରେ ଶାନ୍ତ ବାତାବରଣ ପରିବେଶ ସୃଷ୍ଟି ପାଇଁ ଶ୍ରୀ ଜିଉ ନିଜେ କଳା ଧଳା ଘୋଡା ଚଢ଼ି କାଞ୍ଚି ଅଭିଯାନ କରିଥିବା ବେଶରେ ଆଜି ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇ ଥିବା ବେଳେ ସନ୍ଧ୍ୟା ସମୟେ ପ୍ରଭୁ ନୃସିଂହ ଅବତାର ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଛନ୍ତି। ଆସନ୍ତା କାଲି କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ଦେବୀ ଶ୍ରୀରାଧା ଓ ପ୍ରଭୁଙ୍କ ମଧ୍ୟରେ ହେବାକୁଥିବା ପଶାଖେଳ ଓ ରାଇ ରାଜା ବେଶରେ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେବେ। ଆସନ୍ତାକାଲି ଭୋର୍ ସମୟଠାରୁ ରାତ୍ର ଦଶଘଣ୍ଟା ପର୍ଯ୍ୟନ୍ତ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଓ ପର୍ଯ୍ୟଟକମାନଙ୍କ ସମାଗମ ହେବାର ଥିବା ହେତୁ ଶାନ୍ତି ଶୃଙ୍ଖଳା ଓ ସୁବିଧାରେ ଶ୍ରୀଜିଉଙ୍କୁ ଦର୍ଶନ କରାଇବାରେ ଦେବୋତ୍ତର ବିଭାଗ ଓ ପୁଲିସ ବିଭାଗ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।


# ପୁରୀରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ

**ପୁରୀ,୪।୧୧/ଏନ୍ଏନ୍ଏସ୍:** ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ଠାରେ ପୁରୀ ଜିଲ୍ଲା ସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଯୋଗଦେଇ ମାଣ୍ଡିଆ ସ୍ୱାସ୍ଥ୍ୟପ୍ରଦ ସହ ପୋଷକ ତତ୍ତ୍ୱରେ ଭରପୁର ରହିଥାଏ। ମାଣ୍ଡିଆର ବ୍ୟବହାରକୁ ଅଧିକ ପ୍ରସାରିତ କରିବା ଓ ବିଶ୍ୱ ସ୍ତରରେ ପହଞ୍ଚାଇବାକୁ ସରକାରଙ୍କ ପ୍ରୟାସ କୁ ଆମେ ସମ୍ମିଳିତ ଭାବେ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ବର୍ତ୍ତମାନ ଅଙ୍ଗନବାଡି ଓ ବିଦ୍ୟାଳୟ ମାନଙ୍କରେ ମାଣ୍ଡିଆକୁ ସାମିଲ କରାଯାଇଥିବା ବେଳେ ବିଭିନ୍ନ କ୍ୟାଣ୍ଟିନ, ହୋଟେଲ, ସରକାରୀ ବୈଠକ, ରାଜ୍ୟ ଓ ଜାତୀୟ କାର୍ଯ୍ୟକ୍ରମ ମାନଙ୍କ ରେ ମାଣ୍ଡିଆ ଜାତ ବିବିଧ ଖାଦ୍ୟ ସାମଗ୍ରୀର ଚାହିଦା ବଢିଛି। କୃଷକମାନଙ୍କୁ ମାଣ୍ଡିଆ ଚାଷ ପାଇଁ ମଧ୍ୟ ପ୍ରୋତ୍ସାହନ ସରକାର ଦେଉଛନ୍ତି ବୋଲି ଶ୍ରୀ ବେହେରା ସୂଚନା ଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସତ୍ୟ ନାରାୟଣ କର ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଆମ ପୁରୀ ଜିଲ୍ଲାରେ କୃଷ୍ଣ ପ୍ରସାଦ ବ୍ଲକରେ ପ୍ରାୟ ୨ଶହ ହେକ୍ଟର ଜମି ରେ ମାଣ୍ଡିଆ ଚାଷ କରାଯାଇଛି। ଚଳିତବର୍ଷ ୩ଶହ କ୍ୟୁଣ୍ଟାଲ ମାଣ୍ଡିଆ ସଂଗ୍ରହର ଲକ୍ଷ ରଖାଯାଇଛି ବୋଲି ଶ୍ରୀ କର ସୂଚନା ଦେବା ସହ ମାଣ୍ଡିଆ ଚାଷ ଓ ସହାୟକ ଉପକରଣ ପାଇଁ ପ୍ରୋତ୍ସାହନ ଦିଆଯାଉଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଡ ମଞ୍ଜୁଲା ତ୍ରିପାଠୀ, ସାକ୍ଷୀଗୋପାଳ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସୂର୍ଯ୍ୟ ନାରାୟଣ ମିଶ୍ର, ସାକ୍ଷୀଗୋପାଳ କୃଷି ଅଧିକାରୀ ଡ. ପରେଶ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ମାଣ୍ଡିଆ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ।

# ଦୁଇ ପରିବାର ମଧ୍ୟରେ ହାତାହାତି, ୪ ଗିରଫ

**ବଳଙ୍ଗା,୪।୧୧/ଏନ୍ଏନ୍ଏସ୍:** ବଳଙ୍ଗା ଥାନା ବାଲିଆ ଗ୍ରାମରେ ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ଓ ଉଭୟପଟୁ ଆହତ ହୋଇଥିବା ନେଇ ପୃଥକ ପୃଥକ ଭାବରେ ଦୁଇଟି ଅଭିଯୋଗ ହୋଇଛି। ସୂଚନା ମୁତାବକ ଭାରତୀ ପାତ୍ର କରିଥିବା ଅଭିଯୋଗ ଅନୁଯାୟୀ ଗତ ୨ ତାରିଖ ରାତ୍ର ୮ ଘଟିକା ସମୟରେ ତାଙ୍କ ସ୍ୱାମୀ ବସନ୍ତ ପାତ୍ର ଘରେ ଖାଉଥିବା ସମୟରେ ଦେଢ଼ଶୁର ମହନ୍ତ ପାତ୍ର, ତାଙ୍କର ପୁଅ ପପୁନା ପାତ୍ର, ଜ୍ୱାଇଁ ଦୀପୁନା ଗୁରୁ ଓ ଝିଅ ଆମ ଘରେ ପଶି ଆମମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମୋର ସ୍ୱାମୀକୁ ବାଡିଆପିଟା କରିଥିଲେ। ମୋର ପୁଅ ପ୍ରକାଶ ପାତ୍ର(୧୧)କୁ ଟେକି ନେଇ ପାଖରେ ଥିବା କେନାଲ ଭିତରକୁ ଫୋପାଡି ଦେଇଥିଲେ। ମୋର ଶାଶୁ ଓ ମୋତେ ଟାଙ୍ଗିଆରେ ଆମକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ମୋର ମୁଣ୍ଡ ଫାଟି ଯିବାରୁ ମୋ ସ୍ୱାମୀ ପ୍ରତିବାଦ କରିବାରେ ମୋ ସ୍ୱାମୀକୁ ମଧ୍ୟ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକମାନେ ଆମକୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଅପରପକ୍ଷରେ ସୋନି ଗୁରୁ କରିଥିବା ଅଭିଯୋଗ ଅନୁଯାୟୀ ମୁଁ ମୋ ସ୍ୱାମୀ ସହିତ ବାପଘରକୁ ଆସିଥିବା ବେଳେ ସେଠାରେ ପହଞ୍ଚିବା ମାତ୍ରେ ବସନ୍ତ ପାତ୍ର ମତେ ଦେଖି ଅଶ୍ଳୀଳ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମୋର ସ୍ୱାମୀକୁ ତାର ସ୍ତ୍ରୀ ଭାରତୀ ପାତ୍ର ଆସି କାମୁଡି ଦେବାରେ ମୁଁ ପ୍ରତିବାଦ କରିବାରୁ ବସନ୍ତ ମୋର ଚୁଟିକୁ ଧରି ବାଡିଆପିଟା କରିଥିଲା। ଏ ନେଇ ବଳଙ୍ଗା ଥାନାରେ ଦୁଇଟି ଅଭିଯୋଗ ହେବାପରେ ବଳଙ୍ଗା ପୁଲିସ, ଦୁଇଟି ମାମଲା ରୁଜୁ କରିବା ସହ ଉଭୟ ପକ୍ଷରୁ ପ୍ରଫୁଲ୍ଲ ପାତ୍ର, ପବିତ୍ର ପାତ୍ର, ଦୀପକ ଗୁରୁ, ବସନ୍ତ ପାତ୍ରଙ୍କୁ ଗିରଫ କରି ଆଜି ଅପରାହ୍ନରେ କୋର୍ଟଚାଲାଣ କରିଛି।

# କଣ୍ଟାପଡ଼ାରେ କାର୍ତ୍ତିକେଶ୍ୱରଙ୍କ ପୂଜା ଉତ୍ସବ



**କଣ୍ଟାପଡ଼ା,୪।୧୦/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକର ବିଭିନ୍ନ ସ୍ଥାନରେ ପୁରପଲ୍ଲୀରେ ପ୍ରଭୁ କାର୍ତ୍ତୀକଶ୍ୱର ଓ ଶିବ ପାର୍ବତୀଙ୍କ ପୂଜା ଉତ୍ସବ ବହୁ ଧୂମଧାମରେ ଆଧାତ୍ମିକ ପରିବେଶ ମଧ୍ୟରେ ପୂଜାର୍ଚ୍ଚନା କରାଯାଉଛି। କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମ ସାଇଲୋ ବଡ଼ବିଲରେ ଶିବପାର୍ବତୀଙ୍କ ଯଥା ବିଧି ପୂଜାର୍ଚ୍ଚନାକରାଯାଉଥିବାବେଳେ କଣ୍ଟାପଡ଼ା ବ୍ଲକଛକସ୍ଥିତ ମା ମଙ୍ଗଳ ଚଣ୍ଡୀ ବଜାରରେ ଏକ ନିଆରା ଢଙ୍ଗରେ ଭକ୍ତିଭାବପୂର୍ଣ୍ଣ ପରିବେଶ ମଧ୍ୟରେ ନାମ ସଂକୀର୍ତ୍ତନ ଭଜନ ଓ ପାଲା ଭଳି ଭକ୍ତିପୂର୍ଣ୍ଣ ମନୋରଂଜନଧର୍ମୀ କାର୍ଯ୍ୟକ୍ରମ ସହ ପୂଜା ଉତ୍ସବ ଯଥାବିଧି ଅନୁଷ୍ଠିତ ହେଉଛି। ପ୍ରଭୁଙ୍କ ପୂଜା ଓ ମନୋରଂ ଜନ ଧର୍ମୀ କାର୍ଯ୍ୟକ୍ରମ ଦେଖିବା ପାଇଁ ପାଖପଡ଼ୋଶୀ ଗ୍ରାମ ଅଲାରପୁର ବାଇରୋଇ ଶିଶୁଆ ଇଛାପୁର କଅଁରପୁର ବାଗଲପୁର ଦେଉଳି ପ୍ରଭୃତି ଗ୍ରାମରୁ ଦର୍ଶନାର୍ଥୀ ଆସିଥାନ୍ତି ସମସ୍ତ ଦର୍ଶନାର୍ଥୀଙ୍କ ନିମିତ୍ତ ଅନୁଷ୍ଠାନ ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥାଏ। ମା' ମଙ୍ଗଳ ଚଣ୍ଡୀ ଯୁବକ ସଂଘ ଓ ବଜାର କମିଟିର ମିଳିତ ସହଭାଗିତାରେ ଉକ୍ତ ପୂଜା ଉତ୍ସବ ଅନୁଷ୍ଠିତ ହୋଇଥାଏ।

# ଶ୍ରୀଶ୍ରୀ ରଘୁନାଥଜିଉଙ୍କ କୃଷ୍ଣ ବଳରାମ ବେଶରେ ଶ୍ରଦ୍ଧାଳୁ ଭାବବିହ୍ୱଳ



**ଓଡ଼ଗାଁ,୪।୧୧/ଏନ୍ଏନ୍ଏସ୍:** ସ୍ୱର୍ଣ୍ଣ କଳସୀକ୍ଷେତ୍ର ଓଡ଼ଗାଁ ବିଜେ ଶ୍ରୀଶ୍ରୀ ରଘୁନାଥ ଜିଉ ପବିତ୍ର ପଞ୍ଚୁକପର୍ବ ମଙ୍ଗଳବାର ତୃତୀୟ ସନ୍ଧ୍ୟାରେ କୃଷ୍ଣ ବଳରାମ ବେଶରେ ଦର୍ଶନ ଦେଇଛନ୍ତି। ବଡ଼ଭାଇ ପ୍ରଭୁ ରାମଚନ୍ଦ୍ର କୃଷ୍ଣବେଶ ହୋଇଥିବାବେଳେ ଅନୁଜ ଲକ୍ଷ୍ମଣ ବଳରାମ ବେଶରେ ସଜ୍ଜିତ ହୋଇଥିଲେ। ନବଦୁର୍ବାଦଳ ପ୍ରଭୁ ଶ୍ରୀରାମଙ୍କର ଶ୍ୟାମଳ ମୂର୍ତ୍ତିକୁ ଦର୍ଶନ କରିବାପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସମସ୍ତ ସନ୍ଧ୍ୟା ନୀତିପରେ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ମନ୍ଦିର ଦ୍ୱାରଖୋଲିବା ସହିତ ପାଳିଆପଣ୍ଡା ପ୍ରଭୁ ରାମଚନ୍ଦ୍ର, ମାତା ସୀତା ଓ ଅନୁଜ ଲକ୍ଷ୍ମଣଙ୍କୁ ଆଳତି କରିବାର ଦୃଶ୍ୟ ଥିଲା ଅତିବ ମନୋରମ। ଶ୍ରୀରଘୁନାଥଙ୍କ ଠାରେ ଅନୁଭବର ଠାକୁର ଶ୍ରୀଜଗନ୍ନାଥଙ୍କୁ ଦର୍ଶନକରି ବହୁ ବୃଦ୍ଧବୃଦ୍ଧା ହବିଶ୍ୟାଳୀ ହୋଇଥିଲେ ଭାବବିହ୍ୱଳ। ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର, ମହାସୁଆର ପରିଷଦ ସଭାପତି ସୁବ୍ରତ କୁମାର ପଣ୍ଡା, ସେବକ ଓ ମନ୍ଦିର ପରିଚ୍ଛାଙ୍କ ଦ୍ୱାରା ସମସ୍ତ ନୀତି ସମାପନ ହୋଇଥିବା ଜଣାପଡ଼ିଛି।

# ଶ୍ରୀଜଗନ୍ନାଥଙ୍କର ରାଜାଭିଷେକ ବେଶ



**ଶରଣକୁଳ,୪।୧୧/ଏନ୍ଏନ୍ଏସ୍:** ପ୍ରସିଦ୍ଧ ଶୈବପୀଠ ଶରଣକୁଳ ଲଡୁବାବାଙ୍କ ପାର୍ଶ୍ୱ ଦେବତା ରୂପେ ପୂଜା ପାଉଥିବା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ମଙ୍ଗଳବାର ସନ୍ଧ୍ୟାରେ 'ରାଜା ବେଶ' ଅନୁଷ୍ଠିତ ହୋଇଯାଇଛି। କିମ୍ବଦନ୍ତୀ ଅନୁସାରେ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଲଙ୍କା ଜୟକରି ଅଯୋଧ୍ୟାକୁ ଫେରିଥିଲେ। ରାଜାଭିଷେକ ପରେ ରାଜ ସିଂହାସନ ଆରୋହଣ କରି ରାଜ୍ୟ ଶାସନ ଆରମ୍ଭ କରିଥିବାରୁ ଏହାକୁ ମନେପକାଇବା ପାଇଁ ଠାକୁର ଏହି ବେଶରେ ସୁସଜ୍ଜିତ ହୋଇ ପାଟବସ୍ତ୍ର ଓ ସ୍ୱର୍ଣ୍ଣ ଅଳଙ୍କାର ପରିଧାନ କରି ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ପଞ୍ଚୁକ ଅବସରରେ ତୃତୀୟ ଦିବସରେ ହଜାର ହଜାର ଭକ୍ତ ଏହି ବେଶ ଦେଖିବା ପାଇଁ ମନ୍ଦିରରେ ଭିଡ଼ ଜମାଇଥିଲେ।

# ବଡ଼ସିଂହାର ବେଶରେ ଦର୍ଶନଦେଲେ ବାବା ଧବଳେଶ୍ୱର



**ସାକ୍ଷୀଗୋପାଳ,୪।୧୧/ଏନ୍ଏନ୍ଏସ୍:** ସତ୍ୟବାଦୀର ଆଦ୍ୟ ଶାସନ ବୀର ରାମଚନ୍ଦ୍ରପୁର ଗ୍ରାମରେ ବାବା ଧବଳେଶ୍ୱରଦେବ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଧବଳେଶ୍ୱର ବାବାଙ୍କ ପୀଠରେ ବଡଓଷା ମାନସିକଧାରୀ ଭକ୍ତଙ୍କର ଜନସମାଗମ ହୋଇଥିଲା। ପ୍ରତ୍ୟୁଷରୁ ବାବା ଧବଳେଶ୍ୱରଙ୍କ ଦ୍ୱାର ଉନ୍ମୋଚନ, ୧୦୮କଳସୀ ସୁବାଷିତ ଜଳରେ ଅଭିଷେକ, ବଡ଼ ସିଂହାର ବେଶ, ଖେଚୁଡ଼ି ଭୋଗ ଆଦି ରୀତିନୀତି ଅନୁଯାୟୀ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଏହି ବେଶ ପରେ ବାବା ଭକ୍ତମାନଙ୍କୁ ବଡସିଂହାର ବେଶରେ ଦର୍ଶନ ଦେଇଥିଲେ। ଏହି ଅବସରରେ ଧବଳେଶ୍ୱରଙ୍କ ପୀଠରେ ଗଜ ଭୋଗ ପ୍ରସ୍ତୁତ କରାଯାଇ ବାବାଙ୍କୁ ଅର୍ପଣ ମଧ୍ୟ କରାଯାଇଥିଲା। ଏଥି ସହିତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ, ଯାନବାହାନ ନିୟନ୍ତ୍ରଣ ଓ ଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବୀର ରାମଚନ୍ଦ୍ରପୁର ଧବଳେଶ୍ୱର କମିଟି ,ସତ୍ୟବାଦୀ ପ୍ରଶାସନ ଓ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟୁଷରୁ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ହଜାର ହଜାର ଭକ୍ତ ଲମ୍ବା ଧାଡିରେ ବାବା ଧବଳେଶ୍ୱରଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ମନ୍ଦିରକୁ ରଙ୍ଗ ବେରଙ୍ଗ ଫୁଲ ଓ ସୁନ୍ଦର ଆଲୋକରେ ସଜ୍ଜିତ କରାଯାଇଥିଲା।

## ଆଜିର ଇତିହାସ

- ୧୫୫୬-ପାନିପତର ଦ୍ୱିତୀୟ ଯୁଦ୍ଧରେ ମୋଗଲ ଶାସକ ଆକବର ହେମୁଙ୍କୁ ପରାସ୍ତ କରିଥିଲେ।
- ୧୮୭୦-ମହାନ ସ୍ୱତନ୍ତ୍ରତା ସଂଗ୍ରାମୀ ଚିତ୍ତରଞ୍ଜନ ଦାସ ଜନ୍ମଗ୍ରହଣ କରିଥିଲେ।
- ୧୯୬୧-ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁ ନ୍ୟୁୟର୍କ ଯାତ୍ରା କରିଥିଲେ।
- ୨୦୦୧-ଭାରତ ତଥା ରୁଷରେ ଆଫ୍‌ଗାନ ସରକାର ତାଲିବାନରେ ଭାଗୀଦାରୀ ନାମଞ୍ଜୁର କରିଥିଲେ।
- ୨୦୧୩-ଭାରତ ପ୍ରଥମ ମଙ୍ଗଳ ଅଭିଯାନ ଆରମ୍ଭ କରିଥିଲା।

## ଆଜିର ରାଶିଫଳ




ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦


**ମେଷ** - ଆର୍ଥିକ ଦୃଷ୍ଟିରୁ ଆଜି ଖୁବ୍ ଭଲରେ କଟିବ। କୌଣସି ପୁରୁଣା ନିବେଶରେ ଧନ ପ୍ରାପ୍ତି ହୋଇପାରେ। ପ୍ରେମ ଜୀବନରେ ସକାରାତ୍ମକତାର ମୋଡ଼ ଆସିବ। ବ୍ୟବସାୟିକ ମୁଦ୍ଦାଗୁଡ଼ିକରେ ସାବଧାନ ରହିବେ।

**ବୃଷ** - ସମ୍ପର୍କର ମୁଦ୍ଦାଗୁଡ଼ିକର ସମାଧାନ କରିବେ। ଚାକିରିର ଖୁବ୍ ଭଲ ମୁହୂର୍ତ୍ତଗୁଡ଼ିକର ସନ୍ଧାନ କରନ୍ତୁ। ଚାଲାକି କରି ଧନକୁ ସମ୍ଭାଳନ୍ତୁ। ଆଜି ସ୍ୱାସ୍ଥ୍ୟ ଭଲ ରହିବ। ବିବାହର ଯୋଗ ରହିଛି। ରୋମାଣ୍ଟିକ ଡିନର୍ କରିବେ।

**ମିଥୁନ** - ଦିନଟି ଆପଣଙ୍କ ପାଇଁ ଶୁଭ। ସମ୍ପର୍କରେ ସାବଧାନ ରହିବେ। କଥାବାର୍ତ୍ତାରେ ସୌମ୍ୟତା ରହିବ। ନୂଆ ପ୍ରାରମ୍ଭ ପୂର୍ବରୁ ଚିନ୍ତା କରିପାରନ୍ତି। ପ୍ରଭାବଶାଳୀ ପଦରେ ଥିବା ଲୋକମାନେ ଆଜି ସଫଳତା ପ୍ରାପ୍ତ କରିବେ।

**କର୍କଟ** - ଦିନଟି ରୋମାଣ୍ଟିକ ରହିବ। ଭାବନାତ୍ମକ ଭାବରେ ପାର୍ଟନର୍ ସହିତ ସମ୍ବନ୍ଧ ରଖିବେ। କୌଣସି ଗୁପ୍ତ କଥାର ଉନ୍ମୋଚନ ହୋଇପାରେ। ଗଭୀରତାର ସହିତ ସମ୍ପର୍କକୁ ବୁଝିବେ।

**ସିଂହ** - ରୋମାଣ୍ଟିକ ସମ୍ପର୍କରେ ସହଯୋଗ ଓ ସାମଞ୍ଜସ୍ୟ ରହିବ। ଜୀବନସାଥି ଓ ପ୍ରେମୀଙ୍କ ସହିତ ମନୋବଳ ଉଚ୍ଚ ରହିବ। ନୂଆ ପ୍ରେମ ସମ୍ବନ୍ଧଗୁଡ଼ିକରେ ସକାରାତ୍ମକ ପ୍ରାରମ୍ଭ ହୋଇପାରେ। ଆତ୍ମବିଶ୍ୱାସ ଖୁବ୍ ଉଚ୍ଚରେ ରହିବ।

**କନ୍ୟା** - କଥାବାର୍ତ୍ତାରେ କଟୁତା ରହିବ। ତେଣୁ ଉଚ୍ଚ ସ୍ୱରରେ କଥା ନକହିଲେ ଭଲ। ସଂଯମତାର ସହିତ କାମ କରିବାର ଆବଶ୍ୟକତା ରହିଛି। ସମ୍ପର୍କରେ ଉତ୍ଥାନ-ପତନ ହୋଇପାରେ। ଧୈର୍ଯ୍ୟ ଓ ସହାନୁଭୂତିର ଆବଶ୍ୟକ ରହିଛି।

**ତୁଳା** - ପ୍ରେମୀମାନଙ୍କ ପାଇଁ ଦିନଟି ଖୁବ୍ ଭଲ। ସମ୍ପର୍କରେ ସ୍ଥିରତା ଓ ସନ୍ତୁଳନ ବଜାୟ ରଖିବେ। ପାର୍ଟନର ସହିତ ଛୋଟ ବିବାଦ ହୋଇପାରେ। ଏହାକୁ ବୁଝାମଣାର ସହିତ ଅତିକ୍ରମ କରିବେ।

**ବିଛା** - ସମ୍ବନ୍ଧରେ ଗଭୀରତା ରହିବ। ସରପ୍ରାଇଜ ଦେଇ ଦିନଟିକୁ ସ୍ମରଣୀୟ କରିପାରିବେ। କିଛି ମାମଲାରେ ସାବଧାନ ରହିବେ। ଭୁଲ୍ ବୁଝାମଣାର ଶିକାର ହୋଇପାରନ୍ତି। ଖରାପ ପରିସ୍ଥିତି ଆସିପାରେ।

**ଧନୁ** - ପ୍ରେମ ଜୀବନ ଆତ୍ମବିଶ୍ୱାସ ଓ ସକାରାତ୍ମକ ଉର୍ଜାରେ ଭରି ରହିବେ। ପୁରୁଣା ସମ୍ପର୍କ ମଜଭୁତିର ସହିତ ଆଗକୁ ବଢ଼ିବ। ପ୍ରୟାସ କରିବେ। ଭାବନାଗୁଡ଼ିକୁ ସମ୍ମାନ କରିବା ଉଚିତ।

**ମକର** - ପ୍ରେମ ଜୀବନରେ ସକାରାତ୍ମକତା ରହିବ। ରଚନାତ୍ମକତା ଓ ଆକର୍ଷଣ ରହିବ। ଖୁବ୍ ଭଲ ସମୟ ବିତେଇବେ। ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନରେ ରୁଚି ରଖିବେ। ପାର୍ଟନର୍‌ଙ୍କ ପ୍ରଶଂସା କରିବେ।

**କୁମ୍ଭ** - ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ସରକାରୀ କାମରେ ସକାରାତ୍ମକ ଫଳ ପାଇବେ। ଅବିବାହିତଙ୍କ ପାଇଁ ନୂଆ ଯୋଗ ରହିଛି। ଉତ୍ସାହ ଓ ମାନସିକ ଶାନ୍ତି ଭଙ୍ଗ ହେବ। ପରସ୍ପରର ଭାବନାକୁ ବୁଝିପାରିବେ।

**ମୀନ** - ପ୍ରେମ ସମ୍ପର୍କରେ ସମ୍ମାନ, ସାମଞ୍ଜସ୍ୟ ଦେଖିବେ। ନୂଆ ହେଉ ଅବା ପୁରୁଣା ସମ୍ପର୍କରେ ଆପଣାପଣ ଅନୁଭବ କରିବେ। ଦିନଟି ସମ୍ବେଦନଶୀଳ ହେବ। ପ୍ରେମରେ ନୂଆ ଆରମ୍ଭ ହୋଇପାରେ।

## ଶ୍ରୀମଦ୍ ଭଗବଦ୍‌ଗୀତା



ମହାଭୂତାନ୍ୟହଂକାରୋ ବୁଦ୍ଧିରବ୍ୟକ୍ତମେବ ଚ।
ଇନ୍ଦ୍ରିୟାଣି ଦଶୈକଂ ଚ ପଞ୍ଚ ଚେନ୍ଦ୍ରିୟଗୋଚରାଃ। (୧୩/୫)
ଇଚ୍ଛା ଦ୍ୱେଷଃ ସୁଖଂ ଦୁଃଖଂ ସଂଘାତଶ୍ଚେତନା ଧୃତିଃ।
ଏତତ୍ କ୍ଷେତ୍ରଂ ସମାସେନ ସବିକାରମୁଦାହୃତମ୍। (୧୩/୬)

ଉକ୍ତ କ୍ଷେତ୍ର କ୍ଷେତ୍ରଜ୍ଞଙ୍କୁ ବିଶିଷ୍ଟ ଋଷିମାନେ ବିଭିନ୍ନ ପ୍ରକାରେ ନିରୂପଣ କରିଛନ୍ତି। ଭୂମି, ଜଳ, ଅଗ୍ନି, ବାୟୁ ଓ ଆକାଶ ହେଉଛି ପଞ୍ଚ ମହାଭୂତ। ଅହଂକାର, ବୁଦ୍ଧି (ଜ୍ଞାନାତ୍ମକ ମହାତତ୍ତ୍ୱ), ଅବ୍ୟକ୍ତ (ମୂଳ ପ୍ରକୃତି), ଦଶ-ଇନ୍ଦ୍ରିୟ (କର୍ମେନ୍ଦ୍ରିୟ-ପାଞ୍ଚଟି, ଜ୍ଞାନେନ୍ଦ୍ରିୟ-ପାଞ୍ଚଟି), ମନ, ପଞ୍ଚଇନ୍ଦ୍ରିୟ ଗୋଚର (ଶବ୍ଦ, ରୂପ, ରସ, ଗନ୍ଧ ଓ ସ୍ପର୍ଶ) ଏମାନେ ହେଉଛନ୍ତି ଚତୁର୍ବିଂଶତି ତତ୍ତ୍ୱ। ପୁଣି ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ, ସଂଘାତ (ଦେହ, ଚେତନା ଓ ଧୈର୍ଯ୍ୟ) ଏହିସବୁ ଇନ୍ଦ୍ରିୟାଦି ବିକାର ସହିତ କ୍ଷେତ୍ର ସଂକ୍ଷେପରେ କଥିତ ହେଇଛି।

ଶ୍ରୀ ରାମକୃଷ୍ଣ କହନ୍ତି -ଏହି ଦେହ କ୍ଷୟଶୀଳ ଓ ବିନାଶଶୀଳ, ଭକ୍ତମାନେ କାହିଁକି ଏହାର ଯତ୍ନ ଏତେ ନିଅନ୍ତି ? କେହି ଗୋଟିଏ ଖାଲି ବାକ୍ସ ବା ଗଣ୍ଠିଲି ପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ। କିନ୍ତୁ ଲୋକେ ମୂଲ୍ୟବାନ ଗହଣା ଓ ହୀରା ଥିବା କାଗଜ ବାକ୍ସକୁ ଯତ୍ନ ସହକାରେ ସୁରକ୍ଷିତ ରଖନ୍ତି। ସେହିପରି ଭକ୍ତମାନେ ଏହି ଦେହର ବିଶେଷ ଯତ୍ନ ନିଅନ୍ତି, କାହିଁକି ନାଁ ଏ ଦେହ ହେଉଛି ଈଶ୍ୱରଙ୍କର ମନ୍ଦିର। ସେମାନେ ଏହାର ଅବହେଳା କରିପାରିବେନି। ସମସ୍ତ ମନୁଷ୍ୟ ଶରୀର ହିଁ ଧନର ସିନ୍ଦୁକ, ସେଥିରେ ଈଶ୍ୱର ବାସ କରନ୍ତି।

# ଗୁରୁ ନାନକ ଜୟନ୍ତୀ

**ଈଶ୍ୱର ଏକ ଓ ସବୁ ସ୍ଥାନରେ ସେ ବିଦ୍ୟମାନ ଅଛନ୍ତି। ଆମେ ସମସ୍ତେ ପରସ୍ପର ସହିତ ପ୍ରେମପୂର୍ବକ ରହିବା ଉଚିତ। ଗୁରୁ ନାନକ ଦେବଜୀ।**



୧୪୬୯ରେ ତଲବଣ୍ଡି (ପଶ୍ଚିମ ପାକିସ୍ତାନ) ଠାରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଜନ୍ମଗ୍ରହଣ କରିଥିଲେ ଶିଖ ଧର୍ମର ପ୍ରଥମ ଗୁରୁ ନାନକ ଦେବଜୀ। ସାଂସାରିକ ତତ୍ତ୍ୱଗୁଡ଼ିକ ପ୍ରତି ତାଙ୍କର କୌଣସି ରୁଚି ନଥିଲା। ପିଲାଦିନରୁ ଆଧ୍ୟାତ୍ମିକ ଓ ଈଶ୍ୱର ଭକ୍ତି ଆଡ଼କୁ ତାଙ୍କର ଗଭୀର ଆକର୍ଷଣ ରହିଥିଲା। ଜଣେ ମହାନ ଦାର୍ଶନିକ, ସମାଜ ସୁଧାରକ, ଧର୍ମ ସୁଧାରକ, ସଚ୍ଚା ଦେଶଭକ୍ତ ଓ ଯୋଗୀ ଭାବରେ ତାଙ୍କୁ ଲୋକମାନେ ଆଜି ବି ସ୍ମରଣ କରୁଛନ୍ତି। ଜୀବନସାରା ସେ ଭାଇଚାରା, ଈଶ୍ୱରଙ୍କ ପ୍ରତି ପ୍ରେମ ଓ ସତ୍ୟର ମାର୍ଗରେ ଚାଲିବା ପାଇଁ ସନ୍ଦେଶ ଦେଉଥିଲେ। ସମାଜରେ ଅଜ୍ଞାନତା ଓ ଅନ୍ୟାୟକୁ ଦୂର କରିବା ପାଇଁ ସେ ଜଳାଇଥିଲେ ଜ୍ଞାନର ଦୀପ। ଏହି କାରଣରୁ ତାଙ୍କ ଜୟନ୍ତୀକୁ ପ୍ରକାଶ ପର୍ବ ଭାବରେ ପାଳନ କରାଯାଏ। ତାଙ୍କ ସନ୍ଦେଶଗୁଡ଼ିକର ପ୍ରକାଶ ଆଜି ବି ଲୋକମାନଙ୍କୁ ସଠିକ୍ ମାର୍ଗ ଦେଖାଉଛି। ତାଙ୍କର ଉପଦେଶଗୁଡ଼ିକ ପ୍ରତି ବ୍ୟକ୍ତିକୁ ପ୍ରେମ, ଏକତା, ସେବା ଓ ସତ୍ୟର ରାସ୍ତାରେ ଚାଲିବା ପାଇଁ ପ୍ରେରଣା ଦେଇଥାଏ। ସେ ଥିଲେ ଏପରି ଜଣେ ଧର୍ମଗୁରୁ ଯିଏ ଜୀବନରେ ସବୁବେଳେ ଲୋକମାନଙ୍କୁ ଭକ୍ତିମାର୍ଗରେ ଚାଲିବା ପାଇଁ ପ୍ରେରିତ କରୁଥିଲେ। ତାଙ୍କର ବୈଚାରିକ ଶକ୍ତି ଏତେ ଶକ୍ତିଶାଳୀ ଥିଲା ଯେ ଆଜିର ସମୟରେ ମଧ୍ୟ ତାଙ୍କ ଉପଦେଶଗୁଡ଼ିକର ପ୍ରାସଙ୍ଗିକତା ରହିଛି। ସମାଜର ଲୋକମାନଙ୍କୁ ସେ ସର୍ବଦା ପରମପିତାଙ୍କ ସହିତ ମିଳନର ମାର୍ଗ ଦେଖାଇଥିଲେ। ସେ ଅନେକ ଏହିପରି ଅମୂଲ୍ୟ ବଚନ ଦେଇଯାଇଛନ୍ତି। ଶିଖ ଧର୍ମ ସହିତ ଜଡ଼ିତ ଲୋକମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନଟିକୁ ବେଶ୍ ଉତ୍ସାହର ସହିତ ଅପେକ୍ଷା କରି ରହିଥାନ୍ତି। କାରଣ ଏହି ଦିନ ସେମାନେ ଗୁରୁ ନାନକ ଦେବଜୀଙ୍କ ଜୟନ୍ତୀକୁ ପ୍ରକାଶ ପର୍ବ ବା ଗୁରୁ ପର୍ବ ଭାବରେ ପାଳନ କରନ୍ତି। ଗୁରୁଦ୍ୱାର ଗୁଡ଼ିକରେ ଏହିଦିନ ବିଶେଷ ଦିୱାନ, କୀର୍ତ୍ତନ, ଲଙ୍ଗର ଓ ପ୍ରଭାତଫେରିର ଆୟୋଜନ କରାଯାଇଥାଏ।

# କାର୍ତ୍ତିକ ପୂର୍ଣ୍ଣିମା

**ହିନ୍ଦୁ ଧର୍ମରେ କାର୍ତ୍ତିକ ପୂର୍ଣ୍ଣିମା ଦିନଟିକୁ ଅତ୍ୟନ୍ତ ଶୁଭ ଓ ପବିତ୍ର ଦିନ ଭାବରେ ସମସ୍ତେ ମାନନ୍ତି। ଏହି ଦିନ ପବିତ୍ର ସ୍ନାନ, ଦାନ ଓ ଭଗବାନଙ୍କ ଆରାଧନା କରି ବ୍ୟକ୍ତି ପାପରୁ ମୁକ୍ତ ହୋଇଥାଏ ଓ ତା' ଜୀବନରେ ସୁଖ-ସମୃଦ୍ଧି ଆସିଥାଏ। କାର୍ତ୍ତିକ ପୂର୍ଣ୍ଣିମା ଦିନ ରାତିରେ ଦେବତାମାନେ ସ୍ୱୟଂ ପୃଥିବୀପୃଷ୍ଠକୁ ଅବତରଣ କରନ୍ତି। ଭଗବାନ ବିଷ୍ଣୁ (ଲକ୍ଷ୍ମୀ-ନାରାୟଣ) ଓ ଭଗବାନ ଶିବଙ୍କ ବିଶେଷ ପୂଜା ସହିତ ଦୀପଦାନର ମଧ୍ୟ ବିଶେଷ ମହତ୍ତ୍ୱ ରହିଛି। ଏହାଦ୍ୱାରା ଘରେ ସକାରାତ୍ମକ ଉର୍ଜା, ସୌଭାଗ୍ୟ ଓ ସମୃଦ୍ଧି ଆସିଥାଏ। ତେବେ ପୂର୍ଣ୍ଣିମା ତିଥି ୪ ନଭେମ୍ବର ରାତ୍ରି ୧୦.୩୬ରୁ ଆରମ୍ଭ ହୋଇ ଆଜି ସନ୍ଧ୍ୟା ୬.୪୮ରେ ଶେଷ ହେବ। ଗଙ୍ଗା ସ୍ନାନ ଓ ଦାନର ଶୁଭ ମୁହୂର୍ତ୍ତ ୪.୫୨ରୁ ଆରମ୍ଭ ହୋଇ ସକାଳ ୫.୪୪ ପର୍ଯ୍ୟନ୍ତ ଅଛି। ଏହି ପବିତ୍ର ଅବସରରେ ଦୀପଦାନ, ତୁଳସୀ ପୂଜା, ଗଙ୍ଗାସ୍ନାନ ଓ ଦାନପୁଣ୍ୟ କରିବାର ପରମ୍ପରା ରହିଛି।**



**କାର୍ତ୍ତିକ ପୂର୍ଣ୍ଣିମା**-ଓଡ଼ିଶାର ପରମ୍ପରା, ଚାଲିଚଳଣି ଓ ଧର୍ମୀୟ ଭାବନା ସହିତ ଏହି ପର୍ବ ଜଡ଼ିତ। ଉତ୍କଳର ପ୍ରାଚୀନ ଇତିହାସ ଓ ଖ୍ରୀଷ୍ଟ ପୂର୍ବୀୟ କାଳର ଓଡ଼ିଶାର ନୌବାଣିଜ୍ୟ ଦୃଷ୍ଟିକୋଣରୁ ଏହି ପର୍ବର ବୈଶିଷ୍ଟ୍ୟ ରହିଛି। ଓଡ଼ିଶାର ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କ ଦ୍ୱାରା ରଚିତ 'ମହାଭାରତ'ର ଆଦିପର୍ବରେ କାର୍ତ୍ତିକ ମାସର ପବିତ୍ରତା ସମ୍ପର୍କରେ ବର୍ଣ୍ଣନା ରହିଛି। ଏହି ପର୍ବରେ ବର୍ଣ୍ଣିତ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭୋଜରାଜ ଓ ଭୀଷ୍ମଙ୍କ ଗଙ୍ଗାସ୍ନାନ ଯାତ୍ରା ପ୍ରସଙ୍ଗରେ ଦର୍ଶାଯାଇଛି ଯେ କାର୍ତ୍ତିକ ମାସରେ ମୃତ୍ୟୁବରଣ କଲେ ବୈକୁଣ୍ଠ ପ୍ରାପ୍ତି ହୁଏ। ପୂର୍ଣ୍ଣିମା ପାଞ୍ଚ ଦିନ ପଞ୍ଚକ ବା ମହାପଞ୍ଚକ ନାମରେ ପରିଚିତ। ଏହି ପାଞ୍ଚ ଦିନ ଓଡ଼ିଶାର ଲୋକମାନେ ଆମିଷ ପରିହାର ପୂର୍ବକ ପୂଜାର୍ଚ୍ଚନା କରିଥାନ୍ତି। ପୂର୍ଣ୍ଣିମା ଅବକାଶରେ କଦଳୀପଟୁଆ ନିର୍ମିତ ଡ଼ଙ୍ଗା ଭସାଇବାର ବିଧି ପ୍ରଚଳିତ। ସେଦିନ ପ୍ରତ୍ୟୁଷରୁ ଲୋକମାନେ ନଦୀ ବା ପୁଷ୍କରିଣୀରେ ବୁଡ଼ ପକାଇ କଦଳୀ ବାହୁଙ୍ଗା ବା ସୋଲ ତିଆରି ଖେଳଣା ଡ଼ଙ୍ଗାରେ ଦୀପ ଜାଳି ସେଥିରେ ପାନଗୁଆ ରଖି 'ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତୋର, ମାସକ ଧର୍ମ ମୋର' ଗୀତ ଗାଇ ଡ଼ଙ୍ଗା ଭସାନ୍ତି।

**କିମ୍ବଦନ୍ତୀ**-ରାକ୍ଷସ ଜଳନ୍ଧର ନିଜ ସତୀ ସାଧ୍ୱୀ ପତ୍ନୀ ତୁଳସୀଙ୍କ ପତିବ୍ରତ୍ୟ ବଳରେ ବଳୀୟାନ୍ ହୋଇ ଉଠିଥିଲା ଏବଂ ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ଦେବତାମାନେ ବହୁ ଚେଷ୍ଟା ସତ୍ତ୍ୱେ ଜଳନ୍ଧରର କୌଣସି ଅନିଷ୍ଟ କରିପାରି ନଥିଲେ। ସେଥିପାଇଁ ଏହି ମାସରେ ତୁଳସୀ ବୃକ୍ଷକୁ ଅତ୍ୟନ୍ତ ଭକ୍ତି ସହକାରେ ପୂଜା କରାଯାଏ। ବିଧବାମାନେ ଏହି ମାସରେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି।

## ବାଲିଯାତ୍ରା ଓ ଶିଳ୍ପଦ୍ୟୋଗ ସପ୍ତାହ

ଅତୀତ ଉତ୍କଳର ଗୌରବମୟ ସଂସ୍କୃତିର ବାର୍ତ୍ତା ବହନ କରେ ବାଲିଯାତ୍ରା। ତଅପୋଇ କିମ୍ବଦନ୍ତୀ ଏହି ପରମ୍ପରାରେ ଭରି ଦେଇଛି ରୋମାଞ୍ଚ। ଐତିହ୍ୟର ଯାତ୍ରା ବାଲିଯାତ୍ରା ଏକ ଗଣମହୋତ୍ସବ ଯାହା ଓଡ୍ର, କଳିଙ୍ଗ, ଉତ୍କଳ, ତୋଷାଳୀ, କଙ୍ଗୋଦ ଓ କୋଶଳର ସମନ୍ୱୟଭିତ୍ତିକ ଯାତ୍ରା। ଆଧୁନିକ ଓଡ଼ିଶା ହେଉଛି ଏହି ସ୍ଥାନଗୁଡ଼ିକର ପରିବର୍ତ୍ତିତ ରୂପ। କାର୍ତ୍ତିକ ମାସର ପୂର୍ଣ୍ଣିମା ଠାରୁ ଆରମ୍ଭ ହୁଏ ବାଲିଯାତ୍ରା। ପୂର୍ବରୁ ସାଧବ ପୁଅମାନେ ନିଜ ବୋଇତରେ ଜାଭା, ବାଲି, ସୁମାତ୍ରା, ବୋର୍ଣ୍ଣିଓ ଆଦି ସ୍ଥାନକୁ ବେପାର ବଣିଜ କରିବାକୁ ଯାଉଥିଲେ ଯାହାର ସ୍ମୃତିରେ ଉପକୂଳ ଅଞ୍ଚଳମାନଙ୍କରେ ବାଲିଯାତ୍ରାର ଆୟୋଜନ କରାଯାଉଛି। ଆ କା ମା ବୈରେ ଗୁଞ୍ଜରିତ ହେଉଥିବା ସେଦିନର ଉପକୂଳ ଅଞ୍ଚଳ ସମୂହର ସ୍ୱର୍ଣ୍ଣିମ ଅଧ୍ୟାୟର ସ୍ମୃତି ଆଜି ବି ଓଡ଼ିଆଙ୍କ ମଧ୍ୟରେ ଜୀବିତ ହୋଇ ରହିଛି। ଆଉ ସେହି ପରମ୍ପରାକୁ ଏକ ଉତ୍ସବର ରୂପ ଦେଇଛନ୍ତି ଓଡ଼ିଶାବାସୀ। କିନ୍ତୁ ବାଲିଯାତ୍ରା କେବେ ଓ କେଉଁଥି ପାଇଁ ଆରମ୍ଭ ହୋଇଥିଲା ତାହାର ସଠିକ୍ ନିର୍ଦ୍ଧାରିତ ସମୟ ବିଷୟରେ କେହି ଜାଣି ନାହାନ୍ତି। କିନ୍ତୁ କଳିଙ୍ଗ ରାଜ୍ୟର ସାଧବମାନେ ଏହି ଦିନ ବିଦେଶକୁ ବାଣିଜ୍ୟ କରିବାକୁ ଯାଉଥିବାରୁ ମହାନଦୀ କୂଳରେ ସେମାନଙ୍କୁ ବିଦାୟ ଦିଆଯାଇଥିଲା ଯାହା ପରବର୍ତ୍ତୀ ସମୟରେ ବାଲିଯାତ୍ରାର ରୂପ ନେଇଛି ବୋଲି ସାଧାରଣରେ ବିଶ୍ୱାସ ରହିଛି। ତେବେ ଏହିଦିନ ଠାରୁ ଶିଳ୍ପଦ୍ୟୋଗ ସପ୍ତାହ ମଧ୍ୟ ପାଳନ କରାଯାଏ। ଏହା ସହିତ ଓଡ଼ିଶାର ଶିଳ୍ପ ସମ୍ଭାବନା ତଥା ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଏ।



# ଦେବ ଦୀପାବଳି

**କାର୍ତ୍ତିକ ପୂର୍ଣ୍ଣିମା ଦିନ ପାଳନ କରାଯାଏ ଦେବ ଦୀପାବଳି। ଦେବୀ-ଦେବତାମାନେ ଏହି ଦିନ ପୃଥିବୀପୃଷ୍ଠକୁ ଅବତରଣ କରି କାଶୀର ଗଙ୍ଗାଘାଟରେ ଦୀପାବଳି ପର୍ବ ପାଳନ କରନ୍ତି। ଏହି ଦିନ ସ୍ନାନ, ଦାନର ମଧ୍ୟ ରହିଛି ବିଶେଷ ମହତ୍ତ୍ୱ। ଲୋକମାନେ ଏହି ଦିନ ଆସ୍ଥାର ବୁଡ଼ ପକାଇ ଦାନ-ପୁଣ୍ୟ କରିଥାନ୍ତି।**



ଇତିହାସ-ଦେବ ଦୀପାବଳିର ଇତିହାସ ଭଗବାନ ଶିବ ଓ ତ୍ରିପୁରାସୁର ନାମକ ରାକ୍ଷସର ଯୁଦ୍ଧ ସହିତ ଜଡ଼ିତ ହୋଇ ରହିଛି। ପୌରାଣିକ କଥା ଅନୁସାରେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଭଗବାନ ଶିବ ତ୍ରିପୁରାସୁରର ବଧ କରିଥିଲେ ଯେଉଁ କାରଣରୁ ପ୍ରସନ୍ନ ହୋଇ ଦେବତାମାନେ ଖୁସିରେ ଦୀପ ଜଳାଇଥିଲେ। ଏହି ବିଜୟ ଉପଲକ୍ଷେ ଦେବତାମାନେ ଦୀପାବଳି ପର୍ବ ପାଳନ କରନ୍ତି ଯାହାକୁ ସେବେଠାରୁ ଦେବ ଦୀପାବଳି ବୋଲି କୁହାଯାଉଛି। ତ୍ରିପୁରାସୁର ନାମକ ରାକ୍ଷସ ଦେବତାମାନଙ୍କୁ ବହୁତ ସମସ୍ୟାରେ ପକାଇଥିଲା। ଭଗବାନ ଶିବ ତାକୁ ବଧ କରି ଦେବତାମାନଙ୍କୁ ପୀଡ଼ାରୁ ମୁକ୍ତି ଦେଇଥିଲେ। ତ୍ରିପୁରାସୁରର ବଧ ପରେ ଭଗବାନ ଶିବଙ୍କ ବିଜୟକୁ ପାଳନ କରିବା ପାଇଁ ଦେବତାମାନେ କାଶୀ ଯାଇଥିଲେ ଓ ଗଙ୍ଗା ନଦୀ ଘାଟରେ ଦୀପ ଜଳାଇ ନିଜର ଖୁସି ବ୍ୟକ୍ତ କରିଥିଲେ। ଏହି ବିଜୟର କାହାଣୀକୁ ଆହୁରି ବିସ୍ତାରର ସହିତ ବୁଝେଇ କୁହାଯାଇଛି ଯେ ଭଗବାନ ଶିବ ତାଣ୍ଡବ ନୃତ୍ୟ କରିଥିଲେ ଓ ଗୋଟିଏ ବାଣରେ ତ୍ରିପୁରାସୁରର ତିନୋଟି ନଗରକୁ ନଷ୍ଟ କରିଦେଇ ଥିଲେ। ଦେବ ଦୀପାବଳି ଦିନ ଦେବତାମାନେ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଥାଆନ୍ତି। ସେଥିପାଇଁ ଏହି ଦିନକୁ ଦେବତାମାନଙ୍କର ଦୀପାବଳି ଭାବରେ ପାଳନ କରାଯାଏ। ତ୍ରିପୁରାସୁର ବଧ ପରଠାରୁ ଭଗବାନ ଶିବଙ୍କ ବିଜୟକୁ ପାଳନ କରିବା ପାଇଁ ଦେବତାମାନେ କାଶୀ ଆସି ତାଙ୍କୁ ଗଙ୍ଗାଘାଟରେ ଜୀପ ଜଳାଇ ଖୁସି ବ୍ୟକ୍ତ କରନ୍ତି। ଏହି ପର୍ବ ତ୍ରିପୁରାସୁର ବଧ ଓ ଭଗବାନ ଶିବଙ୍କ ବିଜୟର ପ୍ରତୀକ। ଗଙ୍ଗା ସ୍ନାନ ପରେ ଦୀପଦାନ କରିବା ଦ୍ୱାରା ଶୁଭ ଫଳ ପ୍ରାପ୍ତି ହୋଇଥାଏ ବୋଲି ଲୋକମାନେ କାଶୀର ଗଙ୍ଗାଘାଟରେ ଏହି ପର୍ବକୁ ଖୁବ୍ ଧୂମଧାମରେ ପାଳନ କରନ୍ତି। ସେଠାରେ ହଜାର ହଜାର ସଂଖ୍ୟାରେ ଦୀପ ଜଳାଇ ଏହି ଉତ୍ସବକୁ ଭବ୍ୟ ରୂପ ଦିଆଯାଏ।



## ମହେଶ ବାବୁଙ୍କ ନୂଆ ଫିଲ୍ମ 'ବାରାଣସୀ'

ନିର୍ମାତା ଏସ୍‌ଏସ୍ ରାଜାମୌଲୀ ମହେଶ ବାବୁଙ୍କ ସହିତ ଆଗାମୀ ଫିଲ୍ମକୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ଫିଲ୍ମର ଶୀର୍ଷକ ରଖାଯାଇଛି 'ବାରାଣସୀ'। ଏହି ଫିଲ୍ମରେ ମହେଶ ବାବୁଙ୍କ ସହିତ ନଜର ଆସିବେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଓ ପୃଥ୍ୱୀରାଜ ସୁକୁମାରନ୍। ଖବର ଅନୁସାରେ ଏହି ଫିଲ୍ମର ଟାଇଟଲ୍ ରାଇଟ୍ସ ଅନ୍ୟ କାହା ପାଖରେ ଥିଲା ଯାହାକୁ ରାଜାମୌଲୀ ଅନେକ ପ୍ରୟାସ ପରେ ଆଣିଛନ୍ତି। ୧୫ ନଭେମ୍ବରରେ ହାଇଦ୍ରାବାଦର ରାମୋଜୀ ରାଓ ଫିଲ୍ମ ସିଟିରେ ଏକ ବିଶାଳ ଇଭେଣ୍ଟ କରିବା ପାଇଁ ଚିନ୍ତା କରିଛନ୍ତି ଏହାର ନିର୍ମାତାମାନେ ଯେଉଁଥିରେ ପୂରା ଟିମ୍ ଉପସ୍ଥିତ ରହିବେ। ଫିଲ୍ମକୁ ନେଇ ସରପ୍ରାଇଜ୍ ଏହିଠାରେ ଶେଷ ହେଉନାହିଁ କାରଣ ଏଥିରେ ବିଶେଷ ଭାବରେ କିଛି ଦର୍ଶକ ଉପସ୍ଥିତ ରହିବେ। ଯେଉଁ ଦର୍ଶକମାନେ ଏଥିରେ ସାମିଲ ହୋଇପାରିବେ ନାହିଁ ସେମାନଙ୍କ ପାଇଁ ଜିଓ ହଟ୍ ଷ୍ଟାରରେ ଏହାକୁ ଷ୍ଟ୍ରିମ୍ କରାଯିବ। ତେବେ ପୂର୍ବ ଖବର ଅନୁସାରେ ଫିଲ୍ମର ଶୀର୍ଷକ 'ଗ୍ଲୋବ୍‌ଷ୍ଟାର' ରଖାଯିବାର ଥିଲା କିନ୍ତୁ ଏବେ ଏହାର ନାମ 'ବାରାଣସୀ' ରଖାଯିବାର ନିଶ୍ଚିତ ଖବର ଆସୁଛି। ଏହାର କାହାଣୀ ଏହି ପୁରୁଣା ସହର ସହିତ ମେଳ ଖାଉଥିବାରୁ ଫିଲ୍ମର ଶୀର୍ଷକ 'ବାରାଣସୀ' ରଖାଯିବା କଥା ଫିଲ୍ମର ନିର୍ମାତାମାନେ କହିଛନ୍ତି। ତେବେ ଏହି ୧୦୦୦ କୋଟିର ବହୁପ୍ରତୀକ୍ଷିତ ଫିଲ୍ମର ଅପେକ୍ଷାରେ ରହିଛନ୍ତି ଦର୍ଶକମାନେ। ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ଆଗାମୀ ଦିନରେ ମହେଶ ବାବୁ ଫିଲ୍ମ 'ଜନ ଗଣ ମନ'ରେ ନଜର ଆସିବେ। ପ୍ରିୟଙ୍କା ଚୋପ୍ରାଙ୍କ ହାତରେ ରହିଛି କଳ୍ପନା ଚାୱ୍ଲାଙ୍କ ବାୟୋପିକ୍।



# ସୁନାମୀ ସଚେତନତା ଦିବସ

ସମୁଦ୍ରରେ ଆସେ ଅଚାନକ ବିଶାଳ ଲହରୀ ଓ ତଟୀୟ କ୍ଷେତ୍ରଗୁଡ଼ିକର ଏହା ଅତ୍ୟଧିକ କ୍ଷତି କରେ। ଏହି ଲହରୀଗୁଡ଼ିକ ସମୁଦ୍ର ଭିତରେ ହେଉଥିବା ଭୂମିକମ୍ପ, ଜ୍ୱାଳାମୁଖୀ ବିସ୍ଫୋରଣ ବା ଭୂସ୍ଖଳନ କାରଣରୁ ସୃଷ୍ଟି ହୁଏ ଓ ତାଣ୍ଡବଲୀଳା ରଚିଥାଏ। ଏଥିପ୍ରତି ଲୋକମାନଙ୍କୁ ଜାଗ୍ରତ କରିବା ପାଇଁ ପ୍ରତିବର୍ଷ ଆଜିର ଦିନରେ ପାଳନ କରାଯାଏ ସୁନାମୀ ସଚେତନତା ଦିବସ। ସୁନାମୀକୁ ନେଇ ରଣନୀତିଗୁଡ଼ିକୁ ଆହୁରି ତ୍ୱରାନ୍ୱିତ କରିବା ଏହି ଦିବସର ଲକ୍ଷ୍ୟ। ମିଳିତ ଜାତିସଂଘ ୨୨ ଡିସେମ୍ବର, ୨୦୧୫ରେ ଏହି ଦିବସ ପାଳନ କରିବା ପାଇଁ ଘୋଷଣା କରିଥିଲା ଓ ୨୦୧୬ରେ ପ୍ରଥମ ଥର ପାଇଁ ବିଶ୍ୱ ସ୍ତରରେ ପାଳନ କରାଯାଇଥିଲା ସୁନାମୀ ଦିବସ। ୨୦୦୪ରେ ଭାରତ ମହାସାଗରର ସୁନାମୀ ଏକବିଂଶ ଶତାବ୍ଦୀର ପ୍ରଥମ ବୈଶ୍ୱିକ ବିପର୍ଯ୍ୟୟ ଥିଲା ଓ ନିକଟ ଅତୀତରେ ମାନବ ଇତିହାସର ସବୁଠାରୁ ଘାତକ ବିପର୍ଯ୍ୟୟଗୁଡ଼ିକ ମଧ୍ୟରୁ ଏହା ଥିଲା ଅନ୍ୟତମ। ଏହି ଟ୍ରାଜେଡି ପରେ ସ୍ଥାନୀୟ ଆର୍ଦ୍ରତାକୁ ନେଇ ବୈଶ୍ୱିକ ସହଯୋଗ ପ୍ରତି ପ୍ରତିବଦ୍ଧତା ଆରମ୍ଭ ହୋଇଥିଲା। ଏହାର ପରିଣାମସ୍ୱରୂପ ସୁନାମୀର ପୂର୍ବ ଚେତାବନୀ ପ୍ରଣାଳୀ ପ୍ରସ୍ତୁତ କରାଗଲା ଯେଉଁଥିରେ ଭାରତ ମହାସାଗର ବେସିନ୍‌ର ଆଖପାଖରେ ୨୭ଟି ଦେଶକୁ ଲାଭ ହୋଇଥିଲା। ବୈଶ୍ୱିକ ସ୍ତରରେ ନିମ୍ନ ତଟୀୟ କ୍ଷେତ୍ର ଓ ଛୋଟ ଦ୍ୱୀପୀୟ ବିକାଶଶୀଳ ରାଜ୍ୟଗୁଡ଼ିକରେ ୭୦୦ ମିଲିୟନ୍ ଠାରୁ ଅଧିକ ଲୋକ ସୁନାମୀ ସହିତ ଚରମ ସମୁଦ୍ରୀ ସ୍ତରର ଘଟଣାଗୁଡ଼ିକ ସମ୍ପର୍କରେ ସତର୍କ ଅଛନ୍ତି। ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ ସେତେବେଳେ ପ୍ରଭାବୀ ହୋଇପାରେ ଯେତେବେଳେ ଜନସଂଖ୍ୟା ସୁନାମୀର ବିପଦ ସମ୍ପର୍କରେ ଖୁବ୍ ଭଲ ଭାବରେ ସଚେତନ ରହିବେ।



# ନିମ୍ନମାନର ଛତୁଆ ନେଇ ତାତିଲେ ଅଭିଭାବକ

## ଜିଲ୍ଲାପାଳ ଓ ଖାଦ୍ୟ ସୁରକ୍ଷା ବିଭାଗ ତଦନ୍ତ କରିବାକୁ ନିବେଦନ

**ସୋର,୪।୧୧/ଏନ୍ଏନ୍ଏସ୍:** କଥାରେ ଅଛି ଆଜିର ଶିଶୁ କାଲିର ଭବିଷ୍ୟତ। ମାତ୍ର ସେହି ଭବିଷ୍ୟତ ସହ ସରକାର ଖେଳ ଖେଳୁଥିବା ଅଭିଯୋଗ ହୋଇଛି। ସୋର ବ୍ଲକ୍ ମାଣତ୍ରୀ ପଞ୍ଚାୟତ ଅନ୍ତର୍ଗତ ମାଣତ୍ରୀ ଗ୍ରାମର ୧ ନମ୍ବର ୱାର୍ଡରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ପ୍ରତିଥର ଭଳି ଏଥର ମଧ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଯାଉଥିବା ଛତୁଆ ଏବଂ ବାଦାମ ଆସିଥିଲା। ଏଥର କିନ୍ତୁ ଛତୁଆ ଗାଡ଼ି ଆସି ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚିବା କ୍ଷଣି ଅଭିଭାବକ ଓ ମାଣତ୍ରୀ ଗ୍ରାମବାସୀ ଛତୁଆ ପ୍ୟାକେଟ୍‌କୁ ଖୋଲିଥିଲେ। ଉକ୍ତ ଛତୁଆ ପ୍ୟାକେଟ୍‌ରେ ପୋକ ସାଲୁବାଲୁ ହେବାସହ ଖଦଡ଼ା ଥିବା ଦେଖିବାକୁ ପାଇଥିଲେ। ଏହି ଛତୁଆକୁ ଗର୍ଭବତୀ ମହିଳାଙ୍କ ସମେତ ଛୋଟ ଛୋଟ ନିଷ୍ପାପ ପିଲା ଖାଉଥିବାରୁ ଗ୍ରାମବାସୀ ତାତିଥିଲେ। ଫଳରେ ଛତୁଆ ନେଇ ଆସିଥିବା ଗାଡ଼ି ସହକର୍ମଚାରୀଙ୍କୁ ଗ୍ରାମବାସୀ ଦୀର୍ଘ ସମୟ ଅଟକ ରଖିଥିଲେ। ଉପରିସ୍ଥ ଅଧିକାରୀଙ୍କୁ ଫୋନ୍ କରିଥିଲେ ସୁଦ୍ଧା ସେମାନେ ଫୋନ୍ ନଉଠାଇବାରୁ ଗ୍ରାମବାସୀ ଛତୁଆ ଏବଂ ବାଦାମ ନ ନେଇ ଗାଡ଼ିକୁ ଫେରାଇ ଦେଇଥିଲେ।

ଏହି ଛତୁଆ ଏବଂ ବାଦାମ ଦହିସଡ଼ା ଗ୍ରାମରେ ଥିବା ମା' ସର୍ବମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରସ୍ତୁତ କରି ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ରକୁ ବିତରଣ କରୁଛି। ଏହି ପୋକ



ବାହାରୁଥିବା ଛତୁଆ ଏବଂ ପେସ୍ତାର ମାନ ନିମ୍ନମାନର ହେଉଥିବା କାରଣରୁ କେତେବେଳେ ଅଘଟଣ ନ ଘଟିବ ତାହା କିଏ କହିବ। ତେବେ ଏହି ଘଟଣାର ଉପଯୁକ୍ତ ତଦନ୍ତ କରିବା ପାଇଁ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଖାଦ୍ୟ ସୁରକ୍ଷା ବିଭାଗକୁ ନିବେଦନ କରିଛନ୍ତି। ଏ ବାବଦରେ ସୋର ସିଡିପିଓ ହାରାମଣି ନାଇକଙ୍କୁ ଯୋଗାଯୋଗ କରିବାରୁ ସେ ଏ ବାବଦରେ କୌଣସି ଅଭିଯୋଗ ପାଇନାହାନ୍ତି। ଯଦି ଅଭିଯୋଗ ଆସେ ତା'ହେଲେ ଏହି ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଶ୍ରୀ ନାଇକ କହିଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



**ଧାମନଗର,୪।୧୧/ଏନ୍ଏନ୍ଏସ୍:** ଧାମନଗର ବ୍ଲକ୍‌ରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଚୁଡ଼ାକୁଟିରେ ଅନୁଷ୍ଠିତ ହୋଇଯାଇଛି। ଦଇପୁର ଜଗନ୍ନାଥ ମନ୍ଦିର ନିକଟରୁ ଏହି ପଦଯାତ୍ରା ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରି ଚୁଡ଼ାକୁଟି ସ୍କୁଲ୍ ନିକଟ ପଡ଼ିଆରେ ପହଞ୍ଚିଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସଭାରେ ବ୍ଲକ୍ ସଭାପତି ପ୍ରତାପ ସାମଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ନିର୍ବାଚନମଣ୍ଡଳୀ ନେତା ଡା ସଞ୍ଜୟ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଶାରଦା ପ୍ରସନ୍ନ ସାହୁ, ପୂର୍ବତନ ବ୍ଲକ୍ ସଭାପତି ଉମେଶ ଚନ୍ଦ୍ର ମହାନ୍ତି, ପୂର୍ବତନ ନଗର ସଭାପତି ସୁଶାନ୍ତ ରାଉତ, ବ୍ଲକ୍ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ବ୍ଲକ୍ ଯୁବ ବିଜେଡି ସଭାପତି ଭାରତ ବିଜୟ ଦଲାଇ, ଛାତ୍ର ସଭାପତି ପ୍ରକାଶ ବେହେରା, ବାଣୀ କବି ଦୟାନିଧି ମିଶ୍ର, ରଞ୍ଜିତ ନାୟକ, ସରପଞ୍ଚ ସରିତା ମହାନ୍ତି, କସ୍ତୁରୀ ବିଶ୍ୱାଳ, ନରେନ୍ଦ୍ର ନାରାୟଣ ନାୟକ, ଅଜୟ ମଲିକ, ଜଗତା ନନ୍ଦ ସେଠୀ, ସୀତାକାନ୍ତ ମିଶ୍ର, ସମିତିସଭ୍ୟ କାହ୍ନୁଚରଣ ସ୍ୱାଇଁ, ଜ୍ଞାନରଞ୍ଜନ ମହାକୁଡ଼, ଲକ୍ଷ୍ମୀପ୍ରିୟା ପତି, ସୁଦିପ୍ତ ଖଟୁଆ, ବୈଦେହି ବେହେରା, ଜ୍ୟୋତିରାଜ ନାୟକ ଓ ସୂର୍ଯ୍ୟକାନ୍ତ ନାୟକଙ୍କ ସମେତ କର୍ମୀ ପ୍ରମୁଖ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ରାଜ୍ୟରେ ବିଜେପି ସରକାର ମିଥ୍ୟା ପ୍ରତିଶ୍ରୁତି ଦେଇ ନିର୍ବାଚନୀ ବୈତରଣୀ ପାର୍ ହୋଇଛି। ବିଜେପି ଶାସନ କ୍ଷମତାରେ ରହିବାଠାରୁ ଆଜିପର୍ଯ୍ୟନ୍ତ ସାଧାରଣଲୋକଙ୍କ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିନାହିଁ। ଚାଷୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦିଆଯାଇଛି ଏବଂ ସାରର ଅଭାବୀ ବିକ୍ରି ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି ବୋଲି କହିଛନ୍ତି। ଏହି ପଦଯାତ୍ରାରେ ବିଭିନ୍ନ ପଞ୍ଚାୟତରୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ପର୍ଯ୍ୟଟନସ୍ଥଳୀରେ ଚାନ୍ଦା ଆଦାୟକୁ ବିରୋଧ



**କେନ୍ଦୁଝର,୪।୧୧/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ତଳକଇଁସାରୀ ପଞ୍ଚାୟତ ମେଦିନୀପୁର ଗ୍ରାମବାସୀ ବେଆଇନ ଚାନ୍ଦା ଆଦାୟକୁ ବିରୋଧ କରି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବଡ଼ଘାଗରାରେ କିଛି ଯୁବକ ଯାଉଥିବା ଲୋକଙ୍କଠାରୁ ବେଆଇନ ଭାବେ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏନେଇ ସେପ୍ଟେମ୍ବର ୨୦ରେ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସେ ସଦର ଥାନାଧିକାରୀଙ୍କ ସହ ଭେଟିବାକୁ କହିବାରୁ ଲୋକେ ଥାନାଧିକାରୀଙ୍କୁ ଭେଟିଥିଲେ ହେଁ କୌଣସି ସୁଫଳ ମିଳିନଥିବା ଅଭିଯୋଗରେ ଦର୍ଶାଯାଇଛି। ପରେ ଅକ୍ଟୋବର ୯ରେ ସଦର ଏସ୍‌ଡିପିଓଙ୍କୁ ଭେଟିବା ପରେ ସେ ସଦର ଥାନାଧିକାରୀଙ୍କୁ ପଚାରିବାରୁ ସ୍ଥାନୀୟ ସରପଞ୍ଚ ଓ ଗ୍ରାମର ୱାର୍ଡ ମେମ୍ବର ମିଶି ସେଠାରେ ଚାନ୍ଦା ଉଠାଉଛନ୍ତି ବୋଲି ମିଥ୍ୟା କଥା ଏସ୍‌ଡିପିଓଙ୍କୁ କହିଥିବା ଲୋକେ ଅଭିଯୋଗ କରିଛନ୍ତି। ଏଣୁ ପରଦିନ ସରପଞ୍ଚ ଓ ୱାର୍ଡମେମ୍ବର୍ ସମେତ ଲୋକମାନେ ସଦର ଥାନା ଅଧିକାରୀଙ୍କୁ ଭେଟିଥିଲେ। ସେ ବେଆଇନ ଚାନ୍ଦା ଉଠାଣ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ପୂର୍ବପରି ଚାନ୍ଦା ଉଠାଣ ଚାଲିଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେବେ ୱାର୍ଡମେମ୍ବର ଗୀତା ମୁଣ୍ଡା, ଅନିଲ ନାଏକ, ନାରାୟଣ ପ୍ରଧାନ, ଲକ୍ଷ୍ମୀଧର ଦେହୁରୀ ଓ ଚମ୍ପୁ ପ୍ରଧାନ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦାବିପତ୍ର ଦେବାସହ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ନୂତନ ଶ୍ରମ କୋଡ୍ ଲାଗୁ କରିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**କେନ୍ଦୁଝର,୪।୧୧/ଏନ୍ଏନ୍ଏସ୍:** କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ନୂତନ ଶ୍ରମ କୋଡ୍ ଲାଗୁ କରିବା ପାଇଁ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଖଣି ଓ କାରଖାନାର ଶ୍ରମିକମାନେ ଏକ ଦାବିପତ୍ର କେନ୍ଦ୍ର ଶ୍ରମମନ୍ତ୍ରୀ ମାନଶୁଖ୍ ଏଲ୍ ମାଣ୍ଡଭିୟାଙ୍କ ଉଦ୍ଦେଶ୍ୟରେ କେନ୍ଦୁଝର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଏହି ୪ଟି କୋଡ୍ ଯଥା କୋର୍ଡ ଅଫ୍ ଓଏଜ୍ସ -୨୦୧୯, ଇଣ୍ଡଷ୍ଟ୍ରିଆଲ୍ ରିଲେସନ୍ କୋଡ୍ ୨୦୨୦, ସୋସିଆଲ୍ ସିକ୍ୟୁରିଟି କୋଡ୍-୨୦୨୦ ଓ ଅକୁପେସନାଲ୍ ସେଫ୍ଟି କୋଡ୍-୨୦୨୦ ବିଭିନ୍ନ ଶ୍ରମିକଙ୍କ ପାଇଁ ଲାଗୁ କରାଗଲେ ସେମାନଙ୍କ ପାଇଁ ଅଧିକ ଲାଭଦାୟକ ହେବ। ବିଭିନ୍ନ କମ୍ପାନୀ ତଥା ଠିକାଦାରମାନେ ଠିକ୍ ସମୟରେ ମାସିକ ଦରମା ନ ଦେଇପାରିଲେ ଏହି ନୂତନ କୋର୍ଡରେ କଠୋର ଦଣ୍ଡ ବ୍ୟବସ୍ଥା ପ୍ରତି ଶ୍ରମିକ ପିଛା ୧୦ ହଜାର ଟଙ୍କାର ଜୋରିମାନା ବ୍ୟବସ୍ଥା ରହିଛି। ସେହିପରି ପୂର୍ବ



ଶ୍ରମ ଆଇନ ଅନୁସାରେ ଜଣେ ଶ୍ରମିକ ୫ ବର୍ଷ ଚାକିରି କଲା ପରେ ଗ୍ରାଚ୍ୟୁୟିଟି ପାଇବା ପାଇଁ ହକଦାର୍ ହେଉଥିବାବେଳେ ନୂତନ କୋର୍ଡ ଅନୁସାରେ ମାତ୍ର ଏକ ବର୍ଷ କାମ କଲେ ମଧ୍ୟ ଗ୍ରାଚ୍ୟୁୟିଟି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ସେହିପରି କେନ୍ଦ୍ର ଓ ରାଜ୍ୟରେ ସମାନ ମଜୁରୀ ପ୍ରଦାନ ପାଇଁ ଏହି ଆଇନରେ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ସାମାଜିକ ସୁରକ୍ଷା , ବିଭାଗୀୟ ଓ ଠିକାଦାର ଅଧୀନରେ କାର୍ଯ୍ୟରତ ଶ୍ରମିକଙ୍କ ମଧ୍ୟରେ ସମାନତା ଆଣିବା, ସମାନ କାମକୁ ସମାନ ମଜୁରୀ ଓ ଅନ୍ୟାନ୍ୟ ସୁବିଧା ଲାଗୁ କରିବା ଆଦି ବ୍ୟବସ୍ଥା ନୂତନ ଶ୍ରମ କୋର୍ଡରେ ଅନ୍ତର୍ଭୁକ୍ତ କରାଯାଇଛି। ତେଣୁ କେନ୍ଦ୍ର ସରକାର ପ୍ରସ୍ତାବିତ ଏହି ନୂତନ ଶ୍ରମ କୋର୍ଡ ତୁରନ୍ତ ଲାଗୁ ପାଇଁ ସମଗ୍ର ଦେଶରେ ଦାବି କରାଯାଉଛି।

# ଶାଳଗଣ୍ଡି ଜବତ, ମାଫିଆ ଫେରାର୍

**ବୈଶିଙ୍ଗା,୪।୧୧/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲା ବେତନଟୀ ରେଞ୍ଜ ଦାନ୍ତିଆମୁହାଁ ଉପକଣ୍ଠ ମୁଖିସାହିରୁ ବିପୁଳ ପରିମାଣର ମୂଲ୍ୟବାନ ଶାଳଗଣ୍ଡି ଜବତ ପୂର୍ବକ ବନ ବିଭାଗ ତଦନ୍ତ ଆରମ୍ଭ କରିଛି। ଦାନ୍ତିଆମୁହାଁ ଉପକଣ୍ଠ ମୁଖିସାହିସ୍ଥିତ ରାସ୍ତାପାର୍ଶ୍ୱରେ ଗଣ୍ଡିଗଧା ସଂରକ୍ଷିତ ଜଙ୍ଗଲରୁ କଟାଯାଇଥିବା ବିଶାଳ ଶାଳ ଗଛ ଗୁଡ଼ିକୁ ଖଣ୍ଡ ଖଣ୍ଡ କରି ଚୋରାଚାଲାଣ ନିମନ୍ତେ ଗଚ୍ଛିତ ରଖାଯାଇଥିଲା। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ବେତନଟୀ ରେଞ୍ଜ ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର୍ ଧ୍ରୁବଚରଣ ନାୟକଙ୍କ ନେତୃତ୍ୱରେ ବନପାଳ ତଥା ବନରକ୍ଷୀ ସୁଶାନ୍ତ ନାଏକ ଓ ଗଜସାଥୀ ବୁଲୁ ମହାନ୍ତ ସଦଳବଳେ ମୁଖିସାହିରେ ସୋମବାର ବିଳମ୍ବିତ ରାତିରେ ଅତର୍କିତ ଚଢ଼ଉ କରିଥିଲେ। ଏହି ଚଢ଼ଉ ସମୟରେ କାଠ ମାଫିଆମାନେ ଅନ୍ଧାର ରାତିରେ ଜଙ୍ଗଲ ଭିତରେ ଚମ୍ପଟ ମାରିଥିବାବେଳେ ଘଟଣାସ୍ଥଳରୁ ବିଭିନ୍ନ ମୋଟେଇର ୧୨ ଖଣ୍ଡ ମୂଲ୍ୟବାନ ଶାଳଗଣ୍ଡି ଜବତ କରି କୃଷ୍ଣଚନ୍ଦ୍ରପୁର ସେକ୍ସନ୍ କାର୍ଯ୍ୟାଳୟସ୍ଥିତ ସିଜର୍ ୟାର୍ଡରେ ରଖାଯାଇଛି। ଜବତ ମୂଲ୍ୟବାନ ଶାଳଗଣ୍ଡିର ଆନୁମାନିକ ବଜାର ମୂଲ୍ୟ ପାଖାପାଖି ୮୦ ହଜାରରୁ ଉର୍ଦ୍ଧ୍ୱ ହେବାନେଇ ଆକଳନ କରାଯାଉଛି।

# ଘର ତାଲା ଭାଙ୍ଗି ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗହଣା ଚୋରି

**ତିହିଡ଼ି,୪।୧୧/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅନ୍ତର୍ଗତ ଅଚକ ପଞ୍ଚାୟତ ଉଉରବାହା ଗ୍ରାମରେ ଏକ ବଡ଼ ଧରଣର ଚୋରି ହୋଇଛି। ପୁଲିସ ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍‌କୁ ନେଇ ଅନୁସନ୍ଧାନ କରିଛି। ଅବସରପ୍ରାପ୍ତ ସାମରିକ କର୍ମଚାରୀ ମନୋଜ କୁମାର ମଲିକ ଓ ତାଙ୍କ ପରିବାର ଘରେ ନଥିବାବେଳେ ଦୁର୍ବୃତ୍ତମାନେ ଘରର ପଛ ପାର୍ଶ୍ୱରେ ଥିବା ଗ୍ରୀଲ୍ ଓ କବାଟ ତାଲା ଭାଙ୍ଗି ୪୫୦ ଗ୍ରାମ୍‌ର ସୁନା ଅଳଙ୍କାର ନେଇ ଯାଇଛନ୍ତି। ମନୋଜ ଗତ କିଛିଦିନ ହେଲା ପୁରୀ ଆୟୁର୍ବେଦିକ୍ କଲେଜ୍‌ରେ ରହି ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା କରୁଥିଲେ। ଗତ ୩ ଦିନ ତଳେ ଗାଁରେ ଜନୈକ ସମ୍ପର୍କୀୟଙ୍କ ବିବାହ କାର୍ଯ୍ୟରେ ଯୋଗଦେବାକୁ ଆସି ପରଦିନ ଫେରି ଯାଇଥିଲେ। ଦୁର୍ବୃତ୍ତମାନେ ଏହାର ସୁଯୋଗ ନେଇ ଘର ଭିତରେ ପଶି ଆଲମିରା ଓ ବାକ୍ସକୁ ଭଙ୍ଗାରୁଜା କରି ଅଳଙ୍କାର ନେଇ ଯାଇଛନ୍ତି। ମନୋଜଙ୍କ ସ୍ତ୍ରୀ, ବୋହୂ ଓ ଜଣେ ବିବାହିତ ଝିଅଙ୍କ ଗହଣା ସହିତ ଅନ୍ୟଜଣେ କନ୍ୟାଙ୍କ ବିବାହ ପାଇଁ କିଣିଥିବା ସମସ୍ତ ଗହଣା ଚୋରି ହୋଇଯାଇଛି। ଏହାର ଆନୁମାନିକ ମୂଲ୍ୟ ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ଖବରପାଇ ଏସ୍‌ଡିପିଓ ତ୍ରିଲୋଚନ ସେଠୀ ଓ ତିହିଡ଼ି ଥାନାଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଥିଲେ। ସନ୍ଧାନୀ କୁକୁର ଆଖପାଖର କେତେକ ଅଞ୍ଚଳରେ ପହଞ୍ଚିଥିଲେ ବି ପୁଲିସ କୌଣସି ନିଷ୍କର୍ଷରେ ପହଞ୍ଚି ପାରିନାହିଁ। ଚୋରି ହୋଇଥିବା ଖବର ପାଇବା ପରେ ମନୋଜ ପରିବାର ସହ ଗାଁରେ ପହଞ୍ଚିଛନ୍ତି।

# ବୈଷ୍ଣବ ମଲ୍ଲିକା ମେଧା ଅନ୍ୱେଷଣ ପରୀକ୍ଷା



**ସୋର,୪।୧୧/ଏନ୍ଏନ୍ଏସ୍:** ସୋରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମାନବ ଉତ୍ଥାନ ସେବା ସଂସ୍ଥାନ ଆନୁକୁଲ୍ୟରେ ସମାଜସେବୀ ତଥା ସଂସ୍ଥାନର ସଭାପତି ଜୟନ୍ତ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ୩ୟ ଓ ୫ମ ଶ୍ରେଣୀ ପିଲାଙ୍କ ଉଦ୍ଦେଶ୍ୟରେ ବୈଷ୍ଣବ ମଲ୍ଲିକା ମେଧା ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷା ସୋର ବ୍ଲକ୍‌ସ୍ତରରେ କରାଯାଇଥିଲା। ଏଥିରେ ମୋଟ୍ ୬୦୩ ଜଣ ପିଲା ପରୀକ୍ଷା ଦେଇଥିଲେ। ଅନନ୍ତପୁର ବିବେକାନନ୍ଦ ସ୍କୁଲ୍, ସୋରର କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମହୁମୂହାଣର ବିଶ୍ୱନାଥ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଓ କୁଡ଼େଇର ସରସ୍ୱତୀ ଶିଶୁ ମନ୍ଦିରରେ ପରୀକ୍ଷା ସେଣ୍ଟର୍ କରାଯାଇଥିଲା। ଏହି ପରୀକ୍ଷାକୁ ସିଆର୍‌ସି କମଳାକାନ୍ତ ସେଠୀ, ନିବେଦିତା ପୋଇ, ପ୍ରଦୀପ ବିଶ୍ୱାଳ, ଜ୍ୟୋତ୍ସ୍ନାରାଣୀ ଜେନା, ସିଆର୍‌ସି କମଳାକାନ୍ତ ଶଙ୍ଖୁଆ, ଅନନ୍ତ ପ୍ରସାଦ ପାତ୍ର, ଦେବୀ ପ୍ରସାଦ କର, ସସ୍ମିତା ପ୍ରଧାନ, ଖଗେଶ୍ୱର ସ୍ୱାଇଁ, ମାନସ ରଞ୍ଜନ ଦାସ, ଉମ୍ବରୁଧର ମାହୁନ୍ତ, ସନ୍ତୋଷ କୁମାର ଧଡ଼ା, ଗୋପୀନାଥ ଭୋଳ, ପ୍ରଦୀପ ଓଝା, ରଞ୍ଜନ ଦେ, ଶଶୀକାନ୍ତ ବିଶ୍ୱାଳ, ଶ୍ରୀତମ ଜେନା, ସତ୍ୟରଞ୍ଜନ ବିଶ୍ୱାଳ ଓ ପ୍ରଦୀପ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଏହି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପିଲାଙ୍କୁ ୫ ହଜାର, ଦ୍ୱିତୀୟକୁ ୩ ହଜାର ଓ ତୃତୀୟକୁ ୨ ହଜାର ଟଙ୍କା ପୁରସ୍କାର ଦିଆଯିବ। ଏହାସହ ଆସନ୍ତା ଡିସେମ୍ବର ୭ ତାରିଖରେ ସୋର କଲେଜ ଛକରେ ହେବାକୁ ଥିବା ସାଂସ୍କୃତିକ ମଞ୍ଚରେ ପିଲାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ପରୀକ୍ଷା ମାଧମରେ ତୃଣମୂଳସ୍ତରରୁ ଶିକ୍ଷାର ମାନଦଣ୍ଡ ସୁଦୃଢ଼ ହୋଇପାରିବ ଏବଂ ପିଲା ଗୁଣାତ୍ମକ ଶିକ୍ଷା ପ୍ରତି ଆକୃଷ୍ଟ ହେବେ ବୋଲି ସଂସ୍ଥାନର ସଭାପତି ମତପ୍ରକାଶ କରିଥିଲେ।

# ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଅଭିଯୋଗ ଆଣିଲା ବିଜେଡି

**ବାଲେଶ୍ୱର,୪।୧୧/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଜିଲ୍ଲା ବିଜେଡି ପକ୍ଷରୁ ଏକ ପ୍ରେସମିଟ୍ ଅନୁଷ୍ଠିତ ହୋଇଯାଇଛି। ବେଆଇନ ଲଘୁ ଖଣିଜ ପଦାର୍ଥ କାରବାର ପାଇଁ ଜିଲ୍ଲାରେ ଆଇନ ଶୃଙ୍ଖଳାର ଅବନତି ଘଟୁଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏପରିକି ଥାନା ସବୁ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳୀ ପାଲଟିଥିବା କୁହାଯାଇଛି। ରେମୁଣା ଥାନା ଅନ୍ତର୍ଗତ କିଛି ଯୁବକଙ୍କ ଘରୁ କିଛି ଚୋରା ବନ୍ଧୁକ ଜବତ ହୋଇଥିବା ନେଇ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରୁ ଜଣାପଡ଼ିଛି। ଏପରିକି ବନ୍ଧୁକର ସଂଖ୍ୟା ଆଲୋଚନା ହେଉଥିବା ସଂଖ୍ୟାଠାରୁ ଯଥେଷ୍ଟ ଅଧିକ। ଏନେଇ ୩ ଜଣ ଯୁବକଙ୍କୁ ଅଟକ ରଖି ପୁଲିସ ପକ୍ଷରୁ ପଚରାଉଚୁରା କରାଯାଉଛି। ଏପରିକି କିଛି ଶାସକ ଦଳର ନେତା ପୁଲିସ ସହାୟତାରେ ଜଣେ ଯୁବକକୁ ମୁଦାଲା ରଖି ଅନ୍ୟମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛନ୍ତି। ଗତ ଅକ୍ଟୋବର ୨ ତାରିଖରେ ନୀଳଗିରି ଥାନା ବଲବଲିଆ ଗ୍ରାମର ଜନୈକ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ରିଜର୍ଭ ରହିବା ଏବଂ ରାଜ୍ୟ ଫରେନସିକ୍ ଲାବରେଟୋରୀକୁ ରିପୋର୍ଟ ପାଇଁ ପଠାଯିବା ଆଳରେ ଅପରାଧୀଙ୍କୁ ପୁଲିସ୍ ଧରୁନାହିଁ। ଏସବୁ ଅପରାଧ ଜିଲ୍ଲାରେ ବେଆଇନ ଲଘୁ ଖଣିଜ ପଦାର୍ଥ ଯଥା ବାଲି, ପଥର ଓ ମୋରମ କାରବାର୍ ପୃଷ୍ଠଭୂମିରେ ହେଉଛି। ଝିଅ ବୋହୂ ବିଶେଷତଃ ଛାତ୍ରୀ ଓ କର୍ମଜୀବୀ ମହିଳାଙ୍କ ଜୀବନ ଯାତ୍ରା ଦୁର୍ବିସହ ହୋଇପଡ଼ିଛି। ପ୍ରାୟ ପ୍ରତିଦିନ ଲୁଟ୍, ଡକାୟତି, ଛିନତାଇ, ରାହାଜାନୀ, ଦୁଷ୍କର୍ମ, ହତ୍ୟା ଓ




ଅପହରଣ ଭଳି ଜଘନ୍ୟ ଅପରାଧ ଘଟୁଛି। ପୁଲିସ ଗୋଟିଏ ୨ଟି ମାମଲାର ଆଂଶିକ ଅପରାଧୀଙ୍କୁ ଧରି ବାହାବା ନେଉଛନ୍ତି। ଦିଗହରା ଓ ଦୁର୍ବଳ ତଦନ୍ତ ପାଇଁ ଅଧିକାଂଶ ମାମଲାର ଅପରାଧୀ ନିର୍ଦ୍ଦୋଷରେ ଖଲାସ୍ ହୋଇଯାଉଛନ୍ତି। ଉଲ୍ଲେଖଯୋଗ୍ୟ ରେମୁଣାକୁ ଏସବୁ ମାରଣାସ୍ତ୍ର କେଉଁଠୁ ଆସିଲା, କିଏ ଆଣିଥିଲା ଓ କଣ ପାଇଁ ଅଣାଯାଇଥିଲା ସେସମ୍ପର୍କରେ ନିରପେକ୍ଷ ତଦନ୍ତ କରାଯାଉ ନାହିଁ। ବିଜେପି ନେତା ଓ ସମର୍ଥକ ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସଂଶ୍ଳିଷ୍ଟ ଥିଲେ ମଧ୍ୟ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ବିଶେଷତଃ ରେମୁଣାରେ ଏବେ ଶହଶହ ସଂଖ୍ୟାରେ ବେଆଇନ ଭାବେ ଦେଶୀ ବିଦେଶୀ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଥିଲେ ମଧ୍ୟ ସେସବୁ ଜବତ କରିବାରେ ପୁଲିସ୍‌ର ନିରବତା ଓ ନିଷ୍କ୍ରିୟତା ଯୋଗୁ ଅପରାଧ ଦମନ ଏବେ ପ୍ରହସନ ପାଲଟିଛି। ତେବେ ଅପରାଧୀ ଓ ଅପରାଧୀଙ୍କୁ ଦଣ୍ଡବିଧାନ, ଦୃଢ଼ ହସ୍ତରେ ନିରପେକ୍ଷ ଭାବେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରାନଗଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ। ଏଥିରେ ଜିଲ୍ଲା ପୂର୍ବତନ ମନ୍ତ୍ରୀ ତଥା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ନୀଳଗିରି ସୁକାନ୍ତ ନାୟକ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରେମୁଣା ଏନ୍ଏସି ଅଧ୍ୟକ୍ଷା ତନୁଜା ଗିରି, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ରଞ୍ଜନ ବାଗ, ଜିଲ୍ଲା ବିଜେଡି ମିଡିଆ ସେଲ୍ ସଂଯୋଜକ ଧୀରେନ ନାୟକ, ସଂଯୁକ୍ତା ରାଉତ ଓ ବିଦ୍ୟୁତଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜିନ୍ଦଲ୍ ଫାଉଣ୍ଡେସନ୍ ପକ୍ଷରୁ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ଟେଷ୍ଟପେପର୍ ବଣ୍ଟନ



**ଯୋଡ଼ା,୪।୧୧/ଏନ୍ଏନ୍ଏସ୍:** ଜିନ୍ଦଲ୍ ଷ୍ଟିଲ୍‌ର ସାମାଜିକ ସଂସ୍ଥା ଜିନ୍ଦଲ୍ ଫାଉଣ୍ଡେସନ୍ ପକ୍ଷରୁ କାଶିଆ ମାଇନ୍ସର ପାରିପାର୍ଶ୍ୱିକ ଅଞ୍ଚଳରେ ଅବସ୍ଥିତ ବିଭିନ୍ନ ସ୍କୁଲ୍‌ର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର୍ ବଣ୍ଟାଯାଇଛି। ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର କେବି ହାଇସ୍କୁଲ୍, ଝାଡ଼ଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ପଦ୍ମଶ୍ରୀ ଡକ୍ଟର ତୁଳସୀ ମୁଣ୍ଡା ଟ୍ରାଇବାଲ୍ ଆଣ୍ଡ ଏଜୁକେସନ୍ ଡେଭଲପମେଣ୍ଟ ସୋସାଇଟିର ୨୧୦ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ଟେଷ୍ଟପେପର୍ ଦିଆଯାଇଛି। ଝାଡ଼ଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମରେ ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ ଓ ପ୍ରଧାନଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ମହାକୁଡ଼, କେବି ହାଇସ୍କୁଲ୍‌ରେ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତନଳିନୀ ମୁଦୁଲି ଓ ପଦ୍ମଶ୍ରୀ ଡକ୍ଟର୍ ତୁଳସୀ ମୁଣ୍ଡା ଟ୍ରାଇବାଲ ଆଣ୍ଡ ଏଜୁକେସନ୍ ଡେଭଲପମେଣ୍ଟ ସୋସାଇଟିରେ ପ୍ରଧାନଶିକ୍ଷୟିତ୍ରୀ ଦମୟନ୍ତୀ ସାମଲଙ୍କ ଉପସ୍ଥିତିରେ ପୁସ୍ତକ ବଣ୍ଟା ଯାଇଥିଲା। ସେହିପରି ବଡ଼ବିଲ୍ ପେଲେଟ ପ୍ଲାଣ୍ଟର ପାରିପାର୍ଶ୍ୱିକ ଅଞ୍ଚଳରେ ଅବସ୍ଥିତ ବିଭିନ୍ନ ହାଇସ୍କୁଲ୍‌ର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର୍ ଦିଆଯାଇଛି। ଦେଓଝର ଧବଳେଶ୍ୱର ହାଇସ୍କୁଲ୍‌ର ୧୨୧, ବିଲେଇପଦା ହାଇସ୍କୁଲ୍‌ର ୭୫ ଓ କଣ୍ଡରା ବିଡ଼ି ହାଇସ୍କୁଲ୍‌ର ୩୮ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର୍ ଦିଆଯାଇଛି। ଧବଳେଶ୍ୱର ହାଇସ୍କୁଲ୍‌ରେ ସମିତିସଭ୍ୟା ଲକ୍ଷ୍ମୀ ମୁଣ୍ଡା, ନାଏବ ସରପଞ୍ଚ କାଦମ୍ବିନୀ ନାଏକ, ଜିନ୍ଦଲ୍ ଷ୍ଟିଲ୍ ସିଏସ୍ଆର୍ ମୁଖ୍ୟ ଭର୍ଜିଲ୍ ଲାକ୍ରା ଓ ବରିଷ୍ଠ ଶିକ୍ଷୟିତ୍ରୀ ସ୍ମିତା ଭଟ୍ଟାଚାର୍ଯ୍ୟ, ବିଲେଇପଦା ହାଇସ୍କୁଲ୍‌ରେ ପ୍ରଧାନଶିକ୍ଷକ ପରେଶ ଚନ୍ଦ୍ର ପ୍ରଧାନ ଓ କଣ୍ଡରା ବିଡ଼ି ହାଇସ୍କୁଲ୍‌ରେ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପରିହାଲଙ୍କ ଉପସ୍ଥିତିରେ ଟେଷ୍ଟପେପର୍ ପ୍ରଦାନ କରାଯାଇଥିଲା।

## ଜିଲ୍ଲା ଜଳ ଓ ପରିମଳ ମିଶନ୍‌ର ସମନ୍ୱୟ କମିଟି ବୈଠକ

# ଧାର୍ଯ୍ୟ ସମୟସୀମା ମଧ୍ୟରେ କାମ ସାରିବାକୁ ଠିକା ସଂସ୍ଥାଙ୍କୁ ନିର୍ଦ୍ଦେଶ

**ବାରିପଦା,୪।୧୧/ଏନ୍ଏନ୍ଏସ୍:** ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଜଳ ଓ ପରିମଳ ମିଶନ୍ ଆନୁକୂଲ୍ୟରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଜଳ ଓ ପରିମଳ ମିଶନ୍‌ର କାର୍ଯ୍ୟନିର୍ବାହୀ ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମେଗା, ଏକକ ଓ ବହୁ ଗ୍ରାମ ଜଳଯୋଗାଣ ଯୋଜନାର ସୁଗମ କାର୍ଯ୍ୟକାରିତା ସହ ପ୍ରତ୍ୟେକ ପରିବାର, ସାଧାରଣ ସ୍ଥାନ ତଥା ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକୁ ପାଇପ୍ ଯୋଗେ ସ୍ୱଚ୍ଛ ଓ ଶୁଦ୍ଧ ପାନୀୟଜଳ ଯୋଗାଇବା ନେଇ ତୃଣମୂଳସ୍ତରରେ ନିଆଯାଇଥିବା




ପଦକ୍ଷେପ ବିଷୟରେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଦୁଇ ବା ତିନି ବର୍ଷରୁ ଅଧିକ ସମୟ ଧରି ଚାଲିଆସୁଥିବା ମେଗା ବହୁ ଗ୍ରାମ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ କରୁଥିବା ବିଭିନ୍ନ ଠିକା ସଂସ୍ଥାକୁ ଅଧିକ ମାନବ ଶକ୍ତି ନିୟୋଜିତ କରି ଧାର୍ଯ୍ୟ ସମୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡ଼ା, ବାରିପଦା ଏସିଏଫ୍ ଶେଖ ମେହେରବାନ ଅଲ୍ଲୀ, ରାଇରଙ୍ଗପୁର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଜନର ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀକାନ୍ତ ରାଉତ, ଉଦଳା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ଲୁଗୁନଙ୍କ ସହ ସମସ୍ତ ବ୍ଲକ୍‌ର ବିଦ୍ୟୁତ୍ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଜ୍ଞାନେନ୍ଦ୍ର ନାୟକ ବୈଠକ ପରିଚାଳନା କରିଥିବାବେଳେ ବିଭିନ୍ନ ବ୍ଲକ୍‌ର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ଠିକା ସଂସ୍ଥାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଆଜି ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ବିଶ୍ୱ ଚାମ୍ପିଅନ୍ ମହିଳା ଖେଳାଳି

## ସ୍ୱତନ୍ତ୍ର ବିମାନରେ ଦିଲ୍ଲୀ ପହଞ୍ଚିଲା ଟିମ୍




**ନୂଆଦିଲ୍ଲୀ,୪।୧୧/ଏଜେନ୍ସି:** ନଭେମ୍ବର ୨ ତାରିଖରେ ବିଶ୍ୱକପ୍ ଜିତିଥିବା ଭାରତୀୟ ମହିଳା ଟିମ୍‌ର ଖେଳାଳିମାନେ ଆସନ୍ତାକାଲି (ନଭେମ୍ବର ୫) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରିବେ। ରିପୋର୍ଟ ଅନୁସାରେ ଖେଳାଳିମାନେ ପ୍ରଧାନମନ୍ତ୍ରୀଙ୍କ ସହିତ ଡିନର୍ ମଧ୍ୟ କରିବେ। ଏଥିପାଇଁ ମହିଳା ଟିମ୍ ଏକ ସ୍ୱତନ୍ତ୍ର ବିମାନରେ ମୁମ୍ବାଇରୁ ଆସି ଦିଲ୍ଲୀରେ ପହଞ୍ଚିଛି। ଦିଲ୍ଲୀ ଅଭିମୁଖେ ଯାତ୍ରା କରିବା ପୂର୍ବରୁ ଅଲ୍‌ରାଉଣ୍ଡର୍ ଦୀପ୍ତି ଶର୍ମା କହିଛନ୍ତି, ଟିମ୍ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ କ'ଣ ଉପହାର ଦିଆଯିବ- ଜର୍ସି କି ବ୍ୟାଟ୍ ତାହା ଆମେ ଖୁବ୍‌ଶୀଘ୍ର ସ୍ଥିର କରିବୁ। ସୂଚନାଯୋଗ୍ୟ, ରବିବାର ଭାରତୀୟ ମହିଳା ଟିମ୍ ନଭୀ ମୁମ୍ବାଇର ଡିୱାଇ ପାଟିଲ୍ ସ୍ପୋର୍ଟ୍ସ ଏକାଡେମୀରେ ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକାକୁ ୫୨ ରନ୍‌ରେ ହରାଇ ପ୍ରଥମ ଥର ବିଶ୍ୱକପ୍ ଜିତିଥିଲା। ବିଶ୍ୱକପ୍ ବିଜୟ ପରେ ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ୍ ମିଡିଆରେ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଐତିହାସିକ ବିଜୟ ଭବିଷ୍ୟତର ଚାମ୍ପିଅନ୍ ଖେଳାଳିଙ୍କୁ କ୍ରିକେଟ୍‌ରେ ସାମିଲ ହେବାକୁ ପ୍ରେରିତ କରିବ ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ପୋଷ୍ଟରେ ଲେଖିଥିଲେ।

# ଆଣ୍ଠୁ ଆଘାତ କାରଣରୁ ବିବିଏଲ୍‌ରୁ ଓହରିଲେ ଅଶ୍ୱିନ୍




**ଚେନ୍ନାଇ,୪।୧୧/ଏଜେନ୍ସି:** ପୂର୍ବତନ ଭାରତୀୟ ଅଫ୍ ସ୍ପିନର୍ ରବିଚନ୍ଦ୍ରନ୍ ଅଶ୍ୱିନ୍ ଅଷ୍ଟ୍ରେଲୀୟ ଟି-୨୦ ଲିଗ୍ ବିଗ୍ ବାଶ୍ (ବିବିଏଲ୍)ରୁ ଓହରି ଯାଇଛନ୍ତି। ଚେନ୍ନାଇରେ ଟ୍ରେନିଂ ଅବସରରେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଛି। ଅଶ୍ୱିନ ମଙ୍ଗଳବାର ସୋସିଆଲ୍ ମିଡିଆରେ ଏହି ସୂଚନା ଦେଇଛନ୍ତି। ଏଥିରେ ସେ ଲେଖିଛନ୍ତି ଆଣ୍ଠୁ ସର୍ଜରୀ କାରଣରୁ ସେ ଲିଗ୍ର ପ୍ରଥମ ସିଜନ୍‌ରେ ଖେଳିପାରିବେ ନାହିଁ। ବିବିଏଲ୍‌ର ନୂଆ ସିଜନ୍ ଡିସେମ୍ବର ୧୪ରୁ ଆରମ୍ଭ ହେବ।

୩୯ ବର୍ଷୀୟ ଅଶ୍ୱିନ ୨୦୨୪ ଡିସେମ୍ବରରେ ଅନ୍ତର୍ଜାତୀୟ କ୍ରିକେଟ୍ ଏବଂ ୨୦୨୫ ଅଗଷ୍ଟରେ ଆଇପିଏଲ୍‌ରୁ ଅବସର ଘୋଷଣା କରିଥିଲେ। ସେ ଚଳିତ ସିଜନ୍‌ରେ ସିଡ୍‌ନୀ ଥଣ୍ଡର୍ସ ପକ୍ଷରୁ ଖେଳିବାର ଥିଲା। ଏହା ତାଙ୍କର ପ୍ରଥମ ବିଗ୍ ବ୍ୟାଶ ହୋଇଥାନ୍ତା। ଅଶ୍ୱିନ କହିଛନ୍ତି, ଏବେ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇ ପୁଣିଥରେ ପଡ଼ିଆକୁ ଫେରିବାକୁ ଚାହୁଁଛନ୍ତି। ଏହି ଅବସରରେ ସେ ବିବିଏଲ୍‌ର ପୁରୁଷ ଓ ମହିଳା ଟିମ୍‌କୁ ଶୁଭକାମନା ଜଣାଇଛନ୍ତି।

ଅଶ୍ୱିନ ଭାରତର ଦ୍ୱିତୀୟ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର୍। ସେ ତିନିଟି ଯାକ ଫର୍ମାଟ୍‌ରେ ମିଶାଇ ୨୮୭ ମ୍ୟାଚ୍ ଖେଳିଥିବା ବେଳେ ମୋଟ ୭୬୫ ୱିକେଟ୍ ଅକ୍ତିଆର କରିଛନ୍ତି। ତାଙ୍କ ଆଗରେ କେବଳ ଅନିଲ୍ କୁମ୍ବଲେ ରହିଛନ୍ତି। କୁମ୍ବଲେଙ୍କ ନାମରେ ୯୫୩ ୱିକେଟ୍ ରହିଛି। ଅଶ୍ୱିନ ଗତବର୍ଷ ଡିସେମ୍ବରରେ ଗାବା ଟେଷ୍ଟ ସମାପ୍ତି ପରେ ଅବସର ଘୋଷଣା କରିଥିଲେ।

# ଓଡ଼ିଶାର ପୁଣି ଶୋଚନୀୟ ଇନିଂସ୍ ପରାଜୟ

## ଆନ୍ଧ୍ର ପ୍ରଦେଶ ଏକ ଇନିଂସ୍ ଓ ୫୦ ରନ୍‌ରେ ବିଜୟୀ

**କଟକ,୪।୧୧/ଏନ୍‌ଏନ୍‌ଏସ୍:** ବାରବାଟୀରେ ଓଡ଼ିଶା ରଣଜୀ ଟିମ୍ ଘରୋଇ ପରିବେଶ ସତ୍ତ୍ୱେ ପୁଣିଥରେ ଶୋଚନୀୟ ଇନିଂସ୍ ପରାଜୟର ସାମ୍ନା କରିଛି। ଚଳିତ ରଣଜୀ ଟ୍ରଫିର ତୃତୀୟ ରାଉଣ୍ଡ୍ ମ୍ୟାଚ୍‌ରେ ଟିମ୍ ଡ୍ର' ପାଇଁ ବହୁ ଉଦ୍ୟମ କରିଥିଲେ ମଧ୍ୟ ଆନ୍ଧ୍ରପ୍ରଦେଶର ପ୍ରଥମ ଇନିଂସ୍ ସ୍କୋର୍‌ଠାରୁ ୫୦ ରନ୍ ପଛରେ ରହିଯାଇଛି। ଦୁଇଟି ଯାକ ଇନିଂସ୍‌ରେ ବ୍ୟାଟିଂ କରି ମଧ୍ୟ ଓଡ଼ିଶା ଖେଳାଳିମାନେ ଆନ୍ଧ୍ରର ପ୍ରଥମ ଇନିଂସ୍ ସ୍କୋର୍ ୪୭୫ ରନ୍‌କୁ ଛୁଇଁବାରେ ବିଫଳ ହୋଇଛନ୍ତି। ଆନ୍ଧ୍ର ପ୍ରଦେଶ ଏହି ମ୍ୟାଚ୍ ଏକ ଇନିଂସ୍ ଏବଂ ୫୦ ରନ୍‌ରେ ଜିତି ନିଜ ଆଧିପତ୍ୟ ଜାହିର କରିଛି। ଏହି ଇନିଂସ୍ ବିଜୟ ସହ ଆନ୍ଧ୍ରପ୍ରଦେଶ ୭ ପଏଣ୍ଟ ହାସଲ କରିଛି। ଓଡ଼ିଶା ଟିମ୍‌ରେ ତଥାକଥିତ ତାରକା ଖେଳାଳି ରହିଥିଲେ ହେଁ ଓଡ଼ିଶା ବ୍ୟାଟିଂ ଓ ବୋଲିଂରେ ବିଫଳ ହୋଇଛି।



ଆନ୍ଧ୍ର ପ୍ରଦେଶ ପୂର୍ବରୁ ଚଳିତ ରଣଜୀ ସିଜନ୍‌ର ପ୍ରଥମ ମ୍ୟାଚ୍‌ରେ ଟିମ୍ ବାରବାଟୀ ଷ୍ଟାଡିୟମ୍‌ରେ ବରୋଦା ଠାରୁ ୭ ୱିକେଟ୍‌ରେ ହାରିଥିଲା। ସେହିପରି କାନ୍‌ପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମ୍‌ରେ ଉତ୍ତର ପ୍ରଦେଶ ବିପକ୍ଷ ଦ୍ୱିତୀୟ ମ୍ୟାଚ୍ ଡ୍ର' ରଖିଥିଲେ ମଧ୍ୟ ପ୍ରଥମ ଇନିଂସ୍ ଅଗ୍ରଣୀ ଭିତ୍ତିରେ ଉତ୍ତର ପ୍ରଦେଶ ୩ ପଏଣ୍ଟ ହାସଲ କରିଥିଲା। ଏବଂ ଓଡ଼ିଶାକୁ ୧ ପଏଣ୍ଟ ମିଳିଥିଲା। ତିନିଟି ମ୍ୟାଚ୍‌ରୁ ଓଡ଼ିଶା ୧ ପଏଣ୍ଟ ନେଇ ଟେବଲ୍‌ର ସର୍ବନିମ୍ନରେ ରହିଛି।

ଶନିବାର ବାରବାଟୀରେ ଆରମ୍ଭ ହୋଇଥିବା ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ ନେଇଥିବା ଆନ୍ଧ୍ରପ୍ରଦେଶ ବ୍ୟାଟର୍‌ମାନେ ଓଡ଼ିଶା ବୋଲର୍‌ଙ୍କୁ ଖୁବ୍ ଧୋଲେଇ କରିଥିଲେ। ଶେକ୍ ରଶିଦ୍‌ଙ୍କ ଅପରାଜିତ ୧୪୦ ରନ୍, ଶ୍ରୀକର ଭରତଙ୍କୁ ୯୩, ଅଭିଷେକ ରେଡ୍ଡୀଙ୍କ ୭୬, କେଭି ଶଶିକାନ୍ତଙ୍କ ୪୬ ଏବଂ ସୌରଭ କୁମାରଙ୍କ ଅପରାଜିତ ୬୯ ରନ୍ ବଳରେ ଆନ୍ଧ୍ର ପ୍ରଦେଶ ୪୭୫/୭ ସ୍କୋର୍‌ରେ ପ୍ରଥମ ଇନିଂସ୍ ଘୋଷଣା କରିଥିଲା। ବୋଲର୍‌ଙ୍କ ପରେ ବ୍ୟାଟର୍‌ମାନେ ମଧ୍ୟ ନିରାଶ କରିଥିଲେ ଏବଂ ଓଡ଼ିଶା ୫୬.୪ ଓଭର୍‌ରେ ୧୫୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପକ୍ଷରୁ ସନ୍ଦୀପ ପଟ୍ଟନାୟକ ୫୮ ଏବଂ ଗୌରବ ଚୌଧୁରୀ ୪୮ ରନ୍‌ର ଇନିଂସ୍ ଖେଳିଥିଲେ।

ପ୍ରଥମ ଇନିଂସ୍‌ରେ ଓଡ଼ିଶା ମାତ୍ର ୧୫୧ ରନ୍ କରିବାରୁ ଆନ୍ଧ୍ର ପ୍ରଦେଶ ଫଲୋଅନ୍ ଡାକିଥିଲା। ଫଲୋଅନ ପରେ ଓଡ଼ିଶା ତୃତୀୟ ଦିନରେ ଲଢ଼େଇ କରିବା ସହ ଖେଳ ଶେଷ ବେଳକୁ ୨ ୱିକେଟ୍ ହରାଇ ୧୯୦ ରନ କରି ନେଇଥିଲା। ଲାଗୁଥିଲା ଅତି କମରେ ଓଡ଼ିଶା ପରାଜୟ ଲଜ୍ଜାରୁ ବର୍ତ୍ତିଯିବ। ମାତ୍ର ଚତୁର୍ଥ ଦିନ ଟିମ୍ ପୁଣି ନିରାଶ କରିଥିଲା। ନିୟମିତ ୱିକେଟ୍ ହରାଇବା ଫଳରେ ଟିମ୍ ୨୭୪ ରନ୍‌ରେ ସୀମିତ ହୋଇଯାଇଥିଲା। ପ୍ରଥମ ଇନିଂସ୍‌ରେ ଅର୍ଦ୍ଧଶତକ (୫୮ ରନ୍) କରିଥିବା ସନ୍ଦୀପ ପଟ୍ଟନାୟକ ୬୩ ରନ୍ କରିଥିଲେ। ଓପ୍ନର୍ ଗୌରବ ଚୌଧୁରୀ ୮୦ ରନ୍‌ର ଇନିଂସ୍ ଖେଳି କିଛି ସମୟ ଲଢ଼େଇ କରିଥିଲେ। ରାଜେଶ ଧୂପର (୩୮ ରନ୍) ଶେଷ ଆଡ଼କୁ ପ୍ରୟାସ କରିଥିଲେ ମଧ୍ୟ ଟିମ୍‌କୁ ଇନିଂସ୍ ପରାଜୟରୁ ରକ୍ଷା କରିପାରି ନଥିଲେ। ଆନ୍ଧ୍ର ପ୍ରଦେଶ ଏକ ଇନିଂସ୍ ଏବଂ ୫୦ ରନ୍‌ରେ ମ୍ୟାଚ୍ ଜିତି ପୂରା ୭ ପଏଣ୍ଟ ହାସଲ କରିଛି।

# ହଟିଲେ ପାକିସ୍ତାନ ମହିଳା ଟିମ୍ ମୁଖ୍ୟ କୋଚ୍

**କରାଚୀ,୪।୧୧/ଏଜେନ୍ସି:** ମହିଳା ବିଶ୍ୱକପ୍‌ରେ ଖରାପ ପ୍ରଦର୍ଶନ ପରେ ପାକିସ୍ତାନୀ ମହିଳା କ୍ରିକେଟ୍ ଟିମ୍‌ର ମୁଖ୍ୟ କୋଚ୍ ମୁହମ୍ମଦ ୱାସିମ୍‌ଙ୍କୁ ହଟାଇ ଦିଆଯାଇଛି। ପାକିସ୍ତାନୀ ଟିମ୍ ନଭେମ୍ବର ୨ରେ ସମାପ୍ତ ହୋଇଥିବା ଟୁର୍ଣ୍ଣାମେଣ୍ଟରେ ଗୋଟିଏ ବି ମ୍ୟାଚ୍ ଜିତିପାରି ନଥିଲା ଏବଂ ପଏଣ୍ଟ ଟେବଲ୍‌ର ସର୍ବନିମ୍ନରେ ରହିଥିଲା। ତେବେ କେତେକ ରିପୋର୍ଟରେ କୁହାଯାଇଛି, ମୁଖ୍ୟ କୋଚ୍ ୱାସିମ୍ ସ୍ୱୟଂ ଟିମ୍ ଛାଡ଼ିଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ପକ୍ଷରୁ କୁହାଯାଇଛି, ବିଶ୍ୱକପ୍ ସହିତ ୱାସିମ୍‌ଙ୍କ ଚୁକ୍ତି ଶେଷ ହୋଇଛି ଏବଂ ବୋର୍ଡ ଏହାକୁ ବୃଦ୍ଧି ନକରିବାକୁ ନିଷ୍ପତ୍ତି ନେଇଛି। ଖୁବ୍‌ଶୀଘ୍ର ନୂଆ କୋଚ୍‌ଙ୍କ ନିଯୁକ୍ତି କରାଯିବ। ବୋର୍ଡର ଏକ ସୂତ୍ର ଅନୁସାରେ ପିସିବି ଏବେ ବିଦେଶୀ କୋଚ୍‌ଙ୍କ ସନ୍ଧାନରେ ରହିଛି। ବିଦେଶୀ କୋଚ୍ ନମିଳିବା ସ୍ଥିତିରେ ପୂର୍ବତନ କ୍ୟାପ୍‌ଟେନ୍ ବିସ୍‌ମାହ ମାରୁଫ୍‌ଙ୍କୁ ଏହି ଦାୟିତ୍ୱ ଦିଆଯାଇପାରେ।

ପୂର୍ବତନ ଟେଷ୍ଟ ଖେଳାଳି ମୁହମ୍ମଦ ୱାସିମ୍ ପାକିସ୍ତାନ ପୁରୁଷ ଟିମ୍‌ର ମୁଖ୍ୟ ଚୟନକର୍ତ୍ତା ରହିସାରିଛନ୍ତି। ଗତବର୍ଷ ତାଙ୍କୁ ମହିଳା ଟିମ୍‌ର ମୁଖ୍ୟ କୋଚ୍ ନିଯୁକ୍ତ କରାଯାଇଥିଲା। ତାଙ୍କ କାର୍ଯ୍ୟକାଳରେ ପାକିସ୍ତାନ ଟିମ୍ ଏସିଆ କପ୍ ସେମିଫାଇନାଲ୍ ହାରିଥିଲା। ପରେ ଚଳିତ ବର୍ଷ ଆରମ୍ଭରେ ଟି-୨୦ ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଥିଲା।

# ୨୦୨୮ ଅଲିମ୍ପିକ୍ସରୁ ହଟିଲା ମୀରାବାଈଙ୍କ ଓଜନ ବର୍ଗ



**ନୂଆଦିଲ୍ଲୀ,୪।୧୧/ଏଜେନ୍ସି:** ଭାରତର ଷ୍ଟାର୍ ଭାରୋତ୍ତୋଳକ ମୀରାବାଈ ଚାନୁଙ୍କୁ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍‌ରେ ନୂଆ ଓଜନ ବର୍ଗରେ ଓହ୍ଲାଇବା ପଡ଼ିବ। କାରଣ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ମୀରାବାଈଙ୍କ ଓଜନ ବର୍ଗକୁ ୨୦୨୮ରେ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟରୁ ହଟାଇ ଦେଇଛି। ଏତିକି ନୁହେଁ, ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍‌ର ଆୟୋଜନ କମିଟି ନୂଆ ଓଜନ ବର୍ଗ ମଧ୍ୟ ଜାରି କରିଛି। ମୀରାବାଈ ୪୯ କିଗ୍ରା ବର୍ଗରେ ଟୋକିଓ ଅଲିମ୍ପିକ୍‌ରେ ରୌପ୍ୟ ପଦକ ଜିତିଥିଲେ। ଏହି ବର୍ଗରେ ସେ ପ୍ୟାରିସ୍ ଅଲିମ୍ପିକ୍‌ରେ ଚତୁର୍ଥ ସ୍ଥାନରେ ରହିଥିଲେ। ମାତ୍ର ନୂଆ ସୂଚୀରେ ତାଙ୍କ ଓଜନ ବର୍ଗ ନାହିଁ। ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍‌ରେ ମହିଳା ଏବଂ ପୁରୁଷ ଉଭୟଙ୍କ ପାଇଁ ୬-୬ ଓଜନ ବର୍ଗ ରଖାଯାଇଛି। ଭାରୋତ୍ତୋଳନର ମୁଖ୍ୟ କୋଚ୍ ବିଜୟ ଶର୍ମା କହିଛନ୍ତି, ଏହି ପରିବର୍ତ୍ତନ ମୀରାବାଈଙ୍କ ପାଇଁ ଲାଭଦାୟକ ହେବ। ଏବେ ୪୦ କିଗ୍ରା ପର୍ଯ୍ୟନ୍ତ ନିଜ ଓଜନ କମାଇବା ତାଙ୍କ ପାଇଁ କଷ୍ଟକର ଥିଲା ଏବଂ ଏହା ଦ୍ୱାରା ଶରୀର ଉପରେ ବହୁ ଚାପ ପଡୁଥିଲା। ୫୩ କିଗ୍ରାରେ ଖେଳିବା ଫଳରେ ତାଙ୍କୁ ଶକ୍ତି ବୃଦ୍ଧିରେ ସହାୟତା ମିଳିବ। ଶର୍ମା କହିଛନ୍ତି, ମୀରାବାଈ ଆସନ୍ତାବର୍ଷର ଏସିଆନ୍ ଗେମ୍ସ ପର୍ଯ୍ୟନ୍ତ ପୁରୁଣା ଓଜନ ବର୍ଗରେ ହିଁ ଖେଳିବେ ଏବଂ ଏହାପରେ ଧୀରେ ଧୀରେ ୫୩ କିଗ୍ରା ବର୍ଗ ପାଇଁ ପ୍ରସ୍ତୁତି ଆରମ୍ଭ କରିବେ। ମୀରାବାଈ ଚଳିତ ବର୍ଷ ଅଗଷ୍ଟରେ ଅହମଦାବାଦରେ ଆୟୋଜିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନ୍‌ଶିପ୍ ଏବଂ ଅକ୍ଟୋବରରେ ନରୱେର ଫୋର୍ଡେରେ ଆୟୋଜିତ ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ୪୮ କିଗ୍ରା ଓଜନ ବର୍ଗରେ ଭାଗ ନେଇଥିଲେ। ଅହମଦାବାଦରେ (୧୯୩ କିଗ୍ରା) ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ବିଶ୍ୱ ଚାମ୍ପିଅନ୍‌ଶିପ୍‌ରେ ମୋଟ ୧୯୯ କିଗ୍ରା ଭାର ଉଠାଇ ରୌପ୍ୟ ପଦକ ହାସଲ କରିଥିଲେ।

## ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍: ଦ୍ୱିତୀୟକୁ ଖସିଲେ ମନ୍ଧାନା

# ଲୌରା ୱୋଲ୍‌ଭର୍ଡ୍‌ଟ୍ ନମ୍ବର-୧ ବ୍ୟାଟର୍




**ଦୁବାଇ,୪।୧୧/ଏଜେନ୍ସି:** ମହିଳା ବିଶ୍ୱକପ୍‌ର ସମାପ୍ତି ପରେ ଆଇସିସି ପକ୍ଷରୁ ଜାରି ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଭାଇସ୍ କ୍ୟାପ୍‌ଟେନ୍ ସ୍ମୃତି ମନ୍ଧାନାଙ୍କୁ ଗୋଟିଏ ସ୍ଥାନର କ୍ଷତି ହୋଇଛି। ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ରେ ସେ ୮୧୧ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି। ଅନ୍ୟପକ୍ଷରେ ସାଉଥ୍ ଆଫ୍ରିକା କ୍ୟାପ୍‌ଟେନ୍ ଲୌରା ୱୋଲ୍‌ଭର୍ଡ୍‌ଟ୍ ୮୧୪ ରେଟିଂ ପଏଣ୍ଟ ସହ ତାଲିକାର ଶୀର୍ଷରେ ପହଞ୍ଚିଛନ୍ତି। ରବିବାର ଶେଷ ହୋଇଥିବା ମହିଳା ବିଶ୍ୱକପ୍ ୨୦୨୫ରେ ଲୌରା ୫୭୧ ରନ୍ କରିଥିଲେ। ଏହା ଟୁର୍ଣ୍ଣାମେଣ୍ଟର କୌଣସି ଏକ ସଂସ୍କରଣରେ ସର୍ବାଧିକ। ସେ ସେମିଫାଇନାଲ୍ ଏବଂ ଫାଇନାଲ୍‌ରେ ମଧ୍ୟ ଶତକ ହାସଲ କରିଥିଲେ। ଏହା ବ୍ୟତୀତ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ୍‌ରେ ଶତକ ହାସଲ କରିଥିବା ଭାରତର ଜେମିମା ରଡ୍ରିଗ୍ସ ବ୍ୟାଟିଂ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ-୧୦ରେ ପ୍ରବେଶ କରିଛନ୍ତି। ଜେମିମା ୬୫୮ ରେଟିଂ ପଏଣ୍ଟ ସହ ତାଲିକାର ୧୦ମ ସ୍ଥାନରେ ରହିଛନ୍ତି।

ବୋଲିଂ ର୍‍ୟାଙ୍କିଙ୍ଗ୍‌ରେ ଇଂଲଣ୍ଡର ସୋଫି ଏକ୍ଲେଷ୍ଟନ୍ ୭୪୭ ପଏଣ୍ଟ ସହ ଏବେ ବି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟପକ୍ଷରେ ସାଉଥ୍ ଆଫ୍ରିକା ଅଲ୍‌ରାଉଣ୍ଡର୍ ମାରିଜାନ୍ କାପ୍ ଦୁଇଟି ସ୍ଥାନର ସୁଧାର ସହ ଦ୍ୱିତୀୟରେ ପହଞ୍ଚିଛନ୍ତି। କାପ୍ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ୍‌ରେ ୫ ୱିକେଟ୍ ଅକ୍ତିଆର କରିଥିଲେ। ସେହିପରି ଅଷ୍ଟ୍ରେଲିଆର ଏନାବେଲ୍ ସରଲାଣ୍ଡ ୬ଷ୍ଠ ଏବଂ କିମ୍ ଗାର୍ଥ ସପ୍ତମ ସ୍ଥାନକୁ ଉଠିଛନ୍ତି। ଦୁହିଁଙ୍କୁ ର୍‍ୟାଙ୍କିଙ୍ଗ୍‌ରେ ୧-୧ ସ୍ଥାନର ଲାଭ ମିଳିଛି। ଭାରତର ଦୀପ୍ତି ଶର୍ମା ୬୫୭ ପଏଣ୍ଟ ସହ ତାଲିକାର ପଞ୍ଚମ ସ୍ଥାନରେ ରହିଛନ୍ତି।

ଅଷ୍ଟ୍ରେଲିଆର ଆସ୍‌ଲେ ଗାର୍ଡନର୍ ୪୯୮ ପଏଣ୍ଟ ସହ ଅଲ୍‌ରାଉଣ୍ଡର୍ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷସ୍ଥାନ ବଜାୟ ରଖିଛନ୍ତି। ତାଙ୍କ ପଛରେ ସାଉଥ୍ ଆଫ୍ରିକାର ମାରିଜାନ୍ କାପ୍ ୪୪୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଗତ ସପ୍ତାହରେ ସେ ୱେଷ୍ଟଇଣ୍ଡିଜ୍‌ର ହେଲି ମାଥ୍ୟୁଜ୍‌ଙ୍କୁ ପଛରେ ପକାଇ ଦ୍ୱିତୀୟକୁ ଉଠିଥିଲେ। ଭାରତର ଦୀପ୍ତି ଶର୍ମା ଗୋଟିଏ ସ୍ଥାନ ଉପରକୁ ଉଠି ଚତୁର୍ଥରେ ପହଞ୍ଚିଛନ୍ତି। ସେ ଅଷ୍ଟ୍ରେଲିଆର ଏନାବେଲ୍ ସଦରଲାଣ୍ଡଙ୍କୁ ପଛରେ ପକାଇଛନ୍ତି।

## ରାଜ୍ୟ ମହିଳା ଫିଡେ ରେଟିଂ ଚେସ୍ ଚାମ୍ପିଅନ୍‌ଶିପ୍ ଉଦ୍‌ଯାପିତ

# ୟାଶିତା ଚାମ୍ପିଅନ୍, ସ୍ମାରକୀ ରନର୍




**କେନ୍ଦ୍ରାପଡ଼ା,୪।୧୧/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଚେସ୍ ସଂଘ ପକ୍ଷରୁ ଆୟୋଜିତ ରାଜ୍ୟ ମହିଳା ଫିଡେ ରେଟିଂ ଚେସ୍ ଚାମ୍ପିଅନ୍‌ଶିପ୍ ୨୦୨୫ ଉଦ୍‌ଯାପିତ ହୋଇଛି। ଚାରିଦିନ ଧରି ଚାଲିଥିବା ଚାମ୍ପିଅନ୍‌ଶିପ୍‌ରେ ୧୦ ଜିଲ୍ଲାରୁ ୩୨ ଖେଳାଳି ଭାଗ ନେଇଥିବା ବେଳେ ଖୋର୍ଦ୍ଧାର ୟାଶିତା ରାଉତ ଚାମ୍ପିଅନ୍ ହୋଇଛନ୍ତି। କେନ୍ଦ୍ରାପଡ଼ାର ସ୍ମାରକୀ ମହାନ୍ତି ରନର୍ସଅପ୍ ହୋଇଥିବା ବେଳେ କଟକର ଜୟଲକ୍ଷ୍ମୀ ସାହୁ, ଜ୍ୟୋତିକା ସାହୁ, ନିଭ୍ରିତା ପଟ୍ଟନାୟକ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଖୋର୍ଦ୍ଧାର ନାୟନିକ ସାହୁ, ଗଜପତିର ଉମା ଦଳପତି, କଟକର ସ୍ନେହସ୍ମିତା ରାମ, ଗିତାଶ୍ରୀ ବିଶ୍ୱାଳ ଏବଂ ଆରୀୟ ମହାନ୍ତି ପରବର୍ତ୍ତୀ ସ୍ଥାନରେ ରହିଛନ୍ତି। ଚାମ୍ପିଅନ୍‌ଶିପ୍‌ର ଶ୍ରେଷ୍ଠ ଚାରି ଖେଳାଳି ଜାତୀୟ ମହିଳା ଚେସ୍ ଚାମ୍ପିଅନ୍‌ଶିପ୍ ପାଇଁ ମନୋନୀତ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍‌ଙ୍କୁ ନଗଦ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ଖେଳାଳିଙ୍କୁ ଯଥାକ୍ରମେ ୧୦ ହଜାର ଓ ୫ ହଜାର ଟଙ୍କା ପୁରସ୍କାର ମିଳିଛି। ଏହା ବ୍ୟତୀତ ଶ୍ରେଷ୍ଠ ୧୫ ଜଣ ଏବଂ ସ୍ଥାନୀୟ ୧୭ ଜଣ ଖେଳାଳିଙ୍କୁ ମୋଟ ୫୩ହଜାର ଟଙ୍କାର ନଗଦ ପୁରସ୍କାର ସହିତ ଆକର୍ଷଣୀୟ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଟୁର୍ଣ୍ଣାମେଣ୍ଟକୁ ଚିଫ୍ ଆର୍ବିଟର୍ ପିଙ୍କି ମହାପାତ୍ର, ଅଭିଷେକ ଆଚାର୍ଯ୍ୟ ଓ ନାମ୍ଭଲା ରବିକୁମାର ପରିଚାଳନା କରିଥିଲେ। ଜିଲ୍ଲା ସଂଘ ଉପସଭାପତି ଧରଣୀଧର ସେଠୀ, ଅମରେଶ ସାହୁ, କୋଷାଧ୍ୟକ୍ଷ ନାରାୟଣ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଗୋପୀବଲ୍ଲଭ ନାୟକ, ସବ୍ରେ ହେମ୍ବ୍ରମ୍, ନେହରୁ ସାହୁ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଉପିନ୍ ରାଉତ, ଶକ୍ତିଶ୍ରୀ ଲେଙ୍କା, ସ୍ୱପ୍ନଜିତ୍ ବାରିକ, ଅସିତ୍ ମହାପାତ୍ର, କରୁଣାକର ସାହୁ, ଗୌତମ ମଲ୍ଲିକ, ହିମାଂଶୁ ଶେଖର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଆୟୋଜିତ ପୁରସ୍କାର ବିତରଣ ସଭାରେ କେନ୍ଦ୍ରାପଡ଼ା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ ମୁଖ୍ୟଅତିଥି, ପିଏମ୍‌ଶ୍ରୀ ନଭୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ମମତାମୟୀ ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ କେନ୍ଦ୍ରାପଡ଼ା ଚେସ୍ ଉପଦେଷ୍ଟା କମିଟି ଅଧ୍ୟକ୍ଷ ଅଜିତ କୁମାର ସାହୁ, ଯାଜପୁର ୟୁନାଇଟେଡ୍ ଚେସ୍ ସଂଘର ପୂର୍ବତନ ସମ୍ପାଦକ ମନୋଜ ପରିଡ଼ା, ବଲାଙ୍ଗିର ଚେସ୍‌ସଂଘ ସମ୍ପାଦକ ପ୍ରିୟବ୍ରତ ପଣ୍ଡା, ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପୁହାଣ ଉପସ୍ଥିତ ଥିଲେ। ଏହି ଅବସରରେ ମାଷ୍ଟର୍ ଚେସ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ବିକ୍ରମ ବିଶ୍ୱାଳ ଏବଂ କେବି ଗ୍ଲୋବାଲ୍ ବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ନନ୍ଦଙ୍କ ସମେତ ଗୁଲନଗର ସରପଞ୍ଚ ସନ୍ଧ୍ୟାରାଣୀ ସାହୁ, ରୋଜାଲିନ୍ ମହାନ୍ତି, ସମ୍ପଦ ପରିଡ଼ା ଏବଂ ଶୁଭସ୍ମିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ହାରିସ୍ ରଉଫ୍ ଦୁଇଟି ମ୍ୟାଚ୍‌ରୁ ବ୍ୟାନ୍

**ଦୁବାଇ,୪।୧୧/ଏଜେନ୍ସି:** ଅନ୍ତର୍ଜାତୀୟ କ୍ରିକେଟ୍ କାଉନ୍‌ସିଲ୍ (ଆଇସିସି) ପାକିସ୍ତାନୀ ଫାଷ୍ଟ ବୋଲର୍ ହାରିସ୍ ରଉଫ୍‌ଙ୍କୁ ଦୁଇଟି ମ୍ୟାଚ୍‌ରୁ ବ୍ୟାନ୍ କରିଛି। ଏହା ସହିତ ତାଙ୍କୁ ଦୁଇଥର ମ୍ୟାଚ୍ ଫି'ର ୩୦% ଜୋରିମାନା ସହିତ ଦୁଇଟି ଡିମେରିଟ୍ ପଏଣ୍ଟ ଦିଆଯାଇଛି। ଏସିଆ କପ୍‌ରେ ସେପ୍ଟେମ୍ବର ୨୧ରେ ଖେଳାଯାଇଥିବା ଭାରତ ବିପକ୍ଷ ସୁପର୍-୪ ମ୍ୟାଚ୍‌ରେ ରଉଫ୍ ଫାଇଟର୍ ପ୍ଲେନ୍ ଖସାଇବାର ଇଙ୍ଗିତ କରିଥିଲେ। ଏବେ ରଉଫ୍ ସାଉଥ୍ ଆଫ୍ରିକା ବିପକ୍ଷ ନଭେମ୍ବର ୪ ଏବଂ ୬ ତାରିଖରେ ହେବାକୁ ଥିବା ଦିନିକିଆ ମ୍ୟାଚ୍ ଖେଳିପାରିବେ ନାହିଁ। ଆଇସିସି ମଙ୍ଗଳବାର ପ୍ରେସ୍ ରିଲିଜ୍‌ରେ ଏହି ସୂଚନା ଦେଇଛି। ଏହା ଅନୁସାରେ ଭାରତୀୟ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବଙ୍କର ୩୦% ମ୍ୟାଚ୍ ଫି' ମଧ୍ୟ କଟାଯାଇଛି। ଏସିଆ କପ୍ ମ୍ୟାଚ୍‌ରେ ସୂର୍ଯ୍ୟକୁମାର ପାକିସ୍ତାନୀ କ୍ୟାପ୍‌ଟେନ୍ ସଲମାନ୍ ଅଲୀ ଆଗାଙ୍କ ସହିତ ହାତ ମିଳାଇ ନଥିଲେ। ସୁପର୍-୪ ମ୍ୟାଚ୍ ପରେ ବିସିସିଆଇ ପାକିସ୍ତାନୀ କ୍ରିକେଟର୍ ହାରିସ୍ ରଉଫ୍‌ଏବଂ ସାହିବଜାଦା ଫରହାନ୍‌ଙ୍କ ବିରୋଧରେ ଆଇସିସିରେ ଅଭିଯୋଗ କରିଥିଲା। ଅନ୍ୟପକ୍ଷରେ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଭାରତୀୟ କ୍ୟାପ୍‌ଟେନ୍ ସୂର୍ଯ୍ୟକୁମାର ଯାଦବଙ୍କ ବିରୋଧରେ ଅଭିଯୋଗ କରିଥିଲା। ସେହିପରି ଅର୍ଶଦୀପ୍ ସିଂହ ମ୍ୟାଚ୍ ପରେ କରିଥିବା ଇଙ୍ଗିତ ପାଇଁ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବାରୁ ତାଙ୍କୁ କୌଣସି ଦଣ୍ଡ ମିଳିନାହିଁ। ଫାଇନାଲ୍‌ରେ ଜସ୍‌ପ୍ରୀତ୍ ବୁମ୍‌ରା ପୂର୍ବରୁ ହିଁ ନିଜ ତ୍ରୁଟି ସ୍ୱୀକାର କରି ନେଇଥିବାରୁ ତାଙ୍କୁ ଚେତାବନୀ ସହିତ ଗୋଟିଏ ଡିମେରିଟ୍ ପଏଣ୍ଟ ମିଳିଛି।







Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra